# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୩/୨୦୨୧ (୧୬ ପୃଷ୍ଠା) | Bhubaneswar, Friday, April 23/2021 | ★★★★

୪୭ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଗୀତିକା ଜିତିଲେ ସ୍ୱର୍ଣ୍ଣ**

ୱାର୍ଲ୍ଡ ୟୁଥ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଗୀତିକା ମହିଳା ୪୮କେଜି ଶ୍ରେଣୀରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

୧୨

୧୪

**ଦିଶାଙ୍କୁ ଅନସ୍କ୍ରିନ କିସ୍ କଲେ ସଲମାନ**

ରାଧେ ଫିଲ୍ମର ଟ୍ରେଲରରେ ବଲିଉଡ୍ ବିୟୁଟି ଦିଶା ପଟାନିଙ୍କୁ ଦବଙ୍ଗ ଖାନ ଅନସ୍କ୍ରିନ କିସ୍ କରିଥିବା ଦେଖିବାକୁ ମିଳିଛି।






# ଜାତୀୟ ଜରୁରୀ ପରିସ୍ଥିତି

## ଅକ୍ସିଜେନ, ଭାକ୍ସିନ ନୀତି ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨ା୪**

ସମ୍ପ୍ରତି ଭାରତରେ ଉପୁଜିଥିବା କୋଭିଡ୍‌-୧୯ ସ୍ଥିତିକୁ ସୁପ୍ରିମକୋର୍ଟ ନ୍ୟାଶନାଲ ଏମର୍ଜେନ୍ସି ବା ଜାତୀୟ ଜରୁରିକାଳୀନ ପରିସ୍ଥିତି ବୋଲି ଅଭିହିତ କରିଛନ୍ତି। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ, ଶଯ୍ୟା ଓ ଆଣ୍ଟାଇ-ଭାଇରାଲ ଡ୍ରଗ୍ ରେମ୍‌ଡେସିଭିର ସଙ୍କଟକୁ ନେଇ ୬ ହାଇକୋର୍ଟରେ କେତେକ ପିଟିଶନର ଶୁଣାଣି ଚାଲିଥିବାବେଳେ ଗୁରୁବାର ଦେଶର ସର୍ବୋଚ୍ଚ ଅଦାଲତ ଏହି ପ୍ରସଙ୍ଗରେ ନିଜ ଆଡ଼ୁ ହସ୍ତକ୍ଷେପ କରିଛନ୍ତି। ଅକ୍ସିଜେନ ଯୋଗାଣ, ଜୀବନ ରକ୍ଷାକାରୀ ଔଷଧ ଓ ଟିକାକରଣ ପଦ୍ଧତି ଉପରେ ଆମେ ଏକ 'ଜାତୀୟ ନୀତି' ଦେଖିବାକୁ ଚାହୁଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କୁ ଏନେଇ ନୋଟିସ ପଠାଇଛନ୍ତି। ତାମିଲନାଡୁର ଟୁଟିକୋରିନରେ ବେଦାନ୍ତର ଷ୍ଟେରଲାଇଟ୍ କପର୍ ୟୁନିଟ୍ ଖୋଲିବା ପାଇଁ କମ୍ପାନୀ ପକ୍ଷରୁ ଦାଏର ପିଟିଶନର ଶୁଣାଣି ଶୁକ୍ରବାର କରିବାକୁ ଶୀର୍ଷ ଅଦାଲତ ରାଜି ହୋଇଛନ୍ତି। କାରଣ ଉକ୍ତ ପ୍ଲାଣ୍ଟରେ ହଜାର ହଜାର ଟନ୍ ଅକ୍ସିଜେନ ଉତ୍ପାଦନ କରାଯିବ ଏବଂ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ତାହା ମାଗଣାରେ ଦିଆଯିବ ବୋଲି ବେଦାନ୍ତ ଦର୍ଶାଇଛି।

ଟୁଟିକୋରିନ ପ୍ଲାଣ୍ଟ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳକୁ ପ୍ରଦୂଷିତ କରୁଥିବା ଅଭିଯୋଗ ଆଣି ୨୦୧୮ ମେ' ୨୨ରେ ବିକ୍ଷୋଭ କରୁଥିବା ଲୋକଙ୍କ ଉପରେ ତାମିଲନାଡୁ ପୋଲିସ ଗୁଳି ଚଳାଇଥିଲା। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ବିବାଦ ବଢ଼ିବାରୁ ତାମିଲନାଡୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉକ୍ତ ପ୍ଲାଣ୍ଟକୁ ବନ୍ଦ କରିଦେଇଥିଲା। ଏବେ କୋଭିଡ୍‌-୧୯ ଭୂତାଣୁ ସେହି ପ୍ଲାଣ୍ଟ ଖୋଲିବା ଲାଗି ବେଦାନ୍ତ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ସୁପ୍ରିମକୋର୍ଟରେ ବେଦାନ୍ତ ଏକ ପିଟିଶନ ଦାଏର କରିଛି। ସେଥିରେ ଦର୍ଶାଯାଇଛି ଯେ, ସୁପ୍ରିମକୋର୍ଟଙ୍କ ଅନୁମତି ମିଳିଲେ ବେଦାନ୍ତ ୫ରୁ ୬ ଦିନ ମଧ୍ୟରେ ଉତ୍ପାଦନ ଆରମ୍ଭ କରିପାରିବ। ହଜାର ହଜାର ଟନ୍ ଅମ୍ଳଜାନ ଉତ୍ପାଦନ କରି ରୋଗୀଙ୍କୁ ମାଗଣାରେ ଯୋଗାଇବା ପାଇଁ କମ୍ପାନୀ ପ୍ରସ୍ତୁତ। ବେଦାନ୍ତ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଗୁରୁବାର ହିଁ ଏହାର ଜରୁରୀ ଶୁଣାଣି କରାଯାଉ ବୋଲି ଅନୁରୋଧ କରିଥିଲେ। ଅକ୍ସିଜେନ ଅଭାବରୁ

■ ବେଦାନ୍ତ ପିଟିଶନର ଶୁଣାଣି ଆଜି

■ ଟୁଟିକୋରିନ ପ୍ଲାଣ୍ଟରେ ଅକ୍ସିଜେନ ଉତ୍ପାଦନକୁ ମିଳିପାରେ ମଞ୍ଜୁରୀ



ଲୋକେ ପ୍ରତିଦିନ ମରୁଛନ୍ତି। ଆମେ ଅକ୍ସିଜେନ ଉତ୍ପାଦନ କରି କୋଭିଡ୍‌-୧୯ ରୋଗୀମାନଙ୍କ ଚିକିତ୍ସା ପାଇଁ ଯୋଗାଇବୁ ବୋଲି ସାଲ୍‌ଭେ ଯୁକ୍ତି ବାଢ଼ିଥିଲେ। ତେବେ ତାମିଲନାଡୁ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍ ବେଦାନ୍ତର ପିଟିଶନକୁ ସୁପ୍ରିମକୋର୍ଟ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଥିବା ଦର୍ଶାଇ ଏହାର ଶୁଣାଣି ସୋମବାର ପର୍ଯ୍ୟନ୍ତ ଘୁଞ୍ଚାଯାଉ ବୋଲି ଯୁକ୍ତି ବାଢ଼ିଥିଲେ। କମ୍ପାନୀ ବର୍ତ୍ତମାନ ସ୍ଥିତିରେ ୨ରୁ ୪ ସପ୍ତାହ ପୂର୍ବରୁ ଅକ୍ସିଜେନ ଉତ୍ପାଦନ ଆରମ୍ଭ କରିପାରିବ ନାହିଁ ବୋଲି କେତେକ ରେକର୍ଡର ଅବତାରଣା କରି କହିଥିଲେ। ଏଥିସହ ବିଭିନ୍ନ କାରଣ ଦର୍ଶାଇ ଏହାର ପ୍ଲାଣ୍ଟ ଖୋଲିବା ପ୍ରସ୍ତାବକୁ ବିରୋଧ କରିଥିଲେ।

ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟ ସାମିଲ ଥିବା ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରି ତାମିଲନାଡୁ ସରକାରଙ୍କ ଆପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ସବୁକଥା ବୁଝୁଛୁ। ପ୍ଲାଣ୍ଟ ପକ୍ଷରୁ ପରିବେଶଗତ ନିୟମ ପାଳନକୁ ଆମେ ସୁନିଶ୍ଚିତ କରିବୁ। ବେଦାନ୍ତକୁ ଅକ୍ସିଜେନ ଉତ୍ପାଦନ ପାଇଁ ଅନୁମତି ଦିଆଯିବ। ଆମେ ଅକ୍ସିଜେନ ପ୍ଲାଣ୍ଟକୁ ଗୁରୁତ୍ୱ ଦେଉଛୁ। ଦେଶରେ ଏକପ୍ରକାର ଜାତୀୟ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସମାଧାନ କ୍ଷେତ୍ରରେ ତାମିଲନାଡୁ ସରକାର ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ। ବେଦାନ୍ତର ଆବେଦନ ଉପରେ ଶୁକ୍ରବାର ଶୁଣାଣି କରାଯିବ। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଦେଶରେ ମେଡିକାଲ ଅକ୍ସିଜେନ ଅଭାବ ଦେଖାଦେଇଛି। ☞ପୃଷ୍ଠା-୪

# ଟ୍ରିପଲ୍-ମ୍ୟୁଟାଣ୍ଟ ଚିନ୍ତାଜନକ

**କୋଲକାତା, ୨୨ା୪**

ପଶ୍ଚିମବଙ୍ଗରେ କରୋନା ଭୂତାଣୁର ନୂଆ ରୂପ (ଟ୍ରିପଲ୍ ମ୍ୟୁଟାଣ୍ଟ ଷ୍ଟ୍ରେନ୍) ମିଳିବା ପରେ ଏହା ଚିନ୍ତା ବଢ଼ାଇଛି। ଡବଲ୍ ମ୍ୟୁଟାଣ୍ଟ (ବି.୧.୬୧୭) ପରେ ଭାରତରେ ଏହା ଦ୍ୱିତୀୟ ଟ୍ରିପଲ୍ ମ୍ୟୁଟାଣ୍ଟ (ବି.୧.୬୧୮) ଷ୍ଟ୍ରେନ୍। ଉକ୍ତ ନୂଆ ରୂପ ଅଧିକ ଦ୍ରୁତ ବେଗରେ ସଂକ୍ରମିତ ହେବା ସାଙ୍ଗକୁ ବ୍ୟକ୍ତିର ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ଏଡ଼ାଇଯାଇପାରିବ ବୋଲି ବୈଜ୍ଞାନିକମାନେ ଚିନ୍ତାପ୍ରକଟ କରିଛନ୍ତି। ଏପରିକି ପୂର୍ବରୁ କରୋନା ସଂକ୍ରମିତ ହୋଇଥିବା ଓ ଟିକା ନେଇଥିବା ବ୍ୟକ୍ତି ମଧ୍ୟ ଟ୍ରିପଲ୍ ମ୍ୟୁଟାଣ୍ଟ ସଂକ୍ରମଣରୁ ବାଦ୍ ପଡ଼ିବେ ନାହିଁ ବୋଲି କୁହାଯାଉଛି। ତେବେ ଟ୍ରିପଲ୍ ମ୍ୟୁଟାଣ୍ଟର ଭୟାବହତା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ପଶ୍ଚିମବଙ୍ଗରେ ନିକଟରେ ବି.୧.୬୧୮ ଷ୍ଟ୍ରେନ୍ ଦ୍ରୁତ ବେଗରେ ସଂକ୍ରମଣ ହେବାରେ ଲାଗିଛି। ସିଏସ୍‌ଆଇଆର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଜିନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିରେ ଜିନୋମ୍ ମ୍ୟୁଟେଶନ ଉପରେ ଗବେଷଣା କରୁଥିବା ବିନୋଦ ସ୍କାରିଆ ଏହା କହିଛନ୍ତି। ମହାରାଷ୍ଟ୍ରରୁ ଡବଲ୍ ମ୍ୟୁଟାଣ୍ଟ ଭାରିଆଣ୍ଟ ଚିହ୍ନଟ ହୋଇଥିଲା।

## ପଶ୍ଚିମବଙ୍ଗରୁ ଆସିଲେ ୧୪ ଦିନ କ୍ୱାରାଣ୍ଟାଇନ

**ଭୁବନେଶ୍ୱର,୨୨ା୪(ବ୍ୟୁରୋ)**

ପଶ୍ଚିମବଙ୍ଗରେ କୋଭିଡ୍‌-୧୯ର ଟ୍ରିପଲ୍ ମ୍ୟୁଟାଣ୍ଟ ଭୂତାଣୁ ଠାବ ହୋଇଛି। ଏହା ଅତ୍ୟନ୍ତ ମାରାତ୍ମକ। ଏହାର ସଂକ୍ରମଣକୁ ରୋକିବା ଲାଗି ପଶ୍ଚିମବଙ୍ଗରୁ ଆସୁଥିବା ଲୋକମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗ ସୀମାରେ ଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ସ୍ଥାନୀୟ ରାସ୍ତାଗୁଡ଼ିକରେ ଥିବା ଚେକ୍‌ପୋଷ୍ଟରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ବାଲେଶ୍ୱର, ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ପଶ୍ଚିମବଙ୍ଗରୁ ଆସୁଥିବା ସମସ୍ତ ପ୍ରବେଶ ପଥରେ ଯାଞ୍ଚକୁ ନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା କରିବେ। କୌଣସି ବ୍ୟକ୍ତି ନିଜ ଗାଡ଼ି, ଭଡ଼ାଗାଡ଼ି ନେଇ ଓଡ଼ିଶାକୁ ପ୍ରବେଶ କଲେ ୧୪ ଦିନ ପାଇଁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସବୁଜ ଉପଭୋକ୍ତା ଟିକସ**

**୧୩ରେ ନୁହେଁ, ୧୬ରେ ପିପିଲି ଉପ ନିର୍ବାଚନ** ୩

# କୋଭିଡ୍ ଯୁଦ୍ଧରେ ସମସ୍ତ ସହଯୋଗ କରିବ ଓଡ଼ିଶା

## ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨ା୪(ବ୍ୟୁରୋ)**

ଦେଶରେ ବୃଦ୍ଧି ପାଉଥିବା କୋଭିଡ୍‌-୧୯ ସଂକ୍ରମଣ ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ଏବେ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ ସ୍ତରରେ କୋଭିଡ୍ ମୁକାବିଲା ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଏଥିସହିତ ଅନ୍ୟ ରାଜ୍ୟଗୁଡ଼ିକର ଅକ୍ସିଜେନ ଅଭାବ ପୂରଣ ପାଇଁ ଓଡ଼ିଶା ସମସ୍ତ ସହଯୋଗ କରିବ ବୋଲି ନବୀନ କହିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଗୁରୁବାର ସନ୍ଧ୍ୟାରେ ଟେଲିଫୋନ ଯୋଗେ ନବୀନଙ୍କ ସହ କଥା ହୋଇଛନ୍ତି। ☞ପୃଷ୍ଠା-୪

## ନବୀନଙ୍କୁ କେଜ୍‌ରିୱାଲଙ୍କ ଧନ୍ୟବାଦ

**ନୂଆଦିଲ୍ଲୀ, ୨୨ା୪**

ଦିଲ୍ଲୀରେ କରୋନା ରୋଗୀଙ୍କ ନିମନ୍ତେ ଅକ୍ସିଜେନ ଅଭାବ ପୂରଣ ପାଇଁ ଓଡ଼ିଶା ସହାୟତା କରିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ଏ ନେଇ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଓଡ଼ିଶାରୁ ବିମାନ ଯୋଗେ ଅକ୍ସିଜେନ ଅଣାଯିବାକୁ ଦିଲ୍ଲୀ ସରକାର ପଦକ୍ଷେପ ନେଉଛନ୍ତି ଏବଂ ଏଥିପାଇଁ ସେ ସ୍ୱତନ୍ତ୍ର ଅଫିସର ନିଯୁକ୍ତ କରିଥିବା କେଜ୍‌ରିୱାଲ ଟୁଇଟ୍‌ରେ ଜଣାଇଛନ୍ତି। ଦିଲ୍ଲୀ ହସ୍ପିଟାଲରେ ଅକ୍ସିଜେନ ଚାହିଦା ପୂରଣ କରିବାକୁ ପ୍ରଚେଷ୍ଟା ଚଳାଇଥିବାରୁ କେନ୍ଦ୍ର ସରକାର ଏବଂ ଦିଲ୍ଲୀ



Arvind Kejriwal
3 m

Received a call from Shri Naveen Patnaik ji. He has assured complete support to Delhi in facilitating lifting of Delhi's quota of oxygen from Orissa. He has put a special officer on the job.

Thank you sooo much Sir. Delhi is indeed grateful.

ହାଇକୋର୍ଟକୁ କେଜ୍‌ରିୱାଲ ଧନ୍ୟବାଦ ଦେଇଛନ୍ତି। ବିଭିନ୍ନ ରାଜ୍ୟରୁ ଆସୁଥିବା ଅକ୍ସିଜେନ ଗାଡ଼ିଗୁଡ଼ିକ ବାଟରେ ଅଟକା ଯାଉଥିବାରୁ ତାହା ଦିଲ୍ଲୀରେ ପହଞ୍ଚିପାରୁନି। ଏଭଳି ସଙ୍କଟରେ ସବୁ ରାଜ୍ୟ ପରସ୍ପରକୁ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଦୈନିକ ସଂକ୍ରମଣରେ ଭାରତ ୧ ନମ୍ବର

**ନୂଆଦିଲ୍ଲୀ, ୨୨ା୪**

ଦୈନିକ କରୋନା ସଂକ୍ରମଣରେ ଭାରତ ଆମେରିକାକୁ ପଛରେ ପକାଇ ନମ୍ବର ୱାନ୍ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୩,୧୪,୮୩୫ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ବିଶ୍ୱରେ ସର୍ବାଧିକ ଦୈନିକ ସଂକ୍ରମଣ। ଗତ ଜାନୁୟାରୀରେ ଆମେରିକାରେ ସର୍ବାଧିକ ଦୈନିକ ସଂକ୍ରମଣ ୨,୯୭,୪୩୦ ରେକର୍ଡ ହୋଇଥିଲା।

ଗୁରୁବାର ସକାଳ ସୁଦ୍ଧା ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୫୯,୩୦,୯୬୫ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାମାରୀ ହେବାଠାରୁ ଗୋଟିଏ ଦିନରେ ଏତେ ସଂଖ୍ୟାରେ ସଂକ୍ରମଣ




କେବେ ହୋଇ ନ ଥିଲା। ସେହିପରି ଗୋଟିଏ ଦିନରେ ୨,୧୦୪ରୁ ଅଧିକ କରୋନାରେ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରେ ଦିନକରେ ସର୍ବାଧିକ ୫୬୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ୨୪୯ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଭାରତରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୧,୮୪,୬୫୭ରେ ପହଞ୍ଚିଛି।

ଗୁରୁବାର ସୁଦ୍ଧା ଦେଶରେ ସକ୍ରିୟ ମାମଲା (ବର୍ତ୍ତମାନ ଚିକିତ୍ସାଧୀନ ଥିବା କରୋନା ରୋଗୀ) ସଂଖ୍ୟା ୨୨,୯୧,୪୨୮ ହୋଇଛି ଏବଂ ୧,୩୪,୫୪,୮୮୦ ଆରୋଗ୍ୟ ଲାଭ କରିଛନ୍ତି। ଗତ ଫେବୃୟାରୀଠାରୁ ଭାରତରେ କରୋନାର ଦ୍ୱିତୀୟ ଲହର ଦ୍ରୁତ ବେଗରେ ବଢ଼ିଚାଲିଛି। ଗତ ୧୭ ଦିନରେ ଏହା ତିନିଗୁଣ ହୋଇଛି। ଏପ୍ରିଲ ୧୫ରେ ଭାରତର ଦୈନିକ ସଂକ୍ରମଣ ୨ ଲକ୍ଷ ଟପିଥିବାବେଳେ ୨୨ରେ ୩ ଲକ୍ଷ ଟପିଛି। ସର୍ବାଧିକ ସଂକ୍ରମିତ ରାଜ୍ୟ ମଧ୍ୟରେ ଅଛନ୍ତି ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଶୁକ୍ରବାର, ୨୩ ଏପ୍ରିଲ୍, ୨୦୨୧



**୩ ପାକିସ୍ତାନୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ**

ପଞ୍ଜାବର ପଠାନକୋଟ ଜିଲା ଅନ୍ତର୍ଜାତୀୟ ସୀମା ଦେଇ ୩ ପାକିସ୍ତାନୀ ଭାରତ ଭିତରକୁ ଅନୁପ୍ରବେଶ ଉଦ୍ୟମ କରିଥିଲେ। ବିଏସ୍ଏଫ୍ ଯବାନମାନେ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଛନ୍ତି। ବୁଧବାର ରାତିରେ ୩ ସନ୍ଦିଗ୍ଧ ସୀମା ସେପଟେ ଏପଟସେପଟ ହେଉଥିବା ଦେଖିବା ପରେ ଯବାନମାନେ ଗୁଳି ଚଳାଇଥିଲେ। ଫଳରେ ଅନୁପ୍ରବେଶକାରୀ ସେଠାରୁ ଫେରିଯାଇଥିଲେ।

## ସଂକ୍ଷେପରେ

### ସାବାଳକଙ୍କୁ ଟିକା ପାଇଁ ୨୮ରୁ ପଞ୍ଜୀକରଣ

**ନୂଆଦିଲ୍ଲୀ, ୨୨।୪(ପି.ଟି.):** ମେ' ୧ରୁ ଦେଶରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ କୋଭିଡ୍ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହି ଟିକାକରଣ ଲାଗି ଏପ୍ରିଲ ୨୮ରୁ କୋୱିନ୍ ପ୍ଲାଟ୍‌ଫର୍ମ ଏବଂ ଆରୋଗ୍ୟ ସେତୁ ଆପ୍‌ରେ ପଞ୍ଜୀକରଣ ଆରମ୍ଭ ହେବାକୁ ଯାଉଛି। ବର୍ତ୍ତମାନ ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକାଦାନ କରାଯାଉଛି। ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ପଞ୍ଜୀକରଣ କରାଇବା ପାଇଁ କୋୱିନ ପ୍ଲାଟ୍‌ଫର୍ମର ବୟସ ମାପଦଣ୍ଡ ଏବଂ ଅନ୍ୟ କେତେକ ଫିଚରରେ ପରିବର୍ତ୍ତନ କରିବାକୁ ପଡ଼ିବ। ମେ' ୧ରୁ ଘରୋଇ ହସ୍ପିଟାଲଗୁଡ଼ିକ ଆଉ କେନ୍ଦ୍ର ସରକାରଙ୍କଠାରୁ ଟିକା ପାଇବେ ନାହିଁ। ସେମାନେ ସିଧାସଳଖ କମ୍ପାନୀଠାରୁ ଟିକା କିଣିବେ।

### ମେ' ୧୫ ସୁଦ୍ଧା ୩୫ ଲକ୍ଷ ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୨୨।୪:** ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଥିବାବେଳେ ମେ' ମଧଭାଗ ବେଳକୁ ଏହା ଶୀର୍ଷରେ ପହଞ୍ଚିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶେଷଜ୍ଞମାନଙ୍କ ଗାଣିତିକ ସୂତ୍ର ଅନୁଯାୟୀ ମେ' ୧୧ରୁ ୧୫ ମଧ୍ୟରେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୩୩ରୁ ୩୫ ଲକ୍ଷରେ ପହଞ୍ଚିବା ସମ୍ଭାବନା ରହିଛି। ଅର୍ଥାତ୍ ଆଉ ୩ ସପ୍ତାହ ଦୈନିକ ସଂକ୍ରମଣ ବଢ଼ିଚାଲିବା ପରେ କମିବା ଆରମ୍ଭ କରିବ ବୋଲି କୁହାଯାଇଛି। ଗତବର୍ଷ ସେପ୍ଟେମ୍ବର ୧୭ରେ ସକ୍ରିୟ ମାମଲା ସର୍ବାଧିକ ୧୦ ଲକ୍ଷ ଟପିଥିଲା। ଆସନ୍ତା ମେ' ମଧଭାଗ ବେଳକୁ ସକ୍ରିୟ ମାମଲା ସଂଖ୍ୟା ଏହାର ୩ ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଉକ୍ତ ଆକଳନ ମଡେଲ ଅନୁଯାୟୀ ଏପ୍ରିଲ ୨୫ରୁ ୩୦ ମଧ୍ୟରେ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ତେଲଙ୍ଗାନାରେ ନୂଆ ସଂକ୍ରମଣ ଶୀର୍ଷ ଛୁଇଁପାରେ। ସେହିପରି ଓଡ଼ିଶା, କର୍ନାଟକ ଏବଂ ପଶ୍ଚିମବଙ୍ଗରେ ମେ' ୧ରୁ ୫ ମଧ୍ୟରେ ଏବଂ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ମେ' ୬ରୁ ୧୦ ମଧ୍ୟରେ ନୂଆ ମାମଲା ସର୍ବାଧିକ ହେବ ବୋଲି କୁହାଯାଇଛି। ମହାରାଷ୍ଟ୍ର ଓ ଛତିଶଗଡ଼ ବର୍ତ୍ତମାନ ସର୍ବାଧିକ ପର୍ଯ୍ୟାୟରେ ପହଞ୍ଚିସାରିଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି।

### କରୋନାରେ ୟେଚୁରୀଙ୍କ ପୁଅଙ୍କ ପରଲୋକ

**ନୂଆଦିଲ୍ଲୀ, ୨୨।୪:** ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ପୁଅ ଆଶିଷ ୟେଚୁରୀଙ୍କ ଗୁରୁବାର କରୋନାରେ ପରଲୋକ ଘଟିଛି। ତାଙ୍କୁ ୩୫ ବର୍ଷ ବୟସ ହୋଇଥିଲା।



ପେସାରେ ଖବରଦାତା ଥିବା ଆଶିଷ କୋଭିଡ୍‌ରେ ଆକ୍ରାନ୍ତ ହେବା ପରେ ଗୁରୁଗାଓଁର ମେଦାନ୍ତ ହସ୍ପିଟାଲରେ ୨ ସପ୍ତାହ ହେଲା ଚିକିତ୍ସାଧୀନ ଥିଲେ। ସଂକ୍ରମଣଜନିତ ଜଟିଳତା ଯୋଗୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସକାଳ ପ୍ରାୟ ସାଢ଼େ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। କରୋନାରେ ମୋ ବଡ଼ ପୁଅକୁ ହରାଇଲି ବୋଲି ସୀତାରାମ ଏକ ଟୁଇଟ୍ କରିଛନ୍ତି। ତାଙ୍କୁ ସେବା ପ୍ରଦାନ କରିଥିବା ଡାକ୍ତର, ନର୍ସଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଏବଂ ସମବେଦନା ଦେଇଥିବା ସମସ୍ତଙ୍କୁ ଏହି ବରିଷ୍ଠ ନେତା ଧନ୍ୟବାଦ ଦେଇଛନ୍ତି। ଚେନ୍ନାଇର ଏସିଆନ କଲେଜ୍ ଅଫ୍ ଜର୍ନାଲିଜିମ୍‌ରୁ କୋର୍ସ କରିବା ପରେ ଟାଇମ୍ସ ଅଫ୍ ଇଣ୍ଡିଆ ସମେତ ବିଭିନ୍ନ ପବ୍ଲିକେଶନରେ ସେ କାମ କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ସିପିଆଇଏମ୍ ପକ୍ଷରୁ ଶୋକ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବରିଷ୍ଠ ନେତା ଶୋକ ବ୍ୟକ୍ତ କରିଛନ୍ତି।

### ପାକିସ୍ତାନରୁ ଫେରିଥିବା ଶହେ ଶିଖ୍ ଶ୍ରଦ୍ଧାଳୁ ସଂକ୍ରମିତ

**ଚଣ୍ଡିଗଡ଼, ୨୨।୪:** ଶିଖ୍ ନବବର୍ଷ ବୈଶାଖୀ ଉତ୍ସବ ପାଇଁ ପାକିସ୍ତାନ ଲାହୋରସ୍ଥିତ ଗୁରୁଦ୍ୱାରକୁ ଯାଇ ଭାରତ ଫେରିଥିବା ୮ ଶହ ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଶହେ ଜଣ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅମୃତସରକୁ ଫେରିଥିବା ବ୍ୟକ୍ତିଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ପ୍ରଶାସନ କହିଛି। ପାକିସ୍ତାନ ହାଇକମିଶନଙ୍କ ପକ୍ଷରୁ ଭାରତର ୧୧ଶହ ଶ୍ରଦ୍ଧାଳୁଙ୍କୁ ବୈଶାଖୀ ଉତ୍ସବରେ ସାମିଲ ହେବାକୁ ଭିଜା ଦିଆଯାଇଥିଲା।

# ଇସିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

## କରୋନା ଛାୟାରେ ପଶ୍ଚିମବଙ୍ଗ ନିର୍ବାଚନ

## ୮ ପର୍ଯ୍ୟାୟ ଭୋଟକୁ ନାପସନ୍ଦ

ଭାରତ କୋଭିଡ୍-୧୯କୁ ପରାଜିତ କରିଦେଇଛି ବୋଲି ଅନେକଙ୍କ ଭ୍ରାନ୍ତ ଧାରଣା ଥିଲା। ଏବେ ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ସରିଯାଇଛି ଆଉ ଶବାଗାରରେ ଗଦାଗଦା ମୃତଦେହ ପଡ଼ିରହିଛି। ଦେଶ ଏକ ଚରମ ଦୁର୍ଦ୍ଦଶାର ଟ୍ରାଜେଡିକୁ ଅଙ୍ଗେ ନିଭାଉଛି। ଭୂତାଣୁର ଅଭୂତପୂର୍ବ ସଂକ୍ରମଣ ପାଇଁ ଏକ ଭିନ୍ନ ଭାରିଆଣ୍ଟକୁ ଦାୟୀ କରାଯାଉଛି। ଅନ୍ୟପକ୍ଷେ ମହାମାରୀ ଯାଇନାହିଁ ଏବଂ ସତର୍କ ନ ହେଲେ ଆଗକୁ ଭେଲା ବୁଡ଼ିବ ବୋଲି ନିର୍ବାଚନ ପ୍ରଚାରରେ ମାତିଥିବା ନେତାମାନେ ଭୋଟରଙ୍କୁ ବୁଝାଇବାକୁ ଚାହିଁଲେ ନାହିଁ। ଶତ୍ରୁ କରୋନା ଉପରେ ବିଜୟ ଲାଭ କରାଯାଇଥିବା ଅପରିପକ୍ୱ ଭାବେ ଘୋଷଣା କରାଗଲା ଏବଂ ସାରା ଦେଶରେ ସେହି ଉତ୍‌ଫୁଲ୍ଲିତ ମନୋଭାବର ପ୍ରଚାର କରାଗଲା। ବିଶେଷକରି ଅର୍ଥନୀତି ତା' ବାଟରେ ଗଡ଼ୁ ବୋଲି ଅଧିକ ଆଗ୍ରହୀ ଥିବା ନେତା ନିର୍ବାଚନ ପ୍ରଚାରରେ ମାତିଲେ। ଏହା ହିଁ ଭାଇରସ୍‌କୁ ପୁଣି ଥରେ ମୁଣ୍ଡ ଟେକିବାକୁ ସୁଯୋଗ ଦେଲା। ପରିଣାମସ୍ୱରୂପ ଅଗଣିତ ମତଦାତା, କର୍ମୀ ଓ ପ୍ରାର୍ଥୀ ଦଶା ଭୋଗୁଛନ୍ତି। ସମ୍ଭବତଃ ଏଇଥିପାଇଁ ଟୁଇଟରରେ 'ହ୍ୟାସ୍‌ଟ୍ୟାଗ୍ ମୋଦି ମେଡ୍ ଡିଜାଷ୍ଟର' ଟ୍ରେଣ୍ଡ କରୁଛି।

**କୋଲକାତା/ନୂଆଦିଲ୍ଲୀ, ୨୨।୪**

ଦେଶରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ଭାବେ ମାଡ଼ିଚାଲିଥିବାବେଳେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହେଉଛନ୍ତି ଓ ହଜାର ହଜାର ଜୀବନ ଯାଉଛି। ଏଭଳି ସମୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ୮ ପର୍ଯ୍ୟାୟରେ କରାଇବା ଘଟଣାକୁ ନେଇ କୋଲକାତା ହାଇକୋର୍ଟ ଗୁରୁବାର ନିର୍ବାଚନ କମିଶନ (ଇସି)ଙ୍କୁ ଭର୍ତ୍ସନା କରିଛନ୍ତି। ସେଠାରେ



> ଶେଷାନଙ୍କ ୧୦ ଭାଗରୁ ଭାଗେ କାର୍ଯ୍ୟ କରୁ ନାହାନ୍ତି ଇସି: କାଲକାଟା ହାଇକୋର୍ଟ

ପ୍ରତିଦିନ ବିଶାଳ ନିର୍ବାଚନୀ ରାଲି ଅନୁଷ୍ଠିତ ହେଉଛି, ଯେଉଁଥିରେ ଲକ୍ଷାଧିକ ଲୋକ ଯୋଗ ଦେଉଛନ୍ତି। ଏହି ର୍ୟାଲିଗୁଡ଼ିକ ଭୂତାଣୁର ସୁପର-ସ୍ପ୍ରେଡର ପାଲଟିଥିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ଏବାବଦରେ ଇସି ବିଶେଷ କିଛି କରୁ ନ ଥିବା ଅନୁଭବ କରିଛନ୍ତି। ନିର୍ବାଚନ କମିଶନଙ୍କର ଯଥେଷ୍ଟ କ୍ଷମତା ରହିଛି। ତେବେ କରୋନା ସମୟରେ ଏହି ସଂସ୍ଥା କ'ଣ କରୁଛି ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ଇସି କେବଳ ସର୍କୁଲାର ଜାରି କରି ଏହାକୁ ଲୋକଙ୍କ ଉପରେ ଛାଡ଼ିଦେଉଛନ୍ତି। ପୂର୍ବତନ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଯାହା କରିଥିଲେ, ଏବେ ଇସି ତା'ର ୧୦ ଭାଗରୁ ଭାବେ କାର୍ଯ୍ୟ କରୁ ନ ଥିବା ହାଇକୋର୍ଟ କହିଛନ୍ତି।



ଟି.ଏନ୍. ଶେଷାନ

୯୦ ଦଶକରେ ଶେଷାନ ନିର୍ବାଚନ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲେ। ସେ ନିର୍ବାଚନୀ ଆଚରଣ ବିଧିକୁ କଠୋର ଭାବେ ଲାଗୁ କରିଥିଲେ, ଯେଉଁଥିପାଇଁ ଦୀର୍ଘବର୍ଷ ହେଲା ସେ ଚର୍ଚ୍ଚିତ ହୋଇ ରହିଛନ୍ତି। ସେତେବେଳର ନିର୍ବାଚନ କମିଶନର ନିରପେକ୍ଷ, ସମ୍ମାନିତ ଓ ଦୁଃସାହସୀ ଥିଲେ, ଯାହା ବର୍ତ୍ତମାନର ନିର୍ବାଚନ କମିଶନରଙ୍କ ପାଖରେ ଦେଖାଯାଉନାହିଁ ବୋଲି ୩ଟି ପିଟିଶନର ଶୁଣାଣି ବେଳେ ହାଇକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରିବାର ସାମ୍ବିଧାନିକ କ୍ଷମତା ଇସିଙ୍କର ନ ଥିବାରୁ କୋର୍ଟ ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଆବେଦନକାରୀ ଦର୍ଶାଇଥିଲେ। ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ଅବଶିଷ୍ଟ ୩ ପର୍ଯ୍ୟାୟ ନିର୍ବାଚନକୁ ଏକତ୍ର କରିବା ଲାଗି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରିଏନ ଏବଂ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କରିଥିବା ଆବେଦନକୁ କମିଶନ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କୋଭିଡ୍ ନିରାପତ୍ତା ନିୟମାବଳୀ ଜାରି ହୋଇଥିବା ଇସି କହିଥିଲେ। ଇସି ନିର୍ବାଚନ ପ୍ରଚାର ସମୟ କମାଇଦେବା ସହ ମତଦାନର ୭୨ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ରେକର୍ଡ ଭାଙ୍ଗିଲା ସଂକ୍ରମଣ



ପଶ୍ଚିମବଙ୍ଗରେ ସଂକ୍ରମଣ ବୃଦ୍ଧି ପାଇଁ କେହି କେହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦୋଷ ଦେଉଛନ୍ତି। କାରଣ ପ୍ରଚାର ସଭାରେ ଏଭଳି ଭିଡ଼ କେବେ ଦେଖିବାକୁ ପାଇ ନ ଥିଲେ ବୋଲି ଏପ୍ରିଲ ୧୭ରେ ସଗର୍ବେ ଘୋଷଣା କରିବାବେଳେ ମୋଦିଙ୍କ ମୁହଁରେ ମାସ୍କ ନ ଥିଲା। ସେହିଦିନ ଭାରତରେ କରୋନା ରେକର୍ଡ ଭାଙ୍ଗି ୧୩୪୧ ଜଣଙ୍କ ଜୀବନ ନେବା ସହ ୨ ଲକ୍ଷ ୩୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ କବଳିତ କରିଥିଲା। ପଶ୍ଚିମବଙ୍ଗରେ ଉକ୍ତ ଦିନ ୭,୭୧୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେବେଠୁ ଲଗାତର କାୟା ମେଲାଇ ଚାଲିଛି। ଗୁରୁବାର ପଶ୍ଚିମବଙ୍ଗରେ ଭୂତାଣୁ ସବୁ ରେକର୍ଡ ଭାଙ୍ଗି ୧୧,୯୪୮ ଜଣଙ୍କୁ ସଂକ୍ରମିତ କରିଛି। ଏହାସହ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭ ଲକ୍ଷ ଟପିଛି। ୨୪ ଘଣ୍ଟାରେ ୫୬ ଜଣଙ୍କ ପ୍ରାଣହାନି ହେବା ସହ ମୋଟ ମୃତ୍ୟୁସଂଖ୍ୟା ୧୦,୭୬୬ ଡେଇଁଛି।

## ଷଷ୍ଠ ପର୍ଯ୍ୟାୟରେ ୮୦% ମତଦାନ



ଉତ୍ତର ୨୪ ପ୍ରଗଣାର ଖର୍ଦ୍ଧାସ୍ଥିତ ଏକ ବୁଥ୍‌ରେ ମତଦାନ ପରେ ଅଙ୍ଗୁଳିର ଅଲିଭା କାଳି ଚିହ୍ନ ଦେଖାଉଛନ୍ତି ଜଣେ ଭୋଟର।

କାଁ ଭାଁ ହିଂସାକୁ ଛାଡ଼ିଦେଲେ ଗୁରୁବାର ପଶ୍ଚିମବଙ୍ଗରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ୪୩ ଆସନର ୧୪,୪୮୦ ପୋଲିଂ ବୁଥ୍‌ରେ ୮୦% ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରିଜ୍ ଅଫ୍‌ତାବ ସୂଚନା ଦେଇଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାର ୧୭, ନଦୀୟା ୯, ଉତ୍ତର ଦିନାଜପୁର ୯ ଓ ପୂର୍ବ ବର୍ଦ୍ଧମାନ ଜିଲାର ୮ ଆସନରେ ସକାଳ ୭ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ମତଦାନ ହୋଇଥିଲା। ୧,୦୩,୮୬,୨୫୬ ଭୋଟରଙ୍କ ମଧ୍ୟରୁ ୮୦% ମତଦାତା ୩୦୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥିଲେ। ଏହି ପର୍ଯ୍ୟାୟ ପାଇଁ ନିର୍ବାଚନ କମିଶନ ୧,୦୭୧ କମ୍ପାନୀ କେନ୍ଦ୍ରୀୟ ବଳ ମୁତୟନ କରିଥିଲେ। ଉତ୍ତର ୨୪ ପ୍ରଗଣା ଜିଲା ଅଶୋକନଗର ନିର୍ବାଚନମଣ୍ଡଳୀରେ ଗୁଳିମାଡ଼ରେ ଜଣେ ଟିଏମ୍‌ସି କର୍ମୀ ଆହତ ହୋଇଛନ୍ତି। ସିଆର୍‌ପିଏଫ୍ ଯବାନ ଚଳାଇଥିବା ଗୁଳି ତାଙ୍କ ଗୋଡ଼ରେ ବାଜିଥିବା କବିରୁଲ ଅଭିଯୋଗ ଆଣିଛନ୍ତି। ପଶ୍ଚିମବଙ୍ଗରେ ଆସନ୍ତା ୨୬ ଓ ୨୯ ତାରିଖରେ ଆଉ ଦୁଇଟି ପର୍ଯ୍ୟାୟରେ ମତଦାନ ଏବଂ ମେ' ୨ରେ ଭୋଟଗଣତି ହେବ।

## ରାଲି ବାତିଲ କଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କରିବାକୁ ଥିବା ପଶ୍ଚିମବଙ୍ଗ ନିର୍ବାଚନୀ ରାଲିକୁ ବାତିଲ କରିଦେଇଛନ୍ତି। ଦେଶର କୋଭିଡ୍ ସ୍ଥିତିକୁ ନେଇ ସେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ। ଶୁକ୍ରବାର ପଶ୍ଚିମବଙ୍ଗରେ ମୋଦି ୪ଟି ରାଲିରେ ଉଦ୍‌ବୋଧନ ଦେଇଥାନ୍ତେ। ସେହିପରି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଙ୍କ ନିର୍ବାଚନ ପ୍ରଚାରକୁ କାଟ୍‌ଛାଣ୍ଟ କରିବା ସହ ଆଗାମୀ ୨ ଦିନର ରାଲିକୁ ବାତିଲ କରିଦେଇ ଦିଲ୍ଲୀ ଫେରିଆସିଛନ୍ତି। ଭାଜପାର ଶୀର୍ଷ ନେତାମାନେ ସେମାନଙ୍କ ଅବଶିଷ୍ଟ ପ୍ରଚାର ଅଭିଯାନକୁ ବାତିଲ କରିଥିବା ଦଳ ପକ୍ଷରୁ କୁହାଯାଇଛି।

## ନିର୍ବିଘ୍ନରେ ହେବ ଅକ୍ସିଜେନ ପରିବହନ

**ନୂଆଦିଲ୍ଲୀ, ୨୨।୪(ପି.ଟି.)**

### ବିପର୍ଯ୍ୟୟ ପରିଚାଳନା ଆଇନ ଲାଗୁକଲା କେନ୍ଦ୍ର



ନିର୍ବିଘ୍ନରେ ମେଡିକାଲ ଅକ୍ସିଜେନ ଉତ୍ପାଦନ ଓ ଯୋଗାଣ ସୁନିଶ୍ଚିତ କରିବା ଏବଂ ଆନ୍ତଃରାଜ୍ୟ ସୀମାରେ ବିନା ବାଧାରେ ଏହାର ପରିବହନ ଲାଗି କେନ୍ଦ୍ର ସରକାର ଗୁରୁବାର ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଖିଲାପ ହେଲେ ସମ୍ପୃକ୍ତ ଜିଲାପାଳ ଏବଂ ପୋଲିସ ଅଧୀକ୍ଷକ (ଏସ୍‌ପି) ଉତ୍ତରଦାୟୀ ରହିବେ। ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ବୃଦ୍ଧି ସାଙ୍ଗକୁ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ପାଇଁ ଅକ୍ସିଜେନ ଅଭାବ ଦେଖାଦେଇଛି। ଏଭଳି ସମୟରେ କେତେକ ରାଜ୍ୟ ଅନ୍ୟ ରାଜ୍ୟକୁ ଯାଉଥିବା ଅକ୍ସିଜେନକୁ ଅଟକାଉଥିବା ଖବର ପ୍ରକାଶ ପାଇଛି। ଫଳରେ ମେଡିକାଲ ଅକ୍ସିଜେନ ଯୋଗାଣ ଓ ପରିବହନ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଲାଗୁ କରାଯାଇଛି। ଯେଉଁମାନେ ଆଇନର ଉଲ୍ଲଂଘନ କରିବେ ସେମାନଙ୍କୁ ବର୍ଷେ ଜେଲଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଭାଲ୍ଲାଙ୍କ କହିବା ଅନୁଯାୟୀ ପର୍ଯ୍ୟାପ୍ତ ଅକ୍ସିଜେନ ଉପଲବ୍ଧ ଅଛି। ଏହାର ନିର୍ବିଘ୍ନ ଯୋଗାଣ ଓ ଉପଯୁକ୍ତ ପରିଚାଳନା ଗୁରୁତ୍ୱପୂର୍ଣ୍ଣ। ନିର୍ବିରୋଧରେ ଏହାର ପରିବହନ ଲାଗି ବିପର୍ଯ୍ୟୟ ପରିଚାଳନା ଆଇନର କ୍ଷମତା ଅନୁଯାୟୀ ନିର୍ଦ୍ଦେଶନାମା ଜାରି କରାଗଲା ବୋଲି ସ୍ୱରାଷ୍ଟ୍ର ସଚିବ କହିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ଅକ୍ସିଜେନ୍ ଯୋଗାଣ ଓ ପରିବହନ ଉପରେ କୌଣସି ରାଜ୍ୟ କଟକଣା ଲଗାଇପାରିବେ ନାହିଁ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିଳ୍ପସଂସ୍ଥାକୁ ଅକ୍ସିଜେନ ଯୋଗାଣ ବନ୍ଦ ରଖାଯାଇଛି। ସୂଚନାଯୋଗ୍ୟ ଦିଲ୍ଲୀକୁ ଆସୁଥିବା ଅକ୍ସିଜେନ୍‌କୁ ଉତ୍ତରପ୍ରଦେଶ ଓ ହରିୟାଣା ସରକାର ଅଟକାଉଥିବା ଅଭିଯୋଗ ହୋଇଥିଲା।

## ଉତ୍ପାଦନ ବଢ଼ାଇବାକୁ ମୋଦିଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୨।୪**



ଦେଶର ହସ୍ପିଟାଲଗୁଡ଼ିକରେ ମେଡିକାଲ ଅକ୍ସିଜେନ ସଙ୍କଟ ଦେଖାଦେଇଛି। ଏଥିଯୋଗୁ କରୋନା ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ରୋଗୀମାନେ ମୃତ୍ୟୁମୁଖକୁ ଠେଲିହୋଇ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଅକ୍ସିଜେନ ଉତ୍ପାଦନ ବଢ଼ାଇ ତା'ର ଦ୍ରୁତ ବଣ୍ଟନ ଦିଗରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଚାହିଦା ଅନୁସାରେ ଅକ୍ସିଜେନର ଉପଲବ୍ଧତା ବଢ଼ାଇବାକୁ ମୋଦି ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ୨୦ ରାଜ୍ୟରେ ଦୈନିକ ୬,୭୮୫ ମେଟ୍ରିକ୍ ଟନ୍ ତରଳ ମେଡିକାଲ ଅକ୍ସିଜେନ ଆବଶ୍ୟକ ହେଉଛି। କେନ୍ଦ୍ର ସରକାର ଉକ୍ତ ରାଜ୍ୟଗୁଡ଼ିକୁ ଏପ୍ରିଲ ୨୧ରୁ ଦୈନିକ ୬,୮୨୨ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇଦେଉଥିବା ଏକ ବିବୃତିରେ କୁହାଯାଇଛି। ରାଜ୍ୟଗୁଡ଼ିକ ଅକ୍ସିଜେନର କଳାବଜାର ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ସିଲିଣ୍ଡର ବଣ୍ଟନରେ ବାଧା ସୃଷ୍ଟି ହେଲେ ଏଥିପାଇଁ ସ୍ଥାନୀୟ ପ୍ରଶାସନକୁ ଦାୟୀ କରାଯାଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପାକ୍ ହୋଟେଲରେ ବିସ୍ଫୋରଣ: ୫ ମୃତ



**କରାଚୀ, ୨୨।୪(ପି.ଟି.):** ପାକିସ୍ତାନର କ୍ୱେଟା ସହରସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲର ପାର୍କିଂ ସ୍ଥାନରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ବେଳେ ଉକ୍ତ ହୋଟେଲରେ ଚାଇନା ରାଷ୍ଟ୍ରଦୂତ ନୋଙ୍ଗ ରୋଙ୍ଗ୍ ଉପସ୍ଥିତ ଥିବା ଖବରକୁ ପାକ୍ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ବୁଧବାର ରାତିରେ ସେରେନା ହୋଟେଲ ପାର୍କିଂ ପ୍ଲେସ୍‌ରେ ହୋଇଥିବା ଏହି ବିସ୍ଫୋରଣରେ ଅନେକ ଗାଡ଼ି ଜଳିଯାଇଛି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ ଏକ କାର୍‌ରେ ବିସ୍ଫୋରକ ସାମଗ୍ରୀ ରଖାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା ବେଲୁଚିସ୍ତାନ ବିଧାନସଭା, ହାଇକୋର୍ଟ ଓ ଅନ୍ୟ ବିଲ୍ଡିଂର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣ ପାଇଁ ବେଆଇନ ସଂଗଠନ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି।

## ନଭଲନିଙ୍କ ୧୭ ଶହ ସମର୍ଥକ ଗିରଫ

**ମସ୍କୋ, ୨୨।୪:** ରୁଷିଆ ଜେଲରେ ୩ ସପ୍ତାହ ଧରି ଅନଶନ ଚଳାଇଥିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସମାଲୋଚକ ତଥା ବିରୋଧୀ ଦଳ ନେତା ଆଲେକ୍ସି ନଭଲନିଙ୍କ ମୁକ୍ତି ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଣ ଦାବିରେ ତାଙ୍କର ହଜାର ହଜାର ସଂଖ୍ୟାରେ ସମର୍ଥକ ବୁଧବାର ସନ୍ଧ୍ୟାରୁ ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରୁ ପୋଲିସ ଗୁରୁବାର ସୁଦ୍ଧା ୧୭ ଶହରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଭୟଙ୍କର ଥଣ୍ଡାକୁ ଖାତିର ନ କରି ରୁଷିଆର ଏକାଧିକ ସହରରେ ବିକ୍ଷୋଭ ଚାଲିଥିବାବେଳେ ରାଜଧାନୀ ମସ୍କୋରେ ବିଶାଳ ରାଲି ଦେଖିବାକୁ ମିଳିଛି। ନିୟମ ଅନୁଯାୟୀ ଅଣସ୍ୱୀକୃତି ପ୍ରାପ୍ତ ଆନ୍ଦୋଳନ ଯୋଗୁ ଗିରଫ ବ୍ୟକ୍ତିଙ୍କୁ ଜରିମାନା କିମ୍ବା କିଛି ଦିନ ଜେଲ ଦଣ୍ଡ ହୋଇପାରେ। ପୋଲିସ କବଳରେ ଥିବା ନଭଲନିଙ୍କ ପ୍ରେସ୍ ସେକ୍ରେଟାରୀ କିରା ୟାରମିଶ୍ ଲୋକଙ୍କୁ ବିକ୍ଷୋଭ ପାଇଁ ଉସୁକାଇଥିବା ଅଭିଯୋଗରେ ୧୦ ଦିନ ଜେଲ ହୋଇଛି।

### ଲକ୍ଷ୍ମଣରେଖା ଲଙ୍ଘନାହିଁ: ପୁଟିନ୍

ୟୁକ୍ରେନ ଓ ବିରୋଧୀ ନେତା ନଭଲନିଙ୍କ ଗିରଫଦାରିକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ରୁଷିଆର ବିବାଦ ଚାଲିଥିବାବେଳେ କଡ଼ା ଚେତାବନୀ ଶୁଣାଇଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। ଦେଶର ସୁରକ୍ଷା ପାଇଁ ଥିବା ଲକ୍ଷ୍ମଣରେଖା ଅତିକ୍ରମ କରିବାର ଦୁଃସାହସ କଲେ ତୁରନ୍ତ ସେ ଏହାର କଡ଼ା ଜବାବ ଦେବେ ବୋଲି ପାଶ୍ଚାତ୍ୟ ଦେଶ ବିଶେଷକରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସରକାରଙ୍କ ଉଦ୍ଦେଶ୍ୟରେ ପୁଟିନ୍ କହିଛନ୍ତି।



## ବଜାରରେ ନକଲି ଫାଇଜର ଟିକା

**ୱାଶିଂଟନ, ୨୨।୪**

### ଅନ୍‌ଲାଇନରେ ନ କିଣିବାକୁ ପରାମର୍ଶ




ଆମେରିକାର ଫାଇଜର ଏବଂ ବାୟୋଏନ୍‌ଟେକ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ କୋଭିଡ୍ ଟିକାର ବିଶ୍ୱବ୍ୟାପୀ ଚାହିଦା ବଢ଼ିଥିବାବେଳେ ସେହି ଅନୁଯାୟୀ ଯୋଗାଇବା ସମ୍ଭବ ହେଉନାହିଁ। ଅପରାଧୀମାନେ ଏହାକୁ ସୁଯୋଗ ଭାବେ ନେଇ ଅର୍ଥ ଉପାର୍ଜନ କରିବା ପାଇଁ ଫାଇଜର କମ୍ପାନୀ ନାମରେ ନକଲି ଟିକା ବଜାରକୁ ଛାଡୁଛନ୍ତି। ମେକ୍ସିକୋ, ପୋଲାଣ୍ଡ ଆଦି ଦେଶରେ ଟିକାର ଜାଲ୍ ଭର୍ସନ ଉପଲବ୍ଧ ହେଉଥିବା ଫାଇଜର ମୁଖପାତ୍ର କହିଛନ୍ତି। ଏ ସମ୍ପର୍କରେ ସେ ସିବିଏସ୍ ମନିୱାଚ୍‌କୁ ଇମେଲ୍ ଜରିଆରେ ଜଣାଇଛନ୍ତି।

ଟିକା ଜାଲ୍ ହେଉଥିବା ସମ୍ପର୍କରେ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିବାବେଳେ ଫାଇଜର କମ୍ପାନୀ ଏହାକୁ ସ୍ପଷ୍ଟ କରିଛି। ମେକ୍ସିକୋରେ ଉପଲବ୍ଧ ଟିକାରେ ଜାଲ୍ ଲେବଲ୍ ଲଗାଯାଇଥିବାବେଳେ ପୋଲାଣ୍ଡରେ ମିଳୁଥିବା ଟିକା ଲୋଚାକୋଚା ଚର୍ମର ଚିକିତ୍ସା ପାଇଁ ଉଦ୍ଦିଷ୍ଟ ବୋଲି କମ୍ପାନୀ କହିଛି। ଏହି ବେଆଇନ କାରବାର ରୋକିବା ପାଇଁ ଫାଇଜର କମ୍ପାନୀ ବିଭିନ୍ନ ଦେଶର ସରକାର, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ଅନ୍ୟମାନଙ୍କ ସହ ଉଦ୍ୟମ ଚଳାଇଛି। ଅନ୍‌ଲାଇନରେ ଫାଇଜର ଟିକା ନ କିଣିବା ଲାଗି କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଇଛି। କେବଳ ସରକାରୀ ଟିକାକରଣ କେନ୍ଦ୍ର ଓ ସାର୍ଟିଫିକେଟପ୍ରାପ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ପାଖରେ ନିରାପଦ ଓ ବୈଧ ଟିକା ଉପଲବ୍ଧ ବୋଲି କୁହାଯାଇଛି। ଇ-ବାଣିଜ୍ୟ ବା ଇଣ୍ଟରନେଟ ମାଧ୍ୟମରେ ବ୍ୟବସାୟ କାରବାର ସହଜ ହେଉଥିବାରୁ ଏହାର ଦ୍ରୁତ ବୃଦ୍ଧି ଘଟୁଛି। ଏଭଳି ପରିବେଶରେ ଟିକା ଏବଂ କୋଭିଡ୍ ଔଷଧ ଆଦିର ଜାଲିଆତି ଓ ବେଆଇନ କାରବାର ବଢ଼ିଚାଲିଥିବା ଫାଇଜର ମୁଖପାତ୍ର କହିଛନ୍ତି।

ଗତ ମାସରେ ଚାଇନା ଓ ଦକ୍ଷିଣ ଆଫ୍ରିକାର ୱେରହାଉସ୍ ଏବଂ କାରଖାନାରୁ ବିପୁଳ ପରିମାଣର ନକଲି ଫାଇଜର ଟିକା ଜବତ ହୋଇଥିଲା। ଏହି ଘଟଣାରେ ୮୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିବା ଇଣ୍ଟରପୋଲ୍ କହିଛି। ନକଲି ଟିକାକୁ ନେଇ ଇଣ୍ଟରପୋଲ୍ ଏବଂ ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ ତଦନ୍ତ କରିବା ସହ ଅନ୍‌ଲାଇନରେ କୋଭିଡ୍ ଟିକା ନ କିଣିବାକୁ ପରାମର୍ଶ ଦେଇଥିଲେ। ଅପରାଧୀ ସଂଗଠନଗୁଡ଼ିକ ଜାଲ୍ ଟିକା ପ୍ରସ୍ତୁତ କରି ଏହାକୁ ବଜାରକୁ ଛାଡୁଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଟିକା କରୋନା କବଳରୁ ସୁରକ୍ଷା ଦେବନାହିଁ, ବରଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। କାରଣ ଉକ୍ତ ଟିକାର କୌଣସି ପରୀକ୍ଷା କରାଯାଇ ନାହିଁ। ଟିକା ବ୍ୟବସାୟରେ ଅପରାଧୀ ସଂଗଠନର ସମ୍ପୃକ୍ତିକୁ ନେଇ ଗତମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଉଦ୍‌ବେଗ ପ୍ରକାଶ କରିଥିଲା। ଉକ୍ତ ସଂଗଠନକୁ ମଧ୍ୟ ସେଭଳି ଟିକା ଯୋଗାଇବା ପାଇଁ ପ୍ରସ୍ତାବ ଆସିଥିଲା।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୫୦,୨୩,୪୦୪ | ୩୦,୬୮,୬୬୬ | ୧୨,୩୦,୯୫,୩୭୧ |
| ଭାରତ | ୧,୬୨,୦୦,୪୫୦ | ୧,୮୬,୬୧୮ | ୧,୩୫,୯୭,୪୮୪ |
| ଓଡ଼ିଶା | ୩,୮୮,୪୭୯ | ୧୯୬୫(+୫୩) | ୩,୫୩,୫୫୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରେକର୍ଡ ଭାଙ୍ଗୁଛି କରୋନା

- ଦିନକରେ ୬,୧୬୪ ପଜିଟିଭ୍ ଚିହ୍ନଟ, ୭ମୃତ
- ଖୋର୍ଦ୍ଧା ଜିଲାରେ ହଜାରେ ଟପିଲା
- ୪୦ ପ୍ରତିଶତ ବାୟୁ ଦ୍ୱାରା ବ୍ୟାପୁଛି

**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ରାଜ୍ୟରେ କରୋନା ଦୈନିକ ସଂକ୍ରମଣର ପୁଣି ନୂଆ ରେକର୍ଡ। ଲଗାତର ୪ଦିନ ଧରି ୪ହଜାର ଉପରେ ନୂଆ ପଜିଟିଭ୍ ଚିହ୍ନଟ ହେଉଥିବା ବେଳେ ହଠାତ୍ ଏହି ସଂଖ୍ୟା ୬ହଜାର ପାର କରିଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୬,୧୬୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୧ତାରିଖରେ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟରେ ୩୮,୫୪୮ ନମୁନା ପରୀକ୍ଷା ହୋଇଥିବାବେଳେ ୪,୮୫୧ ପଜିଟିଭ୍ ବାହାରିଥିଲା। କିନ୍ତୁ ଗତ ୨୪ ଘଣ୍ଟାରେ ୪୪,୯୮୩ ନମୁନା ପରୀକ୍ଷାରୁ ୬,୧୬୪ ପଜିଟିଭ୍ ବାହାରିଛି। ତେଣୁ ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ, ରାଜ୍ୟରେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଯଦି ଆଉ ଅଧିକ ଟେଷ୍ଟିଂ କରାଯିବ ତେବେ ଅଧିକ ପଜିଟିଭ୍ ବାହାରିବ। ରାଜ୍ୟ ସରକାର ଦିନକୁ ୫୦ହଜାର ନମୁନା ପରୀକ୍ଷା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏପର୍ଯ୍ୟନ୍ତ ତାହା ହୋଇନାହିଁ। ଯଦି ୫୦ହଜାର ଟେଷ୍ଟିଂ ହେବ ତେବେ ସଂକ୍ରମିତ ସଂଖ୍ୟା ୧୦ହଜାର ପାଖାପାଖି ହୋଇଯିବ ବୋଲି ଆଶା କରାଯାଉଛି।

ସେପଟେ ଗତ ୨୪ଘଣ୍ଟା ମଧ୍ୟରେ ଖୋର୍ଦ୍ଧା ଜିଲାରେ ରେକର୍ଡ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ଦୈନିକ ସଂକ୍ରମଣ ଏକ ହଜାର ପାର୍ କରିଯାଇଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୧୩୨ଜଣ ଥିବାବେଳେ ନୂଆପଡ଼ାରେ ୪୫୯, କଳାହାଣ୍ଡି ୪୫୨, ସୁନ୍ଦରଗଡ଼ ୪୨୭, କଟକ ୩୬୦, ଝାରସୁଗୁଡ଼ା ୩୫୫, ପୁରୀ ୨୮୬, ବରଗଡ଼ ୨୩୬, ସମ୍ବଲପୁର ୨୨୯, ବଲାଙ୍ଗୀର ୨୨୬, ନବରଙ୍ଗପୁର ୨୦୭, କେନ୍ଦୁଝରରୁ ୨୦୫ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୮୮,୪୭୯କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୭ ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଗଞ୍ଜାମ ଓ ରାୟଗଡ଼ାରୁ ୨ ଜଣ ଲେଖାଏ ଥିବାବେଳେ କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୯୬୫ରେ ପହଞ୍ଚିଛି।



ସେପଟେ କରୋନାର ଦ୍ୱିତୀୟ ଲହର ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି, ଦ୍ୱିତୀୟ ଲହର ସଂକ୍ରମଣ କ୍ଷମତା ବହୁତ ଅଧିକ। ବର୍ତ୍ତମାନ ଏହା ୪୦ପ୍ରତିଶତ ବାୟୁ ଦ୍ୱାରା ବ୍ୟାପୁଥିବା ଜଣାପଡ଼ିଛି। ରୁଦ୍ଧ ଦ୍ୱାର କୋଠରିରେ ରହିଲେ ବେଶି ସଂକ୍ରମଣ ହେବ। ତେଣୁ ଅଧିକ ଗହଳି କରିବା ଉଚିତ୍ ନୁହେଁ। ସଭାସମିତିରେ ବେଶି ସମୟ ରହିବା ଉଚିତ ନୁହେଁ। ଗତ ଥର ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବାକୁ ୬ମାସ ଲାଗିଗଲା। ଏଥର କିନ୍ତୁ ମାତ୍ର ଦେଢ଼ ମାସରେ ସଂକ୍ରମଣ ବହୁତ ବ୍ୟାପିଗଲାଣି ବୋଲି ପାଣିଗ୍ରାହୀ କହିଛନ୍ତି। ସେପଟେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ସଂକ୍ରମଣ ବଢ଼ୁଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା କମ୍ ରହିଛି। ୨ଟି ଏଜେଣ୍ଡାରେ ସରକାର କାମ କରୁଛନ୍ତି। ଲୋକଙ୍କୁ ଠିକ୍ ସେବା ଯୋଗାଇବା ଓ ମୃତ୍ୟୁ ସଂଖ୍ୟା ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ସରକାର କାମ କରୁଛନ୍ତି। ଦ୍ୱିତୀୟ ଲହରରେ ସଂକ୍ରମଣ ବଢ଼ିବା ସହ ସଂଖ୍ୟା ଡବଲ ହେଉଛି। ସ୍ଥିତିକୁ ଦେଖି ନୂଆ ହସ୍ପିଟାଲ ଖୋଲିବା ନେଇ ନେଇ ଜିଲାପାଳଙ୍କୁ କୁହାଯାଇଛି। ପ୍ରବାସୀ ଫେରୁଥିବାରୁ ତାଙ୍କ ଉପରେ ନଜର ରଖାଯାଇଛି। କିପରି ରାସ୍ତାରେ ନ ଚାଲିବେ ସେଥିପ୍ରତି ନଜର ରଖିବାକୁ ଜିଲାପାଳଙ୍କୁ କୁହାଯାଇଛି। ଆବଶ୍ୟକସ୍ଥଳେ ମାଇକ୍ରୋ କଣ୍ଟେନମେଣ୍ଟ କରିବାକୁ ମଧ୍ୟ କୁହାଯାଇଛି। ଲୋକଙ୍କୁ ନିୟମ ପାଳନ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

# ଘରୋଇ ହସ୍ପିଟାଲରେ ୫୦% ବେଡ୍ ସଂରକ୍ଷିତ ରଖ

- ଆଡ୍‌ଭାଇଜରି ଜାରି କଲେ ରାଜ୍ୟ ସରକାର
- ଶଯ୍ୟା, ଔଷଧ ଓ ଖାଦ୍ୟ ଖର୍ଚ୍ଚ ନିର୍ଦ୍ଧାରଣ ହେଲା



**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଘରୋଇ ହସ୍ପିଟାଲ ପାଇଁ ଗୁରୁବାର ଆଡ୍‌ଭାଇଜରି ଜାରି କରିଛନ୍ତି। ଏଣିକି କୋଭିଡ୍ ରୋଗୀଙ୍କ ପାଇଁ ଘରୋଇ ହସ୍ପିଟାଲରେ ୫୦ ପ୍ରତିଶତ ବେଡ୍ ସଂରକ୍ଷିତ ରହିବ। ୩୦ରୁ ଅଧିକ ବେଡ୍ ଥିବା ହସ୍ପିଟାଲରେ ଏହି ନିୟମ ଲାଗୁ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ କେବଳ ଅଣକୋଭିଡ୍ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏହି ସମୟରେ ଉକ୍ତ ରୋଗୀ ଯଦି ପଜିଟିଭ୍ ଚିହ୍ନଟ ହେଉଛନ୍ତି ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରୀ ବ୍ୟବସ୍ଥା ଥିବା କୋଭିଡ୍ ହସ୍ପିଟାଲକୁ ଯିବା ପାଇଁ ପରାମର୍ଶ ଦେଉଛନ୍ତି। କୋଭିଡ୍ ରୋଗୀଙ୍କ ପାଇଁ ବେଡ୍ ସୁବିଧା ନ ଥିବା ଦର୍ଶାଇ ଘରୋଇ ହସ୍ପିଟାଲଗୁଡ଼ିକ ସେମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରୁ ନ ଥିବା ଦେଖାଯାଇଛି। ଅଧିକାଂଶ ଘରୋଇ ହସ୍ପିଟାଲ ମାତ୍ର ଅଳ୍ପ କେତୋଟି ବେଡ୍ କୋଭିଡ୍ ରୋଗୀଙ୍କ ପାଇଁ ରଖିଥିବାବେଳେ ଅନ୍ୟସବୁ ବେଡ୍ ଅଣ କୋଭିଡ୍ ରୋଗୀଙ୍କ ପାଇଁ ରଖିଛନ୍ତି। ଫଳରେ ସରକାରୀ କୋଭିଡ୍ ଚିକିତ୍ସା ସୁବିଧା ଥିବା ହସ୍ପିଟାଲରେ ରୋଗୀ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏପରି ସମସ୍ୟା ଦୂର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଘରୋଇ ହସ୍ପିଟାଲଗୁଡ଼ିକରେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ୫୦ପ୍ରତିଶତ ଆଇସିୟୁ/ଏଚ୍‌ଡିୟୁ ବେଡ୍ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛି। ଆବଶ୍ୟକ ପଡ଼ିଲେ ହସ୍ପିଟାଲରେ ୧୦୦ ପ୍ରତିଶତ ବେଡ୍‌କୁ ମଧ୍ୟ କୋଭିଡ୍ ରୋଗୀଙ୍କ ପାଇଁ ସଂରକ୍ଷିତ ରଖାଯିବ ବୋଲି କୁହାଯାଇଛି। ଏଥିସହିତ କୋଭିଡ୍ ଚିକିତ୍ସା ପାଇଁ ମଧ୍ୟ ସରକାର ଫି' ନିର୍ଦ୍ଧାରଣ କରିଛନ୍ତି। ଘରୋଇ ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ପାଇଁ ଦେୟ ଜେନେରାଲ ବେଡ୍ ପାଇଁ ଦୈନିକ ୧,୨୦୦ରୁ ୩ହଜାର ଟଙ୍କା ଥିବାବେଳେ ଖାଦ୍ୟ ଓ ଔଷଧ ପାଇଁ ୧,୭୫୦ ଟଙ୍କା ରହିଛି। ସେହିପରି ଆଇସିୟୁରେ ରହିଲେ ଦୈନିକ ୨ହଜାରରୁ ୫ହଜାର ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡ଼ିବ। ଆଇସିୟୁ ଔଷଧ ଓ ଆନୁଷଙ୍ଗିକ ଖର୍ଚ୍ଚ ୮ ହଜାରରୁ ୧୨ ହଜାର ରହିଛି। ଭେଣ୍ଟିଲେଟର ସହ ଆଇସିୟୁରେ ରହିଲେ ଦିନକୁ ୨ହଜାର ଟଙ୍କାରୁ ୫ହଜାର ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡ଼ିବ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ୧୦ ହଜାରରୁ ୧୩,୦୦୦ ଟଙ୍କା ମଧ୍ୟରେ ରଖାଯାଇଛି।

# କଟକଣା ସତ୍ତ୍ୱେ ପଶ୍ଚିମବଙ୍ଗ ବସ୍ ଭୁବନେଶ୍ୱରରେ

- ବସ୍ ଜବତ କଲା ଆର୍‌ଟିଓ
- ସ୍ୱାସ୍ଥ୍ୟ ପରୀକ୍ଷା ପରେ ସ୍ୱତନ୍ତ୍ର ଗାଡ଼ିରେ ଗଲେ ଯାତ୍ରୀ

**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ତଃରାଜ୍ୟ ବସ୍ ସେବା ବନ୍ଦ କରାଯାଇଛି। ସୀମା ଆରପଟରୁ ରାଜ୍ୟ ଭିତରକୁ ବସ୍‌ଗୁଡ଼ିକୁ ଛଡ଼ାଯାଉନାହିଁ। ଏଥିପାଇଁ ସୀମାରେ ପୋଲିସ ମୁତୟନ କରାଯିବା ସହ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଏହା ସତ୍ତ୍ୱେ ପଶ୍ଚିମବଙ୍ଗରୁ ଯାତ୍ରୀଙ୍କୁ ଧରି ଏକ ବସ୍ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିଲା। ଏ ସମ୍ପର୍କରେ ଖବର ପାଇ ଆର୍‌ଟିଓ-୨ ସିଆର୍‌ପି ଛକ ନିକଟରେ ଉକ୍ତ ବସ୍‌ଟିକୁ ଅଟକାଇ ଯାଞ୍ଚ କରିଥିଲା। ବସ୍‌ଟି ଚୋରା ବାଟ ଦେଇ ବିନା ପରମିଟରେ ଆସିଥିବା ଜଣାପଡିବା ପରେ ତାହାକୁ ଜବତ କରାଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅନ୍ୟ ଏକ ଗାଡ଼ିରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ବସ୍‌ଟି କେମିତି ରାଜ୍ୟ ଭିତରକୁ ଆସିଲା ଓ ବସ୍ ମାଲିକ କିଏ ତାହାକୁ ନେଇ ଅଧିକ ତଦନ୍ତ ଚାଲୁଥିବା ଆରଟିଓ-୨ ପକ୍ଷରୁ ସୂଚନା ଦିଆଯାଇଛି।

# ସିନେ ସମ୍ପାଦକ ରବିଶଙ୍କର ପଟ୍ଟନାୟକଙ୍କ ପରଲୋକ

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଧର୍ମେନ୍ଦ୍ର, ବୈଜୟନ୍ତଙ୍କ ଶୋକ**

**ଭୁବନେଶ୍ୱର (ବ୍ୟୁରୋ)/କଟକ ଅଫିସ୍, ୨୨।୪**

ବିଶିଷ୍ଟ ଚଳଚ୍ଚିତ୍ର ସମ୍ପାଦକ ରବି ଶଙ୍କର ପଟ୍ଟନାୟକଙ୍କର ଗୁରୁବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫିଲ୍ମ ଏଡିଟିଂ କ୍ଷେତ୍ରରେ ରବି ଶଙ୍କରଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ସମ୍ପାଦକ। ୧୯୬୭ରେ ଓଡ଼ିଆ ଚଳଚ୍ଚିତ୍ର 'ଅଭିମାନ'ରୁ ସେ ସମ୍ପାଦନା ଆରମ୍ଭ କରିଥିଲେ। ଚଳଚ୍ଚିତ୍ର ଶେଷ ଶ୍ରାବଣ, ଶଙ୍ଖ ସିନ୍ଦୂର, ମାନିନୀ, ଅଭିମାନ, ଯାହାକୁ ରଖିବେ ଅନନ୍ତ, ସୁନା ଚଢେଇ, ଦଣ୍ଡ ବାଲୁଙ୍ଗା ପରି ବହୁ ଲୋକପ୍ରିୟ ହିଟ୍ ଓଡ଼ିଆ ଚଳଚ୍ଚିତ୍ର ସମେତ କିଛି ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ସେ ସମ୍ପାଦନା କରିଥିଲେ। ହିନ୍ଦୀ ଚଳଚ୍ଚିତ୍ର ମଧ୍ୟରେ ଚଲ୍‌ତେ ଚଲ୍‌ତେ, ସ୍ୱୀକାର କିୟା ମୈନେ, କିସ୍ମତ, ଜିନା ଇସିକା ନାମ୍ ହୈ, ସାୟଦ, ଦିଲ୍‌ସେ ମିଲେ ଦିଲ୍ ଆଦି ଅନ୍ୟତମ। ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୭ରେ ତାଙ୍କୁ 'ଜୟଦେବ ପୁରସ୍କାର' ମିଳିଥିଲା। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି। ଜୟଦେବ ପୁରସ୍କାର ବିଜେତା ବିଶିଷ୍ଟ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ନିଜ ସ୍ୱତନ୍ତ୍ର ସମ୍ପାଦନା ଶୈଳୀ ଦ୍ୱାରା ଚଳଚ୍ଚିତ୍ରରେ ଛାଡିଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅସାମାନ୍ୟ ଅବଦାନ ଚିର ସ୍ମରଣୀୟ ହୋଇରହିବ ବୋଲି ଧର୍ମେନ୍ଦ୍ର କହିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଅକ୍ସିଜେନ, ଔଷଧ ଗୋଦାମରେ ଚଢ଼ାଉ

**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

କୋଭିଡ୍ ଔଷଧ ଓ ଚିକିତ୍ସା ଉପକରଣ ବେଆଇନ ଗଚ୍ଛିତ ସହ କଳାବଜାର ବିରୋଧରେ ରାଜ୍ୟ ପୋଲିସର ଫ୍ଲାଇଂ ସ୍କ୍ୱାଡ୍ ରାଜ୍ୟବ୍ୟାପୀ ଚଢ଼ାଉ ଜାରି ରଖିଛି। ତୃତୀୟ ଦିନରେ ଔଷଧ ଓ ଉପକରଣ ସହ ଅକ୍ସିଜେନ୍ ଗୋଦାମ ଉପରେ ଚଢାଉ କରାଯାଇଥିଲା। ବର୍ତ୍ତମାନ ସ୍ଥିତିରେ ବିଭିନ୍ନ ରାଜ୍ୟରେ ଅକ୍ସିଜେନର ଘୋର ଅଭାବ ଦେଖାଦେଇଛି। ତେଣୁ ଓଡ଼ିଶାରେ ଏହାର କଳାବଜାର ତଥା ବେଆଇନ ଗଚ୍ଛିତ ରୋକିବା ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯିବା ସହ ଷ୍ଟକ୍ ଯାଞ୍ଚ କରାଯାଇଛି। କଟକ କଲେଜ ଛକ ଅଞ୍ଚଳରେ ଔଷଧ ପ୍ରସ୍ତୁତ କରୁଥିବା ଏକ ଫାର୍ମ ଓ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲ, ସୁବର୍ଣ୍ଣପୁର, ନବରଙ୍ଗପୁର, ରାୟଗଡ଼ା, ବଲାଙ୍ଗୀର, ନୂଆପଡ଼ା ଏବଂ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀମାନେ ଡିପୋରେ ଥିବା ସମସ୍ତ ରେକର୍ଡକୁ ଯାଞ୍ଚ କରିବା ସହ ବିଭିନ୍ନ ହସ୍‌ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାକୁ ବଣ୍ଟନ କରାଯାଉଥିବା ଔଷଧ ଓ ଷ୍ଟକ୍ ଏଣ୍ଟ୍ରି ଆଦିର ହିସାବ ନେଇଛନ୍ତି। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ପ୍ରତିଦିନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚ ଅଧିକାରୀ ଓ ସ୍ଥାନୀୟ ପୋଲିସ ସାମିଲ ଥିଲେ। ସୂଚନାଯୋଗ୍ୟ, କରୋନା ଔଷଧର କଳାବଜାର ହେଉଥିବା ନେଇ ଗୋଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। କଟକ ଓ ଭୁବନେଶ୍ୱର ପାଇଁ ୭ଟି ଓ ରାଜ୍ୟର ଅନ୍ୟ ସ୍ଥାନ ପାଇଁ ୧୫ଟି ଟିମ୍ କାର୍ଯ୍ୟ କରୁଛି।


ଅର୍ଶ ଭଗନ୍ଦର
• ରକ୍ତ ପଡ଼ିବା ବନ୍ଦ, ଦୁର୍ବଳତା ଦୂର • ଭାଉଡ଼ି ଝାଉଁଳି ଶୁଖିଯାଏ • ଜ୍ୱଳନ ଓ ପୀଡ଼ାରୁ ଉପଶମ ଏବଂ ଯକୃତ କ୍ରିୟା ଠିକ୍ ହୋଇଯାଏ। • ଶିରାରେ ଚାପ ହ୍ରାସ ପାଇଁ ମଳ ତ୍ୟାଗ ସହଜ ହୁଏ ।


JOLLY
ବାସିର
କ୍ୟାପ୍‌ସୁଲ ଓ ଜେଲ୍
ପ୍ରତ୍ୟେକ ମେଡିକାଲ ଷ୍ଟୋରରେ ଉପଲବ୍ଧ। Helpline» 0161-520-1588


# ଇଦ୍ ପାଇଁ ଘୁଞ୍ଚିଲା ପିପିଲି ଉପନିର୍ବାଚନ



- ୧୩ ପରିବର୍ତ୍ତେ ୧୬ରେ ହେବ
- ୧୯ରେ ଭୋଟ ଗଣତି
- ୭୨ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ

**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ପିପିଲି ଉପନିର୍ବାଚନ ପାଇଁ ପୁଣି ସାନି ତାରିଖ ଘୋଷଣା କରାଯାଇଛି। ପୂର୍ବରୁ ଘୋଷଣା କରାଯାଇଥିବା ମେ'୧୩ ତାରିଖ ପରିବର୍ତ୍ତେ ମେ'୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ମେ' ୧୯ ତାରିଖରେ ଭୋଟ ଗଣତି ଏବଂ ୨୧ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ମେ' ୧୩ ତାରିଖ ଘୋଷଣା କରିଥିଲେ। କିନ୍ତୁ ଉକ୍ତ ଦିନ ଇଦ୍-ଉଲ-ଫିତର ପର୍ବ ପଡୁଛି। ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ଏ ସଂକ୍ରାନ୍ତରେ ଅନେକଗୁଡ଼ିଏ ନିବେଦନପତ୍ର ପାଇବା ପରେ କମିଶନ ନିର୍ବାଚନ ତାରିଖକୁ ପରିବର୍ତ୍ତନ କରିଛନ୍ତି। ତେବେ ପୂର୍ବରୁ ଘୋଷଣା କରାଯାଇଥିବା ନାମାଙ୍କନପତ୍ର ଦାଖଲ, ଯାଞ୍ଚ ତାରିଖ ଏବଂ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ପୂର୍ବ ଘୋଷଣା ଅନୁଯାୟୀ ଏପ୍ରିଲ ୧୯ ତାରିଖରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲୁ ରହିଛି। ଆସନ୍ତା ୨୬ ତାରିଖରେ ପ୍ରାର୍ଥିପତ୍ର ଦାଖଲ ଶେଷ ହେବ। ୨୭ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ହେବ। ଏପ୍ରିଲ ୨୯ ତାରିଖକୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ଭୋଟ ଗ୍ରହଣ ସକାଳ ୭ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୩୦ ସୁଦ୍ଧା ପ୍ରସ୍ତୁତ ହୋଇଥିବା ଭୋଟର ତାଲିକା ଅନୁଯାୟୀ ଭୋଟରମାନେ ମତଦାନ କରିବେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଭୋଟର ଏବଂ ସନ୍ଦିଗ୍ଧ କୋଭିଡ୍ ଭୋଟର ଯେଉଁମାନଙ୍କ ତାଲିକା ଏପ୍ରିଲ ୧୭ ସୁଦ୍ଧା ପ୍ରସ୍ତୁତ ହୋଇଛି ସେଥିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ନିର୍ବାଚନ ଆୟୋଗ ଜଣାଇଛନ୍ତି।

ସେହିପରି ରାତି ୭ଟାରୁ ସକାଳ ୧୦ଟା ଯାଏ ଶୋଭାଯାତ୍ରା, ସଭା, ପଥପ୍ରାନ୍ତ ନାଟକ ଉପରେ କଟକଣା ଲଗାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଏପ୍ରିଲ ୧୯ ତାରିଖରେ ଜାରି କରାଯାଇଥିବା କୋଭିଡ୍ ନିୟମାବଳୀ ଅନୁସାରେ କୌଣସି ରାଜନୈତିକ ସଭା ଓ ସମାବେଶକୁ ଅନୁମତି ଦିଆଯିବ ନାହିଁ। ଏ ସମସ୍ତ କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ କରିବାକୁ ଲୋହାନୀ ଅନୁରୋଧ କରିଛନ୍ତି। ରାଜନୈତିକ ଦଳ ସଭାରେ ଉପସ୍ଥିତ ଥିବା ଲୋକମାନଙ୍କ ପାଇଁ ମାସ୍କ ଓ ସାନିଟାଇଜର ନିଜ ଖର୍ଚ୍ଚରୁ ଭରଣା କରିବେ। ଏହା ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ଯୋଡ଼ାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। କୋଭିଡ୍ ଭୟାବହତାକୁ ଦେଖି ରାଜନୈତିକ ଦଳ, ପ୍ରାର୍ଥୀ ଓ ଭୋଟରମାନେ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ପାଳନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ପୂର୍ବରୁ ମତଦାତାଙ୍କ ତାପମାତ୍ରା ମପାଯିବ। ଯଦି କାହାର ଅଧିକ ତାପମାତ୍ରା କିମ୍ବା କୋଭିଡ୍ ଲକ୍ଷଣ ଥିବ ତେବେ ସେ ଅପରାହ୍ନ ୫ଟା ପରେ ଆସି ଭୋଟ ଦେଇପାରିବେ। ଭୋଟରମାନେ ଗ୍ଲୋଭ୍‌ସ ପିନ୍ଧି ଭୋଟ ଦେବେ। ମତଦାନ କେନ୍ଦ୍ରରେ ସାମାଜିକ ଦୂରତ୍ୱ ବଜାୟ ରଖିବେ। ପୂର୍ବରୁ ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ ହେଉଥିଲା। ଏବେ ୭୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ମେ' ୧୩ ତାରିଖ ସନ୍ଧ୍ୟା ୬ଟାରୁ ପ୍ରଚାର ବନ୍ଦ ହେବ ବୋଲି ଲୋହାନୀ ସୂଚନା ଦେଇଛନ୍ତି। ଘରକୁ ଘର ବୁଲି ପ୍ରାର୍ଥୀ ପ୍ରଚାର କରିପାରିବେ। ମାତ୍ର ୫ ଜଣରୁ ଅଧିକ ଯାଇପାରିବେ ନାହିଁ। ଯଦି କୌଣସି ସ୍ଥାନରେ ଗାଇଡ୍‌ଲାଇନର ଉଲ୍ଲଂଘନ ହେଉଥିବା ଜଣାପଡ଼ିବ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ଫୌଜଦାରି ମାମଲା ମଧ୍ୟ ରୁଜୁ ହୋଇପାରିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଦେହାନ୍ତ ଯୋଗୁ ଗତ ଏପ୍ରିଲ ୧୭ରେ ହେବାକୁ ଥିବା ପିପିଲି ଉପନିର୍ବାଚନକୁ ମେ' ୧୩ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।




**ଆଜିର ମନ୍ତବ୍ୟ**

"ଦେଶରେ ଦେଖାଦେଇଥିବା ସଙ୍କଟ କେବଳ କରୋନା ଭୂତାଣୁ ଯୋଗୁ ସୃଷ୍ଟି ହୋଇନି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ମଧ ଦାୟୀ। ଫମ୍ପା ଭାଷଣ ବଦଳରେ ସରକାର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ରୁଦ୍ର
ପରିବାରବର୍ଗ


ରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ ଜେଟିପି ଦୋଷୀ, ହେବ କାର୍ଯ୍ୟାନୁଷ୍ଠାନ

## ଶ୍ରୀମନ୍ଦିରରେ ରକ୍ତଛିଟା ପଡ଼ିବା ଘଟଣା



**ପୁରୀ ଅଫିସ, ୨୨।୪**

ଶ୍ରୀମନ୍ଦିର ଭିତରକାଠ ନିକଟରେ ଗତ ରବିବାର ରକ୍ତଛିଟା ପଡ଼ିବା ଓ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହେବା ଘଟଣାର ତଦନ୍ତ ସରିଛି। ଗୁରୁବାର ଏହି ତଦନ୍ତ ରିପୋର୍ଟ ମିଳିଛି। ଏଥିରେ ଦୁଇ ଅଭିଯୁକ୍ତ ଜେଟିପି ଗଙ୍ଗାଧର ପ୍ରଧାନ ଓ ମନୋଜ ପାଣିଗ୍ରାହୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ କରିଛି। ଦୋଷୀ ଜେଟିପି ଦ୍ୱୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଭିତରେ ଗଙ୍ଗାଧରଙ୍କ କାଠଫାଳିଆ ଆକ୍ରମଣରେ ମନୋଜ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ସ୍ୱପ୍ନରଞ୍ଜନ ମହାପାତ୍ର ଏନେଇ ତଦନ୍ତ କରିଥିଲେ। ଗୁରୁବାର ଘଟଣାର ତଦନ୍ତ ରିପୋର୍ଟ ଆସିଛି। ଉଭୟ ଜେଟିପି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି ଘଟଣା ସହ ଜଡ଼ିତ ଦୁଇ ଜେଟିପି, ଶ୍ରୀମନ୍ଦିର କମାଣ୍ଡରଙ୍କ ସମେତ ଘଟଣାସ୍ଥଳରେ ଉପସ୍ଥିତ ସେବାୟତ ଓ ଅନ୍ୟ ସୁରକ୍ଷା କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଥିଲା।



ଶ୍ରୀକ୍ଷେତ୍ର ସାହିଯାତର ଦ୍ୱିତୀୟ ଦିବସରେ ଗୁରୁବାର ହରଚଣ୍ଡୀ ସାହିରୁ ଆସିଥିବା ବେଶଧାରୀମାନେ ନୃତ୍ୟ କରୁଛନ୍ତି।

# ସଂକ୍ରମଣରୁ ବର୍ତ୍ତିବା ଲାଗି ଡାକ୍ତରଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୨୨।୪**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୀଷଣ ବେଗରେ ମାଡ଼ିଚାଲିଥିବାବେଳେ ଏଥିରୁ ବର୍ତ୍ତିବା ଲାଗି ଦେଶର ୩ ଜଣ ପ୍ରମୁଖ ଡାକ୍ତର ନାଗରିକମାନଙ୍କୁ କେତେକ ପରାମର୍ଶ ଦେଇଛନ୍ତି। ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ ଗୁଲେରିଆ, ନାରାୟଣ ହେଲ୍‌ଥର ଅଧ୍ୟକ୍ଷ ଡ. ଦେବୀ ସେଚ୍ଚି ଏବଂ ମେଦାନ୍ତ ଅଧ୍ୟକ୍ଷ ଡ. ନରେଶ ତ୍ରେହାନ ଦେଶରେ କରୋନା ସ୍ଥିତିକୁ ନେଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

ଡ. ଗୁଲେରିଆଙ୍କ ମତରେ ରେମ୍‌ଡେସିଭିର ଭଳି ନିର୍ଦ୍ଦିଷ୍ଟ ଚିକିତ୍ସା ବିନା ୮୫%ରୁ ଅଧିକ ସଂକ୍ରମିତ କରୋନାରୁ ଆରୋଗ୍ୟ ହୋଇପାରିବେ। ଖୁବ୍ କମ୍ ରୋଗୀଙ୍କ ପାଇଁ ରେମ୍‌ଡେସିଭିର ଇଞ୍ଜେକ୍‌ଶନର ଆବଶ୍ୟକତା ରହିଛି। ତେଣୁ ଉକ୍ତ ଇଞ୍ଜେକ୍‌ଶନ ପାଇଁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଯଦି ବିବେକପୂର୍ଣ୍ଣ ଭାବେ ଆମେ ଅକ୍ସିଜେନ୍ ଏବଂ ରେମଡେସିଭିର ବ୍ୟବହାର କରିବା, ତେବେ କୌଣସିଠାରେ ଏହାର ନିଅଣ୍ଟ ହେବନାହିଁ। ସେହିପରି ଗୁରୁତର ଅସୁସ୍ଥ ହେବାରୁ ଟିକା ରୋକିପାରିବ। ସଂକ୍ରମିତ ହେବାକୁ ଏହା ଅଟକାଇ ପାରିବ ନାହିଁ ବୋଲି ଡାକ୍ତର ଗୁଲେରିଆ କହିଛନ୍ତି। ତେଣୁ ଟିକା ନେବା ପରେ ମଧ ମାସ୍କ ପିନ୍ଧିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି।

ସେହିପରି ଖୁବ୍ କମ୍ ସଂକ୍ରମିତଙ୍କୁ ହସ୍ପିଟାର ଭର୍ତ୍ତି ହେବାକୁ ପଡ଼ିଥାଏ। ତେଣୁ ଦାୟିତ୍ୱପୂର୍ଣ୍ଣ ଓ ବିବେକୀ ଭାବେ ବ୍ୟବହାର କଲେ ହସ୍ପିଟାଲ ବେଡ୍‌ର ଅଭାବ ରହିବ ନାହିଁ ବୋଲି ଡାକ୍ତର କହିଛନ୍ତି। ଅକ୍ସିଜେନ୍‌ର ଆବଶ୍ୟକତା ନ ଥିଲେ ଏହାକୁ ସୁରକ୍ଷା ବ୍ଲାଙ୍କେଟ ଭାବେ ବ୍ୟବହାର ନ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। କାରଣ ଅକ୍ସିଜେନର ଅପଚୟ ଜରୁରୀ ଆବଶ୍ୟକତା ଥିବା ଜଣେ ରୋଗୀଙ୍କୁ ସେଥିରୁ ବଞ୍ଚିତ କରିବ ବୋଲି ଡ. ନରେଶ କହିଛନ୍ତି। ସେହିପରି ଜ୍ୱର, କାଶ, ଥଣ୍ଡା, ଦେହ ବିନ୍ଧା, ବାନ୍ତି ହେବା ଏବଂ ହଜମ ନ ହେବା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ କୋଭିଡ୍ ପରୀକ୍ଷା କରାଇ ନେବାକୁ ଡ. ଦେବୀ ସେଚ୍ଚି କହିଛନ୍ତି। ପଜିଟିଭ୍ ଚିହ୍ନଟ ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହୁଅନ୍ତୁ। ଲକ୍ଷଣ ନ ଥାଇ ପଜିଟିଭ୍ ଚିହ୍ନଟ ହେଲେ ଆଇସୋଲେଶନରେ ରହିବା ସହ ମାସ୍କ ପିନ୍ଧିବା ଏବଂ ପ୍ରତି ୬ ଘଣ୍ଟାରେ ଅକ୍ସିଜେନ୍ ସ୍ତର ମାପିବା ଲାଗି ପରାମର୍ଶ ଦିଆଯାଇଛି। ଅକ୍ସିଜେନ୍ ସ୍ତର ୯୪ରୁ ଅଧିକ ଥିଲେ ସମସ୍ୟା ନାହିଁ। ଏହାଠାରୁ କମ୍ ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି।

### ଟିକା ପରେ ମଧ ମାସ୍କ ଜରୁରୀ

### ରେମ୍‌ଡେସିଭିର ଖୁବ୍ କମ୍ ରୋଗୀଙ୍କ ପାଇଁ ଆବଶ୍ୟକ

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜ ହୁଁ ତ ଏଡ଼େ**
**ବୁଦ୍ଧି ପଶିଗଲେ ତୁ ହେବୁ କେଡ଼େ।**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କମ୍ ବୟସରେ ଯିଏ ଉଦ୍ଧୁବାର୍ଯ୍ୟ ହେଉଛି, ଆଗକୁ ସିଏ କ'ଣ ନ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ସେରକ ଯେ ପରକୁ ଦିଏ**
**ତା' ମୁଣ୍ଡଟା ପୋଡ୍ରୁ।**

ନିଜର ଅଧିକାର ପରକୁ ଦେବା କୌଣସି ପରିସ୍ଥିତିରେ ଉଚିତ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ନିଜର ଧନ ତଥା ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଜାତୀୟ ଜରୁରୀ...

କେନ୍ଦ୍ର ସରକାର ସମସ୍ତ ଉତ୍ସରୁ ଅକ୍ସିଜେନ ଆଣୁଛନ୍ତି। ବେଦାନ୍ତ ଉକ୍ତ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବାକୁ ଚାହୁଁଛି। କିନ୍ତୁ ଏହି କମ୍ପାନୀକୁ କେବଳ ସ୍ୱାସ୍ଥ୍ୟରକ୍ଷା ଲାଗି ଉଦ୍ଦିଷ୍ଟ ଅକ୍ସିଜେନ ଉତ୍ପାଦନ ପାଇଁ ଅନୁମତି ଦିଆଯାଉ। ପରିବେଶ ସୁରକ୍ଷା ଓ ଜୀବନ ରକ୍ଷା ମଧ୍ୟରୁ ଆମେ ମଣିଷ ଜୀବନର ରକ୍ଷାକୁ ପ୍ରାଧାନ୍ୟ ଦେବା ଉଚିତ। ପ୍ରକାଶ ଯେ, କୋଭିଡ୍ ସଂକ୍ରମଣକୁ ନେଇ ଦେଶରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ପୂର୍ବରୁ ଦିଲ୍ଲୀ, ବମ୍ବେ, ସିକିମ, ମଧ୍ୟପ୍ରଦେଶ, କାଲକାଟା ଓ ଆଲ୍ଲାହାବାଦ ହାଇକୋର୍ଟ ସମ୍ପୃକ୍ତ ରାଜ୍ୟଗୁଡ଼ିକର ବ୍ୟାପାରରେ ହସ୍ତକ୍ଷେପ କରିସାରିଛନ୍ତି। ଉକ୍ତ ହାଇକୋର୍ଟଗୁଡ଼ିକର ରାୟକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରାଯାଉଥିବା ଦର୍ଶାଇ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାର ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ପଶ୍ଚିମବଙ୍ଗରୁ ଆସିଲେ...

ବାଧ୍ୟତାମୂଳକ ଭାବେ ଅସ୍ଥାୟୀ ମେଡିକାଲ ସେଣ୍ଟର(ଟିଏମ୍‌ସି)ରେ କ୍ୱାରାଣ୍ଟାଇନରେ ରହିବେ। ଏଥିସହିତ ପଶ୍ଚିମବଙ୍ଗରୁ ଭୁବନେଶ୍ୱର କିମ୍ବା ଝାରସୁଗୁଡ଼ା ବିମାନବନ୍ଦର ଦେଇ ଆସୁଥିବା ଯାତ୍ରୀମାନେ ମଧ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଯେଉଁ ବ୍ୟକ୍ତିମାନେ ଦୁଇଟି ଟିକା ନେଇଥିବା ସାର୍ଟିଫିକେଟ ଦେଖାଇବେ କିମ୍ବା ୪୮ ଘଣ୍ଟା ମଧ୍ୟରେ ଆରଟି-ପିସିଆର ଟେଷ୍ଟ ନେଗେଟିଭ ରିପୋର୍ଟ ଦେଖାଇବେ ସେମାନଙ୍କୁ ନିଜ ଘରେ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବାକୁ ଅନୁମତି ଦିଆଯିବ। ଘରେ ରହିବା ବେଳେ ଯଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନକୁ ଠିକ୍ ଭାବେ ପାଳନ ନ କରିବେ ତେବେ ତାଙ୍କୁ ୧୪ ଦିନ ପାଇଁ ଟିଏମ୍‌ସିରେ ରହିବାକୁ ପଡ଼ିବ। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଟିଏମ୍‌ସିରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସରପଞ୍ଚ, ୱାର୍ଡମେମ୍ବର ଏବଂ ସ୍ୱେଚ୍ଛାସେବୀମାନେ ଏ ନେଇ ସଚେତନତା ସୃଷ୍ଟି କରିବା ସହ ୧୪ ଦିନ କ୍ୱାରାଣ୍ଟାଇନରେ ରହି ନ ଥିବା ପଶ୍ଚିମବଙ୍ଗ ଫେରନ୍ତାଙ୍କ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଜଣାଇବେ।

### କୋଭିଡ୍ ଯୁଦ୍ଧରେ...

ମହାରାଷ୍ଟ୍ରକୁ ଅକ୍ସିଜେନ ଯୋଗାଇବା ଲାଗି ନେଇଥିବା ପଦକ୍ଷେପ ପାଇଁ ଠାକ୍‌ରେ ନବୀନଙ୍କୁ ଧନ୍ୟବାଦ ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ହୁ ହୁ ହୋଇ ବଢ଼ିଚାଲିଛି। ମହାରାଷ୍ଟ୍ର, ଦିଲ୍ଲୀ, ଉତ୍ତରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟରେ ପରିସ୍ଥିତି ବିସ୍ଫୋରକ ରୂପ ନେଇଛି। ଗୁରୁତର ରୋଗୀଙ୍କୁ ବଞ୍ଚାଇବା ଲାଗି ବହୁ ପରିମାଣ ଅକ୍ସିଜେନର ଆବଶ୍ୟକତା ରହିଛି। ଏହି ଅଭାବକୁ ପୂରଣ କରିବାକୁ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛନ୍ତି।

### ଦୈନିକ ସଂକ୍ରମଣରେ...

ମହାରାଷ୍ଟ୍ର (୬୭,୪୬୮), ଉତ୍ତରପ୍ରଦେଶ (୩୩,୧୦୬), ଦିଲ୍ଲୀ (୨୪,୬୩୮), କର୍ଣ୍ଣାଟକ (୨୩,୫୫୮) ଏବଂ କେରଳ (୨୨,୪୧୪)। ଉକ୍ତ ୫ ରାଜ୍ୟରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ଦେଶରେ ଦୈନିକ ସଂକ୍ରମଣର ୫୪.୩୮ ପ୍ରତିଶତ। ଗୁରୁବାର ସୁଦ୍ଧା ଦେଶରେ ୧୩,୨୩,୩୦,୬୪୪ କୋଭିଡ୍ ଟିକା ଦିଆଗଲାଣି। ସେଥିରୁ ୧୧,୩୧,୪୭,୫୯୬ ଜଣ ପ୍ରଥମ ଡୋଜ୍ ନେଇଥିବାବେଳେ ୧,୯୧,୮୩,୦୪୮ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି।


# classifieds Everyday
0674-2580101, 2549302

**real estate**

**SALE**

Ready to move 4BHK Flat Sale near Aiginia, Patrapada, BBSR. All amenities are available in this Society. Cost@95 Lac. Contact: 9938867397. D-20560

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ – 9937111658, 7381029351 (limited plots). D-70816

3BHK duplex, Gudiapokhari, Bhubaneswar. 1km from NH, Bank Finance, low price. Gated community. 8217477600. D-70587

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

1550sqft. plot for sale near Sai Mandir, Tankapani road, Bhubaneswar. 9861037729, 9040337729. D-20554

1200sqft. gharabari boundary plot 30ft. road Gudiapokhari 8,00,000/-Rangabazar 10,00,000/-, 8455094875. D-70828

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**automobile**

**SALE**

Vehicle for Sale as is where is basis to be read as - Loan No., - Model - Registration No. OCB00416L-EICHER PRO 1110 19 FT HSD BS IV - OD02AH0752. OCB00208L-AL ECOMET 1212-OD02AJ7101. Contact: Indusind Bank Ltd. (CFD), Mob.: 7752000111. D-20575

**to-let**

Premium fully furnished 5BHK Duplex with Servantroom with AC, TV, Fridge, Washing Machine, Geyser, Water Purifier, Sofa, Bes, Matress, Generator, Invertor, EPABX, Internet rent near Fire Station Square, Baramunda, Bhubaneswar. Suitable for Guest House or Company lease. Contact: 9937097791. D-70844

**healthcare**

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Ayurvedic full body massage by experienced (M/F) therapist. 9861193818, 8018656899. D-59986

Newly open full body massage ladies and gents. 9040900385. D-69547

Swarna SPA newly open positively health benefits with expert therapist. 9556978408. D-70588

Refreshing your mind your body with the best therapy at Lotus Spa. 9801811949. D-70448

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

Newly open Spa offer @599/-, positively health benefits, Jaydevbihar. 7846814019. D-59988

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆତ୍ମୀୟଙ୍କ ଗହଣରେ ମନର ଦୁଃଖକୁ ସାମୟିକ ପାସୋରି ଦେବେ। ଦ୍ୱିତୀୟଭାବରେ ଏକାଧିକ ଗ୍ରହ ବାକ୍‌ସଂଯମ ଅଭାବରୁ ସମସ୍ୟା ସୃଷ୍ଟି କରିପାରେ। କଳା, ସାହିତ୍ୟ, ଗବେଷଣା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରୁ ଲାଭବାନ ହେବେ। ସାୟାହ୍ନେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି।

**ବୃଷ**
ଚତୁଃଗ୍ରହଯୋଗ କାରଣରୁ କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ଆସିବ। ଶନି ଦୃଷ୍ଟିରୁ ଅପେକ୍ଷା କରିଥିବା କାମ ବିଳମ୍ବରେ ହେବ। କୌଣସି ବନ୍ଧୁଙ୍କ ପ୍ରତ୍ୟାଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ନିଜର କଳାକୃତି ଓ କୃତିତ୍ୱ ହେତୁ ବନ୍ଧୁମହଲରେ ସମ୍ମାନିତ ହେବେ।

**ମିଥୁନ**
କିଛି ପାଇବାର ଅଭିଳାଷ ନେଇ ମାନସିକ ସ୍ତରରେ ଉତ୍ସୁକତା ଅନୁଭବ କରିବେ। ସାମାଜିକ ସ୍ତରରେ ପୁରସ୍କୃତ କିମ୍ବା ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଆପଣଙ୍କ ଭାଗ୍ୟରେ ଜୁଟିବ। କିନ୍ତୁ ମଙ୍ଗଳଙ୍କ ପ୍ରଭାବରେ ରୁକ୍ଷ ଓ କଠୋରକଥା ପରିସ୍ଥିତିକୁ ଗୋଳମାଳିଆ କରିଦେଇପାରେ। ବ୍ୟବସାୟିକସ୍ଥିତି ପ୍ରାୟତଃ ବହୁତ ଭଲ ରହିବ।

**କର୍କଟ**
ପାରିବାରିକ ବ୍ୟତିକ୍ରମକୁ ସହୃଦୟତାର ସହ ଗ୍ରହଣ କରିବାକୁ ପ୍ରେରଣା ଦେବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି। ଲେଖାପଢା, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତି, ଧାର୍ମିକ ତଥା ଆନୁଷ୍ଠାନିକ କାମରେ ଲକ୍ଷ୍ୟ ପୂରଣ ହେବ। ଆଜି ବନ୍ଧୁମାନଙ୍କ ଗହଣରେ ଅଧିକାଂଶ ସମୟ ଅତିବାହିତ କରିବେ।

**ସିଂହ**
ଆଜି ଧର୍ମକାର୍ଯ୍ୟ,ବନ୍ଧୁମିଳନ,ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ରାଜନୀତି, ଆଇନ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। କିନ୍ତୁ ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ଯାହା ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା**
ଆଜି ଅଧିକାଂଶ ସମୟ ଆଶା ଓ ଆଶଙ୍କା ମଧ୍ୟରେ ବିଶ୍ରାମହୀନ କାମ କରିବାକୁ ପଡିପାରେ। ଅନ୍ୟମାନଙ୍କ ମନ ଧରି ଯେତେ କାମ କଲେ ମଧ ସେମାନଙ୍କୁ ସନ୍ତୁଷ୍ଟ କରି ହେବ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହନିର୍ମାଣ, ଜମି କିଣାବିକା, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ।

**ତୁଳା**
ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଏକ ପ୍ରକାର ଭଲରେ ଅତିବାହିତ ହେବ। ନୂତନ କର୍ମାରମ୍ଭ, ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ସାହାହ୍ନେ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା**
ଆଳସ୍ୟ ଓ ଅବହେଳାରୁ କେଉଁ କାମ ଶୃଙ୍ଖଳିତ ହେବ ନାହିଁ। କେତୁ ଆପଣଙ୍କ ନିଷ୍ପତ୍ତିକୁ ସୁନିୟନ୍ତ୍ରିତ କରିବାରେ ବିଫଳ କରିଦେଇପାରନ୍ତି। ପିଲାଙ୍କର କେତେକ ବ୍ୟତିକ୍ରମ ଓ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଅବଶ୍ୟ ମାଙ୍ଗଳିକ କାମ, ଅତିଥି ଚର୍ଚ୍ଚା ଓ ବ୍ୟବସାୟିକ ସଫଳତା ହେତୁ କେତେକାଂଶରେ ଉପକୃତ ହେବେ।

**ଧନୁ**
ନିଜ ଲୋକମାନେ ଦୂରେଇ ଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ଶନିଙ୍କ ସ୍ଥିତିଜନିତ ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ। ଆର୍ଥିକ ସ୍ଥିତି କୌଣସି ପରିସ୍ଥିତିରେ ମଧ ପ୍ରଭାବିତ ହେବ ନାହିଁ। କୌଣସି ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମ ହାସଲ କରିବେ।

**ମକର**
କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡିପାରେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦିନଟି ପ୍ରତିକୂଳ ପ୍ରଭାବ ପକାଇବ।

**କୁମ୍ଭ**
ଆଜି ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରକାଶନ, ପ୍ରଶାସନ, ଆଇନ, କଳା, ସାହିତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରୁ ପ୍ରଶଂସିତ ହେବେ। ଯାନ୍ତ୍ରିକ ଜିନିଷ, ବିଳାସ ବସ୍ତୁ, ଯାନବାହନ ପ୍ରଭୃତି ପାଇଁ ମନ ବଳାଇବେ। ବନ୍ଧୁ ମିଳନ, ମାଙ୍ଗଳିକ କାର୍ଯ୍ୟରେ ନିଜକୁ ସହଭାଗିତା କରାଇପାରନ୍ତି।

**ମୀନ**
ଆଜି ଅର୍ଥ, ସମ୍ମାନ, ମାନସିକ ସୁସ୍ଥତା, ବନ୍ଧୁଙ୍କ ସହୃଦୟତା ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଶୁଭେଚ୍ଛୁମାନେ ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଯାନବାହନ, ତର୍କବିତର୍କରେ ସତର୍କ ରହିବା ଭଲ ହେବ।

ଆଜି ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା ଏକାଦଶୀ ଶୁକ୍ରବାର। ଏପ୍ରିଲ ୨୩ ତାରିଖ, ବିଶ୍ୱ ପୁସ୍ତକ ଦିବସ, ବିଶ୍ୱ କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୬ମି. ଗତେ ଘ.୦୬.୧୭ମି. ମଧ୍ୟେ, ଘ.୦୭.୦୭ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୨.୧୦ମି. ଗତେ ଘ.୦୨.୪୮ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୯.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୦ମି. ଗତେ ଘ.୧୧.୪୫ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଅକ୍ସିଜେନ୍ ଗାଡ଼ି ପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡ଼ର

ଭୁବନେଶ୍ୱର,୨୨।୪(ବ୍ୟୁରୋ): ଦେଶରେ କରୋନା ସଂକ୍ରମଣର ଭୟାବହତା ଲାଗି ରହିଥିବାବେଳେ ବିଭିନ୍ନ ରାଜ୍ୟରେ ଅକ୍ସିଜେନ ଅଭାବ ଦେଖାଯାଇଛି। ତେଣୁ ରାଜ୍ୟ ତଥା ରାଜ୍ୟ ଦେଇ ବାହାରକୁ ଅକ୍ସିଜେନ୍ ନେଇ ଯାଉଥିବା ଗାଡ଼ିଗୁଡିକର ଯାତାୟତରେ ଯେମିତି କିଛି ଅସୁବିଧା ନ ଉପୁଜିବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି। ଅତିରିକ୍ତ ଡିଜି (ଆଇନଶୃଙ୍ଖଳା) ୱାଇ୍. କେ. ଜେଠୱା ଏହାର ନୋଡାଲ ଅଫିସର ଅଛନ୍ତି। ଅକ୍ସିଜେନ୍ ନେଇ ଯାଉଥିବା ଗାଡ଼ିଗୁଡ଼ିକର ସହଜ ଯାତାୟତ ପାଇଁ ଏକ ସ୍ୱତନ୍ତ୍ର ଗ୍ରୀନ୍ କରିଡ଼ର କରାଯିବ। ଆବଶ୍ୟକ ପଡ଼ିଲେ ଅକ୍ସିଜେନ୍ ଗାଡ଼ିଗୁଡ଼ିକୁ ପୋଲିସ ଏସ୍କର୍ଟ ଯୋଗାଇ ଦିଆଯିବ। ପ୍ରତ୍ୟେକ ଜିଲାର ଏସ୍‌ପି, କମିଶନରେଟ୍ ପୋଲିସରେ ଡିସିପି, ରେଞ୍ଜ ଡିଆଇଜି, ଆଇଜି, ସିପି ନିଜ ସୀମାନ୍ତରେ ଏହାର ସୁପରଭାଇଜ କରିବେ ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଗୁରୁବାର ସୂଚନା ଦିଆଯାଇଛି।

### ପୋଲିସ କର୍ମଚାରୀଙ୍କ ଉନ୍ମତ୍ତ କାଣ୍ଡ

ବଲାଙ୍ଗୀର ଅଫିସ, ୨୨।୪

ବଲାଙ୍ଗୀର ସହରରେ ଗୁରୁବାର ତିନିଜଣ ପୋଲିସ କନ୍‌ଷ୍ଟେବଲଙ୍କ ଉନ୍ମତ୍ତ କାଣ୍ଡକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବାହ୍ନରେ ତିନି କନଷ୍ଟେବଲ ଏକ କାର୍‌ରେ ବସି ବେପରୁଆ ଗାଡ଼ି ଚାଳନା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଭାଗିରଥି ଛକରେ କେତେକ ଲୋକ ସେମାନଙ୍କୁ ଅଟକାଇ ଥିଲେ। ସେମାନେ ମାସ୍କ ପିନ୍ଧି ନ ଥିବା ଦେଖି ପ୍ରତିବାଦ କରିଥିଲେ। ଏପରିକି ନିଶାସକ୍ତ ଥିବା ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ କଥାକୁ ହେୟଜ୍ଞାନ କରିବାରୁ ଲୋକେ ପିସିଆର ଟିମ୍‌କୁ ଡକାଇଥିଲେ। ତିନିଜଣ ଯାକ ପୋଲିସ କର୍ମଚାରୀ ଜଣାପଡିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୋଲିସ ପିସିଆର ଟିମ୍ ସେମାନଙ୍କୁ ଟାଉନ୍ ଥାନାକୁ ନେଇ ମାସ୍କ ପିନ୍ଧି ନ ଥିବାରୁ ଜରିମାନା କରିଛି।

# ଧାର ଟଙ୍କା ମାଗିବାରୁ ହତ୍ୟା

**ଝରାଫୁଲ ମୃତ୍ୟୁ ରହସ୍ୟ ଉପରୁ ହଟିଲା ପରଦା**

- ୩ୟ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ
- ସ୍କୁଟି କିଣିବାକୁ ରାକେଶଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ

ରସୁଲପୁର/ଯାଜପୁର ଟାଉନ,୨୨।୪(ଡି.ଏନ.ଏ.)

ବହୁଚର୍ଚ୍ଚିତ ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିଛି। ଘଟଣାର ୮୫ଦିନ ପରେ ଝରାଫୁଲଙ୍କୁ ହତ୍ୟା କରାଯାଇଛି ବୋଲି ଗୁରୁବାର ପୋଲିସ ସ୍ପଷ୍ଟ କରିଛି। ଝରାଫୁଲ ତାଙ୍କ ପ୍ରେମିକ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ରାକେଶ ସ୍ୱାଇଁଙ୍କୁ ସ୍କୁଟି କିଣିବାକୁ ଧାର ଦେଇଥିବା ପ୍ରାୟ ୩୦ ହଜାର ଟଙ୍କା ମାଗିଥିଲେ। ମାତ୍ର ରାକେଶ ତାଙ୍କୁ ଟଙ୍କା ନ ଦେଇ ହୋଟେଲରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଯାଜପୁର ଏସ୍‌ପି ରାହୁଲ୍ ପି.ଆର୍. ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବୁଧବାର ରାତିରେ ଗିରଫ ହୋଇଥିବା ୩ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

ଏସ୍‌ପି କହିଛନ୍ତି, ଘଟଣାଦିନ ଅର୍ଥାତ୍ ଜାନୁୟାରୀ ୨୬ରେ ଭୁବନେଶ୍ୱରସ୍ଥିତ ଓୟୋ ଗେଷ୍ଟ ହାଉସରେ ଝରାଫୁଲଙ୍କୁ ରାକେଶ ଜୋରଜବରଦସ୍ତ ନିଶାଦ୍ରବ୍ୟ ପିଆଇ ଥିଲେ। ସେ ବେହୋସ ହୋଇଯିବା ପରେ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ରାକେଶ ଏକାକୀ ଝରାଫୁଲଙ୍କୁ ହତ୍ୟା କରିଥିଲେ। ମାତ୍ର ହତ୍ୟାର ପୂର୍ବ ଓ ପର ଅବସ୍ଥାରେ ପ୍ରମାଣ ନଷ୍ଟ କରିବାରେ ତାଙ୍କ ୨ଜଣ ବନ୍ଧୁ ସହଯୋଗ କରିଥିଲେ। ସେମାନେ ହେଲେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଗେଡୁ ଓରଫ୍ ଅମରେଶ ରାଉତ ଓ ସିକୁ ଓରଫ୍ ଶକ୍ତିଶେଖର ସ୍ୱାଇଁ। ପୂର୍ବରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ରାକେଶ ଓ ସହଯୋଗୀ ଅମରେଶଙ୍କୁ ପୋଲିସ ଗିରଫ କରି କୋର୍ଟଚଲାଣ କରିଥିଲା। ବୁଧବାର ରାତିରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଏସ୍‌ଆଇ ଷ୍ଟାଲିନ ବିଶ୍ୱାଳ, ସ୍ୱତନ୍ତ୍ର ସ୍କ୍ୱାଡ୍‌ର ମୁଖ୍ୟ ସେକ୍ ୟୁସଫ୍, ଯାଜପୁର ଜିଲା ପୋଲିସ ପକ୍ଷରୁ ତଦନ୍ତ ଅଧିକାରୀ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସମେତ ୫ଜଣିଆ ପୋଲିସ ଟିମ୍ ୩ୟ ଅଭିଯୁକ୍ତ ଶକ୍ତିଶେଖରଙ୍କୁ ଗିରଫ କରିଥିଲା। ଟଙ୍କପାଣି ରୋଡ୍‌ର ସାଇ ମନ୍ଦିର ନିକଟରେ ଥିବା ଏକ ନିର୍ମାଣାଧୀନ କୋଠାରୁ ସିକୁଙ୍କୁ ଗିରଫ ପରେ ଗୁରୁବାର ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ମାତ୍ର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ଶେଷ ଅଭିଯୁକ୍ତ ଭାବେ ସିକୁଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ଘଟଣା ସମ୍ପର୍କରେ ପୋଲିସ ତାଙ୍କୁ ପଚରାଉଚୁରା କରିବା ପରେ ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଦେଇଥିବା ବୟାନକୁ ସିକୁ କେବଳ ଦୋହରାଇଛନ୍ତି। ତେବେ ଭିସେରା ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତମାନଙ୍କ ବୟାନ ଆଧାରରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସିଦ୍ଧାନ୍ତରେ ପହଞ୍ଚି ପାରିଛି। ଟଙ୍କା ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏନେଇ କୁଆଖିଆ ଥାନାରେ ମାମଲା (ନଂ-୩୨/୨୧) ରୁଜୁ ହୋଇଥିଲା।



ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ଏସ୍‌ପି ।



ଗିରଫ ଅଭିଯୁକ୍ତ ଶକ୍ତିଶେଖର।



ଝରାଫୁଲ ନାୟକ

## କ'ଣ ଥିଲା ଘଟଣାକ୍ରମ...

ଜାନୁୟାରୀ ୨୦୨୦ରେ ଝରାଫୁଲଙ୍କ ସହ ରାକେଶଙ୍କ ଦେଖା ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଝରାଫୁଲଙ୍କଠାରୁ ରାକେଶ ବିଭିନ୍ନ ସମୟରେ ଟଙ୍କା ଧାର ନେଉଥିଲେ। ଏପରି କି ଏକ ସ୍କୁଟି କିଣିବା ପାଇଁ ରାକେଶ ପ୍ରାୟ ୩୦ ହଜାର ଟଙ୍କା ଧାର ନେଇଥିଲେ। ମାତ୍ର ମାର୍ଚ୍ଚରୁ ଲକ୍‌ଡାଉନ ହୋଇଯିବା ପରଠାରୁ ଉଭୟଙ୍କ ଦେଖା ହୋଇପାରୁ ନ ଥିଲା। ଝରାଫୁଲ ଫୋନ୍‌ରେ ରାକେଶଙ୍କୁ ବାରମ୍ବାର ଧାର ଟଙ୍କା ମାଗୁ ଥିଲେ। ସେ ଟଙ୍କା ଦେଉ ନ ଥିବାରୁ ଝରାଫୁଲ ରାକେଶଙ୍କ ପରିବାର ଲୋକଙ୍କୁ ଜଣାଇବେ ବୋଲି କହିଥିଲେ। ତେଣୁ ଟଙ୍କା ଦେବାକୁ ରାକେଶ ଝରାଫୁଲଙ୍କୁ ଭୁବନେଶ୍ୱର ଡକାଇଥିଲେ। ୨୦୨୧ ଜାନୁୟାରୀ ୨୪ରେ ଝରାଫୁଲ ତାଙ୍କର ଜଣେ ସାଙ୍ଗଙ୍କ ଜନ୍ମଦିନ ପାର୍ଟିରେ ଯୋଗଦେବାକୁ କହି ଘରୁ ଭୁବନେଶ୍ୱର ଆସି ବାଣୀବିହାର ଛକରେ ଓହ୍ଲାଇଥିଲେ। ରାକେଶ ତାଙ୍କୁ ନେଇ ସୁନ୍ଦରପଦା ଘରକୁ ଯାଇଥିଲେ। ସେଠାରେ ଝରାଫୁଲଙ୍କ ସହ ରାକେଶଙ୍କ ଅନ୍ୟ ଦୁଇ ବନ୍ଧୁଙ୍କର ଦେଖା ହୋଇଥିଲା। ରାକେଶ ଝରାଫୁଲଙ୍କୁ ଭଲ ପାଉଥିବା ସମ୍ପର୍କରେ ସାଙ୍ଗମାନେ ଅବଗତ ହୋଇଥିଲେ। ତେଣେ ଝରାଫୁଲ ଧାର ଦେଇଥିବା ଟଙ୍କା ପୁଣି ମାଗିଥିଲେ। ଟଙ୍କା ନ ଦେଇ ତାଙ୍କୁ ଜୀବନରୁ ମାରି ଦେବାକୁ ରାକେଶ ଯୋଜନା କରିଥିଲେ। ଦିନେ ଦୁଇଦିନରେ ସେ ଟଙ୍କା ଫେରାଇ ଦେବେ ବୋଲି କହି ଝରାଫୁଲଙ୍କୁ ସାଙ୍ଗରେ ଆଣି ତାଙ୍କ ସମ୍ପର୍କୀୟ ଚକ୍ରଧର ସାର୍‌ଙ୍କ ଘର ପାଖରେ ଛାଡ଼ି ଦେଇଥିଲେ। ସେଠାରେ ଝରାଫୁଲ ୨୪ ଓ ୨୫ ତାରିଖ ୨ଦିନ ରହିଥିଲେ।

୨୬ ତାରିଖରେ ଝରାଫୁଲ ଘରକୁ ଯିବେ ବୋଲି ଚକ୍ରଧର ସାର୍ ତାଙ୍କୁ ଆଣି ଜୟଦେବ ବିହାର ଛକରେ ବସ୍‌ରେ ବସାଇଥିଲେ। ଝରାଫୁଲ ବାଣୀବିହାର ଛକରେ ଓହ୍ଲାଇ ଟଙ୍କା ପାଇଁ ରାକେଶଙ୍କୁ ଭେଟ କରିଥିଲେ। ସେଠାରୁ ଉଭୟ ରାକେଶ ଓ ଝରାଫୁଲ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ରାକେଶଙ୍କ ସାଙ୍ଗ ଟଙ୍କା ଆଣି ଦେଲେ ସେ ତାଙ୍କୁ ଫେରାଇ ଦେବେ କହି ସମୟ ଗଡ଼ାଇ ଚାଲିଥିଲେ। ପୂର୍ବ ଯୋଜନା ମୁତାବକ ରାକେଶଙ୍କ ସାଥୀ ଅମରେଶ ରାଉତ ଭୁବନେଶ୍ୱର ଧର୍ମବିହାରସ୍ଥିତ ଓୟୋ ଗେଷ୍ଟ ହାଉସରେ ୨୦୧ ନମ୍ବର ରୁମ୍ ବୁକ୍ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଟଙ୍କା ନ ମିଳିବାରୁ ଝରାଫୁଲ ରାକେଶଙ୍କ ସହ ହୋଟେଲରେ ରାତ୍ରି ଯାପନ କରିଥିଲେ। ରାତିରେ ରାକେଶ ମଦ ସହ କିଛି ଖାଇବାକୁ ଆଣି ଦେଇଥିଲେ। ଝରାଫୁଲଙ୍କୁ ଜୋରଜବରଦସ୍ତ ମଦ ପିଆଇ ଥିଲେ। ନିଶା ହୋଇଯିବା ପରେ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ୨୭ ତାରିଖ ସକାଳେ ରାକେଶ ତାଙ୍କ ସମ୍ପର୍କୀୟ ଭାଇ ଶକ୍ତିଶେଖରଙ୍କ ସହାୟତାରେ ଝରାଫୁଲଙ୍କ ମୃତଦେହ ସ୍କୁଟିରେ ନେଇ ମୟୂରଭଞ୍ଜ ଜିଲାର ବୁଦ୍ଧେଇପୋଶି ଅଭିମୁଖେ ବାହାରିଥିଲେ। ତେବେ ମୃତଦେହ ନେବା ସମୟରେ ଜଣେ କାର ଚାଳକ ସେମାନଙ୍କୁ ଭୁବନେଶ୍ୱରର ପଳାଶୁଣୀ ଅଞ୍ଚଳରୁ ପିଛା କରିଥିଲେ। ସ୍କୁଟିରେ ବସିଥିବା ଝିଅର କ'ଣ ହୋଇଛି ବୋଲି ବାରମ୍ବାର ପଚାରିବାରୁ ସେମାନେ ମୃତଦେହକୁ ରାସ୍ତାରେ ଫୋପାଡ଼ିଦେବାକୁ ଯୋଜନା କରିଥିଲେ। ସେହି ଅନୁସାରେ ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର ଦିଆଲଖଣ୍ଡି ରାସ୍ତାକଡ଼ ବାଦାମ ବିଲରେ ମୃତଦେହ ଫୋପାଡ଼ି ଦେଇ ପଳାଇଥିଲେ। ଝରାଫୁଲଙ୍କ ମୁହଁରେ ଥିବା ନଖ ଦାଗ, ମୁହଁ ଅଂଶର କଳାଦାଗ ଆଦିରୁ ଶ୍ୱାସରୁଦ୍ଧ କରାଯାଇ ହତ୍ୟା କରାଯାଇଥିବା ନେଇ ପୋଲିସର ସନ୍ଦେହ ହୋଇଥିଲା। ଏଥିସହିତ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ବୟାନ, ହସ୍ତଗତ ହୋଇଥିବା ରିପୋର୍ଟ, ସିସିଟିଭିର ଫୁଟେଜ, ଝରାଫୁଲ ଭାଇଙ୍କ ମୋବାଇଲ ଫୋନ୍ ଓ ମୁଖ୍ୟ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ତଥ୍ୟ ଆଧାରରେ ପୋଲିସ ଉକ୍ତ ସିଦ୍ଧାନ୍ତରେ ପହଞ୍ଚିପାରିଛି। ତେବେ ସବୁ ପ୍ରମାଣ ମିଳିଥିଲେ ମଧ୍ୟ ପୋଲିସ ଝରାଫୁଲଙ୍କ ମୋବାଇଲ ଫୋନ୍ ଜବତ କରି ପାରିନାହିଁ।



ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରମାନେ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

# ଯୁକ୍ତ୨ ପରୀକ୍ଷା ବାତିଲ ଦାବିରେ ଆନ୍ଦୋଳନ

- ଲୋୟର ପିଏମ୍‌ଜିରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ
- ମନ୍ତ୍ରୀ କହିଲେ ଜୁନ୍‌ରେ ନିଷ୍ପତ୍ତି

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ମାଟ୍ରିକ ପରୀକ୍ଷା ବାତିଲ ପରେ ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଯୁକ୍ତ୨ ଛାତ୍ରୀଛାତ୍ର। ଗୁରୁବାର ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଏକାଠି ହୋଇ ବିକ୍ଷୋଭ କରିବା ସହ ପରୀକ୍ଷା ବାତିଲ ପାଇଁ ଦାବି କରିଛନ୍ତି। ଏବେ ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ୁଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ଭଳି ଯୁକ୍ତ୨ ପରୀକ୍ଷା ବାତିଲ କରାଯାଉ ବୋଲି ସେମାନେ କହିଛନ୍ତି। ତେବେ ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି, ପିଲାମାନେ ମାଟ୍ରିକ ପରୀକ୍ଷା ନ ଦିଅନ୍ତୁ କିମ୍ବା ପରୀକ୍ଷା ବନ୍ଦ ହୋଇଯାଉ ବୋଲି ରାଜ୍ୟ ସରକାରଙ୍କ ଇଚ୍ଛା ନ ଥିଲା। ପରୀକ୍ଷା କରାଇବା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କିନ୍ତୁ ଅବସ୍ଥା ଏପରି ହେଲା ଆମେ ପରୀକ୍ଷା ବନ୍ଦ ଲାଗି ବାଧ୍ୟ ହେଲୁ। କିନ୍ତୁ ଯୁକ୍ତ୨ ପିଲା ପାଠପଢ଼ାରେ ମନୋନିବେଶ କରନ୍ତୁ। ଜୁନ୍‌ରେ ସ୍ଥିତି ଦେଖି ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେଣୁ ଜୁନ୍ ପର୍ଯ୍ୟନ୍ତ ସେମାନେ ପାଠ ପଢ଼ିବା ଦରକାର। ତାଙ୍କ ପାଠ ତାଙ୍କ ନିକଟରେ ରହିବ। କେହି ନେଇ ଯିବେ ନାହିଁ। ବିଭାଗ ପକ୍ଷରୁ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ। ଏହାବ୍ୟତୀତ ଯୁକ୍ତ୨ ଛାତ୍ରୀଛାତ୍ର ଦଶମ ପିଲାଙ୍କଠାରୁ ବୟସରେ ବଡ଼। ତେଣୁ ସେମାନେ ପରୀକ୍ଷା ବାତିଲ ଦାବି ନ କରି ପାଠପଢ଼ାରେ ମନୋନିବେଶ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ ପରୀକ୍ଷା ବାତିଲ ଦାବିରେ ମଙ୍ଗଳବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବୁଧବାର କରୋନାକୁ ଦୃଷ୍ଟିରେ ରଖି ମେ' ୩ରେ ହେବାକୁ ଥିବା ମାଟ୍ରିକ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ ଘୋଷଣା କରିଥିଲେ।






# ଶ୍ମଶାନରେ ମୃତଦେହ ଛାଡ଼ି ପଳାଇଲେ

- କୋଭିଡ୍ ସଂକ୍ରମଣରେ ମୃତ ବ୍ୟକ୍ତିଙ୍କୁ ଅସମ୍ମାନ
- ୪ ଘଣ୍ଟା ପରେ ପରିବାର ଲୋକେ କଲେ ଅନ୍ତିମ ସଂସ୍କାର
- ମେଡିକାଲ, ମ୍ୟୁନିସିପାଲିଟି କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ସମାଲୋଚନା

ବଲାଙ୍ଗୀର ଅଫିସ, ୨୨।୪

କରୋନା ସଂକ୍ରମଣରେ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ କରାଯିବା ନିର୍ଦ୍ଦେଶ ରହିଥିଲେ ମଧ୍ୟ ବଲାଙ୍ଗୀର ପ୍ରଶାସନ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଗୁରୁବାର ବଲାଙ୍ଗୀର ସହରର ଜଣେ କୋଭିଡ୍ ସଂକ୍ରମିତଙ୍କୁ ସମ୍ମାନର ସହ ଅନ୍ତିମ ସଂସ୍କାର ସୁଯୋଗ ମଧ୍ୟ ମିଳି ନ ଥିବା ଅଭିଯୋଗ ହୋଇଛି । ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହକୁ ଶ୍ମଶାନରେ ଛାଡି ପଳାଇ ଯାଇଥିବା ଅଭିଯୋଗ କରାଯାଇଛି । ଦୀର୍ଘ ସମୟ ଧରି ମ୍ୟୁନିସିପାଲିଟି କର୍ମଚାରୀ ସେଠାକୁ ନ ଆସିବାରୁ ଶେଷରେ ପରିବାର ଲୋକେ କୋଭିଡ୍ ସଂକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯିବା ପରେ ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମ୍ୟୁନିସିପାଲିଟି ଓ ମେଡିକାଲ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ସବୁ ମହଲରୁ ସମାଲୋଚନା କରାଯାଇଛି । ଦୁଇଦିନ ତଳେ ବଲାଙ୍ଗୀର ସହର ପ୍ରତାପସାଗରପଡ଼ାର ବ୍ୟବସାୟୀ ଦୟାନିଧି ମିଶ୍ର ଅସୁସ୍ଥ ହୋଇପଡିଥିଲେ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁଧବାର ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୋର ୪ଟାରେ ମେଡିକାଲ କଲେଜ ହସ୍ପିଟାଲ କର୍ମଚାରୀ ମିଶ୍ରଙ୍କ ମୃତଦେହକୁ ବଲାଙ୍ଗୀର ଇଡ୍‌କୋ ଶିଳ୍ପାଞ୍ଚଳ ନିକଟ ରାସ୍ତାକଡ ଶ୍ମଶାନରେ ଛାଡିଦେଇ ସେଠାରୁ ପଳାଇଥିଲେ। ପରିବାରର ଜଣେ ମାତ୍ର ସଦସ୍ୟ ଦୀର୍ଘ ୪ ଘଣ୍ଟା ଧରି ଶ୍ମଶାନରେ ଜଗିବା ପରେ ମଧ୍ୟ ମ୍ୟୁନିସିପାଲିଟି କର୍ମଚାରୀ କିମ୍ବା ଅନ୍ୟ କେହି ଆସି ନ ଥିଲେ। ଶେଷରେ ବାଧହୋଇ ପରିବାର ଲୋକେ କୋଭିଡ୍ ସଂକ୍ରମଣରେ ମୃତବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରିଥିଲେ। ଏ ନେଇ ମ୍ୟୁନିସିପାଲିଟି ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ସହ ଉକ୍ତ ଶ୍ମଶାନକୁ ଯାଇଥିଲି। ତେବେ ସେତେବେଳକୁ ପରିବାର ଲୋକେ ଅନ୍ତିମ ସଂସ୍କାର କରିସାରିଥିବା ସେ କହିଛନ୍ତି ।



ବଲାଙ୍ଗୀର ଶ୍ମଶାନରେ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ରଖି ମେଡିକାଲ କର୍ମଚାରୀମାନେ ପଳାଇ ଯାଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore , Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# ସବୁଜ ଉପଭୋକ୍ତା ଟିକସ



ମାର୍କ କ୍ଲିଫେ

କରୋନାଜନିତ ପରିସ୍ଥିତିରୁ ମୁକୁଳିବା ପାଇଁ ସରକାର ଅନେକ ସୁନ୍ଦର ଓ ସବୁଜ ତଥା ସର୍ବଗ୍ରାହୀ ରାସ୍ତା ଖୋଜୁଛନ୍ତି। ଏଥିପାଇଁ ଆରମ୍ଭ କରିଛନ୍ତି 'ବିଲ୍ଡ ବ୍ୟାକ୍ ବେଟର' ସ୍ଲୋଗାନ୍। ପରିବେଶ ଓ ପ୍ରକୃତିଗତ ବିଭିନ୍ନ ଚ୍ୟାଲେଞ୍ଜର ମୁକାବିଲା ତଥା ଉପେକ୍ଷିତ ବର୍ଗ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ବର୍ତ୍ତମାନ ପର୍ଯ୍ୟନ୍ତ ନୀତି ନିର୍ଦ୍ଧାରକମାନେ ଅଧିକରୁ ଅଧିକ ସରକାରୀ ଖର୍ଚ୍ଚ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଆର୍ଥିକ ରୁଢ଼ିବାଦୀମାନେ ଚିନ୍ତିତ ଯେ ଆର୍ଥିକ ନିଅଣ୍ଟିଆର ବର୍ଦ୍ଧିତ ଜୁଆରରେ ଅର୍ଥବ୍ୟବସ୍ଥା ଋଣରେ ବୁଡ଼ିଯିବ ଆଉ ଅର୍ଥନୈତିକ ବଜାର ଅନେକ ପଛକୁ ଚାଲିଯିବ। ଏଯାଏଁ ମହାମାରୀର ପ୍ରକୋପ ସରିନାହିଁ। ସେପଟେ ରାଜନେତାମାନେ ଟିକସ ବୃଦ୍ଧି କରି ଉତ୍ସାହ ଉପରେ ପାଣି ପକେଇ ଦେଇ ପାରନ୍ତି। ସାମାଜିକ ସ୍ଥାୟୀ ପରିବର୍ତ୍ତନ ରାଜସ୍ୱ କ୍ଷେତ୍ରରେ କିଛିଟା ସଂସ୍କାର ଓ ସ୍ଥିରତା ଆଣିବ ବୋଲି ସେମାନେ ଦାବି କରିବାକୁ ଚାହିଁବେ। କିନ୍ତୁ ବର୍ତ୍ତମାନ ପାଇଁ ଟିକସ କେତେ ରହିବ ତା'ତୁଳନାରେ କେଉଁ କେଉଁ ଟିକସ ମିଶିକରି ରହିବ ତାକୁ ନେଇ ବିତର୍କ ଜୋର ଧରିଛି। ଉଚ୍ଚ ନୁହେଁ ସ୍ମାର୍ଟ ଟିକସ ଉପରେ ଆଲୋଚନା ଚାଲିଛି। ଏବେ ଶ୍ରମ ଉପରେ ଟିକସ ଜାରି ନ କରି ସଂସାଧନ ବ୍ୟବହାର ଉପରେ ଟିକସ ଜାରି କରିବା ହେଉଛି ଏହାର ଚାବିକାଠି। ତେଣୁ ନୀତି ନିର୍ଦ୍ଧାରକମାନେ ସଂସାଧନ କୈନ୍ଦ୍ରିକ ସାମଗ୍ରୀ ଉପରେ ପ୍ରଗତିଶୀଳ ଓ ଉପଭୋକ୍ତା ଟିକସ ଲଗାଇବା ସମ୍ପର୍କରେ ବିଚାର କରିବା ଉଚିତ।

ଏହା କୌଣସି ନୂଆ ବାଟ ନୁହେଁ। ଅର୍ଥନୀତିଜ୍ଞମାନେ ଏସମ୍ପର୍କରେ ଦୀର୍ଘକାଳରୁ ଆଲୋଚନା କରି ଆସୁଛନ୍ତି ଯେ ସଂସାଧନ ଉପଯୋଗ ଉପରେ ଟିକସ ବଢାଇ ଆୟକର ହ୍ରାସ ଜନିତ କ୍ଷତି ଭରଣା କରାଯାଇପାରିବ। ଏପରି ହେଲେ ପରିବେଶଜନିତ କ୍ଷତି ସମତୁଲ ହୋଇପାରିବ। ଏପରି ଟିକସ ଦ୍ୱାରା ପ୍ରଦୂଷଣକାରୀଙ୍କୁ ସମାଜର କ୍ଷତି କରୁଥିବା ଲାଗି ଦଣ୍ଡିତ କରାଯାଇପାରିବ। କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଏହି ପ୍ରସ୍ତାବ ସବୁକୁ ନ୍ୟସ୍ତ ସ୍ୱାର୍ଥ କାରଣରୁ ଅଣଦେଖା କରାଯାଉଛି। ଆମେ ମହାମାରୀଜନିତ ଅନେକ ବାଧାବିଘ୍ନରୁ ମୁକୁଳିବାକୁ ଚାହୁଁଛେ। ଏଥିଲାଗି ଆମେ ଅନେକ ସରକାରୀ ପଦକ୍ଷେପ, ବିଜ୍‌ନେସ୍ ମଡେଲ ଓ ଆମର ବ୍ୟକ୍ତିଗତ ଜୀବନଶୈଳୀକୁ ନୂଆ ଦୃଷ୍ଟିଭଙ୍ଗୀ ନେଇ ଦେଖୁଛେ। ତେବେ ପରିବର୍ତ୍ତନ ଲାଗି ପ୍ରକୃତ ଅବସର ଆସିଛି।

ବିଶ୍ୱ ତାପନର ମୁକାବିଲା ଲାଗି ଏକ ପ୍ରଭାବୀ ଉପାୟ ରହିଛି। ଏଥିରେ ଅଙ୍ଗାରକାମ୍ଳ ନିର୍ଗମନ ଉପରେ କାର୍ବନ ଟିକସ ଲାଗୁ କରିବାକୁ ହେବ। ତା'ଛଡା ବ୍ୟବସାୟ ଯୋଗ୍ୟ ନିର୍ଗମନ ସୀମାକୁ ନିୟନ୍ତ୍ରିତ କରିବାକୁ ପଡ଼ିବ। ଏସବୁ ବାଦ୍ ଜୀବାଶ୍ମ ଜାଳେଣି ଉପରେ ଦିଆଯାଉଥିବା ସବ୍‌ସିଡିକୁ ଧୀରେ ଧୀରେ ଶେଷ କରିବାକୁ ହେବ। ଆସନ୍ତା ନଭେମ୍ବରରେ ଗ୍ଲାସ୍‌ଗୋରେ ହେବାକୁ ଥିବା ମିଳିତ ଜାତିସଂଘ COP26 ପରିବେଶ ସମ୍ମିଳନୀ ପୂର୍ବରୁ ଏସମ୍ପର୍କରେ ନିଶ୍ଚୟ ଚର୍ଚ୍ଚା ଆଲୋଚନା ଜୋର ଧରିବ। କିନ୍ତୁ 'ବିଲ୍ଡ ବ୍ୟାକ୍ ବେଟର' ଏଜେଣ୍ଡା ଯାହା ଜୀବାଶ୍ମ ଜାଳେଣିରୁ ଅକ୍ଷୟ ଶକ୍ତି ଆଡକୁ ପରିବର୍ତ୍ତନ କରିବା ଲାଗି ଆଗେଇଛି ତାହା ସମ୍ମୁଖରେ ରହିଛି ସବୁଠୁ ବଡ଼ ପରିବେଶଗତ ଓ ସାମାଜିକ ଚ୍ୟାଲେଞ୍ଜ । ଏଥିପାଇଁ ସବୁଜ ଉପଭୋକ୍ତା ଟିକସ କଥା ସାମ୍ନାକୁ ଆସୁଛି।

କାର୍ବନ ପ୍ରାଇସିଂ କାର୍ବନ ପ୍ରଦୂଷଣକାରୀମାନଙ୍କୁ ବାୟୁମଣ୍ଡଳକୁ ନିର୍ଗମନ କରୁଥିବା ସବୁଜ ଗ୍ୟାସ ହ୍ରାସ କରିବାକୁ ଉତ୍ସାହିତ କରିବ। କାର୍ବନ ପ୍ରାଇସିଂ ଯୋଗାଣ ଚେନ୍ ସହ ସଂଯୋଜିତ ହୋଇ ସଂସାଧନ କୈନ୍ଦ୍ରିକ ସାମଗ୍ରୀ ମୂଲ୍ୟ ବୃଦ୍ଧି,ଉତ୍ପାଦନ ଓ ଉପଯୋଗକୁ ପ୍ରଭାବିତ କରିବ। ଜଣେ ଉପଭୋକ୍ତାଙ୍କ ଦୃଷ୍ଟିକୋଣରୁ କାର୍ବନ ଡାଇଅକ୍ସାଇଡ଼ ନିର୍ଗମନ ଏକ ଅଦୃଶ୍ୟ ଶତ୍ରୁ। ପ୍ରତ୍ୟକ୍ଷ ଉପଭୋକ୍ତା ଟିକସ ସ୍ପଷ୍ଟ ଭାବେ ଲୋକମାନେ କିଣୁଥିବା, ବ୍ୟବହାର କରୁଥିବା ଏବଂ ଠୁଳ କରୁଥିବା ସାମଗ୍ରୀଗୁଡ଼ିକର କ୍ଷତି ସହ ସିଧାସଳଖ ସମ୍ପର୍କ ରହିଛି। ସାମଗ୍ରୀଗୁଡ଼ିକର ଓଜନ ଏବଂ ଆକାର ଓ ଅଣ ପାରମ୍ପରିକ ସଂସାଧନ ଉପଯୋଗ ଉପରେ ସବୁଜ ଟିକସ ଏକ ସ୍ପଷ୍ଟ ଛବି ପ୍ରଦାନ କରିବା ସହ ସାମାଜିକ ନିୟମ ପରିବର୍ତ୍ତନ କରିବାରେ ସାହାଯ୍ୟ କରିବ। ବଡ଼ କାର୍ ବ୍ୟବହାର କରୁଥିବା କିମ୍ବା ବଡ଼ ଘରେ ରହୁଥିବା ଲୋକମାନେ ଅଧିକ ଟ୍ୟାକ୍ସ ଦେବେ। ଏହା ମଧ୍ୟ ଉତ୍ପାଦନକାରୀମାନଙ୍କୁ ସଂସାଧାନ କୈନ୍ଦ୍ରିକ 'ସର୍କ୍ୟୁଲାର' ପଦ୍ଧତିର ନୂଆ କୌଶଳ ବାହାର କରିବା ଏବଂ ଗ୍ରହଣ କରିବା ଲାଗି କମ୍ ଉତ୍ସାହିତ କରିବ। ପୁନଶ୍ଚ କୁହାଯାଇପାରେ ଯେ, ଏହା ଏକ ନୂଆ ବିଚାରଧାରା ନୁହେଁ। ଇ.ଏଫ୍ ସ୍କୁମାଚର ୧୯୭୩ରେ ତାଙ୍କ ପୁସ୍ତକ ' ସ୍ମଲ୍ ଇଜ୍ ବ୍ୟୁଟିଫୁଲ'ରେ ଏହାକୁ ସମର୍ଥନ କରି ତାଙ୍କ ପକ୍ଷ ରଖିଛନ୍ତି। ସେବେଠାରୁ ନିର୍ଦ୍ଦିଷ୍ଟ ଭାବେ ଆମେରିକା ଏଥିରେ ଅଧିକ ଜଡ଼ିତ ରହି ଆଗକୁ ଯାଇପାରିଛି। କିନ୍ତୁ ଆମେ କିଛି କରିପାରି ନାହୁଁ । ବଡ଼ ବଙ୍ଗଳାରେ ବାସ କରିବା ଏବଂ ଅଢେଇ ଟନ୍ ଏସ୍‌ୟୁଭିର ମାଲିକ ହେବା ଭଳି ପୃଥିବୀ ଚାହିଁବା ଉଚିତ ନୁହେଁ । ଉପଭୋକ୍ତାଙ୍କ କ୍ରୟ ଏବଂ ବହୁଳ ଭାବେ ବ୍ୟବହାର କରୁଥିବା ବସ୍ତୁ ଯଥା କାର୍ ଏବଂ ଘର ଉପରେ କ୍ରମଶଃ ଅଧିକ ଟିକସ ଲାଗୁ କରିବା ଦ୍ୱାରା ଏହା ସେମାନଙ୍କୁ ଏକ ଦୀର୍ଘମିଆଦୀ ବ୍ୟୟ ଅଭ୍ୟାସ ଆପଣାଇବାକୁ ପ୍ରେରିତ କରିବ। ସ୍ୱାଭାବିକ ଭାବେ ଅନ୍ୟ ଟିକସ ବୃଦ୍ଧି ଭଳି ଏହି ସବୁ ଉଚ୍ଚ ସାମଗ୍ରୀ ଟିକସ ଅଧିକ ବିରୋଧର ସମ୍ମୁଖୀନ ହେବ। କିନ୍ତୁ ଟିକସ ପାଇଁ ଯୁକ୍ତି ବା ମୂଳାଧାର ଅଧିକ ସ୍ପଷ୍ଟ, ମହତ୍ତ୍ୱପୂର୍ଣ୍ଣ ଏବଂ ନିଷ୍ପକ୍ଷ ହେବା ଦରକାର। ସେଗୁଡ଼ିକର ପ୍ରଗତିଶୀଳ ପ୍ରକୃତି ସୂଚିତ କରେ ଯେ, ଉଚ୍ଚ ଆୟକାରୀ ତଥା ସଂସାଧନ କୈନ୍ଦ୍ରିକ ସାମଗ୍ରୀ ବ୍ୟବହାର କରୁଥିବା ପରିବାରଗୁଡ଼ିକୁ ଏହି ଟିକସ ଜନିତ ଅତ୍ୟଧିକ ବୋଝ ବହନ କରିବାକୁ ପଡ଼ିବ। ଏକ ଆକଳନ ଅନୁଯାୟୀ, ୨୦୧୫ରେ ବିଶ୍ୱ ଜନସଂଖ୍ୟାର ୧୦% ଧନୀକ ବର୍ଗ ୫୨% କାର୍ବନ ବୃଦ୍ଧିର କାରଣ ହୋଇଥିଲେ। ଶୀର୍ଷ ୧% ଉଚ୍ଚ ଧନିକ ବର୍ଗ କେବଳ ୧୫% କାର୍ବନ ନିର୍ଗମନ କରିଥିଲେ। ଧନିକମାନେ ଉପଯୋଗ କରୁଥିବା ସାମଗ୍ରୀ ଏବଂ ଶକ୍ତି ଉପରେ ଅତ୍ୟଧିକ ସବୁଜ ଟିକସ ଲାଗୁ କଲେ ତାହା ଉଚ୍ଚ ଆୟ କର ଅପେକ୍ଷା ଅଧିକ ସ୍ୱୀକାର୍ଯ୍ୟ ହୋଇପାରିବ।

ଅତ୍ୟଧିକ ଉପଯୋଗ ଏବଂ ପରିବର୍ତ୍ତନଶୀଳତାର ବିପଦ ସମ୍ପର୍କରେ ମହାମାରୀ ଏବଂ ଲକ୍‌ଡାଉନ ଏକ ଶିକ୍ଷା ଦେଇଛି। ମହାମାରୀ ଶେଷ ହୋଇଗଲେ ମଧ୍ୟ ଲୋକେ ବାଧ୍ୟବାଧକତାରେ ଆପଣାଇଥିବା ସେମାନଙ୍କର ନୂଆ ଅଭ୍ୟାସ ବନ୍ଦ କରିଦେବେ। ଅନେକେ କହିବେ ଯେ ଅଧିକ ସାମଗ୍ରୀ ଏକାଠି କରିବା ଦ୍ୱାରା ସେମାନଙ୍କ ସୁଖ ଏବଂ ସ୍ୱାସ୍ଥ୍ୟ ବଜାୟ ରହିଥିଲା। ନୂତନ ସବୁଜ ଉପଭୋକ୍ତା ଟିକସର ସମର୍ଥନ ହାସଲ କରିବାକୁ ' ଗ୍ରୀନ୍ ଗ୍ରାଣ୍ଡ ବାର୍ଗେନ' ଆରମ୍ଭ କରି 'ବିଲ୍ଡ ବ୍ୟାକ୍ ବେଟର' ଏଜେଣ୍ଡାକୁ କ୍ରିୟାଶୀଳ ତଥା ଆଗକୁ ନେବା ପାଇଁ ସରକାରଙ୍କ ନିକଟରେ ଶକ୍ତିଶାଳୀ ଉପାୟ ରହିଛି। ଏହି ଟିକସ ବ୍ୟବସ୍ଥାରୁ ସଂଗୃହୀତ ରାଜସ୍ୱ ଶ୍ରମ ଉପରେ ଲାଗୁ ଟିକସ ହ୍ରାସ କରିବ, ବିଶେଷକରି ନିମ୍ନ ଆୟକାରୀ ବର୍ଗ ଲାଭାନ୍ୱିତ ହେବେ। ଏହା ପ୍ୟାକେଜକୁ ଦୁଇଗୁଣ ବଢାଇଦେବ। 'କାର୍ବନ ଡେଭିଡେଣ୍ଡ' ଏକ ବିକଳ୍ପ ହୋଇପାରେ,ଯେଉଁଥିରେ ସବୁଜ ଟିକସ ଆୟରେ ପରିବାରଗୁଡ଼ିକ ଏକ ସମାନ ହାରର ଆୟ ପାଇପାରିବେ। ଏହା ଗରିବ ପରିବାରଗୁଡ଼ିକୁ ପର୍ଯ୍ୟାପ୍ତ ଲାଭ ପହଞ୍ଚାଇବ। ସବୁଜ ଉତ୍ପାଦ ଓ ସେବା ପାଇଁ ଟିକସ ହ୍ରାସ କରିବା କିମ୍ବା ସବ୍‌ସିଡି ବୃଦ୍ଧି କରିବାର ଆଉ ଏକ ସମ୍ଭାବନା ରହିଛି।

ଆଞ୍ଚଳିକ ବ୍ୟବସାୟ ଏବଂ ସେବାକୁ ମହାମାରୀ ସାଂଘାତିକ ଭାବେ କ୍ଷତି କରିଛି। ମୁଖ୍ୟତଃ ରେସ୍ତୋରାଁ ଏବଂ ହସ୍ପିଟାଲିଟି ସେକ୍ଟରକୁ ବେଶି କ୍ଷତି କରିଛି। ସମାନ ପ୍ରକାରେ ସବୁଜ ଟିକସ ଆୟରେ ଗ୍ରୀନ୍ ବା ସବୁଜ ନିବେଶ କରାଯାଇପାରିବେ। ଇଲେକ୍ଟ୍ରିକ ଯାନ ଏବଂ ଘରୋଇ ଶକ୍ତି ସିଷ୍ଟମ ଉପରେ ନିବେଶ କରିବାକୁ ସରକାର ସହଯୋଗ କରିବେ। ବ୍ୟବସାୟ ଏବଂ ଆବଶ୍ୟକ ଭିତ୍ତିଭୂମି, ଗବେଷଣା ଏବଂ ବିକାଶ କ୍ଷେତ୍ରରେ ସରକାରୀ ନିବେଶକୁ ବି ଏହା ପାଣ୍ଠି ଯୋଗାଇପାରିବ। ଏହା ସହ ଏବେ ବିଶ୍ୱର ଆଗୁଆ ଅର୍ଥବ୍ୟବସ୍ଥାରେ ବିତ୍ତୀୟ ନୀତି ବିସ୍ତାରିତ ହୋଇ ରହିବ । ଏହା ସରକାରଙ୍କ ନିଅଣ୍ଟିଆ ପରିସ୍ଥିତିକୁ ଶକ୍ତି ଯୋଗାଇବ ଏବଂ ଏକ ଅଧିକ ସ୍ଥାୟୀ ସୁଧାର ଆରମ୍ଭ କରିବାକୁ ସାହାଯ୍ୟ କରିବ। ଲୋକମାନଙ୍କର ଏବଂ ପୃଥିବୀର ଆବଶ୍ୟକତା ପୂରଣ ପାଇଁ ପୂର୍ବାପେକ୍ଷା ରାଜନୀତିଜ୍ଞମାନେ ଏ କ୍ଷେତ୍ରରେ ଏବେ ଅଧିକ ଧ୍ୟାନ ଦେବା ଦରକାର। ଟିକସ ପ୍ରକ୍ରିୟାକୁ ସବୁଜ କରିବା (ଗ୍ରୀନ ଟ୍ୟାକ୍ସ ସିଷ୍ଟମ) ନିମନ୍ତେ ବହୁ ପ୍ରତୀକ୍ଷିତ ତଥା ମହତ୍ତ୍ୱପୂର୍ଣ୍ଣ ଏଜେଣ୍ଡା ଆପଣାଇବା ଲାଗି ଏହା ହିଁ ଉପଯୁକ୍ତ ସମୟ।

ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ,ଆଇଏନ୍‌ଜି ଗ୍ରୁପ୍

# ଉପାସନା, ସାଧନା ଓ ଆରାଧନା

ଶରତ କୁମାର ମହାନ୍ତି

ଜୀବନ ଧାରଣ ସକାଶେ ଅନ୍ନ, ବସ୍ତ୍ର ଓ ବାସଗୃହର ଯେପରି ଆବଶ୍ୟକତା ରହିଛି, ସେହିପରି ଆତ୍ମିକ ପ୍ରଗତି ନିମନ୍ତେ ଉପାସନା, ସାଧନା ଓ ଆରାଧନାର ପ୍ରୟୋଜନୀୟତା ରହିଛି। ଏଗୁଡ଼ିକୁ କୌଣସି ଗୋଟିଏ ସାହାଯ୍ୟରେ ଲକ୍ଷ୍ୟ ପୂରଣ ହୋଇପାରେ ନାହିଁ। ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ଚରଣର ବ୍ୟାଖ୍ୟା କରିଛନ୍ତି।

ଉପାସନାର ବାସ୍ତବ ରୂପ ସମ୍ପର୍କରେ ସେ କହିଛନ୍ତି, ବର୍ତ୍ତମାନ ଲୋକମାନେ ପୂଜା ପାଠକୁ ଉପାସନା ବୋଲି ଗ୍ରହଣ କରିନେଉଛନ୍ତି। ପୂଜାର ଅନେକ ଅର୍ଥ ଥିବାବେଳେ ଲୋକେ ତାକୁ ଭଗବାନଙ୍କ ପ୍ରଶଂସା ବା ଗୁଣଗାନ କରିବା ବୁଝନ୍ତି। ମନ୍ତ୍ର ଉଚ୍ଚାରଣ କରି ଈଶ୍ୱରଙ୍କୁ କୌଣସି ଛୋଟ ଉପହାରଟିଏ ପ୍ରଦାନ କରିବା ଉପରେ ସେମାନେ ମନୋନିବେଶ କରିଥାନ୍ତି।। ଆତ୍ମିକ ଉପଲବ୍ଧି ସକାଶେ କେବଳ ଦର୍ଶନ ଓ ପୂଜାପାଠ କରିଦେଲେ କାମ ଚଳିଯିବ ବୋଲି ସେମାନଙ୍କ ବିଶ୍ୱାସ। କିନ୍ତୁ ତାହା ସତ୍ୟ ନୁହେଁ। ଉପାସନାର ଅର୍ଥ ହେଉଛି, ଭକ୍ତ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ କରିବା। ଭଗବାନ କାହାର ଇଚ୍ଛା ଅନୁସାରେ ନାଚନ୍ତି ନାହିଁ। ତାଙ୍କର ଭକ୍ତ ହେବାକୁ ପଡ଼ିବ। ତାଙ୍କ ସଙ୍କେତରେ ଚାଲିବାକୁ ପଡ଼ିବ। ଉଦାହରଣ ସ୍ୱରୂପ କାଠ ଖଣ୍ଡରେ ଯେତେବେଳେ ଅଗ୍ନି ସହ ସଂଯୋଗ ହୁଏ ତାହା ସେତେବେଳେ ନିଜର ଗୁଣ ଧର୍ମକୁ ତ୍ୟାଗକରି ଅଗ୍ନିର ଗୁରୁ ଧର୍ମକୁ ଗ୍ରହଣ କରେ। ଏହି ସମୟରେ ଅଗ୍ନି କାଠରେ ପରିଣତ ହୁଏ ନାହିଁ, ବରଂ କାଷ୍ଠକୁ ଅଗ୍ନିରେ ପରିଣତ ହେବାକୁ ପଡ଼େ। ନାଳ ନଦୀରେ ମିଶିବା ପରେ ପବିତ୍ର ଓ ମହାନ୍ ହୋଇଯାଏ। ପରଶମଣିର ସ୍ପର୍ଶ ଲାଭକରି ଲୌହ ସ୍ୱର୍ଣ୍ଣରେ ପରିଣତ ହୋଇଯାଏ। କିନ୍ତୁ ଲୌହ ପରଶମଣି ହୁଏ ନାହିଁ।

ଭକ୍ତକୁ ଭଗବାନଙ୍କ ସଙ୍କେତ ଅନୁସାରେ କାଷ୍ଠ ପୁତ୍ତଳିକା ସଦୃଶ ହେବାକୁ ପଡ଼ିବ। ଏହା ହିଁ ଉପାସନାର ଉପଯୁକ୍ତତତ୍ତ୍ୱ ଦର୍ଶନ। ଗୁରୁଦେବ ଆଚାର୍ଯ୍ୟ କୁହନ୍ତି, ଉପାସନା ନିମନ୍ତେ ଶ୍ରବଣ କୁମାରଙ୍କ ଭଳି ଆଦର୍ଶକୁ ନିଷ୍ଠା ସହକାରେ ପାଳନ କରିବା। ଉପାସନା କ୍ରିୟା ପ୍ରଧାନ ନୁହେଁ, ବରଂ ଶ୍ରଦ୍ଧା ଉପରେ ନିର୍ଭର କରେ। ସମର୍ପଣ, ଏକାଗ୍ରତା,ଏକାତ୍ମତା ଓ ଅଭ୍ୟାସ ବଳରେ ଏହା ଅନ୍ତରରେ ବଳବତ୍ତର ହୋଇ ନିଷ୍ଠାରେ ପରିଣତ ହୁଏ। ଏହା ହିଁ ଉପାସନାର ମୂଳ ଉଦ୍ଦେଶ୍ୟ।

ସାଧନା ସମ୍ପର୍କରେ କହିଛନ୍ତି, ସୁଗ୍ରୀବ, ବିଭୀଷଣ, ସୁଦାମା ଓ ଅର୍ଜୁନ ଆଦି ଭକ୍ତମାନେ ଯାହା ପାଇଥିଲେ, ଯେଉଁ କର୍ମ କରି ଦେଖାଇଥିଲେ, ସେସବୁ ନିଜ ପୌରୁଷତ୍ୱପଣିଆ ବା ପରାକ୍ରମର ଫଳ ନ ଥିଲା, ସେଥିରେ ଈଶ୍ୱରଙ୍କ ମହାନତା ରହିଛି। ଭଗବାନଙ୍କର କାହା ସଙ୍ଗରେ ଶତ୍ରୁତା ନାହିଁ, ସେ ନିୟମରେ ବନ୍ଧା। ଜୀବନ ସାଧନା ଦ୍ୱାରା ଦୈବୀ ଅନୁଗ୍ରହ ମିଳିଥାଏ। ଉପାସନା ସହ ଏହାର ନିବିଡ଼ ସମ୍ବନ୍ଧ ରହିଛି । ବିଦ୍ୟୁତ୍ ଧାତୁ ପଦାର୍ଥରେ ଗତି କରେ, ମାତ୍ର ଶୁଖିଲା କାଠରେ କରିପାରେ ନାହିଁ। ସେହିପରି ଭଗବାନଙ୍କ ନିକଟ ହେବା ପାଇଁ ନିଜକୁ ସଫା ସୁତୁରା କରିବା ସହ ଚରିତ୍ରକୁ ଶୁଦ୍ଧ ଓ ପବିତ୍ର କରିବାକୁ ହୁଏ। ଏଥିପାଇଁ ସାଧନା ଆବଶ୍ୟକ। ଯେଉଁ ଦିନଠାରୁ ଭକ୍ତି ଓ ସାଧନା ଆରମ୍ଭ ହୁଏ, ସେହି ଦିନଠାରୁ ବ୍ୟକ୍ତିର କାୟାକଳ୍ପ ବଦଳିଯାଏ। ସାଧକ ହିଁ ପ୍ରକୃତ ଉପାସକ ହୋଇପାରେ। ଯେଉଁମାନେ ଜୀବନରେ ସାଧନା କରି ନାହାନ୍ତି, ଯାହାଙ୍କ ଚିନ୍ତନ ଚରିତ୍ର, ଆଚାରବିଚାର ଅସଂଯତ, ଯାହାଙ୍କ ମସ୍ତିଷ୍କ ଅବାଞ୍ଛିତ ଭାବନାରେ ଜଡ଼ିତ ସେମାନଙ୍କ ମନ ଈଶ୍ୱରଙ୍କଠାରେ ଲାଗେନାହିଁ। ଯେଉଁ ବ୍ୟକ୍ତିଙ୍କ ପାଖରେ ଉତ୍ତମ ଭାବନା ରହିଛି, ଗୁଣ, କର୍ମ ଓ ସ୍ୱଭାବରେ ସାତ୍ତ୍ୱିକତା ରହିଛି ତାଙ୍କୁ ପୂଜା କର୍ମ ଫଳ ଆପେ ଆପେ ମିଳିଥାଏ। କ୍ରିୟା ବୃତ୍ତିରୁ ଉତ୍ପନ୍ନ ହୁଏ, ଶରୀର ମନ ଦ୍ୱାରା ସଂଚାଳିତ ହୁଏ, ମନରେ ଯେପରି ଇଚ୍ଛା ଜାଗ୍ରତ ହୁଏ ଶରୀର ସେହିପରି ଆଚରଣକରେ। ତେଣୁ କୁକର୍ମ ପାଇଁ ଶରୀର ନୁହେଁ, ମନ ସମ୍ପୂର୍ଣ୍ଣ ରୂପେ ଦାୟୀ। ଏଥିପାଇଁ ଜୀବନରେ ସାଧନାକୁ କୁଠାର ଭାବେ ବ୍ୟବହାର କରିବା ଆବଶ୍ୟକ।

ଗୁରୁଦେବ ଆଚାର୍ଯ୍ୟ ଆରାଧନାର ଅର୍ଥ ସମ୍ପର୍କରେ ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି, ଲୋକଙ୍କ ମଙ୍ଗଳ ସାଧନାରେ ନିରତ ରହିବା। ଜୀବନ ସାଧନାର ଅନ୍ୟ ରୂପ ଆତ୍ମ ସଂଯମ ଅଟେ। ଏଥିରୁ ନିମ୍ନତମ ଖର୍ଚ୍ଚ କରି ଅଧିକତମ ସଞ୍ଚୟ କରାଯାଏ। ଶରୀର ତଥା ପରିବାରର ଅନିବାର୍ଯ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଆବଶ୍ୟକମତେ ସମୟ, ଶ୍ରମ ଓ ଧନ ଖର୍ଚ୍ଚ କରିବାକୁ ପଡ଼େ। ଜଣେ ଶିକ୍ଷିତ ବ୍ୟକ୍ତିର ଆୟ ଯେତେ ତହିଁରେ ଅନିବାର୍ଯ୍ୟ ଖର୍ଚ୍ଚ ଯିବା ପରେ କିଛି ବଳକା ରହେ। ଏହାର ସଦୁପଯୋଗକୁ ଆରାଧନା କହନ୍ତି। ଈଶ୍ୱର ନିରାକାର , ପରମାତ୍ମା । ଏହାର ଅର୍ଥ ଆତ୍ମାଗୁଡ଼ିକର ଶ୍ରେଷ୍ଠ ସମୁଚ୍ଚୟ। ଏହା ହିଁ ବିରାଟ ବ୍ରହ୍ମ ବା ବିରାଟ ବିଶ୍ୱ। ଭଗବାନ କୃଷ୍ଣ ଏହି ବିଶ୍ୱ ରୂପ ଅର୍ଜୁନଙ୍କୁ ଓ ମାତା ଯଶୋଦାଙ୍କୁ ଦର୍ଶନ କରାଇଥିଲେ। ଭଗବାନ ରାମ ମାତା କୌଶଲ୍ୟା ଓ ଭୁଷୁଣ୍ଡିକାକଙ୍କୁ ଏହି ରୂପର ଝଲକ ଦେଖାଇଥିଲେ। ଏହି ଦୃଷ୍ଟିରୁ ଲୋକ ସେବା ହିଁ ବିରାଟ ବ୍ରହ୍ମଙ୍କ ଆରାଧନା। ଭଗବାନଙ୍କ ଉଦ୍ଦେଶ୍ୟକୁ ସଫଳ କରିବାରେ ଏ ଜୀବନର ସାର୍ଥକତା ରହିଛି।

ସି-୨୧, ଲିଙ୍ଗରାଜବିହାର,
ଭୁବନେଶ୍ୱର

# ଏଇ ଭାରତରେ

ପେସାରେ ଶିକ୍ଷକ, କିନ୍ତୁ ରୋଷେଇ ଘର ବର୍ଜ୍ୟରୁ ଖତ ପ୍ରସ୍ତୁତ କରି ସେଥିରେ ଘର ଅଗଣାରେ ଏକ ବଗିଚା କରିଛନ୍ତି ଏସ. ସତ୍ୟନାରାୟଣନ୍। ଚେନ୍ନାଇର ଆନ୍ନା ଜେମ୍ ସାଇନ୍ସ ପାର୍କ ସ୍କୁଲରେ ସେ ଫ୍ରେଞ୍ଚ ଶିକ୍ଷକ ଭାବେ କାର୍ଯ୍ୟରତ। ସ୍କୁଲ ଛୁଟି ପରେ ଏଥିରେ ତାଙ୍କ ସମୟ ଉପଯୋଗ କରୁଛନ୍ତି। ଘର ଅଗଣାରେ ୧୨୦୦ ବର୍ଗଫୁଟ୍ ଜାଗାରେ ଏବେ ୪୦୦ ପ୍ରକାର ଗଛ ଲଗାଇଛନ୍ତି। ୨୦୧୫ରୁ ସତ୍ୟନାରାୟଣନ୍ ନିଜସ୍ୱ ଉଦ୍ୟମରେ ରୋଷେଇ ଘର ବର୍ଜ୍ୟରୁ ତରଳ ଖତ ପ୍ରସ୍ତୁତ କରି ବଗିଚାରେ ପ୍ରୟୋଗ କରୁଛନ୍ତି। ବଗିଚାରେ ୧୦୦ ପ୍ରକାର ପରିବା ଓ ଫଳ ଗଛ ଲଗାଇବା ସହ ୧୦୦ ପ୍ରକାର ଅର୍ଥକରୀ ଗଛ ଉତାରିଛନ୍ତି। ଡାଳିମ୍ବ, ଷ୍ଟ୍ରବେରି, ମୁଲବେରି ଆଦି ଚାଷ କରୁଛନ୍ତି। ସତ୍ୟନାରାୟଣନ୍‌ଙ୍କ ବୟସ ଏବେ ୫୧। ପ୍ରଥମେ ସେ ୫୦ କୁଣ୍ଡରେ ଗଛ ଲଗାଇଥିଲେ ଓ ଏବେ ଏହା ୪୦୦ରେ ପହଞ୍ଚିଛି ଓ ଆଗକୁ ୧୦୦୦ ଗଛ ଲଗାଇବା ଲାଗି ଯୋଜନା ରଖିଛନ୍ତି। ତାଙ୍କ ବଗିଚାରେ ବହୁ ପ୍ରଜାତିର ଛୋଟ ଛୋଟ ପକ୍ଷୀ ବି ରହିଛନ୍ତି। ବଗିଚାରେ ପ୍ଲାଷ୍ଟିକ ବକେଟ୍‌ରେ କଇଁ ଚାଷ ବି ହେଉଛି। ଏଭଳି ବଗିଚା କରିବା ଲାଗି ଲୋକମାନେ ସତ୍ୟନାରାୟଣନ୍‌ଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସେ ଏବେ ଗ୍ରୀଷ୍ମକାଳୀନ କର୍ମଶାଳାରେ ୨୦ ଜଣଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଉଭୟ ପୁରୁଷ ଓ ମହିଳା ଏଥିରେ ଯୋଗ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୯୬

- ତୁର୍କୀର ଦକ୍ଷିଣ-ପୂର୍ବ ଅଞ୍ଚଳରେ ସରକାରୀ ସୈନ୍ୟମାନେ ବେଆଇନ ଘୋଷିତ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟିର ୨୧ ଜଣ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।
- ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅବଦୁଲ ହଫିଜ କାରଦରଙ୍କ ଲାହୋରଠାରେ ୭୨ ବର୍ଷ ବୟସରେ ପରଲୋକ।
- ଆସାମ ମୁଖ୍ୟମନ୍ତ୍ରୀ ହିତେଶ୍ୱର ସାଇକିଆଙ୍କ ୬୧ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | | | 1 | | |
| | | 8 | | | | | | |
| 2 | | | 3 | | 9 | | | |
| | | | | | | | | |
| | | | | 6 | | | | 3 |
| | 6 | 3 | | | 1 | 9 | | |
| | | | | | | | 1 | |
| 3 | | | 8 | | 2 | 6 | | 7 |
| | 4 | 7 | 9 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 4 | 7 | 5 | 1 | 8 | 3 |
| 1 | 7 | 3 | 8 | 6 | 2 | 4 | 5 | 9 |
| 5 | 4 | 8 | 3 | 9 | 1 | 7 | 6 | 2 |
| 2 | 9 | 7 | 1 | 8 | 6 | 3 | 4 | 5 |
| 3 | 6 | 5 | 7 | 4 | 9 | 8 | 2 | 1 |
| 8 | 1 | 4 | 5 | 2 | 3 | 9 | 7 | 6 |
| 4 | 5 | 1 | 2 | 3 | 7 | 6 | 9 | 8 |
| 7 | 3 | 6 | 9 | 5 | 8 | 2 | 1 | 4 |
| 9 | 8 | 2 | 6 | 1 | 4 | 5 | 3 | 7 |

ଗତକାଲିର ଉତ୍ତର

# ପାଠ୍ୟକ୍ରମ ସଜାଡ଼ିବା



ଡ. ମନୋରଞ୍ଜନ ପ୍ରଧାନ

ପ୍ରାଚୀନ ଜ୍ଞାନ ସହ ଆଧୁନିକ ବିଜ୍ଞାନ, ଦର୍ଶନ ସହ ପ୍ରଯୁକ୍ତିବିଦ୍ୟା ଓ ସ୍ୱାବଲମ୍ବନଶୀଳତା ସହ ଆତ୍ମଜ୍ଞାନ ପ୍ରାପ୍ତିର ସମସ୍ତ ଶୈକ୍ଷିକ ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ଅନେକ ନୀତି ନିର୍ଦ୍ଧାରଣ କରିଛି। ମାତୃଭାଷା ସହ ଅନ୍ୟ ଭାଷାକୁ ଗୁରୁତ୍ୱ ଦେବା ଏବଂ ଶିଶୁର ବୋଧଶକ୍ତି, ବିଚାର ଦକ୍ଷତା, ସୃଜନଶୀଳ ,ସଂରଚନାତ୍ମକ ଚିନ୍ତନ, ବୈଜ୍ଞାନିକ ଦୃଷ୍ଟିକୋଣ, ମାନବିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକର ଉନ୍ମେଷ ସହ ଶିଶୁମାନଙ୍କୁ ସର୍ବଗୁଣସମ୍ପନ୍ନ ପାଇଁ ଉପଯୁକ୍ତ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ଏହା ଲକ୍ଷ୍ୟ ରଖିଛି । ହେଲେ ଏସବୁର ବାସ୍ତବ ରୂପାୟନ ଉତ୍ତମ, ସମନ୍ୱୟତ ଓ ବାସ୍ତବବାଦୀ ପାଠ୍ୟକ୍ରମ ଦ୍ୱାରା ହିଁ ସମ୍ଭବ। କାରଣ ଉପଯୁକ୍ତ ପାଠ୍ୟକ୍ରମ ହିଁ ଶିକ୍ଷାଦାନ ପ୍ରଣାଳୀ ଓ ଶିକ୍ଷଣକାର୍ଯ୍ୟ ନିର୍ଦ୍ଧାରଣରେ ମାର୍ଗ ପ୍ରଶସ୍ତ କରିଥାଏ। ଅବଶ୍ୟ ଏହି ଶିକ୍ଷାନୀତି ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ମଧ୍ୟ ସଙ୍କେତ ଦେଇଛି। କିନ୍ତୁ ଏଥିପାଇଁ ସତର୍କତା ନିତାନ୍ତ ଆବଶ୍ୟକ। ବିଶେଷକରି ବ୍ୟକ୍ତିଗତ ସ୍ୱାର୍ଥ ନାମରେ ଦେଶହିତ ଯେପରି ବଳି ନ ପଡୁ ସେଥିପାଇଁ ସଚେତନ ଓ ସମ୍ବେଦନଶୀଳ ହେବା ଜରୁରୀ। ଏହା ସତ ଯେ ଘୋଡ଼ା ଦୌଡ଼ରେ ଯିଏ ସବୁ ବଳ ଲଗେଇ ଦୌଡ଼େ ସେ ହିଁ ବିଜୟୀ ହୁଏ। ହେଲେ ଏହି ହରାଜିତାର ଗୋଲକ ବାଜିରେ କୋମଳମତି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତରେ ଯେପରି କୌଣସି ଗ୍ରହଣ ନ ଲାଗେ ସେଥିପାଇଁ ସତର୍କ ଦୃଷ୍ଟି ଜରୁରୀ। କହିବାର ଉଦ୍ଦେଶ୍ୟ ହେଉଛି ବେଳେବେଳେ ବୁଦ୍ଧିଜୀବୀଙ୍କ ଭିତରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ହେତୁ ଭଲ ଭଲ ବିଚାର, ଲେଖା, ତଥ୍ୟ ଓ ବିଷୟବସ୍ତୁ ବାଦ୍ ପଡ଼ିଯାଏ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକରୁ। ବେଳେବେଳେ କିଛି ବାଜିଗରଙ୍କ ଗୋଟି ଚାଳନ ହେତୁ ଭଲ ଭଲ ଲେଖକ, ବୁଦ୍ଧିଜୀବୀ ଓ ଅନୁଭବି ବ୍ୟକ୍ତିବିଶେଷ ପାଠ୍ୟକ୍ରମ ପ୍ରସ୍ତୁତି, ପାଠ୍ୟପୁସ୍ତକ ଲିଖନ ଆଦି ସଂସ୍କାରବାଦୀ ସୃଜନଶୀଳ କାମରେ ନିୟୋଜିତ ହୋଇପାରନ୍ତି ନାହିଁ। ଫଳରେ ପାଠ୍ୟକ୍ରମ ଓ ଶିକ୍ଷଣ-ପାଠ୍ୟବସ୍ତୁ ନିଜର ମୌଳିକତା, ବିଶ୍ୱସନୀୟତା ଓ ପ୍ରତିବଦ୍ଧତା ହରାଇ ବସେ ; ଯାହା କି ଶିକ୍ଷା ବ୍ୟବସ୍ଥାକୁ ଦିଶାହୀନ ଓ ଲକ୍ଷ୍ୟଚ୍ୟୁତ କରିଦିଏ। ତେଣୁ ପାଠ୍ୟକ୍ରମର ରୂପରେଖ ପ୍ରସ୍ତୁତ ଓ ପାଠ୍ୟପୁସ୍ତକ ଲିଖନ ବେଳେ ତୃଣମୂଳ ସ୍ତରରେ ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟା ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିବା ଅଧିକରୁ ଅଧିକ ବୁଦ୍ଧିଜୀବୀ, ପ୍ରବୀଣ ଗବେଷକ, ଅନୁଭବି ଶିକ୍ଷକ ତଥା ଲେଖକମାନଙ୍କୁ ଏଭଳି କାମରେ ଉପଯୋଗ କରିବା ପାଇଁ ସମ୍ପୂର୍ଣ୍ଣ ବନ୍ଦୋବସ୍ତ ହେବା ଉଚିତ। ବିଶେଷକରି ଏଥିପାଇଁ ବିଷୟବସ୍ତୁ ଚୟନ ଓ ପୁସ୍ତକ ଲିଖନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କ କମିଟି ଗଠନ ହେଉ ; ଯେଉଁମାନଙ୍କ ଭିତରେ ଥିବ ଶୈକ୍ଷିକ ଅନୁଭବ, ବିଷୟଗତ ପାଣ୍ଡିତ୍ୟ, ବିଚାରବୋଧ, ଅନ୍ୟମାନଙ୍କ ମତ, ବିଚାର ଓ ପରାମର୍ଶ ଗ୍ରହଣ କରିବାର ମାନସିକତା, ଗ୍ରହଣଶୀଳତା ଓ ସହନଶୀଳ ମନୋବୃତ୍ତି। ସେମାନେ ଶିଶୁଙ୍କ ବୟସ, ରୁଚି, ସାମର୍ଥ୍ୟ, ଆବଶ୍ୟକତା ସହ ଦେଶ, ସମାଜ ଓ ସମଗ୍ର ବିଶ୍ୱର ମଙ୍ଗଳ ସାଧନ ଓ ପରିବର୍ତ୍ତନଶୀଳ ଆବଶ୍ୟକତା ଆଧାରରେ ପାଠ୍ୟକ୍ରମ ଏବଂ ପାଠ୍ୟ ସାମଗ୍ରୀର ପ୍ରାବଧାନ, ପ୍ରଣୟନ ଓ ପ୍ରଚଳନ ପାଇଁ ମାର୍ଗଦର୍ଶନ କରିପାରିବେ। କାରଣ ଉପଯୁକ୍ତ ପାଠ୍ୟକ୍ରମ ହିଁ ଶିକ୍ଷା ଓ ଶିକ୍ଷଣ ବ୍ୟବସ୍ଥାର ମାର୍ଗଦର୍ଶିକା ତଥା ଆଲୋକବର୍ତ୍ତିକା ହୋଇଥାଏ।

ବିଦ୍ୟାଳୟ ଶିକ୍ଷାର ଢାଞ୍ଚାଗତ ପରିବର୍ତ୍ତନ ସହ ପାଠ୍ୟ ବିଷୟବସ୍ତୁ,ସହପାଠ୍ୟ- କ୍ରିୟାକଳାପ ଓ ଅତିରିକ୍ତ କ୍ରିୟାକଳାପକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଗୁରୁତ୍ୱ ଦେବାକୁ ନୂଆ ଶିକ୍ଷାନୀତିର ବ୍ୟବସ୍ଥା ରହିଛି। ଆଜି ପାଠ୍ୟକ୍ରମେ ଏଗୁଡ଼ିକୁ ନେଇଥିବା ଅସଙ୍ଗତି ବିଶେଷକରି ପାଠ୍ୟ-ବିଷୟଗୁଡ଼ିକ ପ୍ରତି ଅତ୍ୟନ୍ତ ଅନୁକୂଳ ମନୋବୃତ୍ତି ଓ କ୍ରୀଡ଼ା, ଚିତ୍ରାଙ୍କନ, ପରିବେଶ ଶିକ୍ଷା ଆଦି ସହ-ପାଠ୍ୟ କ୍ରିୟାକଳାପ ପ୍ରତି ତୁଳନାତ୍ମକ ଭାବେ ଅନାଦର ଓ ଅପାରଗ ମନୋଭାବ ପିଲାଙ୍କୁ ପୁସ୍ତକକୀଟ ଓ ପରୀକ୍ଷାସର୍ବସ୍ୱ ହେବାକୁ ବାଧ କରୁଛି। ସବୁ ବିଷୟ ଓ କାମକୁ ସମଦୃଷ୍ଟି ଓ ଗୁରୁତ୍ୱ ଦେବାପାଇଁ ପ୍ରଥମେ ଶିକ୍ଷାଦାତା, ପିତାମାତା ଓ ଶିକ୍ଷା ଅଧିକାରୀମାନଙ୍କ ମାନସିକତାର ପରିବର୍ତ୍ତନ ଦରକାର। ଦିନରାତି ତଥ୍ୟ ଘୋଷି ମାର୍କ ଖେଳରେ ଶିଡ଼ିର ସବୁଠାରୁ ଶୀର୍ଷରେ ରହିବାକୁ ଦିନରାତି ତାଗିଦ୍ କରୁଥିବା ମାଆବାପା, କେବଳ ଇଂଲିଶ, ଗଣିତ ଓ ବିଜ୍ଞାନ ଭଳି ବିଷୟର ତଥ୍ୟ କଣ୍ଠସ୍ଥ କରି ଭଲ ନମ୍ବର ବା ଗ୍ରେଡ୍ ରଖି ସମସ୍ତଙ୍କୁ ଚମକେଇ ଦେବାକୁ ଦିନରାତି ଏକ କରିଦେଉଥିବା ଶିକ୍ଷାଦାତା ଏବଂ ପରିସଂଖ୍ୟାନ ଖେଳରେ ନିଜ ବ୍ଲକ ବା ଜିଲାକୁ ସର୍ବାଗ୍ରେ ରଖିବାକୁ ଶିକ୍ଷକମାନଙ୍କୁ ଭୟଭୀତ କରାଉଥିବା ଅଧିକାରୀଗଣ ଏକ ସାମଗ୍ରିକ ବିକାଶ ଓ ମୂଲ୍ୟବୋଧ ଉଦ୍ରେକକାରୀ ପାଠ୍ୟକ୍ରମର ମହତ୍ତ୍ୱ ବୁଝିବା ଆବଶ୍ୟକ। କ୍ରୀଡ଼ାକୁ ଯେତିକି ଗୁରୁତ୍ୱ ଦେବାକଥା ମାତୃଭାଷା, ଇଂଲିଶ, ବିଜ୍ଞାନ, ଗଣିତ ସହ ସାମାଜିକ ଅଧ୍ୟୟନକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ପାଇଁ ସ୍ପଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ ହେବା ଜରୁରୀ। ପିଲାଙ୍କ ଲୁକ୍କାୟିତ ଗୁଣାବଳୀ ପ୍ରକଟ ପୂର୍ବରୁ ମାତାପିତା, ଶିକ୍ଷକ ଓ ଅନ୍ୟମାନଙ୍କ ଜିଦି, ଅଜ୍ଞାନତା ଓ ବ୍ୟବସ୍ଥାଗତ ଅପାରଗତା ଯେପରି ସେମାନଙ୍କୁ ଅନିଶ୍ଚିତ ଭବିଷ୍ୟତର ପଥିକ କରି ନ ଦେଉ, ସେଥିପ୍ରତି ନମନୀୟ ଓ ବିକାଶଶୀଳ ପାଠ୍ୟକ୍ରମର ବ୍ୟବସ୍ଥା ହେଉ।

ଆଜି ତଥ୍ୟ ଘୋଷା ପ୍ରତିଯୋଗିତାର ଜଣେ ଜଣେ ବାଧ୍ୟ ପ୍ରତିଭାଗୀ ଭାବେ ଛାତ୍ରୀଛାତ୍ରମାନେ ଖେଳକୁଦ, ସାଙ୍ଗମେଳ, ମନଖୋଲି ହସିବାର ସୁଯୋଗ ପାଇବାରୁ ବଞ୍ଚିତ। ଅବସ୍ଥା ଏମିତି ଯେ ସେମାନେ ନିଜ ପୋଥିଗତ ତଥ୍ୟଜ୍ଞାନ ଛଡ଼ା ଆଉକିଛି ଗ୍ରହଣ କରିବାକୁ ନାରାଜ। ଫଳରେ ସେମାନେ ନମ୍ବର ଖେଳରେ ସଫଳ ହୋଇ ରୋଜଗାରକ୍ଷମ ହେବାରେ ସକ୍ଷମ ହେଉଛନ୍ତି କିନ୍ତୁ ଜୀବନ ଯୁଦ୍ଧରେ ଅନେକ ସମୟରେ ପରାସ୍ତ ହେଉଛନ୍ତି। ମାସକୁ ମୋଟା ରକମ ପାଇ ମଧ୍ୟ ପାରିବାରିକ ବିଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ନିଭେଇବାରେ ଅସଫଳ ହେଉଛନ୍ତି। ପୁସ୍ତକଗତ ବିଦ୍ୟା ରୋଜଗାର ସୁଯୋଗ ପାଇବା ଯାଏ ବଳବତ୍ତର ରହୁଛି। ତା'ପରେ ସେଗୁଡ଼ିକୁ ନିଜ ଜୀବନରେ ଉତାରି ପାରନ୍ତି ନାହିଁ। ତେଣୁ ଆମ ଭବିଷ୍ୟତ ପିଢି ବିଷୟଗତ ଜ୍ଞାନ ସହ ଜୀବନ କୌଶଳ, ସାମାଜିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ଠିକ୍ ଭାବେ ନିଭେଇବାରେ ପ୍ରବୀଣ ହେବା ଉଚିତ। ଏଥିପାଇଁ ପାଠ୍ୟକ୍ରମ ମୂଲ୍ୟବୋଧଭିତ୍ତିକ ହେବା ଜରୁରୀ। ବିଶେଷକରି ପାଠ୍ୟପୁସ୍ତକଗୁଡ଼ିକରେ ଏଭଳି ବିଷୟବସ୍ତୁ ସ୍ଥାନ ପାଉ ଯାହାଦ୍ୱାରା ପିଲାଙ୍କ ଶରୀର, ମନ ଓ ହୃଦୟର ପୂର୍ଣ୍ଣ ବିକାଶ ହୋଇପାରିବ। ମନେ ପକେଇବା ପିଲାବେଳେ ପଢ଼ିଥିବା ଅନେକ ପ୍ରସଙ୍ଗ ଭିତରୁ ଏକ ପ୍ରସଙ୍ଗ ସମ୍ବନ୍ଧରେ ଯାହା ମୋଭଳି ଅନେକ ଲୋକଙ୍କୁ ପ୍ରଭାବିତ କରିଥିବ।

ଗାଁ ବିଦ୍ୟାଳୟରେ ପଢ଼ିଲା ବେଳେ ପ୍ରିୟ ଶିକ୍ଷକଙ୍କ ମୁହଁରୁ ବଉଳା ଗାଈ ଓ ବାଘମାମୁ କଥା ଯେତିକି ଉତ୍ସୁକତା ସୃଷ୍ଟି କରୁଥିଲା ବଉଳାର ଜୀବନ ଓ ତା'ର କୁନି ବାଛୁରିର ଭାଗ୍ୟ ଓ ଭବିଷ୍ୟତ ସମ୍ବନ୍ଧରେ ଚିନ୍ତାକରି ଆମମାନଙ୍କ କୁନିମନ ଭୟଭୀତ, ଚିନ୍ତାଗ୍ରସ୍ତ ଓ ଭାରାକ୍ରାନ୍ତ ହୋଇପଡୁଥିଲା। କିନ୍ତୁ ସତ୍ୟ ପାଳନକରି କୁନି ଛୁଆର ମାୟାମୋହ ଛାଡ଼ି ବଉଳାର ବଚନ ପାଳନ ଓ ମାଂସାଶୀ ତଥା ହିଂସ୍ର ପ୍ରାଣୀ ବାଘର ହୃଦୟ ପରିବର୍ତ୍ତନ ପୂର୍ବକ ବଉଳାକୁ ଜୀବନ ଦାନ ଆମମାନଙ୍କ ହୃଦୟ ପରିବର୍ତ୍ତନ କରିଦେଇଥିଲା। ସେଦିନ ହିଁ ଆମ କୁନି ମନ ଓ ହୃଦୟରେ ସତ୍ ମାର୍ଗରେ ଚାଲିବାକୁ ପ୍ରେରଣା ଦେଇଥିଲା। ବଉଳା କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ହୋଇପାରେ କିନ୍ତୁ କାହାଣୀର ଆବେଦନ, ପ୍ରେରଣା ଓ ମନଛୁଆଁ ସ୍ପର୍ଶ ଆଜି ମଧ୍ୟ କୌଣସି ଅସତ୍ କାମ କରିବାକୁ ବାଧା ସୃଷ୍ଟି କରୁଛି ଏବଂ ସତ୍ କରିବା ପରେ ଅପାର ଆନନ୍ଦ ମଧ୍ୟ ମିଳୁଛି। କହିବାର ଉଦ୍ଦେଶ୍ୟ ହେଉଛି ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଏଭଳି ପ୍ରସ୍ତୁତ ହେବା ଉଚିତ ; ଯାହା କି ପିଲାଙ୍କ ଜ୍ଞାନ, ବୋଧ, ବିଚାର, ଜୀବିକା ଓ ଜୀବନକୁ ପ୍ରଭାବିତ କରିବ। ସେମାନେ କେବଳ ନିଜ କଥା ଚିନ୍ତା ନ କରି ବ୍ୟକ୍ତିଗତ, ସାମାଜିକ, ରାଷ୍ଟ୍ରୀୟ ସ୍ୱାର୍ଥସାଧନ ସହ ସମଗ୍ର ଜଗତର କଲ୍ୟାଣ ପାଇଁ ନିଜକୁ ସମର୍ପି ଦେବେ। ତେଣୁ ପାଠ୍ୟକ୍ରମ ସମୃଦ୍ଧ ହେଉ। ପାଠ୍ୟ ପୁସ୍ତକ ଜୀବନ୍ତ ଓ ଗତିଶୀଳ ହେଉ। ଶିକ୍ଷାଦାନ ସଂସ୍କାରଯୁକ୍ତ ଓ ବାସ୍ତବବାଦୀ ହେଉ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ
ମୋ-୯୪୩୭୯୧୪୮୧୮

# ପାଠକ ଶ୍ରେଷ୍ଠ ବିଚାରକ

## ମେଡିକାଲ ଦଲାଲମୁକ୍ତ ହେଉ

ମହାଶୟ,

ସରକାରୀ ମେଡିକାଲଗୁଡ଼ିକରୁ ଦଲାଲମାନଙ୍କୁ ହଟାଯାଉ। ନିରୀହ ତଥା ଗୁରୁତର ରୋଗୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଘରୋଇ କ୍ଲିନିକ୍‌କୁ ନେବାକୁ ବାଧ ସେମାନେ କରିଥା'ନ୍ତି। ଏହାଦ୍ୱାରା ଆର୍ଥିକ ଶୋଷଣର ଶିକାର ହୁଅନ୍ତି ରୋଗୀ ଏବଂ ତାଙ୍କ ପରିବାର। ଅନ୍ୟପକ୍ଷରେ ଦଲାଲମାନେ ମଧ୍ୟ ରୋଗୀଠାରୁ ଅର୍ଥ ନେଇଥା'ନ୍ତି। ଏଣୁ ଗରିବ ରୋଗୀମାନେ ମଧ୍ୟସ୍ଥଙ୍କ ପ୍ରରୋଚନାରେ ପଡ଼ିବା ଅନୁଚିତ। ରୋଗୀମାନଙ୍କୁ ସଚେତନ କରାଯାଉ। ରୋଗୀମାନେ ଭବିଷ୍ୟତରେ ଯେଭଳି ଠକାମୀର ଶିକାର ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ ! (ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବାପାଙ୍କୁ ହତ୍ୟା ଅଭିଯୋଗରେ ନାବାଳକ ଅଟକ

କୁନ୍ଦୁରା,୨୨।୪(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୁଣ୍ଡାଳ ପଞ୍ଚାୟତ ଅଧୀନ ତଲିଆଗୁଡ଼ା ଗ୍ରାମର ମଙ୍ଗରାଜ ଘଉରିଆଙ୍କୁ ବୁଧବାର ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ରାତିରେ ହିଁ ପୋଲିସ ସେଠାରେ ପହଞ୍ଚିଥିଲା। ଗୁରୁବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରିଛି। ବାପାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ୧୩ ବର୍ଷର ନାବାଳକ ପୁଅ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହାପରେ ପୋଲିସ ନାବାଳକଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ମୃତକ ସବୁବେଳେ ମଦ ପିଇ ଘରେ ଝଗଡ଼ା କରିବା ସହ ସ୍ତ୍ରୀଙ୍କୁ ମାରଧର କରନ୍ତି। ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସେ ପୂର୍ବରୁ ୨ ବର୍ଷ ଜେଲରେ ରହି ଆସିଛନ୍ତି। ବୁଧବାର ମଙ୍ଗରାଜ ମଦ ପିଇ ପୁଣି ଘରେ ଝଗଡ଼ା କରୁଥିଲେ। ଏହି ସମୟରେ ନାବାଳକ ତାଙ୍କୁ ଠେଲିଦେଇଥିଲେ। ଫଳରେ ମଙ୍ଗରାଜଙ୍କ ମୁଣ୍ଡର ପଛ ପଟ ମାଡ଼ ହୋଇଯାଇଥିଲା। ଏଥିରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ କୁନ୍ଦୁରା ଥାନାଧିକାରୀ ଶେଷଦେବ ବେହେରା, ଏସ୍‌ଆଇ ଶିରଣ ବିଦା, ଏଏସ୍‌ଆଇ ସର୍ବେଶ୍ୱର ରାଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ମଧ ସେଠାରେ ପହଞ୍ଚି ତଦନ୍ତ କରିଛି। ପୋଲିସ ୩୬/୨୧ରେ ମାମଲା ରୁଜୁକରି ନାବାଳକଙ୍କୁ ଥାନାରେ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି।

### ଜାନକୀବଲ୍ଲଭଙ୍କ ଶ୍ରାଦ୍ଧବାର୍ଷିକୀ

ତିରୁପତି,୨୨।୪:ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ଉତ୍କଳ ପରିଷଦ ପକ୍ଷରୁ ବୁଧବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଉତ୍କଳ ପରିଷଦ ଅଧକ୍ଷ ତଥା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଅଧକ୍ଷତା କରି ଜାନକୀବଲ୍ଲଭଙ୍କ ସଂସ୍କୃତ ଶାସ୍ତ୍ର ପ୍ରତି ଥିବା ପ୍ରୀତି ଓ ଆବେଗ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାନକୀବଲ୍ଲଭଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ଅଧକ୍ଷ ପ୍ରଫେସର ରଘୁନାଥ ପଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଅନେକ ନୂତନ ତଥ୍ୟ ଅବତାରଣା କରିଥିଲେ। ସଭାରେ ଡ. ସୋମନାଥ ଦାଶ ବରେଣ୍ୟ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ପରିଷଦର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଡ. ପାରମିତା ପଣ୍ଡା, କୋଷାଧକ୍ଷ ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ, ଡ. ପ୍ରସନ୍ନ କୁମାର ପଣ୍ଡା, ଡ. ଦୁର୍ଗାଶରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### କରୋନା ରିପୋର୍ଟକୁ ନେଇ ଉତ୍ତେଜନା

#### ବରଗାଁରେ ମେଡିକାଲ କର୍ମଚାରୀ ଅଟକ

ବଲାଙ୍ଗୀର ଅଫିସ, ୨୨।୪

ବଲାଙ୍ଗୀର ସଦର ବ୍ଲକ ବୈଦିପାଲି ପଞ୍ଚାୟତର ବରଗାଁରେ ଦୁଇଦିନ ତଳେ ୪୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଆଶାକର୍ମୀଙ୍କୁ ସମସ୍ତ ସଂକ୍ରମିତଙ୍କୁ ଔଷଧ ଦେବାକୁ ଦିଆଯାଇଥିଲା। ତେବେ ଗାଁର କେତେକ ଲୋକ ଉକ୍ତ ଟେଷ୍ଟ ରିପୋର୍ଟରେ ଭୁଲ ଥିବା ସନ୍ଦେହ କରିଥିଲେ । ମେଡିକାଲ ଟିମ୍‌ର ଭୁଲ ରିପୋର୍ଟରୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି କହି ଔଷଧ ନେବେନାହିଁ ବୋଲି ଆଶାକର୍ମୀଙ୍କୁ କହିଥିଲେ। ଆଶାକର୍ମୀ ଚୁଡାପାଲି ମେଡିକାଲ ଅଫିସରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗୁରୁବାର ଅପରାହ୍ଣରେ ଚୁଡାପାଲି ମେଡିକାଲ ଟିମ୍ ବରଗାଁରେ ପହଞ୍ଚି ଲୋକଙ୍କୁ ଔଷଧ ଦେବାବେଳେ ଏହାକୁ ବିରୋଧ କରି ଉକ୍ତ ଟିମ୍‌ର ୪ଜଣ ସଦସ୍ୟଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ବନ୍ଧପଡା ଫାଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛନ୍ତି। ଏନେଇ ସିଡିଏମ୍‌ଓ ଡା. ଭୀମ ସାହୁଙ୍କୁ ପଚରାଯିବାରୁ ମେଡିକାଲ କର୍ମଚାରୀଙ୍କ ଅଟକ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି କହିଛନ୍ତି। ତେବେ ବରଗାଁରେ ୪୯ ଜଣ ସଂକ୍ରମିତ ଆଟିପିସିଆର ଟେଷ୍ଟ ରିପୋର୍ଟ ଓ ଏହାକୁ ସନ୍ଦେହ କରିବା ଠିକ୍ ନୁହେଁ ବୋଲି କହିଛନ୍ତି।

# ନୀଳାଚଳ ଅକ୍ସିଜେନ୍ ପ୍ଲାଣ୍ଟ ଅଚଳ

## କରୋନା ସମୟରେ କାର୍ଯ୍ୟକ୍ଷମ ଦାବି



ଯାଜପୁର ଅଫିସ,୨୨।୪

କରୋନା ସଂକ୍ରମଣର ମହାବିପତ୍ତି ସମୟରେ ଦେଶବ୍ୟାପୀ ଅକ୍ସିଜେନ୍‌ର ଘୋର ଅଭାବ ଦେଖାଦେଇଛି । ନାସିକ କୋଭିଡ୍ ହସ୍ପିଟାଲରେ ବୁଧବାର ଅକ୍ସିଜେନ ଅଭାବରୁ ୨୨ ରୋଗୀଙ୍କ ମୃତ୍ୟୁ ହୋଇଛି । ଏଭଳିସ୍ଥିତିରେ ଅଧିକାଂଶ ଡାକ୍ତରଖାନାରେ ଗଚ୍ଛିତ ଅକ୍ସିଜେନ ସରିବାକୁ ବସିଛି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସରକାର ଅକ୍ସିଜେନ ସୃଷ୍ଟି ପାଇଁ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଯଦିଓ ଓଡ଼ିଶାରେ ସମ୍ପ୍ରତି ଅକ୍ସିଜେନର ଅଭାବ ପରିଲକ୍ଷିତ ହୋଇ ନାହିଁ, ତେବେ ଆଗାମୀ ଦିନ ପାଇଁ ବନ୍ଦ ପଡିଥିବା ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଗଲେ ନାସିକ ଭଳି ପରିସ୍ଥିତିକୁ ଏଡ଼ାଯାଇ ପାରିବ ବୋଲି ଦାବି ଉଠିଛି।

ଯାଜପୁର ଜିଲା କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ରାଜ୍ୟରେ ଏକାଧିକ ଷ୍ଟିଲ୍ ପ୍ଲାଣ୍ଟ ଗଢି ଉଠିଛି। ପ୍ରତି ଷ୍ଟିଲ୍ ପ୍ଲାଣ୍ଟରେ ଅକ୍ସିଜେନ୍‌ର ପ୍ରମୁଖ ଭୂମିକା ରହୁଥିବାରୁ ସେମାନେ ଅକ୍ସିଜେନ ପ୍ଲାଣ୍ଟ ସ୍ୱତନ୍ତ୍ର ଭାବେ ନିର୍ମାଣ କରିଥାନ୍ତି। ଏହିକ୍ରମରେ ଯାଜପୁର ଜିଲାର କଳିଙ୍ଗନଗରରେ ପ୍ରତିଷ୍ଠିତ ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଆଇଏନ୍‌ଏଲ୍ ସମେତ ଟାଟା ଷ୍ଟିଲ୍ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ୍ ପ୍ରମୁଖ କାରଖାନାରେ ଅକ୍ସିଜେନ ପ୍ରସ୍ତୁତ କରିବାକୁ ପ୍ଲାଣ୍ଟ ବସାଯାଇଛି। ତେବେ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ନୀଳାଚଳ କାରଖାନା ବନ୍ଦ ପଡିଥିବାରୁ ଅକ୍ସିଜେନ ସେଠାରୁ ଆଉ ମିଳି ପାରୁନାହିଁ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଆଇଏନ୍‌ଏଲ୍‌ରେ ୨୦୧୨ରେ ଏକ ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିଲା। ଦୈନିକ ୪୧୮ ଟନ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟରୁ ୫ ପ୍ରତିଶତ ଅକ୍ସିଜେନ ହସ୍ପିଟାଲମାନଙ୍କୁ ବିକ୍ରି କରିବାକୁ ଚୁକ୍ତି ରହିଥିଲା। ତଦନୁସାରେ ସ୍ୱତନ୍ତ୍ର ବୈଷୟିକ ଯନ୍ତ୍ରପାତି ସ୍ଥାପନ ହୋଇଥିଲା। ବାକି ଅକ୍ସିଜେନ କାରଖାନା କାମରେ ଲାଗୁଥିଲା। ଏହି ପ୍ଲାଣ୍ଟ ପାଇଁ ୩୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୨୦୨୦ ମାର୍ଚ୍ଚ ୩୦ରୁ ଏହି କାରଖାନା ବନ୍ଦ ରହିଥିବାରୁ ଅକ୍ସିଜେନ ପ୍ଲାଣ୍ଟ ମଧ ବନ୍ଦ ରହିଛି। ଏହି ବର୍ଷକ ମଧ୍ୟରେ ନୀଳାଚଳରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ପୁନଃ କାରଖାନା ଚଳାଇବାକୁ ଦାବି, ଆନ୍ଦୋଳନ କରି ଆସୁଛନ୍ତି। ତେବେ ଅକ୍ସିଜେନ କାରଖାନା ବନ୍ଦ ରହିଥିବାରୁ ହସ୍ପିଟାଲମାନଙ୍କୁ ନୀଳାଚଳର ଉତ୍ପାଦନ କ୍ଷମତାର ୫ ପ୍ରତିଶତ ଅକ୍ସିଜେନ ଆଉ ମିଳୁ ନାହିଁ। ଏଭଳିସ୍ଥିତିରେ ନୀଳାଚଳ କାରଖାନାର ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଗଲେ ବର୍ତ୍ତମାନର ଜଟିଳ ପରିସ୍ଥିତିରେ ଯାଜପୁର ଜିଲାର କିଛିଟା ଅକ୍ସିଜେନ ଅଭାବ ପୂରଣ ହୋଇପାରନ୍ତା ବୋଲି ବିଭିନ୍ନସ୍ତରରେ ମତ ପ୍ରକାଶ ପାଇଛି ।

# ‘କରୋନାରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ସଦୁପଯୋଗ କର’



କୁଳାଧିପତି ପ୍ରଫେସର ଗଣେଶୀ ଲାଲ (ବାମ)।

## କୁଳପତିଙ୍କୁ କୁଳାଧିପତିଙ୍କ ପରାମର୍ଶ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ମହାମାରୀ କରୋନା ବିରୋଧରେ ଲଢ଼େଇରେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି। ବ୍ୟାପକ ଜନ ସଚେତନତା ସୃଷ୍ଟି ସହିତ ସ୍ଥାନୀୟ ପ୍ରଶାସନର ସହଭାଗିତାରେ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ଭିତ୍ତିଭୂମିର ସଦୁପଯୋଗ ପାଇଁ କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କୁଳପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ରାଜ୍ୟପାଳ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଆଲୋଚନା କରି ସ୍ଥିତିର ସମୀକ୍ଷା କରିଥିଲେ। କରୋନା ବିରୋଧୀ ଲଢ଼େଇରେ ପ୍ରଭାବଶାଳୀ କ୍ରିୟାଶୀଳ ଭୂମିକା ଗ୍ରହଣ କରିବା ସହ ହୋର୍ଡିଂ, ପ୍ରଚାରପତ୍ର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ନୂତନ ନିର୍ମାଣ ନ କରିବାକୁ ଓ ଆର୍ଥିକ ମିତବ୍ୟୟିତାକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଠିକ୍ ସମୟରେ ସାର୍ଟିଫିକେଟ୍ ପ୍ରଦାନ, ଗବେଷଣାକୁ ପ୍ରୋତ୍ସାହନ ଓ ସ୍କଲାରମାନଙ୍କୁ ଗାଇଡ୍ ଆବଣ୍ଟନ, ପେନ୍‌ସନ ମାମଲାର ତ୍ୱରିତ ସମାଧାନ ଓ ଡିଜିଟାଲ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟପାଳ କହିବା ସହ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ମାମଲାର ଫଇସଲା, ବିଶେଷ କରି ପେନ୍‌ସନ କେସ୍‌ଗୁଡ଼ିକର ତ୍ୱରିତ ଫଇସଲା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। କୁଳପତିମାନେ ସାମ୍ପ୍ରତିକ ସ୍ଥିତି ଓ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

# ‘ପୂର୍ବବର୍ଷ ଅପେକ୍ଷା ବଢ଼ିଛି ଅଣଟିକସ ଆୟ’

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

କୋଭିଡ୍ ସଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଜନିତ ମାନ୍ଦା ଅବସ୍ଥାକୁ ଅତିକ୍ରମକରି ୨୦୨୦-୨୧ରେ ରାଜ୍ୟର ଅଣଟିକସ ଆୟ ପୂର୍ବବର୍ଷ ଅପେକ୍ଷା ୪୮.୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୧୪,୬୪୭ କୋଟି ଟଙ୍କା ଅଣଟିକସ ବାବଦରେ ଆଦାୟ ହୋଇଥିବା ବେଳେ ୨୦୨୦-୨୧ରେ ୨୧,୭୭୦.୬୪ କୋଟି ଟଙ୍କା ଆଦାୟ ହୋଇଛି ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଗୁରୁବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଅଶୋକ କୁମାର ମୀନା ବିଭିନ୍ନ ବିଭାଗରେ ରାଜସ୍ୱ ସଂଗ୍ରହ ଏବଂ ଯୋଜନା ବାବଦ ଆବଣ୍ଟନର ବିନିଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଛନ୍ତି। ବିଭାଗୱାରୀ ତଥ୍ୟର ସମୀକ୍ଷା କରି ଦ୍ରୁତ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ଯୋଜନା ଓ ସ୍କିମ୍‌ରେ ଦିଆଯାଇଥିବା ଅର୍ଥର ବିନିଯୋଗ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୀନା ଆହୁରି କହିଛନ୍ତି ଯେ, ଅଧିକ ସଂଖ୍ୟକ ଜିବୀକା ନିର୍ବାହ ପନ୍ଥା ଅଭିବୃଦ୍ଧି ସମ୍ବନ୍ଧିତ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ନିଜସ୍ୱ ଟିକସ ବାବଦରେ ୨୦୧୯-୨୦ ବର୍ଷରେ ୩୨,୩୧୫ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ୨୦୨୦-୨୧ରେ ଏହା ୩୪,୩୧୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ନିଜସ୍ୱ-ଟିକସ ବାବଦରେ ମଧ ଅଭିବୃଦ୍ଧି ହାର ପୂର୍ବବର୍ଷ ତୁଳନାରେ ୭.୧୧ ପ୍ରତିଶତ ଅଧିକ ହୋଇଛି। ରାଜସ୍ୱ ସଂଗ୍ରହ ବୃଦ୍ଧିସହ ଆବଣ୍ଟିତ ଅର୍ଥ ବିନିଯୋଗରେ ମଧ ବୃଦ୍ଧି ଘଟିଛି। ୨୦୨୦-୨୧ ମାର୍ଚ୍ଚ ଶେଷସୁଦ୍ଧା ସମୁଦାୟ ଅର୍ଥ ବିନିଯୋଗ ୧ ଲକ୍ଷ ୨୬ ହଜାର ୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅନ୍‌ଲାଇନ୍ ଟ୍ୟାକ୍ସ ପେଠ ଏବଂ ଇଲେକ୍ଟ୍ରୋନିକ୍ ରସିଦ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ମଧ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି ବୋଲି ସୀମା କହିଛନ୍ତି। ମୁଖ୍ୟ ଶାସନ ସଚିବ ଡ଼ି.ଏମ୍.ଏଫ୍ ଏବଂ ଓମ୍ୱାଡସ୍ ପ୍ରକଳ୍ପଗୁଡିକର ମଧ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୧ ମାର୍ଚ୍ଚ ଶେଷସୁଦ୍ଧା ଡ଼ିଏମ୍‌ଏଫ୍ ରେ ସମୁଦାୟ ୧୨,୩୭୬ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ଏହି ପାଣ୍ଠିରୁ ପ୍ରାୟ ୧୩,୭୪୯ କୋଟି ଟଙ୍କା ଆକଳନର ୧୯୪୯୬ ପ୍ରକଳ୍ପକୁ ଅନୁମୋଦ ଦିଆଯାଇଛି।

### ହାତଗୋଡ଼ ବନ୍ଧା ଅବସ୍ଥାରେ ୨ଯୁବକ ଉଦ୍ଧାର

ସାରସକଣା, ୨୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରିଆରୁ ବହରାଗୋଡା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର କାଳିମନ୍ଦିର ନିକଟରେ ଗୁରୁବାର ଦୁଇ ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଖାରପୋଖରିଆ ପୋଲିସ ଉଦ୍ଧାର କରିଛି। ସେମାନଙ୍କ ହାତଗୋଡ ଏକ ରଶି ଦ୍ୱାରା ବନ୍ଧାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଦୁଇ ଯୁବକଙ୍କୁ ଅନ୍ୟ କେଉଁଠାରୁ ଅଣାଯାଇ ରାସ୍ତାକଡରେ ଫିଙ୍ଗି ଦିଆଯାଇଥିବା ପୋଲିସ ଅନୁମାନ କରିଛି। ସବଇନ୍ସପେକ୍ଟର ପଞ୍ଚାନନ ମହାନ୍ତି ପହଞ୍ଚି ଦୁଇ ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନିକଟସ୍ଥ ମେଡିକାଲକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସବଇନ୍ସପେକ୍ଟର ସୂଚନା ଦେଇଛନ୍ତି।

## ଟେଷ୍ଟ ପାଇଁ ଅପେକ୍ଷା...



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କୋଭିଡ୍ ଆଉଟ୍‌ଡୋର୍‌ରେ ଗୁରୁବାର ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଲୋକେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ବିଧାୟକ ପ୍ରଦୀପଙ୍କ ନାମରେ ପୁଣି ମାମଲା

## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ



ଗୋପାଳପୁର,୨୨।୪

ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ଅଭିଯୋଗରେ ଗଞ୍ଜାମ ଜିଲା ଗୋପାଳପୁର ବିଧାୟକ ଡ.ପ୍ରଦୀପ ପାଣିଗ୍ରାହୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଗୋଳନ୍ଥରା ଥାନା ପୋଲିସ ତାଙ୍କ ନାମରେ ଆଉ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଖବର ଅନୁସାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ମାଝଗାଁର ଶିବ ପାତ୍ରଙ୍କୁ ଟାଟା ମୋଟର୍ସରେ ଚାକିରି କରାଇ ଦେବି ବୋଲି ପ୍ରଦୀପ କହିଥିଲେ। ଏ ବାବଦରେ ବିଧାୟକ ଓ ତାଙ୍କର ଜଣେ ସହଯୋଗୀ ସର୍ବେଶ୍ୱର ରାଓ ଶିବଙ୍କୁ ୬ ଲକ୍ଷ ଟଙ୍କା ମାଗିଥିଲେ। ଗତବର୍ଷ ଅକ୍ଟୋବର ୨୦ରେ ବିଧାୟକ ପାଣିଗ୍ରାହୀଙ୍କୁ ଶିବ ୩ ଲକ୍ଷ ଟଙ୍କା ଦେଇଥିଲେ। ଚାକିରି ପରେ ବଳକା ୩ ଲକ୍ଷ ଦିଆଯିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଶିବଙ୍କୁ ଚାକିରି ମିଳି ନ ଥିଲା। ଏ ନେଇ ଶିବ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୱାନ୍‌ସିସି କେସ୍ କରିଥିଲେ। ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋଳନ୍ଥରା ଥାନା ପୋଲିସ ଗତ ୨୦ ତାରିଖରେ ନଂ.୧୧୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବର୍ତ୍ତମାନ ଗୋଳନ୍ଥରା ଥାନାରେ ବିଧାୟକଙ୍କ ନାମରେ ୪ଟି ମାମଲା ରୁଜୁ ହୋଇଥିବା ବେଳେ ସେ ୫ ମାସରୁ ଊର୍ଦ୍ଧ୍ୱ ହେବ ଜେଲରେ ରହିଛନ୍ତି।

# ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ବସ୍ ଅଟକ

ଖଇରା, ୨୨।୪(ଡି.ଏନ.ଏ.)

ତାମିଲନାଡୁର କୋଏମ୍ବାଟୁରରୁ ପ୍ରବାସୀ ଓଡିଆଙ୍କୁ ନେଇ ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ଅଞ୍ଚଳକୁ ଆସୁଥିବା ଏକ ବସ୍‌କୁ ଖଇରା ପୋଲିସ ବୁଧବାର ରାତିରୁ ଥାନାରେ ଅଟକ ରଖିଛି। ଉକ୍ତ ବସ୍ ଖଇରା ଅଞ୍ଚଳରୁ ସେଠାରେ କାର୍ଯ୍ୟ କରୁଥିବା ପ୍ରବାସୀଙ୍କୁ ନେଇ ଆସିଥିବା ବେଳେ ପୁନଶ୍ଚ ଆଉ କିଛି ପ୍ରବାସୀଙ୍କୁ ସାଥିରେ ଧରି ତାମିଲନାଡୁ ଯିବାର ଯୋଜନା ରଖି ହରିପୁର ନିକଟରେ ଠିଆ ହୋଇଥିଲା। କେତେଜଣ ଗ୍ରାମବାସୀ ଖବର ଦେବା ପରେ ପୋଲିସ ବସ୍‌କୁ ଜବତ କରି ଥାନାକୁ ନେଇ ଆସିଛି। ଏଥିସହ ଡ୍ରାଇଭର, ହେଲପର ଓ ସ୍ଥାନୀୟ ଯୁବକଙ୍କୁ ମଧ ଅଟକ ରଖାଯାଇଛି। ତେବେ ବସ୍‌ର ଅନୁମତି ପତ୍ର, ଇନସ୍ୟୁରାନ୍ସ, ଲାଇସେନ୍ସ ସବୁକିଛି ଠିକ୍ ଥିବାରୁ ଖୁବଶୀଘ୍ର ତାକୁ ଛାଡି ଦିଆଯିବ ବୋଲି ପୋଲିସ କହିଛି। ରାଜ୍ୟର ସମସ୍ତ ସୀମା ସିଲ୍ ଥିବା ବେଳେ ବସ୍ କିଭଳି ପ୍ରବେଶ କରିପାରିଲା ଏବଂ ଆସିଥିବା ପ୍ରବାସୀଙ୍କୁ କାହିଁକି କ୍ୱାରାଣ୍ଟାଇନରେ ରଖାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।



ଥାନା ପରିସରରେ ଅଟକ ଥିବା ବସ୍।

# ‘ସରକାର ମାଗଣାରେ ଟିକା ଦିଅନ୍ତୁ’

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ରାଜ୍ୟ ସରକାର ମାଗଣାରେ କୋଭିଡ୍ ଟିକା ଦିଅନ୍ତୁ ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବିରୋଧୀଙ୍କ ଏଭଳି ଦାବିକୁ ଶାସକ ଦଳ ନିନ୍ଦା କରିବା ସହ ବିରୋଧୀ ଟିକାକରଣକୁ ନେଇ ରାଜନୀତି କରୁଥିବା ଅଭିଯୋଗ କରିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋଭିଡ୍ ଟିକାକରଣ ପ୍ରସଙ୍ଗରେ କିଛି ସ୍ୱତନ୍ତ୍ର ଅଧିକାର ରହିବା ଦରକାର ବୋଲି ଓଡ଼ିଶା ସରକାର ବାରମ୍ବାର କହିଆସୁଥିଲେ । ଏପରିକି ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବା ସହ କିଛି ପ୍ରସ୍ତାବ ଦେଇଥିଲେ, ଯାହାକି ଗଣମାଧ୍ୟମରେ ପ୍ରଚାର ମଧ କରାଯାଇଥିଲା । ଖୋଲା ବଜାରରେ କୋଭିଡ୍ ଟିକା ଉପଲବ୍ଧ ହେଲେ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ମଧ କହିଥିଲେ । କେନ୍ଦ୍ର ସରକାର ଏହି



ପ୍ରସଙ୍ଗରେ ବିଶେଷଜ୍ଞ, ଡାକ୍ତର, ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡିକ ସହ ବିସ୍ତୃତ ଆଲୋଚନା କରି ରାଜ୍ୟ ସରକାର ଏବଂ ଖୋଲା ବଜାରରେ ୫୦ ପ୍ରତିଶତ ଟିକା ଉପଲବ୍ଧ କରାଇବାର ବ୍ୟବସ୍ଥା ଗ୍ରହଣ କଲେ । ଏବେ ରାଜ୍ୟ ସରକାର ନିଜ ଆଡୁ ଆଗେଇ ଆସି ଓଡ଼ିଶା ପାଇଁ ଆବଶ୍ୟକ ପରିମାଣର ଟିକା କ୍ରୟ କରି ମାଗଣାରେ ଯୋଗାଇଦେବାର ଘୋଷଣା କରନ୍ତୁ ବୋଲି ପୃଥ୍ୱୀରାଜ ଦାବି କରିଛନ୍ତି । କଂଗ୍ରେସ ନେତା ପ୍ରଦୀପ ମାଝି କହିଛନ୍ତି, ଓଡ଼ିଶାରେ ପ୍ରାୟ ୭୦ ଭାଗରୁ ଅଧିକ ଲୋକ ଗରିବ ସୀମାରେଖା ତଳେ ଅଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସମସ୍ତଙ୍କୁ କୋଭିଡ୍ ଟିକା ମାଗଣାରେ ଦିଆଯିବାର ଆବଶ୍ୟକତା ରହିଛି। ଏହି ଦାବି ସରକାର ତୁରନ୍ତ ପୂରଣ କରିବାକୁ ଘୋଷଣା କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଉଥିବା ସେ କହିଛନ୍ତି। ଅପରପକ୍ଷରେ ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, କୋଭିଡ୍ ରୋଗୀଙ୍କୁ ସରକାର ମାଗଣାରେ ଚିକିତ୍ସା ଯୋଗାଇ ଦେଉଛନ୍ତି। ଲୋକଙ୍କ ସୁବିଧା ଲାଗି ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଯଦି ସମ୍ବଳ ଭିତରେ ଲୋକଙ୍କୁ ଟିକା ଯୋଗାଇ ଦିଆଯାଇପାରିବ ତେବେ ସରକାର ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ୱେଷ୍ଟ୍-୨୧-୨୨-୦୩, (୨) ସିକେପି-ୱେଷ୍ଟ୍-୨୧-୨୨-୦୪, (୩) ସିକେପି-ୱେଷ୍ଟ୍-୨୧-୨୨-୦୫, (୪) ସିକେପି-ସେଣ୍ଟ୍ରାଲ-୨୧-୨୨-୦୩, ତାରିଖ: ୨୦।୦୪।୨୦୨୧।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., କାର୍ଯ୍ୟର ନାମ: (୧)** (i) ୦୩ ବର୍ଷ ଅବଧି ପାଇଁ ଡିଇଏନ୍ (ୱେଷ୍ଟ୍)/ସିକେପିଙ୍କ ଅଧୀନରେ ଏସ୍‌ଏସ୍‌ଇ (ୱାର୍କସ୍)/ଆରଓୟୁ ଏବଂ ଏସ୍‌ଏସ୍‌ଇ(ୱାର୍କସ୍-II)/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାରରେ ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର ବ୍ରିଜ୍ ମେଣ୍ଟେନାନ୍ସ କାର୍ଯ୍ୟର ନିୟମିତ ନିରୀକ୍ଷଣ/ତତ୍ତ୍ୱାବଧାନ ବ୍ରିଜ୍ ସାମଗ୍ରୀ ନେବାଆଣିବା ଲାଗି ୧ ଟନ୍ କ୍ଷମତାବିଶିଷ୍ଟ ଟ୍ରକ୍‌ର ନିୟୋଜନ । (ii) ୦୩ ବର୍ଷ ଅବଧି ପାଇଁ ଡିଇଏନ୍ (ୱେଷ୍ଟ୍)/ସିକେପିଙ୍କ ଅଧୀନରେ ଏସ୍‌ଏସ୍‌ଇ (ୱାର୍କସ୍-I)/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାରରେ ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର ସର୍ଭିସ୍ ଓ ଆବାସିକ ବିଲ୍‌ଡିଂଗୁଡ଼ିକୁ ଦୈନନ୍ଦିନ ମେଣ୍ଟେନାନ୍ସ ଆବଶ୍ୟକତାକୁ ପୂରଣ କରିବା ଲାଗି ୧ ଟନ୍ କ୍ଷମତାବିଶିଷ୍ଟ ମଲ୍ଟି-ୟୁଟିଲିଟି ଗାଡ଼ିର ନିୟୋଜନ । **(୨)** ୦୩ ବର୍ଷ ଅବଧି ପାଇଁ ଡିଇଏନ୍ (ୱେଷ୍ଟ୍)/ସିକେପିଙ୍କ ଅଧୀନରେ ଏସ୍‌ଏସ୍‌ଇ (ୱାର୍କସ୍)/ଜେଏସ୍‌ଜି, ଏସ୍‌ଏସ୍‌ଇ (ପି.ୱେ)/ଜେଏସ୍‌ଜି ଏବଂ ଜିପିଙ୍କ କ୍ଷେତ୍ରାଧିକାରରେ ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରର ବ୍ରିଜ୍ ସାମଗ୍ରୀ ନେବାଆଣିବା ଏବଂ ବ୍ରିଜ୍ ମେଣ୍ଟେନାନ୍ସ ଓ ଟ୍ରାକ୍ ମେଣ୍ଟେନାନ୍ସ କାର୍ଯ୍ୟର ନିୟମିତ ନିରୀକ୍ଷଣ/ତତ୍ତ୍ୱାବଧାନ ଲାଗି ୧ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ । **(୩)** ୦୩ ବର୍ଷ ଅବଧି ପାଇଁ ଡିଇଏନ୍ (ୱେଷ୍ଟ୍)/ସିକେପିଙ୍କ ଅଧୀନରେ ଏସ୍‌ଏସ୍‌ଇ (ପି.ୱେ)/ଆରଓୟୁ/ ଏବଂ ଏସ୍‌ଏସ୍‌ଇ (ପି.ୱେ-I)/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାରରେ ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର ଟ୍ରାକ୍ ମେଣ୍ଟେନାନ୍ସ କାର୍ଯ୍ୟର ନିୟମିତ ନିରୀକ୍ଷଣ/ତତ୍ତ୍ୱାବଧାନ ପାଇଁ ରେଳପଥ ସାମଗ୍ରୀଗୁଡ଼ିକୁ ନେବାଆଣିବା ପାଇଁ ୧ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ । **(୪)** ୦୩ ବର୍ଷ ଅବଧି ପାଇଁ ଡିଇଏନ୍ (ସେଣ୍ଟ୍ରାଲ)/ସିକେପିଙ୍କ ଅଧୀନରେ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ୱାର୍କସ/ଡିଏମ୍‌ଏଫ୍‌ଙ୍କ କ୍ଷେତ୍ରାଧିକାରରେ ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନର ରେଳପଥ ସାମଗ୍ରୀ ନେବାଆଣିବା ପାଇଁ ୧ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ । **ଟେଣ୍ଡର ମୂଲ୍ୟ:** ₹୩୪,୪୯,୬୩୮.୨୭ (କ୍ର.ସଂ. ୧ ପାଇଁ), ₹୩୭,୭୭,୦୩୩.୫୩ (କ୍ର.ସଂ. ୨ ପାଇଁ), ₹୨୫,୯୩,୦୯୨.୩୭ (କ୍ର.ସଂ. ୩ ପାଇଁ) ଏବଂ ₹୩୮,୮୯,୬୩୮.୫୫ (କ୍ର.ସଂ. ୪ ପାଇଁ) । **ଇଏମ୍‌ଡି:** ପ୍ରତ୍ୟେକ ପାଇଁ ₹0/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹0/-। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ୨୦।୦୫।୨୦୨୧ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-28)**

## ବ୍ରାହ୍ମଣୀ ନଦୀରେ ବୁଡି ଯୁବକ ମୃତ

**ରାଜନଗର (ଡି.ଏନ.ଏ.):** ରାଜନଗର ଥାନା ବନ୍ଧପଡା ପଞ୍ଚାୟତ ବ୍ରାହ୍ମଣୀ ନଦୀକୂଳରେ ଥିବା ସନ୍ଥପଡା ଗାଁର ଅଶୋକ କୁମାର ରାଉତ(୪୨) ଗାଧୋଇବା ସମୟରେ ନଦୀରେ ବୁଡି ମୃତ୍ୟୁ ଘଟିଛି। ବୁଧବାର ନଦୀରେ ଗାଧୋଇବା ସମୟରେ ଅସାବଧାନତା ବଶତଃ ନଦୀ ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ରାଜନଗର ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଅଶୋକଙ୍କ କୌଣସି ପତ୍ତା ପାଇ ନ ଥିଲେ। ଗୁରୁବାର ଓଡ୍ରାଫ ଟିମ୍ ଅଶୋକଙ୍କ ମୃତଦେହକୁ ଉଦ୍ଧାର କରି ପୋଲିସ ଜିମା ଦେଇଛି। ଏ ନେଇ ଥାନାରେ ନଂ. ୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଟେଣ୍ଡର ଅପେକ୍ଷାରେ ନଦୀବନ୍ଧ ରାସ୍ତା

**ମାର୍ଶାଘାଇ, ୨୨।୪(ଡି.ଏନ.ଏ.)**



ଚିତ୍ରୋପ୍ଳା ନଦୀବନ୍ଧର ମଙ୍ଗଳା ଛକଠାରୁ ତାଳସଙ୍ଗା ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି।

- ୫ କି.ମି. ରାସ୍ତାରେ ଯାତାୟାତ ବନ୍ଦ
- ୨ ପଞ୍ଚାୟତକୁ ମିଳୁନାହିଁ ଆପାଦକାଳୀନ ସେବା
- ବର୍ଷା ପୂର୍ବରୁ ତାଳସଙ୍ଗା-ମଙ୍ଗଳା ଛକ ରାସ୍ତା ନିର୍ମାଣ ଦାବି

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଚିତ୍ରୋପ୍ଳା ନଦୀବନ୍ଧର ମଙ୍ଗଳା ଛକଠାରୁ ତାଳସଙ୍ଗା ପର୍ଯ୍ୟନ୍ତ ରାସ୍ତା ପାଇଁ ଟେଣ୍ଡର ହୋଇନାହିଁ। ଏବେ ଏହି ରାସ୍ତାରେ ଯାତାୟାତ ପ୍ରାୟ ବନ୍ଦ ହୋଇଯାଇଛି। ୫ କି.ମି.ର ଏହି ନଦୀବନ୍ଧ ରାସ୍ତା ପାଇଁ ୨ ପଞ୍ଚାୟତକୁ ଅଗ୍ନିଶମ ଓ ଆମ୍ବୁଲାନ୍ସ ପରି ଆପାଦକାଳୀନ ସେବା ପହଞ୍ଚି ପାରୁନାହିଁ। ଏ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ପୂର୍ବରୁ ଟେଣ୍ଡର ହୋଇଥିଲେ ମଧ୍ୟ କୌଣସି କାରଣରୁ ବନ୍ଦ ହୋଇଥିଲା। ଏହାକୁ ଦୁଇବର୍ଷ ପୂରି ଥିଲେ ମଧ୍ୟ ଏ ନେଇ କୌଣସି ପ୍ରକ୍ରିୟା ବିଭାଗ ପକ୍ଷରୁ କରାଯାଇନାହିଁ। ବର୍ଷାଦିନ ପୂର୍ବରୁ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଗରଜଙ୍ଗାର ନବଘନ ସାମଲ, କୁଆଁରପାଳର ଶରତ ଚନ୍ଦ୍ର ପ୍ରଧାନ, ଦେବାଶିଷ ମହାପାତ୍ର, ତାଳସଙ୍ଗାର ନିରଞ୍ଜନ ଦାଶ, ପ୍ରତାପ କୁମାର ମହାନ୍ତି ପ୍ରମୁଖ କହିଛନ୍ତି, ଚଣ୍ଡିଖୋଲ- ପାରାଦୀପ ୫(କ) ଜାତୀୟ ରାଜପଥକୁ ତାଳସଙ୍ଗା-ମଙ୍ଗଳା ଛକ ରାସ୍ତା ସଂଯୋଗ କରୁଛି। ସେହିପରି ଶାସନିପଡା ସେତୁ ନିର୍ମାଣ ପରେ କେନ୍ଦ୍ରାପଡ଼ା ସଦରକୁ ବାଟ ଫିଟିଛି। ତେବେ ଏହି ୫ କି.ମି. ରାସ୍ତା ଏବେ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇଛି। ରାସ୍ତା ସାରା ଗର୍ତ୍ତ ପାଇଁ ଗାଡି ମୋଟର ଏବେ ଯାତାୟାତ କରୁ ନ ଥିବାବେଳେ ବାଇକ୍‌ଟିଏ ଯିବା ଅସମ୍ଭବ ହୋଇପଡୁଛି। ଏପରିକି ଗରଜଙ୍ଗା ପଞ୍ଚାୟତର ଗରଜଙ୍ଗା, କୁଆଁରପାଳ, ରଣସିଂହସାହି, ତାଳସଙ୍ଗା ପଞ୍ଚାୟତର ତାଳସଙ୍ଗା, ଶସନିପଡା ଗ୍ରାମକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ମିଳୁନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୩-୧୪ ବର୍ଷ ନଦୀବନ୍ଧର ସୁଦୃଢୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ମଙ୍ଗଳା ଛକଠାରୁ ମହମ୍ମଦପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ପାଇଁ ୧୭.୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତାରେ ମାଟି ପକାଯାଇ ନଦୀବନ୍ଧକୁ ପ୍ରଶସ୍ତ କରାଯିବା ସହ ଉଚ୍ଚତା ମଧ୍ୟ ବୃଦ୍ଧି ପାଇଥିଲା। ତେବେ ଗମନାଗମନ ସୁବିଧା ପାଇଁ ରାସ୍ତାକୁ ମୋରମ, ମେଟାଲିଂ, ପିଚୁ କରାଯାଇ ଗମନାଗମନ ଉପଯୋଗୀ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଥିଲା। ଏଥିପାଇଁ ୨୦୧୯ରେ ଜଳସମ୍ପଦ ବିଭାଗ ପକ୍ଷରୁ ତାଳସଙ୍ଗାଠାରୁ ମଙ୍ଗଳା ଛକ ପର୍ଯ୍ୟନ୍ତ ୪.୯୫ କି.ମି. ରାସ୍ତାକୁ ମେଟାଲିଂ କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର କୌଣସି କାରଣରୁ ଏହି ଟେଣ୍ଡର ବାତିଲ ହୋଇଛି। ଇତିମଧ୍ୟରେ ଟେଣ୍ଡର ବାତିଲକୁ ଦୁଇବର୍ଷ ବିତିଥିଲେ ମଧ୍ୟ ଜଳସମ୍ପଦ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ରାସ୍ତା ନିର୍ମାଣ ନ ହେଲେ ବର୍ଷାଦିନେ ଏହି ରାସ୍ତାରେ ଚାଲିକି ଯିବା ଅସମ୍ଭବ ହୋଇପଡିବ। ରାସ୍ତା ନିର୍ମାଣ ବର୍ଷାଦିନ ପୂର୍ବରୁ ନ ସାରିଲେ ସ୍ଥାନୀୟ ଅଞ୍ଚଳର ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ସେମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ ରାଉତଙ୍କୁ ପଚାରିବାରେ ନଦୀବନ୍ଧର ସୁରକ୍ଷା ପାଇଁ ସ୍ପର ଓ ପଥର ପ୍ୟାକିଂ ପାଇଁ ଅନୁଦାନ ଆସିଛି। ଏହି କାର୍ଯ୍ୟ ଏବେ ନିର୍ମାଣାଧୀନ ଅଛି। ନଦୀବନ୍ଧ ରାସ୍ତା ନିର୍ମାଣ ପାଇଁ ଅଦ୍ୟାବଧି ଅର୍ଥ ବ୍ୟବସ୍ଥା ହୋଇପାରିନାହିଁ। ଖୁବ୍‌ଶୀଘ୍ର ଏ ନେଇ ଟେଣ୍ଡର ହେବ ବୋଲି ସେ କହିଛନ୍ତି।

# ମହାନଦୀ ଫେରିଘାଟ ୩୦ ଲକ୍ଷ ୫୦ ହଜାରରେ ନିଲାମ




ଗୁରୁବାର ରାମନଗର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମହାନଦୀ ଫେରି ଘାଟ ନିଲାମ।

**ମହାକାଳପଡ଼ା,୨୨।୪ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାମନଗର ପଞ୍ଚାୟତର ବହାକୁଦ ଗ୍ରାମ ସଂଲଗ୍ନ ମହାନଦୀ ଫେରି ଘାଟ ୩୦ଲକ୍ଷ ୫୦ହଜାର ୯୦୦ ଟଙ୍କାରେ ୨୦୨୧/୨୦୨୨ ଆର୍ଥିକ ବର୍ଷ ପାଇଁ ନିଲାମ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ଏହି ନିଲାମ ପ୍ରକ୍ରିୟାରେ ୧୦ ବିଡର ନିଲାମରେ ଅଂଶଗ୍ରହଣ କରିଥିଲେ। ପରେ ୮ ଜଣ ବିଡର ନିଲାମ ପ୍ରକ୍ରିୟାରୁ ଓହରି ଯାଇଥିଲେ। ୨ ବିଡର ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ଶେଷରେ ବହାକୁଦ ଗାଁର ବିନୋଦ କୁମାର ବେହେରା ସର୍ବୋଚ୍ଚ ୩୦,୫୦,୯୦୦ଟଙ୍କାରେ ନିଲାମ ପାଇଲେ ବୋଲି ବିଡିଓ ଦେବାଶିଷ ରାଉତ ଘୋଷଣା କରିଥିଲେ। ଏହି ସର୍ବୋଚ୍ଚ ନିଲାମ ଅର୍ଥର ୭୫ ପ୍ରତିଶତ ଟଙ୍କା ବ୍ୟାଙ୍କରେ ସେ ଜମା କରିବେ ବୋଲି କୁହାଯାଇଛି। ନିଲାମରେ ଘାଟ ପାର ପାଇଁ ଜଣ ପ୍ରତି ୧୦ ଟଙ୍କା, ସାଇକଲ ପାଇଁ ୧୫ ଟଙ୍କା, ବାଇକ୍ ପାଇଁ ୩୦, ୧୦୦ କିଲୋ ମାଲ ପାଇଁ ୨୦ ଟଙ୍କା, ଛେଳି, ମେଣ୍ଢା ପାଇଁ ୨୦ ଟଙ୍କା, କୁକୁଡ଼ା, ବତକ ପାଇଁ ୧୦ ଟଙ୍କା ଦେଇ ଘାଟ ପାର ହେବା ପାଇଁ ପ୍ରଶାସନ ସୂଚନା ଦେଇଛନ୍ତି। ଏହି ନିଲାମ ପ୍ରକ୍ରିୟା ରାମନଗର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ଫେରି ଘାଟ ଦେଇ ଶତାଧିକ ଶ୍ରମିକମାନେ ପାରାଦୀପ ଶିଳ୍ପାଞ୍ଚଳକୁ ଯାଇଥାନ୍ତି। ଏହିନିଲାମରେ ମହାକାଳପଡ଼ା ଅତିରିକ୍ତ ତହସିଲଦାର ପ୍ରଦୀପ ସେଠୀ, ବିଡିଓ ରାଉତ, ଏବିଡିଓ କିରନ୍ କୁମାର ସାମଲ, ବ୍ଲକ ଏସିଓ ସଂଗ୍ରାମ କେଶରୀ ବେଉରା, ରାମନଗର ସରପଞ୍ଚ ସିପ୍ରା ମଣ୍ଡଳ, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ମହେଶ୍ୱର ସେଠୀ, ମୃତ୍ୟୁଞ୍ଜୟ ମଣ୍ଡଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ରାଉତଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ଥିଲେ।

# ‘ଗମନାଗମନ ହେଉଛି ବିକାଶର ଚାବିକାଠି’



ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲାପାଳ ଓ ନିର୍ବାହୀ ଯନ୍ତ୍ରୀ।

**ଜଗତ୍‌ସିଂହପୁର ଅଫିସ, ୨୨।୪**

- କଣିଆ-ମାଛଗାଁ ରାସ୍ତା ଉନ୍ନତୀକରଣ କାର୍ଯ୍ୟ
- ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ
- ୫.୭୭୫ କିଲୋମିଟର ରାସ୍ତା ପାଇଁ ୯ କୋଟି ଟଙ୍କା ବ୍ୟୟ ଅଟକଳ

ବାଲିକୁଦା ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ରାଜ୍ୟ ରାଜପଥ ଏସ୍‌ଏଚ୍ ୪୩ର କଣିଆ-ମାଛଗାଁ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସ୍‌ୱାନ ଭିସି ରୁମ୍‌ରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଧାରା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ, ଗମନାଗମନ ହେଉଛି ବିକାଶର ଚାବିକାଠି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ୫.୭୭୫ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୮୯୮.୮୬ ଲକ୍ଷ ଟଙ୍କା ଅର୍ଥାତ୍ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଚଳିତ ଜୁଲାଇ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ । ରାସ୍ତାଟି କଣିଆ, ବାଲିକୁଦା, ମାଛଗାଁ ସହ ୮ଟି ପଞ୍ଚାୟତ, ନାଉଗାଁ ବ୍ଲକ, ବିଶେଷକରି ତରାସାହି ପଞ୍ଚାୟତବାସୀଙ୍କ ପାଇଁ ଜୀବନରେଖା ସଦୃଶ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ପୂର୍ତ୍ତ ବିଭାଗ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଦାସ ଧନ୍ୟବାଦ ଦେଇଥିଲେ। କଣିଆଠାରେ ଏହି ଭର୍ଚୁଆଲ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟା, ସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ରାଜନଗରରେ ଶ୍ରୀରାମ ନବମୀ

**ରାଜନଗର, ୨୨।୪(ଡି.ଏନ.ଏ.)**

ଶ୍ରୀରାମ ନବମୀ ରାଜନଗରରେ ପାଳିତ ହୋଇଯାଇଛି। ରାଜନଗର ବଜାର ଦେବୀମଣ୍ଡପଠାରେ ଶ୍ରୀରାମ, ସୀତା, ଲକ୍ଷ୍ମଣଙ୍କ ସମେତ ମହାବୀର ହନୁମାନଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ପଣ୍ଡିତ ଆଲୋଚନା କରୁଛନ୍ତି। କୋଭିଡ ଗାଇଡ ଲାଇନ ଅନୁଯାୟୀ ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ପାଳନ କରାଯାଉଛି। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଜୟ କୁମାର ମିଶ୍ର, ହର କୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ଶ୍ରୀରାମ ଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରୁଛନ୍ତି। କୋଭିଡ କଟକଣା ମଧ୍ୟରେ ଶ୍ରଦ୍ଧାଳୁମାନେ ସକାଳେ ଏବଂ ସନ୍ଧ୍ୟାରେ ଶ୍ରୀରାମଙ୍କ ଦର୍ଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ବଣିକ ସଂଘର ଅନିରୁଦ୍ଧ ପରିଡା, ହୃଷୀକେଶ ସାହୁ, ନୃସିଂହ ଚରଣ ଲେଙ୍କା, ବଟକୃଷ୍ଣ ଷଡଙ୍ଗୀ, ଜତିକୃଷ୍ଣ ମିଶ୍ର, ସୁବାଷ ସାହୁ, ହରେକୃଷ୍ଣ ଲେଙ୍କା, ସୋମନାଥ ବାରିକଙ୍କ ସମେତ ସମସ୍ତ ସଦସ୍ୟାମାନେ ପରିଚାଳନା କରୁଛନ୍ତି।

# ୪୦ରୁ ଊର୍ଦ୍ଧ୍ୱ ଚିଙ୍ଗୁଡ଼ି ଘେରି ଉଚ୍ଛେଦ




ଜେସିବି ଲଗାଇ ବେଆଇନ ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଉଛି।

**ରାଜନଗର, ୨୨।୪(ଡି.ଏନ.ଏ.)**

ରାଜନଗର-ଭିତରକନିକା ମୁଖ୍ୟ ରାସ୍ତାର ହଂସିଣା ବ୍ରିଜ ନିକଟରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ୪୦ରୁ ଊର୍ଦ୍ଧ୍ୱ ଚିଙ୍ଗୁଡି ଘେରିକୁ ପ୍ରଶାସନ ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜନଗର ତହସିଲଦାର ଭୋଳାନାଥ ସେଠୀଙ୍କ ନେତୃତ୍ୱରେ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ସମେତ ଫୋର୍ସ ଯାଇ ଘେରିକୁ ଉଚ୍ଛେଦ କରିଥିଲେ। କଣ୍ଡିରା ପଞ୍ଚାୟତ ହଂସିଣା, ନୂଆଗାଁ, ଜଗନ୍ନାଥପୁର ପ୍ରଭୃତି ମୌଜାରେ ନଦୀ ପାର୍ଶ୍ୱରେ ସରକାରୀ ଜାଗାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଏହି ଘେରିଗୁଡିକୁ ଭାଙ୍ଗିବା ସହ ସେମାନେ ବ୍ୟବହାର କରୁଥିବା ପାଣି ପମ୍ପ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକୁ ଜବତ କରିଛନ୍ତି। ଏ ସମ୍ପର୍କରେ ରାଜନଗର ତହସିଲଦାର ସେଠୀଙ୍କ କହିବା ଅନୁଯାୟୀ, ଏହି ବେଆଇନ ଚିଙ୍ଗୁଡି ଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ନଦୀ ଜଳରେ ମିଶିବା ଦ୍ୱାରା ବହୁ ଜଳଜୀବ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାଛଡା ସରକାରୀ ଜାଗାକୁ ଜବରଦଖଲ କରି ଏହି ଘେରିଗୁଡିକ ନିର୍ମାଣ କରାଯାଇଥିବାରୁ ପର୍ଯ୍ୟାୟକ୍ରମେ ସମସ୍ତ ଘେରିଗୁଡିକୁ ଉଚ୍ଛେଦ କରାଯିବ।

## ସଂକ୍ଷେପରେ

### ଅସଙ୍ଗଠିତ ଶ୍ରମିକଙ୍କୁ ପ୍ରୋତ୍ସାହନ ରାଶି ଦାବି

**କେନ୍ଦ୍ରାପଡା ଅଫିସ,୨୨।୪:**କରୋନା ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟ କେନ୍ଦ୍ରାପଡ଼ା ଜିଲାର ଅସଙ୍ଗଠିତ ଶ୍ରମିକଙ୍କ ପାଇଁ ବିପଦ ସାଜିଛି। କର୍ମ ନିଯୁକ୍ତି ଏବେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି। ଶ୍ରମିକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ସଂକ୍ରମଣ ସମୟରେ ପଞ୍ଜୀକୃତ ଶ୍ରମିକଙ୍କୁ ମାସିକ ୬ ହଜାର ଓ ପଞ୍ଜୀକୃତ ହୋଇ ନ ଥିବା ଶ୍ରମିକଙ୍କ ଚିହ୍ନଟ ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବାକୁ ଓଡ଼ିଶା ପ୍ରଦେଶ ଅସଙ୍ଗଠିତ ଶ୍ରମିକ କଂଗ୍ରେସ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଗୁରୁବାର ଦାବି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ମୀର ମୁର୍ସିଦ କହିଛନ୍ତି, ୨୦୨୦ ମାର୍ଚ୍ଚରୁ କରୋନା ସଂକ୍ରମଣ ସାରା ଦେଶରେ ଦେଖାଦେଇଛି। ଏଥିପାଇଁ ଲକ୍‌ଡାଉନ, ଶଟ୍‌ଡାଉନ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଇଛି। କେନ୍ଦ୍ରାପଡ଼ାରେ ମଧ୍ୟ ପ୍ରଥମ ପର୍ଯ୍ୟାୟ ସଂକ୍ରମଣ ପ୍ରଭାବ ପକାଇଥିଲା। ମାତ୍ର ଦୁଇମାସ ପୂର୍ବେ ଏହି ଶ୍ରମିକମାନେ କର୍ମକ୍ଷେତ୍ରରେ ଯୋଗ ଦେଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ପାଇଁ ସେମାନେ ହାତବାନ୍ଧି ବସିଲେଣି। କର୍ମନିଯୁକ୍ତି ବା ଅର୍ଥ ରୋଜଗାରର ବାଟ ନ ଥିବାରୁ ପରିବାର ଭରଣପୋଷଣ ମୁଖ୍ୟ ସମସ୍ୟା ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଶିବପ୍ରସାଦ ନାଥ, ସୌମେନ୍ଦ୍ର ପୃଷ୍ଟି, ଗୋପାଳ ନାଥ, ସତ୍ୟପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ଗାଈ ମୃତ

**ଆଳି,୨୨।୪(ଡି.ଏନ.ଏ.):** ଗୁରୁବାର ବଜ୍ରପାତ ଘଟି ଆଳି ବ୍ଲକ ସଂସିଧା ପଞ୍ଚାୟତ ମାନପୁର ସେଠୀ ସାହିର ଦୋଳ ଗୋବିନ୍ଦ ସେଠୀ ଗାଈର ମୃତ୍ୟୁ ହୋଇଛି। ତାଙ୍କ ଗାଈ ଅନ୍ୟମାନଙ୍କ ଗାଈ ସହ ଚରିବାକୁ ଯାଇଥିଲା। ସେମାନଙ୍କ ଗାଈ ବିଲରୁ ଚରି ଘରକୁ ଫେରିଥିବା ବେଳେ ତାଙ୍କ ଗାଈ ଫେରି ନ ଥିଲା। ସେ ଗ୍ରାମବାସୀଙ୍କ ସହ ବିଲକୁ ଖୋଜିବାକୁ ଯାଇଥିଲେ। ତାଙ୍କ ଗାଈ ବିଲରେ ବଜ୍ରଘାତରେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଦୋଳଗୋବିନ୍ଦ ଜଣେ ଦିନ ମଜୁରିଆ ସହ ଗାଈର କ୍ଷୀର, ଦହି ଓ ଘିଅ ବିକ୍ରିକରି ପରିବାରର ଗୁଜୁରାଣ ମେଣ୍ଟାଉ ଥିଲେ। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୬୫ ହଜାର ଲିଟର ରନ୍ଧା ମଦ ଜବତ

**କେନ୍ଦ୍ରାପଡା ଅଫିସ,୨୨।୪:** କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଜମ୍ବୁ ସାମୁଦ୍ରିକ ଥାନା ଛପାଲି ଗ୍ରାମରେ ଗୁରୁବାର ଚଢ଼ାଉ କରାଯାଇଥିଲା। ଗ୍ରାମର ଲାଲମୋହନ ଖିଲାରଙ୍କ ଘରୁ ୩୦ ହଜାର ଲିଟର ରନ୍ଧା ମଦ ଜବତ ହୋଇଛି। ସେହିପରି ବିଭାଗୀୟ ଚଢ଼ାଉ ସମୟରେ ନିକଟସ୍ଥ କାଉଶପାଳ ଗ୍ରାମର ରାଜେଶ୍ୱର ଖିଲାରଙ୍କ ଘରୁ ୩୫ ହଜାର ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଦୁଇ ସ୍ଥାନରୁ ମଦ ରାନ୍ଧିବା ସମଗ୍ରୀକୁ ଜବତ କରାଯିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜ ସୂଚନା ଦେଇଛନ୍ତି।

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ: ସମ୍ପତ୍ତି ପାଇଁ ହତ୍ୟା ଅଭିଯୋଗ

**ରାହାମା,୨୨।୪(ଡି.ଏନ୍.ଏ)**

କୁଜଙ୍ଗ ଥାନା ହଂସୁରା ପଞ୍ଚାୟତ ଅନୋଳିପାଟଣା ଗ୍ରାମରୁ ଗୁରୁବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କ୍ଷେତ୍ରବାସୀ ସୂତାର(୮୦)। ଅପରପକ୍ଷେ ବାପାଙ୍କୁ ସମ୍ପତ୍ତି ଲୋଭରେ ହତ୍ୟା କରାଯାଇଛି ବୋଲି ଝିଅ ମଧୁସ୍ମିତା ଓଝା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ. ୧୦/୨୧)ରୁଜୁ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ସମ୍ପତ୍ତି ଲୋଭରେ କ୍ଷେତ୍ରବାସୀଙ୍କ ସହ ୩ ପୁଅ ବହୁ ସମୟରେ ଝଗଡ଼ା କରୁଥିଲେ। ଏପରିକି ବାପାଙ୍କୁ ବହୁ ସମୟରେ ଖାଇବାକୁ ଦିଆଯାଉ ନ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। କିଛିମାସ ପୂର୍ବେ ମା’ଙ୍କ ବିୟୋଗ ପରେ ବାପା କ୍ଷେତ୍ରବାସୀଙ୍କ ଉପରେ ଅତ୍ୟାଚାର ବଢ଼ିଯାଇଥିଲା। ବୁଧବାର ରାତିରେ ୩ ପୁଅ ଓ ବୋହୂମାନେ ମିଶି ବାପାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ଉଦ୍ୟମ କରିଛନ୍ତି ବୋଲି ମଧୁସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମାମଲା ଦାୟିତ୍ୱରେ ଥିବା ଏସ୍‌ଆଇ କହିଛନ୍ତି।

# ୪ ବ୍ଲକ୍‌ର ଚାଷୀ ଉପକୃତ ହେବେ

## ପୁରୁଣା ଗୋବରୀ ନଦୀ ଖନନ ଆରମ୍ଭ

**ପଟ୍ଟାମୁଣ୍ଡାଇ, ୨୨।୪(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇରେ ପ୍ରବାହିତ ୨୦କିମି ବ୍ୟାପୀ ପୁରୁଣା ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡିଥିଲା। ଏହାର ପୁନରୁଦ୍ଧାର ପାଇଁ ୨୦୦୩ଠାରୁ ପଟ୍ଟାମୁଣ୍ଡାଇବାସୀ ଦାବି କରି ଆସୁଥିଲେ। ପଟ୍ଟାମୁଣ୍ଡାଇ ସହ ରାଜନଗର, ମହାକାଳପଡ଼ା, କେନ୍ଦ୍ରାପଡ଼ା ବ୍ଲକର ୩ ଲକ୍ଷ ଚାଷୀଙ୍କର ଜୀବନଜୀବିକା ତଥା ଅର୍ଥନୀତି ଓ ସାମାଜିକ ସ୍ଥିତି ଗୋବରୀ ନଦୀ ଉପରେ ନିର୍ଭର କରୁଛି। ତେବେ ଜନସାଧାରଣଙ୍କ ଦାବି ଫଳରେ ଓଡ଼ିଶା ଷ୍ଟେଟ କନଷ୍ଟ୍ରକ୍ସନ କମ୍ପାନୀ (ଓସିସି) ପକ୍ଷରୁ ଖନନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ହାଇଦ୍ରାବାଦର ଏକ ସଂସ୍ଥା ଖନନ ପାଇଁ ଠିକା ପାଇଥିବା ବେଳେ ୬ ଦିନ ହେଲା ଗୋବରୀ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ଗୋବରୀ ନଦୀ କୂଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳନିକାସ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତଙ୍କୁ ପଚାରିବାରେ ଠିକା ପାଇଥିବା ସଂସ୍ଥା ଗୋବରୀ ନଦୀ ଖନନ କରିବ। ପ୍ରୋକଲିନ୍ ଲଗାଇ ମାଟି ଉଠାଇ ଦୂରରେ ପକାଇବ। ପଙ୍କ ମାଟି ରହିଥିବା ୬ କିମି ନଦୀକୁ ପମ୍ପିଂ କରି ଦୂରରେ ପକାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ୨୦୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲଠାରେ ଗୋବରୀ ନଦୀ ଖନନ ପାଇଁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରିଥିଲେ। ତେବେ ଠିକା ପାଇଥିବା ସଂସ୍ଥା ଅଧାରୁ କାମ ଛାଡି ଚାଲି ଯାଇଥିଲା। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ନଦୀର ପୁନରୁଦ୍ଧାର ପାଇଁ ଦାବି ହେଉଥିଲା। ଗୋବରୀ ନଦୀ ସହ ୩୦ଟିରୁ ଅଧିକ ପାଟନାଳୀ ସଂଯୋଗ କରୁଛି। ନଦୀ ଶୁଖି ଯିବାରୁ ପାଟନାଳୀଗୁଡିକ ଶୁଖିଲା ପଡିଛି। ଏହାଛଡା ଭୂତଳ ଜଳସ୍ତର ୧୦ରୁ ୧୨ ଫୁଟ କମି ଯିବାରୁ ବହୁ ସ୍ଥାନରେ ନଳକୂପରୁ ପାଣି ବାହାରୁନାହିଁ। ଫଳରେ ୪ ବ୍ଲକର ଚାଷୀମାନେ ଅସୁବିଧା ଭୋଗ କରୁଛନ୍ତି। କାମ ନ ପାଇ ଶିକ୍ଷିତ ଯୁବକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି। ପୋତି ହୋଇପଡିଥିବା ପୁରୁଣା ଗୋବରୀ ନଦୀକୁ କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନାରେ ସାମିଲ କରିବାକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୁଦ୍ଧିଜୀବୀ ଜାତୀୟ ଆଇନସେବା ପ୍ରାଧିକରଣ ନିକଟରେ ଦାବି କରିଛନ୍ତି। ଗୋବରୀ ସହ ଚିରସ୍ରୋତା ବ୍ରାହ୍ମଣୀ ନଦୀକୁ ସଂଯୋଗ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ପୁରୁଣା ଗୋବରୀ ନଦୀକୁ ଖନନ କରାଯାଉଛି।

# ଜବରଦଖଲ: ହାତୀଯୋରରୁ ଜଳ ନିଷ୍କାସନ ହେଉନି

## ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି

**ନାଉଗାଁ,୨୨।୪(ସ୍ୱ.ପ୍ର)**



ହାତୀଯୋର ଦଳରେ ଓ ଅବର୍ଜନାରେ ପୋତି ହୋଇଯାଇଛି।

ନାଉଗାଁ ବ୍ଲକର ଗଜରାଜପୁର ପଞ୍ଚାୟତ ଭାତପଡାଠାରୁ ଉତ୍ପତ୍ତି ହୋଇଛି ହାତୀଯୋର। ଏହି ଯୋରଟି ଭାତପଡ଼ା ଦେଇ ଅଲଣା ପଞ୍ଚାୟତର ନହଡିପଡ଼ା, ମୁଣ୍ଡାଳୋ, ବେଣାପଡ଼ା ଦେଇ ଜାମୁଗାଁ ପଞ୍ଚାୟତ ଛଟିଆନାଠାରେ ବାଉଁଶ ଯୋରି ସହ ସଂଯୁକ୍ତ ହୋଇଛି। ପୂର୍ବରୁ ଏହି ଯୋର ଯୋଗୁ ସ୍ଥାନୀୟ ଚାଷୀ ବେଶ୍ ଉପକୃତ ହେଉଥିଲେ। ଯୋରରେ ଗଜରାଜପୁର, ଅଲଣା, ଘୋଡାଂଶ, ନୂଆଗାଁ ଓ ଜାମୁଗାଁ ପଞ୍ଚାୟତର ଚାଷଜମିରୁ ବର୍ଷା ଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହେବା ସହ ବର୍ଷା କମ୍ ସମୟରେ ଉକ୍ତ ପାଣିକୁ ବ୍ୟବହାର କରି ଚାଷ କାର୍ଯ୍ୟ କରାଯାଉଥିଲା। ବର୍ତ୍ତମାନ ଉକ୍ତ ଯୋର ଜବରଦଖଲ ଯୋଗୁ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି।

ଯୋରଟି ଜଳସେଚନ ବିଭାଗ ଅଧୀନରେ ରହିଥିବା ବେଳେ ଏହାର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ କାଳକ୍ରମେ ପୋତି ହୋଇଗଲାଣି। ସେହିପରି ଉକ୍ତ ବିଭାଗ ପକ୍ଷରୁ ଏହି ଯୋରର ବେଣାପଡା ନିକଟରେ ଦୀର୍ଘଦିନ ତଳେ ସାଇଫନ ନିର୍ମାଣ କରାଯାଇଥିଲା। ଫଳରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ସେହିପରି ଓରଣ୍ଡ ନିକଟରେ ଜଣେ ବ୍ୟକ୍ତି ୧ ଏକର ଜମି କ୍ରୟ କରି ଫାର୍ମ ହାଉସ ନିର୍ମାଣ କରିଛନ୍ତି। ଉକ୍ତ ଫାର୍ମ ହାଉସ ପାଇଁ ମାଟି ପୋତିବା ବେଳେ ଯୋର ପୋତି ହେବା ସହ ପଥ ସଙ୍କୁଚିତ ହୋଇଯିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ସେହିପରି ରାସ୍ତାଘାଟ ନିର୍ମାଣ ଯୋରର ଉଭୟପାର୍ଶ୍ୱରେ ଘର, ଛୋଟ ବଜାର ଆଦି ନିର୍ମାଣ ହେବା ଦ୍ୱାରା ଯୋରଟି ପୋତି ହୋଇଗଲାଣି। ଗାଁ ଗଣ୍ଡାର ଆବର୍ଜନା, ହାଟ ବଜାରରୁ ବିଭିନ୍ନ ଅନାବଶ୍ୟକ ପଦାର୍ଥକୁ ଯୋରରେ ପକାଯାଉଛି। କାଳକ୍ରମେ ଯୋର ପୋତି ହେବାରେ ଲାଗିଛି। ବର୍ଷାଦିନେ ଏହା ମାଧ୍ୟମରେ ପାଣି ନିଷ୍କାସନ ହୋଇପାରନାହିଁ। ଦୀର୍ଘଦିନ ଧରି ଏହା ମଧ୍ୟରେ ଦଳ ଭର୍ତ୍ତି ହୋଇ ରହିବା ଦ୍ୱାରା ମଶା ବଂଶ ବୃଦ୍ଧି ହେବା ସହ ବିଷଧର ସାପଙ୍କ ବାସ ସ୍ଥାନ ପାଲଟିଛି। ଯାହାକି ଗ୍ରାମବାସୀଙ୍କ ଦୁଃଖର କାରଣ ପାଲଟିଛି। ଏ ସମ୍ପର୍କରେ ଅଚ୍ୟୁତପୁରର ଭୋଳାନାଥ ଦାସ କୁହନ୍ତି, ଓରଣ୍ଡ ନିକଟରେ ଫାର୍ମହାଉସ ହେବା ଫଳରେ ଯୋରରୁ ପାଣି ନିଷ୍କାସନ ପଥ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଜବରଦଖଲ ଯୋଗୁ ସ୍ଥାନୀୟ ଚାଷୀ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ମନ୍ମଥ ଓଝା ସମିତିସଭ୍ୟ, ଅଲଣା ପଞ୍ଚାୟତ, ହାତୀଯୋରକୁ ପୁନରୁଦ୍ଧାର କରାଗଲେ ୫ ପଞ୍ଚାୟତର ଚାଷୀ ଉପକୃତ ହେବେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

ବଂଶୀଧର ବେହେରା, ଅବସରପ୍ରାପ୍ତ ଶିକ୍ଷକ, ମୁଣ୍ଡାଳ କୁହନ୍ତି, ହାତୀଯୋର ପୋତି ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନରୁଦ୍ଧାର କରାଗଲେ ବିଶେଷ କରି ଚାଷୀମାନେ ଉପକୃତ ହୋଇପାରିବେ। ଜଳସେଚନ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ଯୋରଟିର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି। କିନ୍ତୁ ଜବରଦଖଲ ଯୋଗୁ କିଛି କରି ହେଉନାହିଁ ବୋଲି ସେ କହିଛନ୍ତି।

**୨ ବଖରା ଜଳିଗଲା** | ପାଣିକୋଇଲି,(ଡି.ଏନ.ଏ.): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ମିର୍ଜ୍ଜାପୁର ଗ୍ରାମର ସମ୍ବରା ମୁଣ୍ଡାଙ୍କ ୨ ବଖରା ଚାଳଘର ଗୁରୁବାର ବଜ୍ରପାତରେ ପୋଡି ଯାଇଛି। ଏଥିଯୋଗୁ ଘରର ସମସ୍ତ ଆସବାସ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ବିପନ୍ନ ପରିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଦିଅର ଗିରଫ

**କାଳିଆପାଣି,୨୨।୪(ଡି.ଏନ.ଏ.):** କାଳିଆପାଣି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ଭାଉଜଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ମହିଳା ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଦିଅର ଆସି ଜବରଦସ୍ତ ବଳାତ୍କାର କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୯।୨୧) ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି ।

### ବଜ୍ରପାତରେ ଯୁବକ ମୃତ

**କୋରାଇ/ପାଣିକୋଇଲି,୨୨।୪ (ଡି.ଏନ.ଏ.):** ଯାଜପୁର ଜିଲା କୋରାଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ କୁଲସିରା ଗ୍ରାମରେ ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରଶାନ୍ତ ବାରିକ(୨୪)। ସେ ସକାଳେ କୁଲସିରାରେ ଏକ ଶୁଦ୍ଧକ୍ରିୟା କାର୍ଯ୍ୟରେ ଯୋଗ ଦେଇଥିଲେ। ବଜ୍ରାପାତରେ ସେ ଗୁରୁତର ହେବା ପରେ ତାଙ୍କୁ ତୁରନ୍ତ ଯାଜପୁରରୋଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଦାନଗଦି ଡାକ୍ତଖାନାକୁ ପଠାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପ୍ରଶାନ୍ତ ୧ ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ୨ମାସର ଶିଶୁ କନ୍ୟା ଅଛି ।

### ସ୍ଲୁଇସ ଗେଟ୍ ନିର୍ମାଣ ଦାବି

**ସିଂହପୁର,୨୨।୪(ଡି.ଏନ.ଏ.):** ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ କାମଦେବ ମାହାରା ଘାଇ ସ୍ଥାନରେ ସ୍ଲୁଇସ ଗେଟ୍ ନିର୍ମାଣ ଦାବିରେ ଲୋକେ ଗୁରୁବାର ଘାଇ ମରାମତି କାର୍ଯ୍ୟ ବନ୍ଦ କରିଛନ୍ତି। ଗତ ବନ୍ୟାରେ କାମଦେବ ମାହାରାରେ ଏକ ଘାଇ ହୋଇଥିଲା। ସେବେଠାରୁ ଲୋକେ ଅସ୍ଥାୟୀ ଭାବେ ମରାମତି ରାସ୍ତାରେ ଯାତାୟାତ କରୁଥିଲେ। ଏବେ ଏହି ସ୍ଥାନରେ ସ୍ଥାୟୀ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ସ୍ଥାନରେ ଦୀର୍ଘଦିନ ହେଲା ଲୋକେ ସ୍ଲୁଇସ ଗେଟ୍ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ହେଲେ ସ୍ଲୁଇସ ଗେଟ୍ ନିର୍ମାଣ କରା ନ ଯାଇ ମାଟି କାର୍ଯ୍ୟ ଆରମ୍ଭ ହେଉଥିବାରୁ ଲୋକେ କାର୍ଯ୍ୟ ବନ୍ଦ କରିଛନ୍ତି। ସ୍ଲୁଇସ ଗେଟ୍ ନ ହେଲେ ଲୋକେ କାର୍ଯ୍ୟ କରାଇ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଘନଶ୍ୟାମ ନାୟକ, ବିଜୟ ସାମଲ, ପ୍ରଫୁଲ ନାୟକ, ଅଭିରାମ ନାୟକ ଓ ଅଶୋକ ନାୟକଙ୍କ ସମେତ ୨୦ରୁ ଅଧିକ ଚାଷୀ ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ।

### ସିଂହପୁର ଅଞ୍ଚଳରେ କାଳବୈଶାଖୀ

**ସିଂହପୁର,୨୨।୪(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ଗୁରୁବାର ସକାଳେ କାଳବୈଶାଖୀ ପ୍ରଭାବରେ ପବନ ହେବାରୁ କେତେକ ଚାଳ ଛପର ଉଡିଯିବା ସହ ଛୋଟ ବଡ ଗଛ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ବାଛୋଳ ଛକ ନିକଟରେ ଏକ ତାଳଗଛ ଟାଟା ମ୍ୟାଜିକ ଡାଲା ଗାଡି ଉପରେ ପଡି ଗାଡିର କିଛି ଅଂଶ ଭାଙ୍ଗିଯିବା ସହ ମୁଖ୍ୟ ରାସ୍ତା ଉପରକୁ ଶୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ୭ଘଣ୍ଟା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ଯାଇଥିଲା।

### ବୃଦ୍ଧାଙ୍କୁ ଉଦ୍ଧାର କରି ଜରାଶ୍ରମରେ ଛାଡ଼ିଲେ

**ଚଣ୍ଡିଖୋଲ,୨୨।୪(ଡି.ଏନ.ଏ):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କଡ଼ାଇ ଗଳି ପୋଲତଳୁ ବୁଧବାର ସକାଳେ ଜଣେ ମାନସିକ ଭିନ୍ନକ୍ଷମ ବୃଦ୍ଧାଙ୍କୁ କେତେଜଣ ସାମାଜିକ କର୍ମୀ ଉଦ୍ଧାର କରି ଛତିଆ ନିକଟସ୍ଥ ସେବକ ଜରାଶ୍ରମରେ ଛାଡିଥିବା ସୂଚନା ମିଳିଛି। ବଡ଼ଚଣା ବ୍ଲକ ଖଇରା ଗ୍ରାମର କିଶୋର ବାରିକ କଡ଼ାଇ ଗଳିପୋଲ ଦେଇ ଯାଉଥିବା ବେଳେ ଜଣେ ବୃଦ୍ଧା ଏକୁଟିଆ ବସିଥିବା ଦେଖିଥିଲେ। ସେ ବୃଦ୍ଧାଙ୍କୁ ପଚାରିବାରୁ ତାଙ୍କ ଘର ଧର୍ମଶାଳା ଥାନା ରମ୍ଭାଇ ଗ୍ରାମରେ ବୋଲି ବୃଦ୍ଧା କହିଥିଲେ। ଏହାପରେ କିଶୋର କେତେଜଣ ସହଯୋଗୀଙ୍କ ସହିତ ନେଇ ତାଙ୍କୁ ଜରାଶ୍ରମରେ ଛାଡିଥିଲେ। ତେବେ ବୃଦ୍ଧାଙ୍କ କହିବା ଅନୁସାରେ, ତାଙ୍କ ନାମ ରାଧିକା ଦାସ ଏବଂ ତାଙ୍କର ଦୁଇ ପୁଅ ଅଛନ୍ତି।

# ଲୋକେ ପିଇବେ ଖୋଲା କୂଅ ପାଣି

- ପାଇପ ଜଳଯୋଗାଣ ପ୍ରକଳ୍ପ ଯୋଜନା ବିଫଳ
- କୂଅ, ଚହଲା ଉନ୍ନତୀକରଣ କରିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୨।୪**

ଖରାର ପ୍ରକୋପ ସହିତ ତାଳ ଦେଇ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ବଢ଼ି ଚାଲିଛି। ଭୂତଳ ଜଳସ୍ତର କମିବାରେ ଲାଗିଛି । ଫଳରେ କୂଅ, ନଳକୂପ, ନଦୀ, ପୋଖରୀ ଶୁଖିବା ଆରମ୍ଭ ହୋଇଛି । ପାଣି ପାଇଁ ଗ୍ରାମାଞ୍ଚଳ ଲୋକେ ଡହଳବିକଳ ହେଉଛନ୍ତି। କୂପରୁ ପ୍ରତିଦିନ ଝରୁଥିବା ପାଣି ଓ ନଦୀରେ ଚୁଆ ଖୋଳି ଲୋକେ ଜଳ ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ଯଦିଓ ସେହି ପାଣି ପାନୀୟ ଜଳ ମାନକ ନୁହେଁ, ତଥାପି ଲୋକେ ତାକୁ ବ୍ୟବହାର କରୁଛନ୍ତି। ଖୋଲା କୂପଗୁଡ଼ିକର ଉନ୍ନତୀକରଣ ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଭଳି ନିଷ୍ପତ୍ତି ଲୋକଙ୍କୁ ପୁଣି ଥରେ ଖୋଲା କୂପ ଉପରେ ନିର୍ଭର କରିବାକୁ ପରୋକ୍ଷ ଭାବେ ବାଧ୍ୟ କରାଯାଉଥିବା ସାଧାରଣରେ ମତପ୍ରକାଶ ପାଇଛି। ମେଗା, ମଧ୍ୟମ ଓ କ୍ଷୁଦ୍ର ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ ବିଭାଗ ବିଫଳ ହେବା ପରେ ଏପରି ନିଷ୍ପତ୍ତି ନେଇଥିବା ମନେହେଉଛି ।

୧୯।୪।୨୦୨୧ରେ ଓଡ଼ିଶା ଆରଡବ୍ଲ୍ୟୁଏସ୍ଏସ୍ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ସମସ୍ତ



କୂଅ ପାଇଁ ସିମେଣ୍ଟ ନନ୍ଦ ଦିଆରି ହେଉଛି।

ନିର୍ବାହୀ ଯନ୍ତ୍ରୀଙ୍କୁ ପାନୀୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ନଳକୂପଗୁଡ଼ିକର ଉନ୍ନତୀକରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶନାମାରେ ସେ ଦର୍ଶାଇଛନ୍ତି, ଯେଉଁଠାରେ ଏହି ଗ୍ରୀଷ୍ମ ପ୍ରବାହ ବେଳେ ପାନୀୟ ଜଳ ଯୋଗାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ, ସେଠାରେ ଥିବା ଖୋଲା କୂପ, ଚହଲା ଇତ୍ୟାଦି ଉତ୍ସର ପୁନଃଖନନ କରାଯାଇପାରେ। ଏକ ପାନୀୟ ଜଳଉତ୍ସକୁ ୧.୨ ମିଟର ବ୍ୟାସ ଓ ୨ରୁ ୨.୫ ମିଟର ଗଭୀର ପର୍ଯ୍ୟନ୍ତ ସିମେଣ୍ଟ ରିଙ୍ଗ(ନନ୍ଦ)ର ବ୍ୟବସ୍ଥା କରାଯାଇପାରେ। ଏଥିସହ ଅଧିକ ଗଭୀରତା ପର୍ଯ୍ୟନ୍ତ ଖନନ କରାଯାଇପାରେ, ଯାହା ଦ୍ୱାରା ସଂରକ୍ଷଣ ସୁବିଧା ସହିତ ଜଳ ଯୋଗାଇବ । ସେହି ପ୍ରକଳ୍ପର ବାହ୍ୟ ବ୍ୟାସ ସହିତ ସର୍ବନିମ୍ନ ଘନତା ୦.୩ ମିଟର ତଳୁ ଜଳ ଧାରଣ ଉଚ୍ଚତା ପର୍ଯ୍ୟନ୍ତ ରହିବ। ସିମେଣ୍ଟ ନନ୍ଦକୁ ପ୍ରାକୃତିକ ଭୂମିସ୍ତରଠାରୁ ୦.୬ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିସ୍ତାର କରାଯିବ । ଯେପରି କୂଅରେ ଭୂପୃଷ୍ଠ ଜଳ ପ୍ରବେଶ କରିବ ନାହିଁ। ଉପରୋକ୍ତ କାର୍ଯ୍ୟକୁ ଶେଷ କରିବା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପର୍ଯ୍ୟାୟ କ୍ରମେ ସେହି କୂଅ ପାଣିକୁ ଶୁଦ୍ଧ କରାଯିବ। ଲୋକଙ୍କୁ ବ୍ୟବହାର ଧାରଣା ପ୍ରଦାନ ସହିତ ବ୍ଲିଚିଂ ପାଉଡର ଯୋଗାଇ ଦିଆଯିବ। ଏମିତି ଏକ ସୁରକ୍ଷିତ ପାନୀୟ ଜଳ ଉତ୍ସକୁ ଉପରୋକ୍ତ ଗାଇଡଲାଇନ ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରାଯିବ। ତଦନୁସାରେ ପାଣ୍ଠି ଅଟକଳ କରାଯାଇ ଖର୍ଚ୍ଚ ହେବ ବୋଲି ବିଭାଗୀୟ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ସାରା ରାଜ୍ୟରେ ୬ଟି ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ମିଳିଥିବା ରିପୋର୍ଟ ଅନୁସାରେ ୨୦୨୧ ମାର୍ଚ୍ଚ ସୁଦ୍ଧା ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ୨୨୪୦ କୋଟି ଟଙ୍କା ପାଣ୍ଠି ରହିଥିବାବେଳେ ୧୪୭୪ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଥିରେ ୪୫୦ଟି ପ୍ରକଳ୍ପ ମଧ୍ୟରୁ ୪୧୮ଟି ସମ୍ପୂର୍ଣ୍ଣ ହୋଇଛି। ବସୁଧା ଯୋଜନାରେ ୨୫୦୦ କୋଟିରୁ ୮୮୨.୯୩ କୋଟି ଖର୍ଚ୍ଚ ହୋଇଥିବାବେଳେ ଲକ୍ଷ୍ୟଧାର୍ଯ୍ୟ ୬୫୦ଟି ପ୍ରକଳ୍ପରୁ ୬୦୨ଟି ସମ୍ପୂର୍ଣ୍ଣ ହୋଇଛି। ଆର୍ଆଇଡିଏଫ୍(ରୁରାଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ)ରେ ୭୫୦ କୋଟି ମଧ୍ୟରୁ ୯୬୫.୬୭ କୋଟି ଖର୍ଚ୍ଚ କରାଯାଇ ଧାର୍ଯ୍ୟ ୧୧୦ ପ୍ରକଳ୍ପରୁ ୭୩ଟି ନିର୍ମାଣ ହୋଇଛି। ଚତୁର୍ଥ ସ୍ୱତନ୍ତ୍ର ଅର୍ଥ କମିଶନରେ ୧୩୫ କୋଟି ମଧ୍ୟରୁ ୪୪.୦୮ କୋଟି ଖର୍ଚ୍ଚ କରାଯାଇ ଧାର୍ଯ୍ୟ ୭ଟି ମେଗା ପ୍ରକଳ୍ପରୁ ଗୋଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍ଏଫ୍)ରେ ୧୩୧୯.୪୮ କୋଟି ମଧ୍ୟରୁ ୬୬୦.୩୮ କୋଟି ଖର୍ଚ୍ଚ କରାଯାଇ ଧାର୍ଯ୍ୟ ୪୭୬ଟି ପ୍ରକଳ୍ପରୁ ମାତ୍ର ୧୦୬ଟି ପ୍ରକଳ୍ପ ନିର୍ମାଣ ହୋଇଛି। ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍ବିଏଡିସି)ରେ ଖଣି ପ୍ରଭାବିତ ଅଞ୍ଚଳରେ ଛୋଟବଡ଼ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ, ଝାରସୁଗୁଡ଼ା, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ଛୋଟବଡ ୨୮୬ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିରେ ମାର୍ଚ୍ଚ ଶେଷ ସୁଦ୍ଧା ୫୦୫.୪୯ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଭଳି ଭାବେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସହ ପ୍ରକଳ୍ପ ସଂଖ୍ୟା ବଢୁଥିବାବେଳେ ଲୋକଙ୍କୁ ବିଶୁଦ୍ଧ ପାଣି ଟିକିଏ ମିଳୁନାହିଁ । ନିମ୍ନମାନର କାର୍ଯ୍ୟ ସହ ଠିକାଦାରି ରାଜନୀତି ଯୋଗୁ ଅଧିକାଂଶ ପାଇପ ଜଳଯୋଗାଣ ପ୍ରକଳ୍ପ ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ନିର୍ଦ୍ଧାରିତ ଲୋକଙ୍କୁ ପାଣି ମଧ୍ୟ ପହଞ୍ଚି ପାରୁ ନ ଥିବା ନଜୀର ରହିଛି। ଯଦ୍ଦ୍ୱାରା ସରକାର ନିହାତି ଜରୁରୀ ପରିସ୍ଥିତିରେ ଖୋଲାକୂପ ଉପରେ ନିର୍ଭର କରିବାକୁ ପରାମର୍ଶ ଦେଇ ପ୍ରାୟ ୨୫ ବର୍ଷ ତଳକୁ ଲୋକମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ମତପ୍ରକାଶ ପାଉଛି।

### ସ୍ୱାମୀଙ୍କ ନାଁରେ ନିର୍ଯାତନା ଅଭିଯୋଗ

**କାଳିଆପାଣି,୨୨।୪(ଡି.ଏନ.ଏ.)**

କାଳିଆପାଣି ଥାନା ବରଗଜୀ ଗାଁର ରାଉତ ସୋରେନଙ୍କ ନାମରେ ତାଙ୍କ ସ୍ତ୍ରୀ ଦ୍ରୌପଦୀ ଆଣିଛନ୍ତି ନିର୍ଯାତନା ଅଭିଯୋଗ। ସେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ୨୦୧୧ରେ ବୈଦିକ ରୀତିନୀତିରେ ରାଉତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦ୍ରୌପଦୀଙ୍କ ପରିବାର ଯୌତୁକ ବାବଦରେ ୨ ଲକ୍ଷ ଟଙ୍କା ସହ ସମସ୍ତ ଆସବାବପତ୍ର ଦେଇଥିଲେ। ତେବେ ୨ରୁ୩ ବର୍ଷ ହେବ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ମନମାଳିନ ହୋଇଥିଲା। ଦ୍ରୌପଦୀ ପରିବାର ଚଳାଇବା ପାଇଁ କାମ କରୁଥିଲେ। ଏଥିରେ ତାଙ୍କ ସ୍ୱାମୀ ଅସହିଷ୍ଣୁ ହୋଇ ଗାଁ ମହିଳାଙ୍କ ସହ ନ ମିଶିବାକୁ ଦ୍ରୌପଦୀଙ୍କୁ କହିଥିଲେ। ହେଲେ ସେ ନ ମାନିବାରୁ ତାଙ୍କୁ ଧମକ ଦେଇଥିଲେ। ତେବେ ରାଉତଙ୍କ କୌଣସି ଚାଲ କାମ ନ କରିବାରୁ ଗାଁ ଲୋକ ମାଧ୍ୟମରେ ବୈଠକ ବସାଇଥିଲେ। ଗାଁ ଲୋକ ଉଭୟଙ୍କ ଅଭିଯୋଗ ଶୁଣିବା ପରେ ଦ୍ରୌପଦୀଙ୍କୁ ଛାଡ଼ପତ୍ର ଦେବାକୁ ବାଧ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି, ମହିଳାଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୪୦।୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଛାଖଣ୍ଡି, କୁସୁନପୁରରେ କଳାପଥର ମାଫିଆ ସକ୍ରିୟ

**ଯାଜପୁର ଅଫିସ,୨୨।୪**

ଧର୍ମଶାଳା ତହସିଲ ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବ୍ଜାରେ ରହିଛି। ଏନେଇ ଗତ ୧୨ ତାରିଖରେ ଲୋକାୟୁକ୍ତ ବିଛାଖଣ୍ଡିରେ ହୋଇଥିବା କଳାପଥର ଲୁଟ ଉପରେ ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଯାଜପୁର ଜିଲାପାଳ ତାଙ୍କ ରିପୋର୍ଟରେ ବିଛାଖଣ୍ଡିରେ କଳାପଥର ଲୁଟ କାରବାରକୁ ସ୍ୱୀକାର କରି ସାରିଛନ୍ତି। ତଥାପି କାରବାର ବନ୍ଦ ହେଉ ନାହିଁ। ତେଣୁ ସେହି ଅଞ୍ଚଳରେ ଥିବା ୩୫ରୁ ଊର୍ଦ୍ଧ୍ୱ ମେଗା କ୍ରସରକୁ ବେଆଇନ କଳାପଥର ଯୋଗାଣ ହେଉଛି। ବିଛାଖଣ୍ଡି ଓ କୁସୁନପୁର ଜଙ୍ଗଲ ଜମିରେ ୨୦ ବର୍ଷ ହେଲା କଳାପଥର ଲୁଟ କାରବାର ଚାଲି ଆସିଛି। ବଳଙ୍ଗ ରାଜସ୍ୱ ନୀରିକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ଯାଜପୁର ଅତିରିକ୍ତ ଜିଲାପାଳ (ଏଡିଏମ)ଙ୍କୁ ଦେଇଥିବା ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି । ଏହି ମର୍ମରେ ପରିବେଶ ଅସନ୍ତୁଳନ ଓ ଜଙ୍ଗଲ ନଷ୍ଟ ସଂକ୍ରାନ୍ତରେ ଧର୍ମଶାଳା ତତ୍କାଳୀନ ତହସିଲଦାର ସରୋଜ ପଣ୍ଡା ତାଙ୍କ



କୁସୁନପୁରର ପାହାଡ଼।

**ଭିଜିଲାନ୍ସ ତଦନ୍ତ ସତ୍ତ୍ୱେ ବନ୍ଦ ହେଉନାହିଁ ଚୋରା ଚାଲାଣ**

ପତ୍ରସଂଖ୍ୟା ୯୮୯/୨୮।୩।୨୦୧୯ ଓ ୪୬୧/୭।୨।୨୦୧୯ରେ କଟକ ଡିଭିଜନ ଡିଏଫ୍ଓଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପୂର୍ବରୁ ବଳରାମପୁର ଗ୍ରାମବାସୀ ହାଇକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ବିଛାଖଣ୍ଡି ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୩୮୯ର ପ୍ଲଟ ନମ୍ବର ୧୮୪୮, ୧୮୫୬, ୧୮୬୧, ୧୮୬୬, ୧୮୭୨ ଓ ୧୮୭୧, ଅଞ୍ଜିରା ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୧୭୨୯ ପ୍ଲଟ ନମ୍ବର ୧୪୭୭ ଏବଂ କୁସୁନପୁର ସଂରକ୍ଷିତ ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୬୩୧ ର ପ୍ଲଟ ନମ୍ବର ୧୩୫୮, ୧୩୬୬, ୧୫୨୭ ଓ ୧୫୫୬ ର ୪୫୬.୩୪ ଏକର ଜମିରେ ବେଆଇନ କଳାପଥର ଉତ୍ତୋଳନ ହେଉଛି। ଏହାବାଦ୍ ବେଆଇନ ଖାଦାନ ସହ ଏକାଧିକ କ୍ରସର ମଧ୍ୟ ଜଙ୍ଗଲ ଜମିରେ ଚାଲିଛି। ବେଆଇନ କାରବାର ରୋକିବାକୁ ପୂର୍ବରୁ ତହସିଲ ପକ୍ଷରୁ ଜଙ୍ଗଲ ଜମିରେ ୧୪୪ ଧାରା ଜାରି କରାଯାଇଥିଲା। କିନ୍ତୁ ଜଙ୍ଗଲ ବିଭାଗ, ପୋଲିସ, ତହସିଲ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନ ନେବାରୁ ସେଠାରେ ଏବେ ଆତଙ୍କରାଜ ଚାଲିଥିବା ଖବର ମିଳିଛି ।

### ନୀଳାଚଳ କାରଖାନା କର୍ମଚାରୀଙ୍କ ଧାରଣା

**କଳିଙ୍ଗନଗର,୨୨।୪(ଡି.ଏନ.ଏ.)**

କଳିଙ୍ଗନଗରସ୍ଥିତ ନୀଳାଚଳ କାରଖାନା କର୍ତ୍ତୃପକ୍ଷ ଚୁକ୍ତି ଖିଲାପ କରି ୧୦ ମାସର ବକେୟା ଦରମା ପ୍ରଦାନ କରୁନାହାନ୍ତି। ଏହାର ପ୍ରତିବାଦରେ ଗୁରୁବାର କାରଖାନାର ସମସ୍ତ କର୍ମଚାରୀ କାରଖାନା ପରିସରରେ ଥିବା ରେଳଲାଇନରେ ଧାରଣାରେ ବସିଥିଲେ। ହେଲେ ଘଟଣାର କୌଣସି ସମାଧାନର ବାଟ ବାହାରି ପାରିନାହିଁ। ତେଣୁ ଦରମା ନ ମିଳିବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦିଆଯିବ ବୋଲି ଶ୍ରମିକ ୟୁନିୟନ ପକ୍ଷରୁ ସୂଚନା ମିଳିଛି। ଶ୍ରମିକ ୟୁନିୟନ ପକ୍ଷରୁ କୁହାଯାଇଛି, ଜିଲା ପ୍ରଶାସନ ଉପସ୍ଥିତିରେ ଚୁକ୍ତି ହୋଇଥିଲା ଯେ, ଗଚ୍ଛିତ ଥିବା କଞ୍ଚାମାଲ ଏକ ର୍ୟାକ ବିକ୍ରିର ୧୫ ଦିନ ମଧ୍ୟରେ ଦରମା ଏବଂ ପିଏଫ୍ ଜମା କରାଯିବ। କିନ୍ତୁ ଏହା ମଧ୍ୟରେ ୨ ର୍ୟାକ ଯାଇ ୩ୟ ର୍ୟାକ ଲୋଡିଂ ଚାଲିଥିଲେ ମଧ୍ୟ ଦରମା ଏବଂ ପିଏଫ୍ ଜମା ହୋଇନାହିଁ। ଏହାକୁ ବିରୋଧ କରି କାରଖାନାର ସମସ୍ତ ୟୁନିୟନ ଏବଂ ମିଳିତ ମଞ୍ଚ ଧାରଣାରେ ବସିଛନ୍ତି।

## ରିମାଣ୍ଡ ଆବେଦନ ମଞ୍ଜୁର

- ସର୍ବେଶ୍ୱରଙ୍କ ଉପରକୁ ବୋମାମାଡ଼ ଘଟଣା
- ବାହାରେ ବୁଲୁଛନ୍ତି ୪ ଅଭିଯୁକ୍ତ

**ଯାଜପୁର ଅଫିସ,୨୨।୪**

ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ଉପରକୁ ବୋମାମାଡ଼ ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କ ଟିଆଇ ପରେଡ ସହ ରିମାଣ୍ଡରେ ନେବା ପାଇଁ ପୋଲିସ କରିଥିବା ଆବେଦନକୁ ମଙ୍ଗଳବାର ଚଣ୍ଡିଖୋଲ ଜେଏମ୍ଏଫ୍ସି କୋର୍ଟ ମଞ୍ଜୁର କରିଛନ୍ତି । ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧର୍ମଶାଳା ଥାନା ପୋଲିସ କୌଣସି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ନଥିବା ସୂଚନା ମିଳିଛି। ମଙ୍ଗଳବାର ଗିରଫ ହୋଇ ଜେଲରେ ଥିବା ଦେବେନ୍ଦ୍ର ରାଉତ(ରିଣ୍ଟି)ଙ୍କୁ ଗୁରୁବାରଠାରୁ ୩ ଦିନିଆ ରିମାଣ୍ଡରେ ନେବା ପାଇଁ ଧର୍ମଶାଳା ପୋଲିସ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। ରିମାଣ୍ଡ ପରେ ଏହି ଘଟଣା ପଛରେ ଆଉ କାହାର ସଂପୃକ୍ତି ରହିଛି ତାହା ଜଣା ପଡିବ ବୋଲି ଆଶା କରାଯାଉଛି। ତେବେ ସୁପାରି ଦେଇ ବୋମା ମାଡ଼ ଷଡ଼ଯନ୍ତ୍ର କରିଥିବା କଳାପଥର ମାଫିଆଙ୍କୁ ଏଯାଏ ଗିରଫ କରିପାରିନାହିଁ।

ଅନ୍ୟପକ୍ଷେ ଚଣ୍ଡିଖୋଲ କୋର୍ଟରେ ଧର୍ମଶାଳା ଥାନା ଆଇଆଇସି ଗତ ୮।୪।୨୦୨୧ ତାରିଖରେ ଦାଖଲ କରିଥିବା ରିପୋର୍ଟ ଅନୁସାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆହୁରି ୪ ଜଣ ବାହାରେ ବୁଲୁଛନ୍ତି। ଏହି ଘଟଣାରେ କେତେଜଣ ରାଜନୈତିକ ନେତୃବର୍ଗଙ୍କ ପରୋକ୍ଷ ହାତ ରହିଥିବାରୁ ପୋଲିସ ସେତେଟା ତତ୍ପରତା ପ୍ରକାଶ କରୁ ନାହିଁ ବୋଲି ସର୍ବେଶ୍ୱରଙ୍କ ପରିବାରବର୍ଗ ଓ ତାଙ୍କ ସହଯୋଗୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

## ଦାୟିତ୍ୱ ହସ୍ତାନ୍ତର ଲାଗି ଦର୍ପଣ ତହସିଲଦାରଙ୍କୁ ନିର୍ଦ୍ଦେଶ

**ଚଣ୍ଡିଖୋଲ,୨୨।୪(ଡି.ଏନ.ଏ.)**

ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କ ୫ ତାରିଖରେ ସାଧାରଣ ପ୍ରଶାସନ ବିଭାଗକୁ ବଦଳି ହୋଇଛି। ଏହା ମଧ୍ୟରେ ୧୭ ଦିନ ବିତିଥିଲେ ମଧ୍ୟ ସେ ଅଦ୍ୟାବଧି ତହସିଲଦାର ଦାୟିତ୍ୱ ଛାଡ଼ି ନାହାନ୍ତି। ତେଣୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତାଙ୍କୁ ଚିଠି ଲେଖି ତୁରନ୍ତ ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାପାଳ ୨୨ତାରିଖରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ ବି ତହସିଲଦାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ତହସିଲଦାର ମହାନ୍ତିଙ୍କ ସମୟରେ ବେଆଇନ ବ୍ୟାପକ ବାଲି, ମୋରମ ଓ ପଥର ଖାଦାନ ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ତାଙ୍କର ବଦଳି ହୋଇଥିଲା। ବଦଳି ପରେବି ତହସିଲଦାର ସ୍ଥାନ ଛାଡ଼ି ନ ଥିବାରୁ ଜିଲାପାଳ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ମହାନ୍ତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ବାସନ୍ତିକ ଦୁର୍ଗାପୂଜା ପାଳିତ

**ଛତିଆ,୨୨।୪(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତ ଇଚ୍ଛାନଗରପାଟଣା ଗ୍ରାମରେ ମା' ବାସନ୍ତିକ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଗ୍ରାମ କମିଟି ସଭାପତି ଅମର ନାଥ, ସମ୍ପାଦକ ଗିରିଶ ପାତ୍ର, ରବୀନ୍ଦ୍ର ନାଥ, ଯୁଗଳ ବେହେରା, ସୁନୀଲ ବାରିକ ଓ ମିଟୁ ବାରିକ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମାନି କରାଯାଇଥିଲା।

## ପଣସୁଧା ପୋଲିସ ଗାଡ଼ି ପୋଡ଼ି ଘଟଣାରେ ଆଉ ୬ ଗିରଫ

**ଚଣ୍ଡିଖୋଲ,୨୨।୪(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ପଣସୁଧାରେ ମାର୍ଚ୍ଚ ୬ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ଘଟଣାରେ ଗୁରୁବାର ପୋଲିସ ଆଉ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଭାଗ୍ୟଧର ମଳିକ, ହେମନ୍ତ ମଳିକ, ଚୈତନ୍ୟ ମଳିକ, କିଶୋର ମଳିକ, ମନୋରଞ୍ଜନ ମହାନ୍ତି ଓ ଗଗନ ସାହୁ। ପୂର୍ବରୁ ଏହି ଘଟଣାରେ ଉଭୟ ଗୋଷ୍ଠୀର ୨୫ ଜଣଙ୍କୁ ଗିରଫ କରାଯାଇଥିଲା। ଏହାକୁ ମିଶାଇ ଗିରଫ ସଂଖ୍ୟା ୩୧ରେ ପହଞ୍ଚିଛି। ଆଗକୁ ସଂଖ୍ୟା ବଢ଼ିବ ବୋଲି ପୋଲିସ ସୂଚନା ଦେଇଛି।

ପଣସୁଧାଠାରେ ରାଜନୈତିକ ପତିଆରା ପାଇଁ ଦୁଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଗୋଟିଏ ଗୋଷ୍ଠୀ ପକ୍ଷରୁ ଦୁଇଟି ପୋଲିସ ଗାଡ଼ି ଜାଳି ଦିଆଯାଇଥିଲା। ଏନେଇ ପୋଲିସ ପକ୍ଷରୁ ଥାନା କେସ ନଂ. ୭୩/୨୧ ଓ ୭୪/୨୧ରେ ୩୦୦ ଲୋକଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ଗୋଟିଏ ଗୋଷ୍ଠୀର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଗାଡ଼ି ପୋଡି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶିକ୍ଷକ ବସନ୍ତରାଜ ସାମଲ ଉଚ୍ଚନ୍ୟାୟଳରୁ ଅନ୍ତରୀଣ ସୁରକ୍ଷା ପାଇଛନ୍ତି। ମାତ୍ର ଏହି ଘଟଣାରେ ସମ୍ପୃକ୍ତ ଆଉଜଣେ ଶିକ୍ଷକଙ୍କ ବିରୋଧରେ ଆଜି ଯାଏ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

## ପାନୀୟ ଜଳ ସମସ୍ୟା ସମାଧାନ ଦାବି

**ଧର୍ମଶାଳା,୨୨।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଣ୍ଡିଆ ପଞ୍ଚାୟତ ଖରିଲୋ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ମହିଳାମାନେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଶତାଧିକ ମହିଳା ଗରା, ବାଲତିଧରିପଞ୍ଚାୟତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଅପରାହ୍ନରେ ଧର୍ମଶାଳା ପ୍ରାକ୍ତନ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡା ଖରିଲୋ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ପାଣି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଏହି ସମସ୍ୟା କିଭଳି ତୁରନ୍ତ ଦୂର ହୋଇପାରିବ ସେ ନେଇ ପଣ୍ଡା ଜିଲାପାଳଙ୍କ ନିକଟରେ ଦାବି କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜଳ ସମସ୍ୟା ଦେଇ ଖରିଲୋ ଗ୍ରାମବାସୀ ଗତି କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନ ଦେବା ନେଇ ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମସ୍ୟା ଧର୍ମଶାଳା ବ୍ଲକର ଅନେକ ପଞ୍ଚାୟତରେ ଦେଖିବାକୁ ମିଳୁଥିବାରୁ ଏହାର ପ୍ରତିକାର ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ପଣ୍ଡାଙ୍କ ସହ ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ଦେବାଶିଷ ପରିଡା ଓ ସାଗର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ୭ଦିନ ମଧ୍ୟରେ ସମସ୍ୟା ସମାଧାନ କରା ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପଣ୍ଡା ଚେତାବନୀ ଦେଇଛନ୍ତି।



ପାଣି ସମସ୍ୟା ନେଇ କଂଗ୍ରେସ ନେତା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ବର୍ଷେ ନ ପୂରୁଣୁ ଦବିଲା କଲଭର୍ଟ

**ରସୁଲପୁର,୨୧।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ କଲଣ ପଞ୍ଚାୟତ ଅଧୀନ ଶୁଳିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କଲଭର୍ଟ ଦବିଯାଇଛି। ତେବେ ନିର୍ମାଣକୁ ବର୍ଷେ ନ ପୁରୁଣୁ କଲର୍ଭଟ ଦବି ଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କଲଭର୍ଟ ଛାତ ମଝିରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ବାଧା

**ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ**

ଉପୁଜିଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବିଡିଓ ଉମାକାନ୍ତ ପରିଡ଼ା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମିଞ୍ଜଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କଲର୍ଭଟକୁ ତୁରନ୍ତ ମରାମତି କରାଯିବା ସହ ଉକ୍ତ ରାସ୍ତାରେ ଗମନାଗମନକୁ ସ୍ୱାଭାବିକ କରିବାକୁ ପ୍ରୟାସ ଜାରି ରହିଛି ବୋଲି ବିଡିଓ ପରିଡ଼ା ମତ ରଖିଛନ୍ତି।



କର୍ଲଭଟ ଦବିଯିବାରୁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଶୁଳିଆ ଗ୍ରାମର ତଳ ଦଳିତ ସାହିରେ ୧୫ଟି ପରିବାର ବସବାସ କରୁଛନ୍ତି। ଏହି ସାହିକୁ ଯାତାୟାତ ପାଇଁ ବ୍ଲକ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତା ନିର୍ମାଣ ସମୟରେ ଚାଉଳିଆ ନାଳି ଉପରେ କଲଭର୍ଟ କରାଯାଇଥିଲା। ୨୦୨୦ରେ ବନ୍ୟା ମରାମତି ପାଇଁ ଆସିଥିବା ଅର୍ଥରୁ ୧ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ କଲର୍ଭଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ନିର୍ମାଣ କାର୍ଯ୍ୟ ବିଭାଗୀୟ ତଦାରଖରେ ସମ୍ପନ୍ନ ହୋଇଥିଲା। ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିଲା। ତେଣୁ କଲର୍ଭଟ ବର୍ଷେ ବି ତିଷ୍ଠି ପାରିଲାନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରାସ୍ତାରେ ଭାରୀ ଯାନ ଚଳାଚଳ ଯୋଗୁ ଏଭଳି ଘଟି ଥାଇ ପାରେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଉଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ଏହା ଅଣଓସାରିଆ ଗ୍ରାମ୍ୟ ରାସ୍ତା। ଉକ୍ତ ରାସ୍ତାଟି ସାହି ସହିତ ସଂଯୋଗରେ ସମୀତ ରହିଛି। ଏ ସବୁ କାରଣରୁ ରାସ୍ତା ଦେଇ ଭାରି ଯାନ ଯାତାୟାତ କରିବାକୁ ଆଦୌ ସୁଯୋଗ ନାହିଁ। ରାସ୍ତାରେ ଚାଲିକି ଯିବା ସହ ହାଲୁକା ଯାନ ଯାତୟାତ କରିବା ସମ୍ଭବପର ହୋଇପାରିବ। ଏହା ସତ୍ତ୍ୱେ କଲଭର୍ଟ ଗଳିପଡ଼ିଲା। ଏଥିପାଇଁ ନିର୍ମାଣରେ ତ୍ରୁଟି ଓ ନିମ୍ନମାନର କାର୍ଯ୍ୟକୁ ଲୋକେ ଦାୟୀ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅନଲାଇନ ଜରିଆରେ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରାଯାଇଛି। ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁପାଳନ ପୂର୍ବକ ତଦନ୍ତ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ୨ ଟ୍ରେନ୍ ୨ଦିନ ପାଇଁ ବାତିଲ



ଭୁବନେଶ୍ୱର, ୨୨।୪ (ବ୍ୟୁରୋ): ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଶାଳଗାଁ ଓ ରାଜଆଠଗଡ଼ ଷ୍ଟେଶନ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍ କାର୍ଯ୍ୟକ୍ଷମ କରାଯିବ। ରାଜଆଠଗଡ଼ ଷ୍ଟେଶନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ରାଉରକେଲା-ଭୁବନେଶ୍ୱର-ରାଉରକେଲା ଓ ସମ୍ବଲପୁର-ପୁରୀ-ସମ୍ବଲପୁର ବିଶେଷ ଟ୍ରେନ୍‌କୁ ୨ଦିନ ଯାଏ ବାତିଲ କରାଯାଇଛି। ୦୨୮୭୧/୧୨୮୭୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ଓ ୦୮୩୦୩/୦୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ବିଶେଷ ଟ୍ରେନ୍ ଆସନ୍ତା ୨୭ ଓ ୨୮ ତାରିଖ ପାଇଁ ବାତିଲ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ବିମଳା ମନ୍ଦିରରେ ଭିଡିଓ କଲ୍ ନେଇ ମାମଲା ରୁଜୁ

ପୁରୀ ଅଫିସ, ୨୨।୪: ଶ୍ରୀମନ୍ଦିର ପରିସରସ୍ଥ ବିମଳା ମନ୍ଦିରରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସଦସ୍ୟ ଭାବେ ପରିଚୟ ଦେଇ ଚଣ୍ଡୀପାଠ ସହ ଭିଡିଓ କଲ୍ କରିଥିବା ୨ଜଣଙ୍କ ନାଁରେ ସିଂହଦ୍ୱାର ଥାନାରେ ଗୁରୁବାର ମାମଲା ରୁଜୁ ହୋଇଛି। ବିମଳା ମନ୍ଦିର ପୂଜକ ସଦାଶିବ ପଣ୍ଡାଙ୍କ ଏତଲାକୁ ଭିତ୍ତି କରି ସିଂହଦ୍ୱାର ଥାନା ପୋଲିସ ଏକ କେସ୍ (ନଂ. ୪୨/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ସନ୍ତୋଷ କୁମାର ଦାଶ ଓ ପ୍ରଶାନ୍ତ କୁମାର ମହାପାତ୍ର ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଭାବେ ନିଜକୁ ପରିଚୟ ଦେଇ ମା’ ବିମଳାଙ୍କ ମନ୍ଦିରରେ ଚଣ୍ଡୀପାଠ ସହ ଭିଡିଓ କଲ୍ କରି ଭକ୍ତଙ୍କୁ ଦେଖାଉଥିଲେ। ବିମଳା ମନ୍ଦିର ପୂଜକ ସଦାଶିବ ଏହାର ବିରୋଧ କରିବାରୁ ସେମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଦୁହେଁ ସଦାଶିବଙ୍କୁ ଧକ୍କା ମାରି ଉତ୍ତର ଦ୍ୱାର ଦେଇ ପଳାଇଥିଲେ। ଏ ନେଇ ସଦାଶିବ ଶ୍ରୀମନ୍ଦିର ଗାରଦରେ ଅଭିଯୋଗ କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ମଧ୍ୟ ଗାରଦରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିଲେ। ଏତଲା ଆଧାରରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି ଏବଂ ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ଅତିରିକ୍ତ ଦାୟିତ୍ୱରେ ଥିବା ଟାଉନ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାସ କହିଛି।

# କାରାଗାର ଦଣ୍ଡ ଗୃହ ନୁହେଁ, ସୁଧାର କେନ୍ଦ୍ର

- ଝାରପଡ଼ା ଜେଲ ବୁଲିଲେ ଗୃହମନ୍ତ୍ରୀ, ଜେଲ ଡିଜି
- ଆଇଏସ୍‌ଓ ସାର୍ଟିଫିକେଟ ପ୍ରଦାନ କଲେ
- କଏଦୀଙ୍କ ସହ କଥା ହେଲେ, ସମସ୍ୟା ବୁଝିଲେ

ଭୁବନେଶ୍ୱର,୨୨।୪(ବ୍ୟୁରୋ)

କାରାଗାର ଏକ ଦଣ୍ଡ ଗୃହ ନୁହେଁ, ଏହା ସୁଧାର କେନ୍ଦ୍ର। ବହୁ କଏଦୀ ପରିସ୍ଥିତିରେ ପଡି ଅପରାଧ ଘଟାଇଥାନ୍ତି। ତେଣୁ ଆମେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଉଚିତ। ଗୁରୁବାର ରାଜ୍ୟ ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଝାରପଡା ସ୍ୱତନ୍ତ୍ର ଜେଲ ପରିଦର୍ଶନ ସମୟରେ ଅଧିକାରୀ ଓ କର୍ମଚାରୀଙ୍କୁ ଏପରି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ମିଶ୍ର ଝାରପଡା ସ୍ପେଶାଲ ଜେଲକୁ ମିଳିଥିବା ଆଇଏସ୍‌ଓ (ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ) ୯୦୦୧:୨୦୧୫ ସାର୍ଟିଫିକେଟ୍‌କୁ ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ଆଇଜି ହିମାଂଶୁ ଲାଲ, ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ରନାଥ ବାରିକଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ।

ଏଥିସହ ମନ୍ତ୍ରୀ ମିଶ୍ର କେତେଜଣ ମହିଳା କଏଦୀଙ୍କ ସହ କଥା ହେବା



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

ସହିତ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜୀବନରେ ସକାରାତ୍ମକ ମନୋଭାବ ରଖିବାକୁ ପଡିବ। ମନରେ ଶାନ୍ତି ପାଇଁ ଧ୍ୟାନ କରିବାକୁ ମନ୍ତ୍ରୀ ସେମାନଙ୍କୁ ଉପଦେଶ ଦେଇଥିଲେ। ପରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ବୁଲିବା ସହ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟଙ୍କ ସହ ଆଲୋଚନା କରିଥିଲେ। ବଜାରରେ ଉନ୍ନତମାନର ସାମଗ୍ରୀ ମିଳୁ ନ ଥିବାରୁ ଜେଲରୁ ଉତ୍ପାଦିତ ଦ୍ରବ୍ୟଗୁଡିକର ବ୍ରାଣ୍ଡିଂ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହ ଆଲୋଚନା କରିବାକୁ କହିଥିଲେ। ଆଗାମୀ ଦିନରେ ଝାରପଡା ପରି ଅନ୍ୟ ୧୦ ଜେଲକୁ ଗୁଣବତ୍ତାପାଇଁ ଆଇଏସ୍‌ଓ ସାର୍ଟିଫିକେଟ କିପରି ମିଳିବ ସେନେଇ ଜେଲ ଡିଜି ଓ ଆଇଜିଙ୍କ ସହ ଆଲୋଚନା କରିଥିଲେ।

ବିକ୍ୟୁସି ଆସେସ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରାଜ୍ୟରେ ପ୍ରଥମଥର ପାଇଁ ଝାରପଡ଼ା ସ୍ପେଶାଲ ଜେଲ୍‌କୁ ଆଇଏସ୍‌ଓ ମାନ୍ୟତା ଦିଆଯାଇଛି। କ୍ୱାଲିଟି ମ୍ୟାନେଜମେଣ୍ଟ ସହ ଜେଲରେ ଦକ୍ଷତା ବିକାଶ, କଏଦୀଙ୍କ ମାନସିକ ଚାପ ଦୂର ପାଇଁ ପଦକ୍ଷେପ, କଏଦୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି, ଜେଲରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ଆଧାର କରି ଏହି ସାର୍ଟିଫିକେଟ ଦିଆଯାଇଛି। ଏହା ୨୦୨୧ ଏପ୍ରିଲ ୧୭ରୁ ୨୦୨୨ ଏପ୍ରିଲ ୧୬ ଯାଏ ବୈଧ ରହିବ। ବୈଧତା ସରିବା ପୂର୍ବରୁ ସର୍ଭେଲାନ୍ସ ଅଡିଟ କରାଯାଇ ପୂର୍ବପରି ମାନଦଣ୍ଡ ବଜାୟ ରହିଥିଲେ ମାନ୍ୟତା ବଳବତ୍ତର ରହିବ ବୋଲି ସଂସ୍ଥା ତରଫରୁ କୁହାଯାଇଛି।

### କଏଦୀଙ୍କୁ ନିର୍ଯାତନା ନ ଦେବାକୁ ତାଗିଦ

କଏଦୀଙ୍କୁ ନିର୍ଯାତନା ଅଭିଯୋଗ ସଂକ୍ରାନ୍ତରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ସେମାନଙ୍କୁ ନିର୍ଯାତନା ନୁହେଁ, ବରଂ ଭଲ ବ୍ୟବହାର ଦେଖାଇଲେ ସେମାନଙ୍କ ପ୍ରକୃତିରେ ପରିବର୍ତ୍ତନ ଆସିପାରିବ। ଭବିଷ୍ୟତରେ ଯେପରି ଝାରପଡା ଜେଲରେ ନିର୍ଯାତନା ହେଉଥିବା ଅଭିଯୋଗ ନ ଆସେ, ସେଥିପ୍ରତି ଧ୍ୟାନଦେବାକୁ ମନ୍ତ୍ରୀ କହିଥିଲେ। କିଛିଦିନ ପୂର୍ବରୁ ଝାରପଡ଼ା ଜେଲ୍‌ରେ ଜଣେ ବିଚାରାଧୀନ କଏଦୀଙ୍କୁ ନିର୍ଯାତନା ଦିଆଯାଉଥିବାନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କଏଦୀ ଜଣକ ଏନେଇ ହାଇକୋର୍ଟ ବିଚାରପତିଙ୍କୁ ପତ୍ର ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ୨ଦିନ ତଳେ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ ଝାରପଡା ଜେଲକୁ ଅଚାନକ ଗସ୍ତ କରିଥିଲେ।



ସେସ୍‌କୋରେ କାର୍ଯ୍ୟରତ କର୍ମଚାରୀଙ୍କୁ ଟାଟା ପାୱାର କମ୍ପାନୀରେ ଥଇଥାନ ଦାବିରେ ଓଇଏସ୍ ଏମ୍ପ୍ଲଇଜ୍ ଫେଡେରେଶନ ପକ୍ଷରୁ ଗୁରୁବାର ଇଡ୍‌କୋ ଟାୱାରସ୍ଥିତ ଓପିଟିସିଏଲ୍ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି।

### କ୍ଷେତ୍ରବାସୀ ଡିଏଭି କଲେଜ ୪୮ ଘଣ୍ଟା ବନ୍ଦ

**୨ ଅଧ୍ୟାପକ ପଜିଟିଭ**

ନିରାକାରପୁର,୨୨।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଓ ଅଧ୍ୟାପିକା ପଜିଟିଭ ଚିହ୍ନଟ ହୋଇଛନ୍ତି। ବୁଧବାର ଏହି ଖବର ଜଣାପଡ଼ିବା ପରେ କଲେଜ ପରିସରକୁ ସାନିଟାଇଜ୍ କରାଯିବା ସହ ୪୮ଘଣ୍ଟା ପର୍ଯ୍ୟନ୍ତ କଲେଜକୁ ବନ୍ଦ ରଖାଯାଇଛି। ତେବେ ଅନଲାଇନ ମାଧ୍ୟମରେ ପାଠପଢ଼ା ଜାରି ରହିଛି ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟ କହିଛନ୍ତି। ଦୁଇ ଜଣ ଷ୍ଟାଫ୍ ପଜିଟିଭ ହୋଇଥିବା ନେଇ ଉପଜିଲାପାଳଙ୍କୁ ଜଣାଇଥିଲି। ଶିକ୍ଷା ବିଭାଗର ନିୟମ ଅନୁସାରେ କଲେଜକୁ ସାନିଟାଇଜ କରାଯାଇଛି ବୋଲି ଅଧ୍ୟକ୍ଷ କହିଛନ୍ତି।

# ସାହିତ୍ୟିକ ଡମ୍ବରୁଧର ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, ୨୨।୪ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ରାୟଗଡ଼ା ଜିଲା ପ୍ରତିନିଧି ସାହିତ୍ୟିକ ଡମ୍ବରୁଧର ପଟ୍ଟନାୟକଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ସେ କୋଭିଡ୍‌ରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିଲେ। ସାହିତ୍ୟିକ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ହରିହର ମିଶ୍ର, ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟିକ ପଟ୍ଟନାୟକ ବ୍ୟଙ୍ଗ ଚଟକଣି, ଜଗତେ କେବଳ, କିଶୋର ଧାରା, ଶୀତରାତିର ଦେବଦାସୀ, ତେରଛା ନଜର, ସୁନ୍ଦର

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି**



ଝିଅର ଓଢ଼ଣୀ ନାଇଁ, ଜୀବନର ଶେଷ ଦୁଃଖ ଭଳି ପୁସ୍ତକ ରଚନା କରିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦ ସମ୍ମାନ, ରାଷ୍ଟ୍ରଦୀପ ପୁରସ୍କାର, ସୁଲେଖା ସମ୍ମାନ, ରାୟଗଡା କବିତା ଆସର ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଛି।

# ୧ରୁ ଘରୋଇ ହସ୍ପିଟାଲକୁ ଟିକା ଦେବେନି ରାଜ୍ୟ ସରକାର

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ରାଜ୍ୟର ଘରୋଇ ହସ୍ପିଟାଲଗୁଡ଼ିକୁ ଆସନ୍ତା ମେ’ ୧ରୁ ରାଜ୍ୟ ସରକାର ଆଉ କୋଭିଡ୍ ଟିକା ଯୋଗାଣ କରିବେ ନାହିଁ। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ମେ’ ପହିଲାରୁ ୧୮ବର୍ଷରୁ ଅଧିକ ବୟସର ସମସ୍ତ ବ୍ୟକ୍ତିଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିବା ସହ ରାଜ୍ୟ ସରକାର ଓ ଖୋଲା ବଜାର ନିମନ୍ତେ ୫୦ ପ୍ରତିଶତ ଟିକା ଉପଲବ୍ଧ ହେବ ବୋଲି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ତେଣୁ ଏପ୍ରିଲ ୩୦ ପରେ ଆଉ ଘରୋଇ କୋଭିଡ୍ ଟିକାକରଣ କେନ୍ଦ୍ରକୁ ଟିକା ନ ଦେବା ପାଇଁ ପ୍ରଦୀପ୍ତ ମହାପାତ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଘରୋଇ ହସ୍ପିଟାଲରେ ଥିବା କୋଭିଡ୍ ଟିକା କେନ୍ଦ୍ରକୁ ଭାରତ ସରକାର ୨୫୦ଟଙ୍କା ଦରରେ ଟିକା ଯୋଗାଣ କରୁଥିଲେ। ଏହାକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଘରୋଇ ହସ୍ପିଟାଲଗୁଡ଼ିକ ନେଉଥିଲେ। ମାତ୍ର ମେ’ ୧ରୁ ସରକାରଙ୍କ ପକ୍ଷରୁ ଟିକା ଯୋଗାଣ ବନ୍ଦ ହେଲେ ସମସ୍ତ ଘରୋଇ ହସ୍ପିଟାଲ ସିଧାସଳଖ ଏହାକୁ ଉତ୍ପାଦନକାରୀ କମ୍ପାନୀଠାରୁ କିଣିକରିବେ।

# ଶନି, ରବି ଟିକାକରଣ ବନ୍ଦ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୪ ତାରିଖରୁ ସପ୍ତାହନ୍ତ ଶଟ୍‌ଡାଉନ୍ ଲାଗୁ ହେବ। ସବୁ ଶନିବାର ଓ ରବିବାର ରାଜ୍ୟର ସମସ୍ତ ସହରାଞ୍ଚଳରେ ଶଟ୍‌ଡାଉନ୍ ହେବ। ତେଣୁ ଏହି ଦୁଇଦିନ ସାରା ରାଜ୍ୟରେ ଟିକାକରଣ ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଟିକାକରଣ କରାଯିବ। ସରକାରୀ ଛୁଟି ଦିନରେ ମଧ୍ୟ ଟିକାକରଣ ହେବ। କିନ୍ତୁ ରାଜ୍ୟର କୌଣସି ସେସନରେ ଶନିବାର ଓ ରବିବାର ଟିକାକରଣ କାର୍ଯ୍ୟକ୍ରମ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ୟୁବିଆଇ ସହ ଓପିଟିସିଏଲ୍‌ର ୬୦୭ କୋଟିର ଋଣ ବୁଝାମଣା

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ(ଓପିଟିସିଏଲ୍) ଗୁରୁବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ସହ ୬୦୭.୧୨ କୋଟି ଟଙ୍କାର ଋଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ତଥା ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ରହି ୟୁନିୟନ ବ୍ୟାଙ୍କ ସରକାରୀ ପ୍ରକଳ୍ପ ପାଇଁ ଋଣ ପ୍ରଦାନ କରି ରାଜ୍ୟ ପ୍ରଗତିରେ ଭାଗୀଦାରି ହୋଇଛି ଏବଂ ଏହା ପ୍ରକୃତରେ ପ୍ରଶଂସନୀୟ ବୋଲି କହିଥିଲେ। ଓପିଟିସିଏଲ୍ ରାଜ୍ୟରେ ଉତ୍କୃଷ୍ଟ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ୮୫୭.୧୨ କୋଟି ଟଙ୍କା ବ୍ୟୟରେ ୧୮ଟି ଅତି ଉଚ୍ଚ କ୍ଷମତାର ଟ୍ରାନ୍ସମିଶନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୬-୧୭ରେ ଆରମ୍ଭ କରିଥିଲା। ସେଥିପାଇଁ ରାଜ୍ୟ ସରକାର ମଧ୍ୟ ୨୫୦କୋଟି ଟଙ୍କା ଇକ୍ୱିଟି ଆକାରରେ ପ୍ରଦାନ କରିଥିଲେ। ବଳକା ୬୦୭.୧୨ କୋଟି ଟଙ୍କା ଓପିଟିସିଏଲ ଋଣ ଆଣିବାରେ ବ୍ୟବସ୍ଥା କରିଛି। ଓପିଟିସିଏଲ୍‌ର ଆବେଦନକ୍ରମେ ବହୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଅର୍ଥ ପ୍ରଦାନକାରୀ ସଂସ୍ଥା ଭାଗ ନେଇଥିବାବେଳେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଋଣ ହାର ସର୍ବନିମ୍ନ ୭.୨୦% ହୋଇଥିବାରୁ ଓପିଟିସିଏଲ୍ ଏହି ବ୍ୟାଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ୧୭୭ ମାସ ମଧ୍ୟରେ ଓପିଟିସିଏଲ୍‌କୁ ଏହି ଋଣ ଶୁଝିବା ପାଇଁ ପଡ଼ିବ। କମ୍ପାନୀ ପକ୍ଷରୁ ଅର୍ଥ ନିର୍ଦ୍ଦେଶକ ସମୀର ସ୍ୱାଇଁ ଏବଂ ୟୁନିୟନ ବ୍ୟାଙ୍କ ପକ୍ଷରୁ କ୍ଷେତ୍ରୀୟ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ଗୁରୁବାର ଓପିଟିସିଏଲ୍ ସଭା ଗୃହରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂ, ସମସ୍ତ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଓପିଟିସିଏଲ ଓ ୟୁବିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀ।

# ଦୁଇ ସ୍ଥାନରୁ ୭ ଭାଲୁଛୁଆ ଉଦ୍ଧାର



ପିତାପଲ୍ଲୀ-ଗଙ୍ଗପଡ଼ା ରାସ୍ତା ପାର୍ଶ୍ୱରୁ ଉଦ୍ଧାର ହୋଇଥିବା ଭାଲୁଛୁଆ।



ଗଡ଼ଖୋର୍ଦ୍ଧା ଗ୍ରାମର ବିପ୍ରଚରଣ ବେହୁରିଆଙ୍କ ଘର ପଛପଟୁ ଧରାଯାଇଥିବା ଭାଲୁଛୁଆ।

- ରାସ୍ତାରେ ବୁଲୁଥିଲେ ୫, ଗାଁରୁ ଧରାହେଲେ ୨
- ଚନ୍ଦକା ଜଙ୍ଗଲରୁ ଚାଲିଆସିଥିଲେ
- ନନ୍ଦନକାନନକୁ ନିଆଗଲା

ଖୋର୍ଦ୍ଧା ଅଫିସ/ଯାଁଳା/ବାରଙ୍ଗ,୨୨।୪ (ଡି.ଏନ୍.ଏ)

ଚନ୍ଦକା ଜଙ୍ଗଲରୁ ବାଟବଣା ହୋଇ ଚାଲିଆସିଥିବା ୫ଟି ଭାଲୁଛୁଆଙ୍କୁ ଗୁରୁବାର ଖୋର୍ଦ୍ଧାର ପିତାପଲ୍ଲୀ-ଗଙ୍ଗପଡ଼ା ରାସ୍ତା ପାର୍ଶ୍ୱସ୍ଥ ଭୁଆସୁଣୀ ମନ୍ଦିର ନିକଟରୁ ବନ୍ୟପ୍ରାଣୀ ବିଭାଗ ଉଦ୍ଧାର କରିଛି। ପରେ ଭାଲୁଛୁଆଗୁଡ଼ିକୁ ନନ୍ଦନକାନନକୁ ନିଆଯାଇଛି। ସେମାନଙ୍କୁ ଡାକ୍ତରଖାନାର କ୍ୱାରାଣ୍ଟାଇନରେ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଉଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ସେହିପରି ସନ୍ଧ୍ୟାରେ ଖୋର୍ଦ୍ଧା ଉପକଣ୍ଠ ଗଡ଼ଖୋର୍ଦ୍ଧାରୁ ୨ଟି ଭାଲୁଛୁଆଙ୍କୁ ବନ ବିଭାଗ ଟିମ୍ ଉଦ୍ଧାର କରିଛି। ଗଡଖୋର୍ଦ୍ଧା ଗ୍ରାମର ବିପ୍ରଚରଣ ବେହୁରିଆଙ୍କ ଘର ପଛପଟେ ଏହି ଦୁଇଟି ଭାଲୁ ଛୁଆ ବୁଲୁଥିଲେ। ବିପ୍ରଚରଣ ଭାଲୁ ଛୁଆଙ୍କୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଏ ନେଇ ବନ ଅଧିକାରୀ ଅସିତ ମିଶ୍ର କହିଛନ୍ତି, ଉଦ୍ଧାର ଭାଲୁଛୁଆଙ୍କର ବୟସ ପ୍ରାୟ ଏକ ବର୍ଷ। ସେମାନଙ୍କୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇଛି। ଉଭୟଙ୍କୁ କ୍ଷୀର ପିଇବାକୁ ଦିଆଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଖବର ଦିଆଯାଇଛି। ସେଠାରୁ ଟିମ୍ ଆସିବା ପରେ ଭାଲୁଛୁଆ ଦୁଇଟିଙ୍କୁ ସେମାନଙ୍କୁ ହସ୍ତାନ୍ତର କରାଯିବ।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଚନ୍ଦକା ଜଙ୍ଗଲରୁ ୫ଟି ଭାଲୁଛୁଆ ଖସିଆସିଥିଲେ। ପରେ ଭାଲୁଛୁଆଗୁଡ଼ିକ ଚନ୍ଦକା-ପିତାପଲ୍ଲୀ ମୁଖ୍ୟରାସ୍ତାର ଗଙ୍ଗପଡ଼ା ଭୁଆଶୁଣି ମନ୍ଦିର ପାଖରେ ବୁଲୁଥିବା ଦେଖି ସେହି ବାଟ ଦେଇ ଯାଉଥିବା ଲୋକଙ୍କ ମନରେ କୌତୂହଳ ସୃଷ୍ଟି ହୋଇଥିଲା। କେହି କେହି ସେମାନଙ୍କ ପାଖକୁ ଯାଇ ବିଭିନ୍ନ ଫଳ ଖାଇବାକୁ ଓ ପାଣି ପିଇବାକୁ ଦେଇଥିଲେ। ପୂର୍ବରୁ ଏହିଭଳି ଭାବେ ରାସ୍ତାରେ ଭାଲୁଛୁଆ ଦେଖିବାକୁ ମିଳି ନ ଥିଲା। ଏହି ଭାଲୁଛୁଆଗୁଡ଼ିକ ଚନ୍ଦକା ଜଙ୍ଗଲରୁ ଚାଲିଆସିଥିବା କୁହାଯାଉଛି। ରାସ୍ତାରେ ଭାଲୁଛୁଆ ଖେଳୁଥିବା ଖବର ପ୍ରଚାର ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଗ୍ରାମବାସୀ ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଥିଲେ। ପୋଲିସଠାରୁ ଖବର ପାଇ ହଳଦିଆ ବନ୍ୟପ୍ରାଣୀ ବିଭାଗର ୪ଜଣିଆ ଟିମ୍ ପହଞ୍ଚି ଭାଲୁଛୁଆଗୁଡ଼ିକୁ ଉଦ୍ଧାର କରି ଯନ୍ତାରେ ପୂରାଇ ନେଇଯାଇଥିଲେ। ପୂର୍ବରୁ ଅନେକ ଥର ଚନ୍ଦକା ଜଙ୍ଗଲର ହାତୀପଲ ନିକଟସ୍ଥ ଗାଁକୁ ଚାଲିଆସିବାର ନଜିର ରହିଛି। ତେବେ ପ୍ରଥମ ଥର ଲାଗି ଭାଲୁ ଛୁଆପଲ ଜଙ୍ଗଲରୁ ଚାଲି ଆସିଥିବା ପରିଲକ୍ଷିତ ହୋଇଛି। ଭାଲୁଛୁଆମାନଙ୍କ ପାଖରେ ମା’ଭାଲୁ ନ ଥିବାରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେହି ଦୁର୍ବୃତ୍ତ ଜଙ୍ଗଲରୁ ଭାଲୁଛୁଆଗୁଡ଼ିକୁ ଅନ୍ୟତ୍ର ନେବାକୁ ଉଦ୍ୟମ କରିବାବେଳେ ଧରାପଡ଼ିଯିବା ଆଶଙ୍କାରେ ଏଠାରେ ଛାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଏହା ତଦନ୍ତ ସାପେକ୍ଷ ବୋଲି ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି। ଚନ୍ଦକା ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ରହିଛି। ତେଣୁ ଚନ୍ଦକାରେ ବନ୍ୟଜନ୍ତୁ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏହି ଘଟଣାରେ କୌଣସି ର୍‍ୟାକେଟ ସମ୍ପୃକ୍ତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଅନ୍ୟପଟେ ଚନ୍ଦକା ଜଙ୍ଗଲ ଧୀରେ ଧୀରେ କ୍ଷୟ ହେବାକୁ ବସିଲାଣି। ବନ୍ୟପ୍ରାଣୀ ଖାଇବାକୁ ପାଉନାହାନ୍ତି। ଖାଦ୍ୟ ନ ପାଇ ଅନେକ ସମୟରେ ବନ୍ୟପ୍ରାଣୀ ଏବେ ସହରମୁହାଁ ହେବାରେ ଲାଗିଛନ୍ତି। ଚନ୍ଦକା ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ସରକାର ତୁରନ୍ତ ଗୁରୁତ୍ୱ ଦେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପିପିଲିରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ପିପିଲି ଉପନିର୍ବାଚନକୁ ହାତେଇବା ପାଇଁ ଶାସକ ବିଜେଡି ଭୋଟରଙ୍କୁ ସିଧାସଳଖ ପ୍ରଭାବିତ କରୁଛି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଏବଂ ବିଜେଡି ନିର୍ବାଚନ ପ୍ରଚାର କରିବେ ନାହିଁ ବୋଲି ଗଣମାଧ୍ୟମରେ ପ୍ରଚାର କରୁଥିବାବେଳେ ଅନ୍ୟପଟେ ଶାସକ ଦଳର ପ୍ରତ୍ୟକ୍ଷ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ପିପିଲି ଉପନିର୍ବାଚନକୁ ସରକାରୀ ଅଫିସରମାନେ ପ୍ରଭାବିତ କରିବାରେ ଲାଗିଛନ୍ତି । ପୂର୍ବରୁ ଡେଲାଙ୍ଗ ବ୍ଲକ ତହସିଲଦାର ବିଜେଡି ସପକ୍ଷରେ ଭୋଟ ଦେବା ଲାଗି ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୁରୀ ଉପଜିଲାପାଳ ଓ ପିପିଲି ବିଡିଓଙ୍କ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରାଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରି ଶାସକ ଦଳ ଯେଉଁଭଳି ସରକାରୀ କଳ ବ୍ୟବହାର କରି ଭୋଟ ହାତେଇବାର ଚକ୍ରାନ୍ତ କରୁଛି, ତାହା ଗଣତନ୍ତ୍ର ପ୍ରତି ବିପଦ ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି । ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ତିଗିରିଆରେ ପୁରୀ ଉପଜିଲାପାଳ ଏବଂ ପିପିଲି ବିଡିଓ ପିଡିଏସ୍ ସାମଗ୍ରୀ ବଣ୍ଟନର ଦାୟିତ୍ୱ ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦେଇଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ ଏବଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ । ଅନ୍ୟପଟେ ସେହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ବଣ୍ଟନ କାର୍ଯ୍ୟରେ ସାମିଲ ହେବେ ନାହିଁ ବୋଲି ଲିଖିତ ଭାବେ ଜଣାଇ ଦେଇଛନ୍ତି । ସରକାରଙ୍କ ଏଭଳି ନିଷ୍ପତ୍ତି ସାଧାରଣ ଭୋଟରଙ୍କୁ ପ୍ରଲୋଭିତ, ଭୟଭୀତ ଓ ପ୍ରଭାବିତ କରିବା ପାଇଁ କରାଯାଇଥିବା ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଗରେ ଦଳ ଅଭିଯୋଗ କରିଛି।

# କୋଭିଡ୍ ଆକ୍ରାନ୍ତଙ୍କ ମୃତଦେହକୁ ଅସମ୍ମାନ

ବରଗଡ଼ ଅଫିସ,୨୨।୪


ସ୍ୱେଚ୍ଛାସେବୀମାନେ ଦାହ ପାଇଁ ମୃତଦେହ ନେଉଛନ୍ତି ।

- ପୁଅ ପରେ ଗଲା ବାପାଙ୍କ ଜୀବନ
- ସତ୍କାର ପାଇଁ ଆସିଲେନି ସାହି ପଡ଼ିଶା
- ମୃତଦେହ ଦାହ କଲେ ସ୍ୱେଚ୍ଛାସେବୀ

ବରଗଡ଼ ଜିଲାରେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ମୃତଦେହକୁ ସମ୍ମାନ ମିଳୁନାହିଁ। ମୃତଦେହ ସତ୍କାର ପାଇଁ କେହି ଆଗେଇ ଆସୁ ନ ଥିବାବେଳେ ଦୀର୍ଘ ସମୟ ଧରି ପଡ଼ି ରହୁଛି। ଏହା ପରିବାର ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଉଛି। ଗତ ୨ଦିନ ମଧ୍ୟରେ ପଦ୍ମପୁର ଉପଖଣ୍ଡ ଘନାମାଲ ଏବଂ ଭେଡ଼େନ ବ୍ଲକ ଲୁପୁରସିଂହା ଗ୍ରାମରେ ଏଭଳି ୨ଟି ଘଟଣା ଘଟିଛି ।

ଲୁପୁରସିଂହା ଛକର କର୍ମ ନାଏକ(୬୦) ଅସୁସ୍ଥତା ଯୋଗୁ ଗତ ୭ତାରିଖରେ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ଯାଇଥିଲେ ଏବଂ ସେଠାରେ ତାଙ୍କର କୋଭିଡ୍ ପଜିଟିଭ୍ ବାହାରିଥିଲା। ସେଠାରୁ ଘରକୁ ଫେରିବା ପରେ ପୁଣି ପଜିଟିଭ୍ ବାହାରିବାରୁ ସେ କ୍ୱାରେଣ୍ଟାଇନରେ ଥିଲେ। ଗୁରୁବାର ଭୋର୍ ୪ଟାରେ କର୍ମଙ୍କ ଦେହାନ୍ତ ହୋଇଥିଲା। ଘରେ ଏକମାତ୍ର ପୁଅ, ସ୍ତ୍ରୀ ଓ ମା' ଥିଲେ। ମୃତଦେହ ସତ୍କାର ପାଇଁ ସେମାନଙ୍କ ଚିନ୍ତା ବଢ଼ିଯାଇଥିଲା। ପ୍ରାୟ ୧୦ଘଣ୍ଟା ଧରି ମୃତଦେହ ପଡ଼ିରହିଥିଲା। ପରେ ବରଗଡ଼ର ସାମାଜିକ କର୍ମୀ ସେଠାକୁ ପହଞ୍ଚି ମୃତଦେହ ଦାହ କରିଥିଲେ। ସେହିପରି ଘନାମାଲ ଗ୍ରାମରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ବିଜେପୁର ବ୍ଲକ ଲାଉମୁଣ୍ଡା ନିକଟ ମହଖଣ୍ଡର ମୂଳ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ସତ୍ୟଜିତ ସାହୁଙ୍କ ପୁଅ ଯୁଗଳ ବାଙ୍ଗାଲୋରର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର କାମ କରୁଥିଲେ। ସେ ଘରକୁ ଫେରି କରୋନା ପରୀକ୍ଷା କରାଇଥିଲେ ଏବଂ ରିପୋର୍ଟ ପଜିଟିଭ ଆସିଥିଲା। ଫଳରେ ସେ ବୁର୍ଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୧୭ତାରିଖରେ ଯୁଗଳ ଆଖି ବୁଜିଥିଲେ। ପୁଅର ଶୁଦ୍ଧିକ୍ରିୟା ସରି ନ ଥିବାବେଳେ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରିରେ କୋଭିଡ୍‌ରେ ଆକ୍ରାନ୍ତ ସତ୍ୟଜିତଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ମୃତଦେହ ସତ୍କାର ପାଇଁ କେହି ଆସି ନ ଥିଲେ । ଖବର ପାଇ ସଂକଳ୍ପ ପରିବାର ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ସେଠାକୁ ପହଞ୍ଚିଥିଲେ। ପ୍ରଶାସନର ଅନୁମତି ମିଳିବା ପରେ ମୃତଦେହ ଦାହ କରିଥିଲେ। ଅନ୍ୟପଟେ ମୃତ ସତ୍ୟଜିତଙ୍କ ସ୍ତ୍ରୀ, ଝିଅ କରୋନା ପଜିଟିଭ ହୋଇଥିବାରୁ ଉଭୟଙ୍କୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ମୃତ୍ୟୁ ପର୍ଯ୍ୟନ୍ତ ଅନାମଙ୍କୁ ଜେଲ୍‌ଦଣ୍ଡ

ଅନୁଗୋଳ ଅଫିସ, ୨୨।୪

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

୨୦୧୯ ଜାନୁୟାରୀ ୨୦ ତାରିଖରେ ଅନୁଗୋଳ ସହର ଉପକଣ୍ଠରେ ଘଟିଥିବା ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରୁଥିବା ଅନୁଗୋଳର ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ପୋକ୍ସୋ କୋର୍ଟ ଜଜ୍ ପ୍ରଭାକର ଗାଣ୍ଡିଆ ଅଭିଯୁକ୍ତ ଅନାମ ଓରଫ ଶ୍ରୀନିବାସ ଦେହୁରୀ(୨୪)ଙ୍କ ପୂର୍ବ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରି ମୃତ୍ୟୁ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଏହାପୂର୍ବରୁ ଅନୁଗୋଳ ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ପୋକ୍ସୋ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ସେତେବେଳେ ଅଦାଲତ ଅଭିଯୁକ୍ତ ଅନାମଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ମାମଲାର ପୁନର୍ବିଚାର କରିବା ସହ ଅଭିଯୁକ୍ତଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନାମଙ୍କ ମେଡିକାଲ ପରୀକ୍ଷା ଉପରେ ପ୍ରଶ୍ନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ପରେ ଗତ ମାର୍ଚ୍ଚ ୧ ତାରିଖରୁ ଅନୁଗୋଳ କୋର୍ଟରେ ପୁନର୍ବିଚାର ଆରମ୍ଭ ହୋଇଥିଲା। ଅଭିଯୁକ୍ତଙ୍କ ପରିବାର ଲୋକେ ମାର୍ଚ୍ଚ ୧୦ ତାରିଖରେ କୋର୍ଟରେ ସାକ୍ଷ୍ୟ ଦେଇଥିଲେ। ଗତ ୧୯ ତାରିଖରେ ବିଚାର ଶେଷ ହୋଇଥିଲେ ହେଁ ରାୟ ସଂରକ୍ଷିତ ରହିଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ତେବେ ଏହି ରାୟ ସନ୍ତୋଷ ଜନକ ନ ଥିବାରୁ ଆବଶ୍ୟକ ପଡ଼ିଲେ ହାଇକୋର୍ଟ ଯିବେ ବୋଲି ସରକାରୀ ଓକିଲ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ପ୍ରାର୍ଥୀ ହେବାକୁ ଇଚ୍ଛା କଲେନି ଅଜିତଙ୍କ ପରିବାର ସଦସ୍ୟ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

## ଆଜି କଂଗ୍ରେସ ପ୍ରାର୍ଥୀ ନାଁ ଘୋଷଣା ହୋଇପାରେ

ପିପିଲି ଉପନିର୍ବାଚନ ପାଇଁ ନିକଟରେ ପ୍ରକାଶ ପାଇଥିବା ସାନି ତାରିଖକୁ ମଧ୍ୟ ଗୁରୁବାର ପରିବର୍ତ୍ତନ କରାଯାଇଛି। ମେ ୧୩ ତାରିଖ ପରିବର୍ତ୍ତେ ୧୬ ତାରିଖରେ ଭୋଟ ଗ୍ରହଣ କରାଯିବ। କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଦେହାନ୍ତ କାରଣରୁ ଭୋଟ ତାରିଖରେ ପରିବର୍ତ୍ତନ କରାଯାଇଥିଲା। ଏବେ ପିପିଲିରେ କଂଗ୍ରେସ ପ୍ରାର୍ଥୀ କିଏ ହେବେ ଏନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଅଜିତଙ୍କ ପରିବାରରୁ କେହି ଏଥିରେ ସାମିଲ ହେବେ ନାହିଁ ବୋଲି ଜଣାପଡିଛି। ଅଜିତଙ୍କ ସ୍ତ୍ରୀ କିମ୍ବା ତାଙ୍କ ଭାଇଙ୍କୁ ପ୍ରାର୍ଥୀ କରିବା ସକାଶେ ଦଳ ତରଫରୁ ଚେଷ୍ଟା କରାଯାଇଥିଲା। କିନ୍ତୁ ତାହା ସମ୍ଭବ ହୋଇ ନାହିଁ। ଦଳର ପ୍ରାର୍ଥୀ ଚୟନ କମିଟିକୁ ଅଜିତଙ୍କ ପରିବାର ଲୋକେ ସିଧାସଳଖ ମନା କରିଦେଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ସେ କହିଛନ୍ତି, ଅଜିତଙ୍କ ପରିବାର ସଦସ୍ୟ ମନା କରିଦେବା ପରେ ବର୍ତ୍ତମାନ ୩ ଜଣଙ୍କ ନାଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିକଟକୁ ପଠାଇ ଦିଆଯାଇଛି। ଏଆଇସିସି ଯାହାକୁ ଚୂଡ଼ାନ୍ତ କରିବ ତାଙ୍କ ନାମ ଯଥାଶୀଘ୍ର ଘୋଷଣା କରାଯିବ। ତେବେ ରିପୋର୍ଟ ଅନୁଯାୟୀ ଶୁକ୍ରବାର ସୁଦ୍ଧା କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ ବୋଲି ଜାଣିବାକୁ ମିଳିଛି।


No. A-38

**GOVERNMENT OF ODISHA**
**DEPARTMENT OF WATER RESOURCES**
**"e" Procurement Notice - BAID 01 OF 2021-22**
**BID IDENTIFICATION NO. BAID 01 OF 2021-22**

| | | |
|---|---|---|
| 1 | Name of the Work | River Embankment & Canal Embankment for the year 2021-22. |
| 2 | Total No. of Package | 50 Nos. |
| 3 | Tender Cost | Rs.5.01 lakhs to 25.15 lakhs as per DTCN |
| 4 | Bid Security | Only the Bid security Declaration as per the tender schedule to be furnished instead of EMD/ Bid Security |
| 5 | Cost of Tender Paper (Online) | 4000 to 6000/- as per DTCN |
| 6 | Period of Completion | 45 Days |
| 7 | Availability of Tender online for bidding | From 20.04.2021 at 12.00 Noon to 29.04.2021 upto 5.00 P.M. |
| 8 | Date and place of opening | Dt.30.02.2021 at 11.00 AM in the Office of the Executive Engineer, Baitarani Division, Salapada |
| 9 | Tender Inviting Authority | Executive Engineer, Baitarani Division, Salapada, Keonjhar, Odisha |

Further details can be seen from the website http://www.tendersorissa.gov.in / www.dowrodisha.gov.in. Any addendum/ Corrigendum/ Cancellation to the above notice will be published in this website only.

Sd./- Executive Engineer, Baitarani Division, Salapada
OIPR-32006/11/0001/2122



**TRIBAL DEVELOPMENT CO-OPERATIVE CORPORATION OF ORISSA LTD., BHUBANESWAR**
Rupali Square, Bhoi Nagar, Bhubaneswar - 751022
Tel. 0674-2542475/2542617, Fax: 2544828
E-mail: admin@tdccorissa.org

No. 852/TDCCOL    Dated: 22.04.2021

**TENDER CALL NOTICE**

No. CAD-162: Sealed tenders are invited from reputed suppliers/dealers/firm/company having valid GST Number for supply of the following goods and services to TDCCOL:
i) Supply of glass bottles for packing of honey.
ii) Supply of customized transparent food grade plastic bottles with cap/spray pump for packing of oil.
iii) Supply of food grade plastic pouch with and without Zipper.
iv) Supply of printed non-woven tissue (D' cut) carry bags.
v) Framing of Tribal Painting and Wall Clocks.
vi) Supply of printed and laminated product stickers.
vii) Supply of paper pouch with zipper, rippled paper glass, Thormocol, cardboard carton.

The bidders should quote their basic rate, taxes and other charges if any in the prescribed format. The last date of submission of tender is on 06.05.2021 by 4.00 P.M. The bidders should submit the rate in their letter head in the prescribed manner (Annexure - I of respective advertisement) along with other documents sought for. The tender papers shall be opened before a committee on 07.05.2021 at HO, Bhubaneswar. The details of tender call notice, instructions and terms & conditions can be downloaded from our website: **www.tdccorissa.org**. Managing Director, TDCCOL reserves the right to accept or reject any or all the tender(s) without assigning any reason thereof.

Sd./- Managing Director
TDCCOL, Bhubaneswar
OIPR-26005/11/0001/2122



**State Health Assurance Society, Health & Family Welfare Department, Govt. of Odisha**
Bhubaneswar- 751007, District- Khordha (Odisha)
Phone No.- 0674-2620500, Email ID: deoshas.hr@gmail.com

Adv. No.: 04/2021    DATE: 23.04.2021

No.E-45:-

**CONTRACTUAL APPOINTMENT**

Applications are invited from eligible candidates for filling up the following post under State Health Assurance Society, Odisha on contractual basis with monthly remuneration as noted against and subject to renewal as per Society terms and conditions. The position is purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.) & Performance Incentive (P.I.) as admissible | Vacancy |
|---|---|---|---|
| 01 | Joint Executive Officer (M&E) | Rs.50,300/- + (PI) | 01 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, selection procedure etc. Online application form will be available from 23.04.2021 to 30.04.2021 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 07.05.2021 (by 5.00 P.M.)

Sd./- Chief Executive Officer
State Health Assurance Society, Odisha
OIPR-10001/11/0002/2122



**PANCHAYAT SAMITI OFFICE, BIJATALA**
E-Mail ID- ori-bijatola@nic.in

**TENDER CALL NOTICE**

TCN No.02/2021-2022    Dt. 19.04.2021

**No. i-24:-** Sealed tenders (Percentage Rate) in conformity with the DTCN are invited from the **"D", "C", & "B"** Class contractors registered with the State Govt. for execution of different works under Panchayat Samiti, Bijatala as per **Annexure-I of DTCN**. The tender document **(DTCN & BOQ)** can be obtained from O/o the Block Development Officer, Bijatala from **Dt.23.04.2021** to **03.05.2021** till **1.00 P.M.** The tender document **(DTCN & BOQ)** duly signed by the Contractors should be accompanied with the self attested photocopy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Bijatala" payable at "BIJATALA" from any Nationalized Bank and NSC/ KVP/ Time Deposit duly pledged. The tender document **(DTCN & BOQ)** should accompanied with requisite tender paper cost in shape of Demand Draft drawn in favour of BDO, Bijatal" payable at "BIJATALA" from any Nationalized Bank. The tenders will be received up to **Dt.03.05.2021** till **1.00 PM** and addressed to O/o the Block Development Officer, Bijatala, Mayurbhanj, 757048 through **Registered/Speed Post/ Hand Dropping**. The tender is scheduled to be opened on **Dt.04.05.2021 at 11.00 A.M.** at Block Conference Hall, O/o the Block Development Officer, Bijatala, Mayurbhanj, 757048 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions, list of works can be seen at NIC Website **(www.mayurbhanj.nic.in)**. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

**Sale of Tender Document from- Dt.23.04.2021 to 03.05.2021 till 1.00 P.M.**
**Last date of submission of Tender Document- Dt.03.05.2021 till 1.00 P.M.**
**Date of opening of Tender Document - Dt.04.05.2021 at 11.00 A.M.**

The authority reserves the right to accept or reject any proposal without assigning any reason thereof.

Sd./- Block Development Officer, Bijatala
OIPR-19103/11/0002/2122



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**Identification No. PMGSY Online NCB No.302**

No.O-85:-
No. 1750 // Date: 19-04-2021

1. Name of the work :- Construction of Road & CD works under PMGSY (Balance Work) Programme.
2. Total No. of Packages :- 03 Nos. individual packages.
3. Estimated Cost of individual packages :- Varies from Rs.93.01 lakh to Rs.440.65 lakh.
4. Period of completion :- 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :-

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No. 302 | 03 Nos. | 26.04.2021 at 11.00 A.M. | 10.05.2021 upto 5.00 P.M. |

Further details can be seen from the website: www.pmgsytenders.gov.in

Sd./- (P.K. Misra), Superintending Engineer, N.E.R.W. Circle, Keonjhar
OIPR-25048/11/0004/2122



**OFFICE OF THE PANCHAYAT SAMITI, CHATRAPUR**
**INVITATION FOR BIDS**

Tender Call Notice 01/2021-22    No.1139/Dt.20.4.21

No. i-27:- The Block Development Officer, Chatrapur Block on behalf of Government of Odisha invites percentage rate bids in single for the works as detailed in the table below.

| Sl. No. | Name of the work | Approximate estimate cost in Rs. | Put to tender for civil work | EMD in Rs. | Class of bidder | Period of completion | Cost of bid document (in Rs.) |
|---|---|---|---|---|---|---|---|
| 1 | Construction of Sub-Centre building at Muncipentho of Potlampur GP | 2500000 | 1983689 | 19837 | C&B | 6 (Six) calendar months | 6000/- |
| 2 | Construction of Sub-Centre building at Karatali of Bipulingi GP | 2500000 | 1983689 | 19837 | C&B | 6 (Six) calendar months | 6000/- |
| 3 | Construction of Block Office Building | 3000000 | 1990430 | 19904 | C&B | 6 (Six) calendar months | 6000/- |

1. The sale of bid document shall start from 22.04.2021 (10.00 A.M.) to 05.05.2021 (05.30 P.M.) during office hours in the office of the undersigned. Bids shall be received on or before 5.30 of 05.05.2021 through Registered Post, Speed Post or it can be placed in the Box kept in office for the said purposes.
2. Bid documents consisting of specification, the schedule of quantities and the set of terms and conditions of contracts & other necessary documents & collected from Block Office or can be down loaded from the website www.ganjam.nic.in.
3. After the date, time and receipt of bid is over. The original bids security and Demand Draft towards cost of bid documents shall be submitted along with the bid or Registered Post inthe office of the undersigned from 22.04.2021 (10.00 A.M.) to 05.05.2021 (5.30 P.M.) during office hours on working days failing which the bid will be rejected. The received bid security and bid cost will be verified at 11.00 A.M. on 06.05.2021.
4. The bids received shall be opened at 11.00 A.M. on 06.05.2021 in the O/o the Block Development Officer Chatrapur in the presence of bidders who wish to attend. The bidders who participated in the bid can withness the opening of the bids. If the office happens to be closed in the last date of the opening of the bids as specified the bids will be opened in the next working day at the same time and venue of bid.
5. The authority reserves the right to cancel any or all bid without assigning any reason thereof.
6. Any addendum/corrigendum/ cancellation can also be seen in the paper.

Sd./- Block Development Officer, Chatrapur
OIPR-19102/11/0001/2122



**GOVERNMENT OF ODISHA**
**ELECTRICAL LICENSING BOARD, ODISHA, OFFICE OF THE ENGINEER-IN-CHIEF (ELECTRICITY)-CUM -PRINCIPAL CHIEF ELECTRICAL INSPECTOR, ODISHA**
3RD FLOOR HEADS OF DEPARTMENT BUILDING, BHUBANESWAR-751001
Email-secyelbo@nic.in Ph.0674-2394572(O)

No.AA-1:-

**NOTICE**

**No. ELBO/144th Meeting/165/2021/1305/Dated Bhubaneswar, the 31.03.2021**

(1) The result of SCC (MV & HT) Examination 2019 including endorsement for mining have been published vide this office Notification No.337 dated 26.03.2021.

All the successful candidates are requested to apply online for obtaining the certificate through "eicelctricityodisha.nic.in" / "edistrict.odisha.gov.in" within six (06) months from publication of result. The application service name **"Candidates qualified in the examination for Issuance of SCC"**.

(2) The result of Workman Permit Examination-2019 (Wireman-MV, Lineman-MV and Workman-HT) have been published vide this office Notification No.334 dated 26.03.2021. Result of Workmen (EHT) Examination-2019 have also been published vide this office Notification No.340 dated 26.03.2021.

All the successful candidates are requested to apply online for obtaining the permit through "eicelctricityodisha.nic.in" / "edistrict.odisha.gov.in" within six (06) months from publication of result. The application service name **"Candidates qualified in the examination for issuance of Workman Permit"**.

During verification of documents, if any discrepancies are detected then the SCC/Workman Permit will not be issued to the candidate even if he/she has qualified the examination. In no case the application of the successful candidates for issue of Supervisor Certificate of Competency / Workman Permit shall be considered after lapse of six (06) months from date of publication of result.

The result is also available in our official Website: eicelectricityodisha.nic.in for information of all concerned.

Sd./- E.I.C. (ELECTRICITY)-CUM-P.C.E.I.(O), BHUBANESWAR
OIPR-04004/11/0001/2122



**OFFICE OF THE EXECUTIVE ENGINEER, R.W.S.S DIVISION, SONEPUR**
Telephone No.06654-220259, email-dwsm_snpr@nic.in

**Govt. of Odisha e-Procurement Notice**
**Bid Identification No. 01/ 2021-22.**

**No. O-92:-** The Executive Engineer RWS&S Division, Sonepur on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in on-line mode for the work: Const. of OHT, Const. of Pump Chamber, SV Chamber, laying of HDPE/ G.I Pipe, Compound Wall in different blocks under Subarnapur District.

1. Nature of Work - Different PWS Schemes of Sonepur District.
2. Total No. of Work - 03 nos.
3. Tender Paper Cost - Rs.6000/- to Rs.10000/-
4. Value of Work - Rs.38.04 lakhs to Rs.98.37 lakhs.
5. Class of Contractor - 'C' ,'B'& "A"
6. Period of Completion - 300 days. (Refer DTCN available in the website tendersorissa.gov.in)

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer RWSS Division Sonepur | Notification **No. 01 of 2021-22** | Dt. 27.04.21 11.00 AM. | 11.05.2021 upto 5.00 PM | Dt.07.05.21 up to 5.00PM | 12.05.21 at 11.00 hours | To be announced later. |

Sd./- Executive Engineer, RWSS Division, Sonepur
OIPR-25037/11/0001/2122


See Career Appointment on every Wednesday & Saturday

# ଆର୍‌ସିବିର ଦମ୍‌ଦାର ବିଜୟ

**ମୁମ୍ବାଇ, ୨୨ା୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୭୭ ରନ କରିଥିଲେ ହେଁ ବିରାଟ କୋହଲିଙ୍କ ଦଳ କୌଣସି ଉଇକେଟ ନ ହରାଇ ୧୬.୩ ଓଭରରେ ୧୮୧ ରନ ସଂଗ୍ରହ କରିନେଇଛି। ୨୧ଟି ବଲ୍ ବାକିଥାଇ ୧୦ ଉଇକେଟରେ ବିଜୟ ସହ ଆରସିବି ପଏଣ୍ଟ ଟେବୁଲର ଶୀର୍ଷକୁ ପୁଣି ଫେରିଛି। ଦେବଦତ୍ତ ପଡିକାଲ କ୍ୟାରିୟରର ପ୍ରଥମ ଆଇପିଏଲ ଶତକ ହାସଲ କରିଛନ୍ତି।

## କୋହଲିଙ୍କ ୬୦୦୦ ରନ୍

ଆଇପିଏଲ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନଭାବେ ୬୦୦୦ ରନ ପୂରଣ କରିଛନ୍ତି ବିରାଟ। ବ୍ୟକ୍ତିଗତଭାବେ ୫୪ ରନ କରିଥିବାବେଳେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ୬ ବୋଲରଙ୍କୁ ଲଗାଇଥିଲେ ହେଁ ତାହା ବିରାଟ ଓ ପଡିକାଲଙ୍କ ଆଗରେ ମାମୁଲି ସାବ୍ୟସ୍ତ ହୋଇଥିଲା। ଜୀବନର ଏକ ସ୍ମରଣୀୟ ଇନିଂସ ଖେଳିଥିବା ପଡିକାଲ ମାତ୍ର ୫୨ ବଲ୍‌ରୁ ୧୧ ଚୌକା ଓ ୬ ଛକା ସହାୟତାରେ ୧୦୧ ରନ କରି ଅପରାଜିତ ରହିଥିଲେ। ସେହିପରି ବିରାଟ ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ୭୨ ରନରେ ଅପରାଜିତ ଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ପଡିକାଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ମହମ୍ମଦ ସିରାଜଙ୍କୁ ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ବିରାଟ କୋହଲିଙ୍କ ବଧେଇ। ଦ୍ରୁତ ଶତକ ହାସଲ ଅବସରରେ ଦେବଦତ୍ତ ପଡିକାଲ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆର୍‌ସିବି ଅଧିନାୟକ ବିରାଟ କୋହଲି। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ପାୱାର ପ୍ଲେ ୬ ଓଭର ମଧ୍ୟରେ ମାତ୍ର ୩୨ ରନ ମଧ୍ୟରେ ୩ଟି ଉଇକେଟ ଖସାଇ ଦେଇଥିଲେ। ପୂର୍ବ ଥରଭଳି ଏଥର ମଧ୍ୟ ପାୱାର ପ୍ଲେରେ ଚମତ୍କାର ବୋଲିଂ କରି ୨ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ ମହମ୍ମଦ ସିରାଜ। ୧୮ ରନରେ ୩ଟି ଉଇକେଟ ହରାଇ ରାଜସ୍ଥାନ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ସଞ୍ଜୁ ସାମସନ ଭଲ ଆରମ୍ଭ କରିଥିଲେ ହେଁ ୧୮ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ କରିଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ତେବେ ମିଡିଲ ଅର୍ଡରରେ ଶିବମ ଦୁବେ, ରିୟାନ ପରାଗ ଓ ରାହୁଲ ଟେୱାଟିଆଙ୍କ ଲଢୁଆ ଇନିଂସ ସହାୟତାରେ ରାଜସ୍ଥାନ ସମ୍ମାନଜନକ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା। ଦୁବେ ଓ ପରାଗ ୫ମ ଉଇକେଟରେ ୩୯ ବଲ୍‌ରୁ ୬୬ ରନ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ପରାଗ ୧୬ ବଲ୍‌ରୁ ୪ ଚୌକା ସହ ୨୫ ରନ କରିଥିଲେ। ଦୁବେ ୩୨ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୪୬ ରନ କରି ଆଉଟ୍ ହୋଇଥିଲେ। ଶେଷ ଭାଗରେ ଟେୱାଟିଆ ନିଜର ଦମ୍ ଦେଖାଇଥିଲେ। ୧୯ତମ ଓଭରରେ ସିରାଜଙ୍କଠାରୁ ୧୩ ରନ ସଂଗ୍ରହ କରିଥିଲେ। ମାତ୍ର ଏହି ଓଭରର ଶେଷ ବଲ୍‌ରେ ଶାହାବାଜ ଅହମ୍ମଦଙ୍କ ହାତରେ କ୍ୟାଚ କରାଇ ଟେୱାଟିଆ (୪୦ ରନ, ୨୩ ବଲ, ୪ ଚୌକା, ୨ ଛକା)ଙ୍କ ଇନିଂସର ଅବସାନ ଘଟାଇଥିଲେ ସିରାଜ। ଶେଷ ଓଭରରେ ହର୍ଷଲ କ୍ରମାଗତ ୨ଟି

**ମ୍ୟାନ୍ ଅଫ୍ ଦି ମ୍ୟାଚ୍**
**ଦେବଦତ୍ତ ପଡିକାଲ୍**

ଉଇକେଟ ନେଇ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଏହି ଓଭରରେ ରାଜସ୍ଥାନ ୨ ଉଇକେଟ ହରାଇ ୭ ରନ ସଂଗ୍ରହ କରିଥିଲା। ଫଳରେ ୨୦ ଓଭରରେ ଦଳ ୯ ଉଇକେଟ ହରାଇ ୧୭୭ ରନ କରି ପାରିଥିଲା। ପୂର୍ବ ସିଜନରେ ଆରସିବି ପକ୍ଷରୁ ଖେଳିଥିବା କ୍ରିସ୍ ମୋରିସ ଏଠାରେ ୭ ବଲ୍‌ରୁ ୧୦ ରନ କରି ଆଉଟ ହୋଇଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ ଓ ହର୍ଷଲ ପଟେଲ ୨ଟି ଲେଖାଏ ଏବଂ କେଲ ଜେମିସନ, ୱାଶିଂଟନ ସୁନ୍ଦର ଓ କେନ୍ ରିଚାର୍ଡସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୭/୯(ଶିବମ୍ ଦୁବେ-୪୬, ରାହୁଲ ଟେୱାଟିଆ-୪୦, ରିୟାନ ପରାଗ-୨୫, ମହମ୍ମଦ ସିରାଜ-୩/୨୭, ହର୍ଷଲ ପଟେଲ-୩/୪୭, କାଏଲ ଜେମିସନ-୧/୨୮, କେନ୍ ରିଚାର୍ଡସନ-୧/୨୯, ୱାଶିଂଟନ ସୁନ୍ଦର-୧/୨୩)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୬.୩ ଓଭରରେ ୧୮୧/୦ (ଦେବଦତ୍ତ ପଡିକାଲ-୧୦୧*, ବିରାଟ କୋହଲି-୭୨*)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୪ | ୦ | ୮ | +୧.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୩ | ୧ | ୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୪୨୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | +୦.୧୮୭ |
| ସନ୍‌ରାଇଜର୍ସ | ୪ | ୧ | ୩ | ୨ | -୦.୨୨୮ |
| ନାଇଟ ରାଇଡର୍ସ | ୪ | ୧ | ୩ | ୨ | -୦.୭୦୦ |
| ପଞ୍ଜାବ କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୨୪ |
| ରାଜସ୍ଥାନ ରୟାଲ୍ସ | ୪ | ୧ | ୩ | ୨ | -୧.୦୧୧ |

**ଆର୍‌ସିବିର ସର୍ବାଧିକ ଓପନିଂ ପାର୍ଟନରଶିପ୍**

**୧୮୧*:** ବିରାଟ କୋହଲି-ଦେବଦତ୍ତ ପଡିକାଲ ବନାମ ରାଜସ୍ଥାନ ରୟାଲ୍ସ, ମୁମ୍ବାଇ, ୨୦୨୧
**୧୬୭:** କ୍ରିସ୍ ଗେଲ୍-ତିଲକରତ୍ନେ ଦିଲସାନ ବନାମ ପୁଣେ ୱାରିୟର୍ସ ଇଣ୍ଡିଆ, ବେଙ୍ଗାଲୁରୁ, ୨୦୧୩
**୧୪୭:** କ୍ରିସ୍ ଗେଲ୍-ବିରାଟ କୋହଲି ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ, ବେଙ୍ଗାଲୁରୁ, ୨୦୧୬

**ବିନା ଉଇକେଟରେ ବୃହତ୍ ଚେଜ୍**

**୧୮୪:** ଗମ୍ଭୀର-ଲିନ୍, କୋଲକାତା ବନାମ ଗୁଜରାଟ, ୨୦୧୭
**୧୭୯:** ୱାଟସନ-ଡୁପ୍ଲେସି, ଚେନ୍ନାଇ ବନାମ ପଞ୍ଜାବ, ୨୦୨୦
**୧୭୮:** କୋହଲି-ପଡିକାଲ, ଆରସିବି ବନାମ ରାଜସ୍ଥାନ, ୨୧୨୧
**୧୩୬:** ତେନ୍ଦୁଲକର-ସ୍ମିଥ, ମୁମ୍ବାଇ ବନାମ ରାଜସ୍ଥାନ, ୨୦୧୨

# ଭାରତୀୟ ମହିଳା ଜିତିଲେ ୭ ସ୍ୱର୍ଣ୍ଣ


ଗୀତିକା ଓ ବେବିରୋଜିସାନା ଚାନୁ।

**ନୂଆଦିଲ୍ଲୀ, ୨୨ା୪(ପି.ଟି.)**

ପୋଲାଣ୍ଡର କିଲ୍‌ସିଠାରେ ଚାଲିଥିବା ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ବକ୍ସରମାନେ ପ୍ରଧାନ୍ୟ ବିସ୍ତାର କରି ଗୁରୁବାର ୭ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ହେଲେ ଗୀତିକା (୪୮କେଜି), ବେବିରୋଜିସାନା ଚାନୁ (୫୧କେଜି), ପୁନମ (୫୭କେଜି), ଭିନ୍‌କା (୬୦କେଜି), ଅରୁନ୍ଧତି ଚୌଧାରୀ (୬୯କେଜି), ଅଲଫିୟା ପଠାନ (୮୧+କେଜି) ଓ ଥୋଖୋମ୍ ସାନାମାଚୁ ଚାନୁ (୭୫କେଜି)। ପୋଲାଣ୍ଡର ନାତାଲିଆ କୁଜେସ୍କାଙ୍କ ବିପକ୍ଷରେ ଗୀତିକା ୫-୦ରେ ବିଜୟ ହାସଲ କରିଥିଲେ। ବେବିରୋଜିସାନାଙ୍କ ପ୍ରଥମ ରାଉଣ୍ଡ ମୁକାବିଲାରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ହେଲେ ରୁଷିଆର ଭାଲେରିଆ ଲିଙ୍କୋଭାଙ୍କ ବିପକ୍ଷରେ ସେ ସମାନ ବ୍ୟବଧାନରେ ବିଜୟୀ ହୋଇଥିଲେ। ପରେ ପୁନମ ଓ ଭିନିକା ଆଉ ଦୁଇଟି ସ୍ୱର୍ଣ୍ଣ ଜିତିଥିଲେ। ପୁନମ ଫ୍ରାନ୍ସର ଷ୍ଟେଲିନ୍ ଗ୍ରସ୍‌ଜିଙ୍କୁ ୫-୦ରେ ହରାଇ ଦେଇଥିବାବେଳେ ଭିନିକାଙ୍କ ଜବରଦସ୍ତ ପଞ୍ଚ୍ ଆଗରେ ତିଷ୍ଠି ନ ପାରି କାଜାଖସ୍ତାନର ଝୁଲ୍‌ଡିଜ ସାୟାଖମେତୋଭା ପରାସ୍ତ

**ୟୁଥ୍ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍**

ହୋଇଯାଇଥିଲେ। ଅରୁନ୍ଧତି ସ୍ଥାନୀୟ ଫେଭରାଇଟ୍ ବାରବାରା ମାର୍ସିନକୋସ୍କାଙ୍କ ବିପକ୍ଷରେ ୫-୦ରେ ସହଜ ବିଜୟ ହାସଲ କରିଥିଲେ। ଚାନୁଙ୍କୁ କିନ୍ତୁ ସ୍ୱର୍ଣ୍ଣ ଜିତିବା ଲାଗି କାଜାଖସ୍ତାନର ଦାନା ଦିଦେଙ୍କ ସହିତ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। ଜଜ୍‌ଙ୍କ ବିଭାଜିତ ନିଷ୍ପତ୍ତିରେ ସେ ବିଜୟୀ ହୋଇଥିଲେ।

# ମୋମିନୁଲଙ୍କ ଶତକ: ବାଂଲାଦେଶ ୪୭୪/୪

**ପାଲିକେଲ୍, ୨୨ା୪ (ଏପି)**

ସ୍ଥାନୀୟ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍ ଏକ ଶତକ ହାସଲ କରିଛନ୍ତି। ମୋମିନୁଲ ଓ ନବାଗତ ନଜମୁଲ ହୋସେନ ସାଣ୍ଟୋ ତୃତୀୟ ଉଇକେଟରେ ୨୪୨ରନ ଯୋଗ କରିବା ଦ୍ୱାରା ଭ୍ରମଣକାରୀ ଦଳ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୭୪ରନ ସଂଗ୍ରହ କରି ନିଜ ସ୍ଥିତିକୁ ଦୃଢ଼ କରିନେଇଛି। ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ସାଣ୍ଟୋ ତାଙ୍କ ପୂର୍ବଦିନପର ଅସମାପ୍ତ ସ୍କୋର ୧୨୬ରୁ ଖେଳ ଆରମ୍ଭ କରିଥିଲେ। ମଧ୍ୟାହ୍ନଭୋଜନ ବିରତି ପରେ ସେ ଆଉଟ ହୋଇଯାଇଥିଲେ। ସେତେବେଳକୁ ତାଙ୍କର ବ୍ୟକ୍ତିଗତ ସ୍କୋର ୧୬୩ ଥିଲା। ଏଥିସହିତ ତୃତୀୟ ଉଇକେଟ ପାର୍ଟନରଶିପ୍‌ର ଅବସାନ ଘଟିଥିଲା। **ବାଂଲାଦେଶ ପ୍ରଥମ ଇନିଂସ:** ୪୭୪/୪ (ନଜମୁଲ ହୋସେନ ସାଣ୍ଟୋ-୧୬୩, ମୋମିନୁଲ ହକ୍-୧୨୭, ତମିମ ଇକ୍‌ବଲ-୯୦; ବିଶ୍ୱ ଫର୍ନାଣ୍ଡୋ-୨/୭୫, ଲାହିରୁ କୁମାର-୧/୮୮, ଧନଞ୍ଜୟ ଡି' ସିଲ୍‌ଭା-୧/୧୧୨)।

# ଜେରିଙ୍କ ଚୁକ୍ତିର ନବୀକରଣ କଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୨ା୪(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ର ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ମିଜୋରାମ ୱିଙ୍ଗର ଜେରି ମାୱିମିଙ୍ଗଥଙ୍ଗାଙ୍କ ସହ ଚୁକ୍ତିର ନବୀକରଣ କରିଛି। ୨୪ ବର୍ଷୀୟ ଜେରି ଗତ ସିଜନର ୧୭ ଗେମ୍‌ରେ ୫ ଗୋଲ ହେବାରେ ସହଯୋଗ କରିଥିଲେ। କୌଣସି ଭାରତୀୟ ଖେଳାଳି ଏହି ସିଜନରେ ତାଙ୍କଠାରୁ ଅଧିକ ଗୋଲରେ ସହଯୋଗ କରି ନ ଥିଲେ। ଏହା ବ୍ୟତୀତ ସେ ୨ଟି ଗୋଲ ମଧ୍ୟ ଦେଇଥିଲେ। ଜେରି ଓଡ଼ିଶା ଏଫ୍‌ସି ପକ୍ଷରୁ ୨ ସିଜନରେ ୩୪ଟି ମ୍ୟାଚ ଖେଳି ୪ଟି ଗୋଲ ଦେଇଛନ୍ତି ଏବଂ ୧୦ ଗୋଲ ହେବାରେ ସହଯୋଗ କରିଛନ୍ତି। ଫଳରେ ୨୦୧୯-୨୦ ସିଜନ ପାଇଁ ତାଙ୍କୁ ଏଫ୍‌ପିଏଆଇ(ଫୁଟ୍‌ବଲ ପ୍ଲେୟର ଆସୋସିଏଶନ ଅଫ୍ ଇଣ୍ଡିଆ) ୟଙ୍ଗ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା। ଡିଏସ୍‌କେ ଶିବାଜିଆନ ଏକାଡେମୀରେ କ୍ୟାରିୟର ଆରମ୍ଭ କରିବା ପରେ ସେ ଆଇଏସ୍ଏଲ୍ କ୍ଲବ ନର୍ଥଇଷ୍ଟ ୟୁନାଇଟେଡ ଓ ଜାମସେଦପୁର ଏଫ୍‌ସି ପକ୍ଷରୁ ମଧ୍ୟ ଖେଳିଥିଲେ। ଜେରିଙ୍କ ଚୁକ୍ତି ସମୟ ସୀମା ବଢ଼ିଥିବାରୁ ଖୁସି ଜାହିର କରିଛନ୍ତି ଓଡ଼ିଶା ଏଫ୍‌ସି ସିଇଓ ରୋହନ ଶର୍ମା। ''ଜେରି କ୍ଲବ ସହ ପୁଣି ରହିବାରେ ମୁଁ ବହୁତ ଖୁସି। ଜେରି କ୍ଲବରେ ଯୋଗଦେବା ଦିନଠାରୁ ଚମତ୍କାର ପ୍ରଦର୍ଶନ କରୁଥିବା ଦେଖି ଆସୁଛି। କ୍ରମାଗତ ସମର୍ଥନ ଦେଇ ଆସିଥିବାରୁ ଜେରି ଏବଂ ତାଙ୍କ ପରିବାରକୁ ଧନ୍ୟବାଦ୍'' ବୋଲି ରୋହନ କହିଛନ୍ତି। କ୍ଲବ ସଭାପତି ରାଜ ଅଥୱାଲ ମଧ୍ୟ ଖୁବ୍ ଆନନ୍ଦିତ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳ ଜାରି ରଖିବା ସୁଯୋଗ ପାଇଥିବାରୁ ସେ ଖୁବ୍ ଖୁସି ବୋଲି ଜେରି କହିଛନ୍ତି। କ୍ଲବ ସହିତ ପ୍ରତିଟି ମୁହୂର୍ତ୍ତକୁ ସେ ଉପଭୋଗ କରିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ତାହା ଜାରି ରହିବ। ତାଙ୍କପ୍ରତି ସମର୍ଥନ ଜାରି ରଖିଥିବାରୁ ସେ କ୍ଲବ ମ୍ୟାନେଜମେଣ୍ଟକୁ ଧନ୍ୟବାଦ ଜଣାଇଛନ୍ତି।


ଜେରି ମାୱିମିଙ୍ଗଥଙ୍ଗା

# ହ୍ୱାଇଟ୍‌ହ୍ୟାଟ୍ ଜୁନିୟର ଓ କପିଳ ଦେବଙ୍କ ମଧ୍ୟରେ ସହଯୋଗିତା

**ଭୁବନେଶ୍ୱର, ୨୨ା୪ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ ଏବଂ ଅଗ୍ରଣୀ ଏଡ୍‌ଟେକ୍ ସଂସ୍ଥା ହ୍ୱାଇଟ୍‌ହ୍ୟାଟ୍ ଜୁନିୟର ମଧ୍ୟରେ ଏକ ସହଯୋଗିତା ସ୍ଥାପନ ହୋଇଛି। ହ୍ୱାଇଟ୍ ହ୍ୟାଟ୍ ଜୁନିୟର ଗଣିତ ଓ କୋଡିଂ ଉପରେ ଅନ୍‌ଲାଇନ୍‌ରେ ଲାଇଭ୍ କ୍ଲାସ ପ୍ରଦାନ କରିଥାଏ। ଶିକ୍ଷାଦାନକୁ ଅଧିକ କୌତୂକିଆ କରିବା ଲାଗି ଏହି ସଂସ୍ଥା କପିଳ ଦେବଙ୍କ ସହ ସହଯୋଗିତା ସ୍ଥାପନ କରିଛି। କ୍ରିକେଟଭିତ୍ତିକ ଆକର୍ଷଣୀୟ ଆପ୍‌ର ବିକଶିତ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଏହାର ମୂଳ ଉଦ୍ଦେଶ୍ୟ। ପ୍ରକଳ୍ପଟିର ନାମ କପିଲ୍ସ ସୁଇଂ ବୋଲିଂ ରଖାଯାଇଛି। ଏହି ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କୁ କ୍ରିକେଟ ପ୍ରତି ରହିଥିବା ସେମାନଙ୍କ ଆବେଗକୁ ଅଧିକ ଗତିଶୀଳ କରିବ। ଏହାଛଡ଼ା ଏଥିରୁ ମିଳିଥିବା ଶିକ୍ଷାରୁ ସେମାନେ ସେମାନଙ୍କ ବାସ୍ତବ ଜୀବନରେ ପ୍ରୟୋଗ କରିପାରିବେ। ଏହି ଅବସରରେ କପିଳ ଦେବ କହିଛନ୍ତି ଏବେକାର ପିଲାଙ୍କ ଲାଗି ଅବିଶ୍ୱସନୀୟ ସୁଯୋଗ ରହିଛି। ନୂଆପିଢ଼ିର ଆପ୍ ଜରିଆରେ ପିଲାମାନଙ୍କ ସୃଜନଶୀଳତା ଦେଖିବା ଲାଗି ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛି। ହ୍ୱାଇଟ ହ୍ୟାଟ୍ ଜୁନିୟରର ଚିଫ୍ ଲର୍ନିଂ ଅଫିସର ବାଲାଜୀ ରାମାନୁଜମ କହିଛନ୍ତି, ଏହି ପ୍ରକଳ୍ପ ପିଲାମାନଙ୍କୁ ସେମାନଙ୍କ ପସନ୍ଦର କ୍ଷେତ୍ର ସହ ଯୋଡ଼ିବାରେ ସହାୟକ ହେବ ବୋଲି ମୋର ଆଶା ରହିଛି।

# ଯୌନ ଶୋଷଣ ଅଭିଯୋଗରେ କୋଚ୍ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୨ା୪ (ପି.ଟି.):** ଯୌନ ଶୋଷଣ ଅଭିଯୋଗରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଜଣେ କୋଚ୍‌ଙ୍କୁ ତୁରନ୍ତ ସସ୍‌ପେଣ୍ଡ କରିଛି। ଏଥି ସହିତ ତାଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛି। ପ୍ରୋଜେକ୍ଟ ଅଫିସରରୁ ଆଥ୍‌ଲେଟିକ କୋଚ୍ ବନିଥିବା ଏହି ବ୍ୟକ୍ତିଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ। ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ତିହାର ଜେଲ୍‌ରେ ରଖାଯାଇଛି। ଖବର ଅନୁସାରେ ଅଭିଯୁକ୍ତ କୋଚ୍ ଜଣକ ସିରିଫୋର୍ଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଘରୋଇ ଭାବେ ଟ୍ରେନିଂ ଦେଉଥିବାବେଳେ ଜଣେ ୧୩ବର୍ଷୀୟା ନାବାଳିକାଙ୍କୁ ଯୌନ ଉତ୍‌ପୀଡ଼ନ ଦେଇଥିଲେ। କୋଚ୍ ଜଣଙ୍କ କର୍ତ୍ତୃପକ୍ଷଙ୍କ ଅଗୋଚରରେ ସାଇ ପରିସର ବାହାରେ ବାଳିକା ଜଣଙ୍କୁ ଟ୍ରେନିଂ ଦେଇ ଆସୁଥିଲେ। ସାଇ ସୂତ୍ରରୁ ପ୍ରକାଶ ଯେ, କୋଚ୍ ଜଣକ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନାବାଳିକାଙ୍କୁ ଘରୋଇ ଭାବେ ଟ୍ରେନିଂ ଦେଇଥିବାରୁ ସେ ପ୍ରଥମେ ତାଙ୍କ ଚାକିରି ସର୍ତ୍ତାବଳୀର ଉଲ୍ଲଂଘନ କରିଛନ୍ତି। ଏଥିପାଇଁ ପଦବୀରୁ ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଛି। ଦ୍ୱିତୀୟତଃ ଶିଶୁମାନଙ୍କୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଅନୁସାରେ ସମ୍ପୃକ୍ତ କୋଚ୍‌ଙ୍କୁ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ।

# ସ୍ଥିର ପ୍ରଦର୍ଶନ ଲକ୍ଷ୍ୟରେ ମୁମ୍ବାଇ

**ଚେନ୍ନାଇ, ୨୨ା୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ଲୋକେଶ ରାହୁଲଙ୍କ ପଞ୍ଜାବ କିଙ୍ଗ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶୁକ୍ରବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ମୁମ୍ବାଇ ତା'ର ପ୍ରଦର୍ଶନରେ ସ୍ଥିରତା ଆଣିବାକୁ ପ୍ରୟାସ କରିବ। ସେହିପରି ପଞ୍ଜାବ କିଙ୍ଗ୍ସ ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ।

ମୁମ୍ବାଇ ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୫ଟି ବଲ ବାକି ଥାଇ ୬ ଉଇକେଟରେ ପରାସ୍ତ ହୋଇଥିଲା। ମୁମ୍ବାଇ ଏ ପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୨ଟି ପରାଜୟ ବରଣ କରିଛି। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁମ୍ବାଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରଠାରୁ ୨ ଉଇକେଟରେ ପରାସ୍ତ ହୋଇଥିଲା। ଏହାପରେ ମୁମ୍ବାଇ ୧୦ ରନରେ କୋଲକାତା ନାଇଟ ରାଇଡର୍ସଙ୍କୁ ହରାଇଥିଲା। ସେହିପରି ମୁମ୍ବାଇ ତା'ର ତୃତୀୟ ମ୍ୟାଚ୍‌ରେ ୧୩ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ହରାଇଥିଲା। ଦିଲ୍ଲୀ ବିପକ୍ଷରେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ଅଧିନାୟକ ରୋହିତଙ୍କୁ ବାଦ୍ ଦେଲେ ଅନ୍ୟମାନେ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ଦଳର ମିଡ୍‌ଲ ଅର୍ଡର ବିଫଳ ହୋଇଥିଲା। ମୁମ୍ବାଇ ବୋଲରମାନେ ମଧ୍ୟ ଭଲ ପ୍ରଦର୍ଶନ କରି ନ ପାରି ଦଳକୁ ଜିତାଇବାରେ କେତେଥର ବିଫଳ ହୋଇଛନ୍ତି। ଦିଲ୍ଲୀ ବିପକ୍ଷରେ ମୁମ୍ବାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ବିଫଳ ହୋଇଥିଲେ। ଗତ ସଂସ୍କରଣରେ ମୁମ୍ବାଇକୁ ଚାମ୍ପିୟନ କରାଇବାରେ ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥର କିନ୍ତୁ ଏହି ଦୁଇ ଯୁବ ଖେଳାଳି ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିପାରିନାହାନ୍ତି। ସେହିପରି କିରନ ପୋଲାର୍ଡ, କ୍ରୁନାଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଆଶାନୁରୂପ ଖେଳିପାରିନାହାନ୍ତି। ଅବଶ୍ୟ ଟୁର୍ନାମେଣ୍ଟ ଏବେ ପ୍ରାରମ୍ଭିକ ପର୍ଯ୍ୟାୟ ଦେଇ ଗତି କରୁଛି। ତେଣୁ ପଞ୍ଜାବ ବିପକ୍ଷରେ ଖେଳାଳିମାନେ ବୋଲିଂ ଓ ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିବେ ବୋଲି ମୁମ୍ବାଇ ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି।

ଅପରପକ୍ଷରେ ପଞ୍ଜାବ ତା'ର ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪ ରନରେ ପରାସ୍ତ କରିଥିଲେ ମଧ୍ୟ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦଠାରୁ ପରାସ୍ତ ହୋଇଥିଲା। ହାଇଦ୍ରାବାଦ ବିପକ୍ଷରେ ଦଳ ମାତ୍ର ୧୨୦ ରନ କରି ଅଲଆଉଟ ହୋଇଥିଲା। ବ୍ୟାଟିଂ ବିଫଳତା ଓ ଦଳରେ ସନ୍ତୁଳନ ନ ଥିବା କାରଣରୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଦଳର ବ୍ୟାଟିଂ ଲାଇନ୍ ଦୃଢ଼ ଥିଲେ ମଧ୍ୟ ରାହୁଲ ଓ ମୟଙ୍କ ଅଗ୍ରୱାଲ ସଫଳ ପ୍ରଦର୍ଶନ କରିନାହାନ୍ତି। ବିସ୍ଫୋରକ ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଏ ପର୍ଯ୍ୟନ୍ତ ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟତମ ୱେଷ୍ଟଇଣ୍ଡିଜ୍ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ମିଡ୍‌ଲ ଅର୍ଡରରେ ବଡ଼ ଶଟ୍ ଖେଳିବାରେ ସକ୍ଷମ ହୋଇଛନ୍ତି। କ୍ରମାଗତ ୩ଟି ପରାଜୟ ପଞ୍ଜାବ ଦଳର ମନୋବଳକୁ ପ୍ରଭାବିତ କରିଥିବ। ଦଳ ଖୁବ୍‌ଶୀଘ୍ର ବିଜୟ ଧାରାକୁ ଫେରିବା ଜରୁରୀ ହୋଇପଡିଛି। ନ ହେଲେ ପଞ୍ଜାବର ପ୍ଲେ- ଅଫ୍ ଆଶା ହାତଛଡ଼ା ହେବ। ୪ଟି ମ୍ୟାଚ୍‌ରୁ ରାହୁଲ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି।



ପଞ୍ଜାବ କିଙ୍ଗ୍ସ ଅଧିନାୟକ ଲୋକେଶ ରାହୁଲ ଓ ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ।

**ଆଜିର ମ୍ୟାଚ**

ପଞ୍ଜାବ କିଙ୍ଗ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ



ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଟିକାକରଣ ଲାଗି ଉବର ଦେବ ମାଗଣା ସେବା**

ଟିକାକରଣକୁ ଉତ୍ସାହିତ କରିବା ଲାଗି ଉବର ପକ୍ଷରୁ ମାଗଣା ରାଇଡ ସେବା ପ୍ରଦାନ କରାଯାଇଛି। ଆଗାମୀ ଦିଗରେ ୨୫ ହଜାର ମାଗଣା ରାଇଡ ସେବା ଯୋଗାଣ ନେଇ କମ୍ପାନୀ ଯୋଜନା ରଖିଛି। ଏଥିଲାଗି ଏହା ହେଲ୍ଥ ଏଜ୍ ଇଣ୍ଡିଆ ସହ ଚୁକ୍ତିରେ ସାମିଲ ହୋଇଛି। ଦେଶର ମୋଟ ୧୯ ସହରରେ ଏହା ଉପଲବ୍ଧ ହେବ। ସରକାରୀ ଏବଂ ବେସରକାରୀ ହସ୍ପିଟାଲକୁ ଟିକା ଦେବାକୁ ଯାଉଥିଲେ ଲୋକମାନେ ଏହି ସେବାକୁ ଉଠାଇଛନ୍ତି। ସାରା ଦେଶରେ ଉବର ଏଭଳି ଭାବେ ମୋଟ ୬୦ ହଜାର ମାଗଣା ରାଇଡ ସେବା ଅଦ୍ୟାବଧି ଉପଲବ୍ଧ କରାଯାଇଛି।

# ୮୨% କ୍ଷୁଦ୍ର ବାଣିଜ୍ୟ ଉପରେ କୋଭିଡ୍ ମାଡ଼

ମୁମ୍ବାଇ,୨୨।୪

**ଡୁନ୍ ଆଣ୍ଡ ବ୍ରାଡ୍ଷ୍ଟ୍ରିଟ ରିପୋର୍ଟ**



କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୩ ଚତୁର୍ଥାଂଶ କ୍ଷୁଦ୍ର ବାଣିଜ୍ୟ ଉପରେ କୋଭିଡ୍ ମାଡ଼ ପଡ଼ିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି ଉପରେ ମହାମାରୀ ଗଭୀର ଭାବେ ପ୍ରଭାବ ପକାଇଥିବା ବେଳେ ମାନୁଫାକ୍ଚରିଂ କ୍ଷେତ୍ର ଅଧିକ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି।

ଡୁନ୍ ଏବଂ ବ୍ରାଡ୍ଷ୍ଟ୍ରିଟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ମୁତାବକ, ୮୨% କ୍ଷୁଦ୍ର ବାଣିଜ୍ୟକୁ କୋଭିଡ୍ ଝଟକା ଲାଗିଛି। ସର୍ଭେରେ ୨୫୦ କମ୍ପାନୀଙ୍କୁ ସାମିଲ କରାଯାଇଥିଲା। କୋଭିଡ୍‌ରେ ହୋଇଥିବା କ୍ଷତିଭରଣା ଲାଗି ୨ ବର୍ଷ ସମୟ ଲାଗିବ ବୋଲି ପ୍ରାୟ ୭୦% କମ୍ପାନୀ କହିଛନ୍ତି। ଗତ ବର୍ଷ କୋଭିଡ୍ ସାରା ବିଶ୍ୱକୁ ସଙ୍କଟ ସ୍ଥିତିକୁ ଠେଲିଦେଇଥିଲା। ଲକ୍‌ଡାଉନ ଆର୍ଥିକ କାର୍ଯ୍ୟକଳାପକୁ କ୍ଷତିଗ୍ରସ୍ତ କରିବା ସହ ବଜାରରୁ ଚାହିଦା ହ୍ରାସ ହୋଇଥିଲା। ଲୋକଙ୍କ ଆୟ ମଧ୍ୟ ଏହାଦ୍ୱାରା ପ୍ରଭାବିତ ସ୍ଥିତିକୁ ଚାଲିଯାଇଛି। ପ୍ରାୟ ୬୦% କମ୍ପାନୀ କହିଛନ୍ତି, ଅଧିକ ପଦକ୍ଷେପ ସହ ସରକାର ସହାୟତା ଯୋଗାଇ ଦେବାର ଆବଶ୍ୟକତା ରହିଛି। କମ୍ପାନୀଗୁଡ଼ିକର ବର୍ତ୍ତମାନର ୩ ସମସ୍ୟା ମଧ୍ୟରେ ବଜାର ସୁବିଧା, ଉତ୍ପାଦନରେ ଉନ୍ନତି ଏବଂ ଫାଇନାନ୍ସ ସୁବିଧା ଲାଭ ରହିଛି। ରିପୋର୍ଟ ମୁତାବକ, ଏପ୍ରିଲ ୨୦୨୦ରେ ଲାଗୁ ହୋଇଥିବା ଲକ୍‌ଡାଉନ ଯୋଗୁ ପ୍ରାୟ ୯୫% ଫାର୍ମ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନ୍‌ଲକ ପରେ ମଧ୍ୟ କାରବାର ପ୍ରଭାବିତ ରହିଥିବା ୭୦% କମ୍ପାନୀ ମତ ରଖିଛନ୍ତି। ୨୦୨୧ ଫେବୃଆରୀ ବେଳକୁ କାରବାରରେ ସୁଧାର ହୋଇଥିବା ୪୦% କମ୍ପାନୀ ମତ ରଖିଛନ୍ତି। କାରବାର ବୃଦ୍ଧି ଲାଗି ଉନ୍ନତ ବଜାର ସୁବିଧା ଏବଂ ଫାଇନାନ୍ସ ଏକ ପ୍ରମୁଖ ସମସ୍ୟା ବୋଲି ଅଧିକାଂଶ କମ୍ପାନୀ କହିଛନ୍ତି। କ୍ଷୁଦ୍ର ବିଜ୍‌ନେସଗୁଡ଼ିକ ଯେତେ ଶୀଘ୍ର ସୁଧାର ସ୍ଥିତିକୁ ଫେରିବେ ଏହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ବୋଲି ଡୁନ୍ ଆଣ୍ଡ ବ୍ରାଡ୍ଷ୍ଟ୍ରିଟ୍‌ର ଗ୍ଲୋବାଲ ଚିଫ୍ ଇକୋନୋମିଷ୍ଟ ଅରୁଣ ସିଂ କହିଛନ୍ତି।

## ସଂକ୍ଷେପରେ

### ଭାରତରୁ ୟୁଏଇକୁ ବିମାନ ସେବା ବାତିଲ

ନୂଆଦିଲ୍ଲୀ,୨୨।୪: ଭାରତରୁ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)କୁ ଆଗାମୀ ୧୦ ଦିନ ଯାଏ ସମସ୍ତ ବିମାନ ସେବାକୁ ବାତିଲ କରାଯାଇଛି। ଭାରତରେ କୋଭିଡ୍ ମାମଲା ବଢୁଥିବାରୁ ଏପ୍ରିଲ ୨୫ରୁ ମେ ମାସ ୪ ତାରିଖ ଯାଏ ସେବା ବ୍ୟାନ୍ କରିବାକୁ ୟୁଏଇ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ଅବଧିରେ ଭାରତରୁ କୌଣସି ବିମାନ କମ୍ପାନୀ ସେହି ସ୍ଥାନକୁ ସେବା ଉପଲବ୍ଧ କରିବେ ନାହିଁ। ଭାରତୀୟମାନେ ଅନ୍ୟ କୌଣସି ଦେଶରେ ଥିଲେ ୟୁଏଇକୁ ଆସିପାରିବେ। ୧୦ ଦିନର ବ୍ୟାନ୍ ଲଗାଇବା ପୂର୍ବରୁ ଭାରତୀୟଙ୍କ ପ୍ରବେଶ ଉପରେ ସମସ୍ତ ପ୍ରକାର କଟକଣା ଲଗାଯାଇଥିବା ଜଣାପଡ଼ିଛି।

### ଅଭିବୃଦ୍ଧି ୧୧% ରହିପାରେ

ନୂଆଦିଲ୍ଲୀ,୨୨।୪: ଚଳିତ ଆର୍ଥିକ ବର୍ଷରେ ଭାରତ ୧୧% ଅଭିବୃଦ୍ଧି ହାସଲ କରିବ ବୋଲି ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂ ପକ୍ଷରୁ ଗୁରୁବାର ଆକଳନ କରାଯାଇଛି। ମାତ୍ର କୋଭିଡ୍ ନିୟନ୍ତ୍ରଣ ଲାଗି ସାରା ଦେଶର ବିଭିନ୍ନ ରାଜ୍ୟରେ ଲାଗୁ ହେଉଥିବା ଲକ୍‌ଡାଉନର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ପଡିବ ବୋଲି ଏସ୍ ଆଣ୍ଡ ପି ରିପୋର୍ଟରେ ପ୍ରକାଶ ପାଇଛି। ନୂଆ ସଂକ୍ରମଣ ବୃଦ୍ଧି ହେଉଥିବାରୁ ଏହା ଅର୍ଥ ବ୍ୟବସ୍ଥା ଲାଗି ବିପଦ ସୃଷ୍ଟି କରୁଛି। ଏହି ଏଜେନ୍ସି ଭାରତର ଆଉଟଲୁକ୍‌କୁ ଷ୍ଟେବଲ (ବିବିବି-) ରଖିଛି। ସୂଚନାଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତ ଜିଡିପି ୮% ଖସିଛି। ଦ୍ୱିତୀୟ ଲହର ଅଭିବୃଦ୍ଧିକୁ ପ୍ରଭାବିତ କରିବ ବୋଲି ଗତ ସପ୍ତାହରେ ରେଟିଂ ଏଜେନ୍ସି ମୁଡିସ୍ ଅନୁମାନ କରିଥିଲା। କୋଭିଡ୍ ନିୟନ୍ତ୍ରଣ ଲାଗି ଯଦି ସାରା ଦେଶରେ ଲକ୍‌ଡାଉନ ହୁଏ ତେବେ ଏହା ଅଭିବୃଦ୍ଧି ଉପରେ ବିଶେଷ ଭାବେ ପ୍ରଭାବ ପକାଇବ ବୋଲି ଏହି ଏସ୍ ଆଣ୍ଡ ପି ରିପୋର୍ଟରେ ପ୍ରକାଶ କରିଛି।

# ବ୍ୟାଙ୍କ ଶାଖା କାରବାର ସମୟ କମିବ

ନୂଆଦିଲ୍ଲୀ,୨୨।୪

କରୋନାର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ଦ୍ରୁତ ଭାବରେ ବ୍ୟାପୁଛି। ଏହାକୁ ଧ୍ୟାନରେ ବ୍ୟାଙ୍କ ଶାଖାରୁ କାରବାର ସମୟ ହ୍ରାସ ସହ ୫୦% କର୍ମଚାରୀରେ କାର୍ଯ୍ୟ କରିବା ପାଇଁ ବୁଧବାର ଇଣ୍ଡିଆନ ବ୍ୟାଙ୍କ୍ସ ଆସୋସିଏଶନ (ଆଇବିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଦେଶର ସମସ୍ତ ବ୍ୟାଙ୍କ ଓ ଏହା ସହ ଜଡିତ ସଂଘଗୁଡିକୁ ଏକ ଏସ୍‌ଓପି ଜାରି କରାଯାଇଛି।

ଏଥିରେ କୁହାଯାଇଛି ଯେ, ମହାମାରୀକୁ ଆଖି ଆଗରେ ରଖି ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ କର୍ମଚାରୀ ପ୍ରସ୍ତୁତ ଅଛନ୍ତି। କିନ୍ତୁ ବ୍ୟାଙ୍କ କାର୍ଯ୍ୟ ସମୟକୁ ୧୦ ରୁ ୨ ଟା ପର୍ଯ୍ୟନ୍ତ ଏବଂ କର୍ମଚାରୀ ୫୦%ରେ କାର୍ଯ୍ୟ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ଏହି ନିଷ୍ପତ୍ତି ସମ୍ପର୍କରେ ବିଭିନ୍ନ ବ୍ୟାଙ୍କ ସେମାନଙ୍କ ଗ୍ରାହକ ଓ ବ୍ୟବସାୟିକ ସଂସ୍ଥାଗୁଡିକୁ ଅବଗତ କରାଇବାକୁ କୁହାଯାଇଛି। ଏହି ସମୟରେ ବ୍ୟାଙ୍କଗୁଡିକ ୪ଟି ପ୍ରମୁଖ ସେବା ଯଥା- ଜମା ଗ୍ରହଣ, ଟଙ୍କା ଉଠାଣ, ସରକାରୀ କାରବାର ଏବଂ ବାହାରକୁ ଟଙ୍କା ପଠାଇବା ଏବଂ ଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଠିକ ଭାବେ କରିବାକୁ କୁହାଯାଇଛି। ଏଭଳି ପ୍ରସ୍ତାବକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍ଏଲ୍‌ବିସି) ନିକଟକୁ ମଧ୍ୟ ପଠାଯାଇଛି। ଏସ୍ଏଲ୍‌ବିସି ସ୍ଥିତିକୁ ବିଚାରକୁ ନେଇ ଚୂଡାନ୍ତ ପଦକ୍ଷେପ ନେବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଆଇବିଏର ଏହି ନିଷ୍ପତ୍ତିକୁ ସର୍ବଭାରତୀୟ ସ୍ତର ଓ ରାଜ୍ୟ ସ୍ତରରେ ଥିବା ବିଭିନ୍ନ ବ୍ୟାଙ୍କ ସଂଘ ଗୁଡିକ ପକ୍ଷରୁ ସ୍ୱାଗତ କରାଯାଇଛି।

# କ୍ରିମ୍‌ସନ କ୍ଲବ୍‌ର ନୂଆ ଶୋ'ରୁମ୍

କଟକ,୨୨।୪



ଅଗ୍ରଣୀ ପୋଷାକ ନିର୍ମାତା କମ୍ପାନୀ ମଙ୍ଗଳା ଆପାରେଲ୍ସ ଇଣ୍ଡିଆ ପ୍ରା.ଲିଃ.ର ଏକ ବ୍ରାଣ୍ଡ କ୍ରିମ୍‌ସନ କ୍ଲବ୍‌ର ନୂଆ ଏକ୍ସକ୍ଲୁସିଭ ଫ୍ୟାମିଲି ଶୋ'ରୁମ୍ ସ୍ଥାନୀୟ ସିଡିଏ ସେକ୍ଟର-୯ରେ ଶୁଭାରମ୍ଭ ହୋଇଛି। ଏକ ହଜାର ବର୍ଗଫୁଟ୍ ବିଶିଷ୍ଟ ଏହି ଶୋ'ରୁମ୍‌କୁ ଅଗ୍ରଣୀ ଗାର୍ମେଣ୍ଟସ ଡିଷ୍ଟ୍ରିବ୍ୟୁଶନ ଏଜେନ୍ସି ଏସ୍‌ସ୍କୋୟାର ମାର୍କେଟିଂର ଡାଇରେକ୍ଟର ଉମେଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶୋ'ରୁମ୍ ଫ୍ରାଞ୍ଚାଇଜିର ସ୍ୱତ୍ୱାଧିକାରୀ ବିଶ୍ୱରଞ୍ଜନ ପାତ୍ର, କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ମୁକେଶ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କମ୍ପାନୀର ଏହା ୨୦ତମ ଶୋ'ରୁମ୍ ହୋଇଥିବାବେଳେ ମଙ୍ଗଳାବାଗ ପରେ କମ୍ପାନୀର କଟକରେ ଏହା ଦ୍ୱିତୀୟ ଷ୍ଟୋର। ଏଠାରେ ପୁରୁଷ, ମହିଳା ଏବଂ ପିଲାଙ୍କ ପାଇ ୬୪୯ରୁ ଆରମ୍ଭକରି ୨୯୯୯ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ଗାର୍ମେଣ୍ଟ୍ସ ଉପଲବ୍ଧ। କୋଭିଡ୍ କଟକଣାକୁ ପାଳନକରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିଏ ଭଳି ଏକ ଜନବହୁଳ ସ୍ଥାନରେ ଏହି ଫ୍ୟାମିଲି ଶୋ'ରୁମ୍‌କୁ ଆଶାନୁରୂପ ସଫଳତା ମିଳିବ ବୋଲି ସ୍ୱତ୍ୱାଧିକାରୀ ବିଶ୍ୱରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କମ୍ପାନୀର ନିଜସ୍ୱ ଫ୍ୟାବ୍ରିକ ଉତ୍ପାଦନକାରୀ ସଂସ୍ଥା ମଙ୍ଗଳା ଟେକ୍ସଟାଇଲ ପକ୍ଷରୁ ଉତ୍ପାଦିତ ଉତ୍କୃଷ୍ଟ ଗୁଣବତ୍ତାର କପଡ଼ା କ୍ରିମ୍‌ସନ କ୍ଲବ୍‌ରେ ପ୍ରଡକ୍ଟ ଲାଗି ବ୍ୟବହାର କରାଯାଇଥାଏ ; ଯାହାକୁ ଗ୍ରାହକମାନଙ୍କୁ ବିଭିନ୍ନ ରଙ୍ଗ ଏବଂ ଡିଜାଇନରେ ଏକକତ୍ୱ ବଜାୟ ରଖିଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ରିଲାଏନ୍ସ ପକ୍ଷରୁ ଅକ୍ସିଜେନ ଯୋଗାଣ

ନୂଆଦିଲ୍ଲୀ,୨୨।୪

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍) ପକ୍ଷରୁ କମ୍ପାନୀର ଜାମନଗର ରିଫାଇନେରିରେ ଉତ୍ପାଦନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। କରୋନା ମହାମାରୀ ସମୟରେ ଦେଶର ବିଭିନ୍ନ ପ୍ରାନ୍ତରେ ମେଡିକାଲ ମାନର ଅକ୍ସିଜେନ ଆବଶ୍ୟକତା ରହିଥିବାରୁ କମ୍ପାନୀ ବର୍ତ୍ତମାନ ଦୈନିକ ୭ ଶହ ମେଟ୍ରିକ୍ ଟନ୍ ମେଡିକାଲ୍ ମାନର ଅକ୍ସିଜେନ୍ (ଅମ୍ଳଜାନ) ଉତ୍ପାଦନ କରୁଛି। ଗତ କିଛି ଦିନ ହେବ ଗୁଜୁରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଡାମନ୍ ଆଣ୍ଡ ଡିଉ ଏବଂ ଦାଦ୍ରା ଆଣ୍ଡ ନଗର ହାଭେଲି ଭଳି କେନ୍ଦ୍ରଶାସିତ ଅଞ୍ଚଳକୁ କମ୍ପାନୀ ପ୍ରାୟ ୭୦୦ ଟନ୍ ଅକ୍ସିଜେନ୍ ବିନା ମୂଲ୍ୟରେ ଯୋଗାଇ ଦେଇଛି। ବର୍ତ୍ତମାନ କରୋନା ସଂକ୍ରମଣ ବଢିଛି। ଗୁରୁତର ରୋଗୀଙ୍କ ଦୈନିକ ଆବଶ୍ୟକତା ପୂରଣ କରିବାକୁ ଅକ୍ସିଜେନ୍ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ -୧୮୩ ଡିଗ୍ରୀ ସେଲ୍‌ସିଅସ୍‌ର ଅକ୍ସିଜେନ୍ ପରିବହନ କରାଯାଉଛି। ରିଲାଏନ୍ସ ଏହାର ମେଡିକାଲ୍ ଗ୍ରେଡ ଅକ୍ସିଜେନ୍ ଉତ୍ପାଦନ କ୍ଷମତାକୁ ଦୈନିକ ୧୦୦୦ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରୁଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଦେଶ ମଧ୍ୟରେ ମେଡିକାଲ ଅକ୍ସିଜେନ ଅଭାବ ଚିନ୍ତାର କାରଣ ହୋଇଛି। ଏହାକୁ ଧ୍ୟାନରେ ରଖି ବିଭିନ୍ନ କର୍ପୋରେଟ୍ ଅକ୍ସିଜେନ ଯୋଗାଇବାକୁ ଆଗେଇ ଆସିଛନ୍ତି।

# ଅକ୍ସିଜେନ ଯୋଗାଣ ଲାଗି ଜେଏସ୍‌ପିଏଲ୍ ପ୍ରସ୍ତୁତ

ଭୁବନେଶ୍ୱର,୨୨।୪



କୋଭିଡ-୧୯ ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ଏହାର ଅନୁଗୋଳ ଷ୍ଟିଲ କାରଖାନାରେ ୫୦୦ ଟନରୁ ଅଧିକ ତରଳ ଅମ୍ଳଜାନ ଷ୍ଟକ ଉପଲବ୍ଧ ରହିଛି। କମ୍ପାନୀ ପକ୍ଷରୁ ଏ ନେଇ ଟୁଇଟ ଯୋଗେ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେ ବ୍ୟବହାରକାରୀଙ୍କ ଟ୍ୟାଙ୍କର୍ ପଠାଇବାକୁ ଅପେକ୍ଷା କରିଛୁ। ପ୍ରଥମେ ଆସିଥିବା ସେବା ଭିତ୍ତିରେ କିମ୍ବା ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ସ୍ଥିର କରାଯାଇଥିବା ପ୍ରାଥମିକତା ଅନୁଯାୟୀ ମେଡିକାଲ ଅକ୍ସିଜେନ ଯୋଗାଇ ଦେବାକୁ କମ୍ପାନୀ ଘୋଷଣା କରିଛି। କମ୍ପାନୀ ଓଡିଶା ଏବଂ ଛତିଶଗଡ ୟୁନିଟରୁ ମେଡିକାଲ ଅକ୍ସିଜେନ ଯୋଗାଇବାକୁ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଘୋଷଣା କରିଥିଲେ। ସେ କହିଥିଲେ, ବିପର୍ଯ୍ୟୟ ଏବଂ ଜରୁରିକାଳୀନ ପରିସ୍ଥିତିରେ କମ୍ପାନୀ ଦେଶ ତଥା ଦେଶବାସୀଙ୍କ ସହ ସର୍ବଦା ଛିଡା ହୋଇଛି।

# ବିଓଆଇର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୨୨।୪

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝର ଜିଲ୍ଲାର ମଣ୍ଡୁଆଠାରେ ଖୋଲିଛି। କୋଭିଡ୍ କଟକଣା ନିୟମ ଅନୁସାରେ ଆଞ୍ଚଳିକ ପ୍ରବନ୍ଧକ ଉମେଶ କୁମାର ରଥ ଏହି ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର, ମହେନ୍ଦ୍ର ନାଥ ସୋରେନ୍, ଆଲୋକ କୁମାର ଦାଶ ଏବଂ ଏହାର ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପୂର୍ବରୁ ଏହା କେନ୍ଦୁଝର ସ୍ଥିତ ଲାବଣ୍ୟ ଛକଠାରେ ଅବସ୍ଥିତ ଥିଲା। ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ବର୍ତ୍ତମାନ ଓଡ଼ିଶାର ୩ ପ୍ରମୁଖ ଜିଲ୍ଲା କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ସେବା ଯୋଗାଇ ଦେଉଛି। ଏହି ସବୁ ଜିଲ୍ଲାରେ ବ୍ୟାଙ୍କର ମୋଟ ୧୦୧ଟି ଶାଖା ରହିଛି।

# ଇ-ସ୍କୁଟର ଲଞ୍ଚ କରିବ ଓଲା

ନୂଆଦିଲ୍ଲୀ,୨୨।୪

ଓଲା ଇଲେକ୍ଟ୍ରିକ ପକ୍ଷରୁ ଚଳିତ ବର୍ଷ ଜୁଲାଇରେ ଇ-ସ୍କୁଟର ବଜାରକୁ ଆସିବ। ଏ ନେଇ କମ୍ପାନୀ ଘୋଷଣା କରିବା ସହ ସାରା ଦେଶରେ ଏକ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ଲାଗି ଯୋଜନା ରଖିଛି। ଏ ଦିଗରେ କମ୍ପାନୀ ହାଇପର ଚାର୍ଜର ନେଟ୍‌ୱର୍କ ସ୍ଥାପନ କରିବ। ଏହା ମଧ୍ୟରେ ଦେଶର ୪୦୦ ସହରରେ ଏକ ଲକ୍ଷ ଚାର୍ଜିଂ ପଏଣ୍ଟ ସ୍ଥାପନ ଲକ୍ଷ୍ୟ ରହିଛି। ତାମିଲନାଡୁରେ ଏକ ଇଲେକ୍ଟ୍ରିକ ସ୍କୁଟର ଫ୍ୟାକ୍ଟ୍ରି ସ୍ଥାପନ ନେଇ ୨୪୦୦ କୋଟି ଟଙ୍କାର ନିବେଶ ନେଇ କମ୍ପାନୀ ଗତ ବର୍ଷ ଘୋଷଣା କରିଥିଲା। ଏହା କାର୍ଯ୍ୟକ୍ଷମ ହେଲେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ବିଶ୍ୱର ସର୍ବବୃହତ୍ ଇଲେକ୍ଟ୍ରିକ ସ୍କୁଟର ମାନୁଫାକଚରିଂ ଫାସିଲିଟି ହେବାକୁ ଥିବା ବେଳେ ବାର୍ଷିକ ୨ ନିୟୁତ ୟୁନିଟ ଯାନ ଉତ୍ପାଦନ କରିବା ନେଇ ଯୋଜନା ରହିଛି। ଏହି ଅବସରରେ ଓଲା ଅଧ୍ୟକ୍ଷ ଏବଂ ଗ୍ରୁପ୍ ସିଇଓ ଭାବେଶ ଅଗ୍ରୱାଲ କହିଛନ୍ତି, ଜୁନ୍ ସୁଦ୍ଧା ସବୁ କାମ ଶେଷ କରିବା ଯୋଜନା ରହିଛି। ଏହା ପରେ ଉତ୍ପାଦନ ଆରମ୍ଭ କରାଯିବ। ଜୁଲାଇଠାରୁ ବିକ୍ରି ଆରମ୍ଭ ହେବ। ଏହି ସ୍କୁଟରଗୁଡିକର ବଜାର ଦର କେତେ ରହିବ ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# ଆର୍ଥିକ ସୁଧାରରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୨।୪



ଶକ୍ତିକାନ୍ତ ଦାସ

ବର୍ତ୍ତମାନ କରୋନା ସଂକ୍ରମଣ ବଢ଼ି ଚାଲିଛି। ଏହା ଆର୍ଥିକ ସୁଧାରରେ ବାଧା ସୃଷ୍ଟି କରୁଛି। ଫଳରେ କରୋନା ପାଇଁ ଆର୍ଥିକ ସୁଧାର କ୍ଷେତ୍ରରେ ଏକ ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି ହୋଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନିକଟରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଆର୍‌ବିଆଇ ମିନିଟରେ ଏଭଳି ପ୍ରସଙ୍ଗ ସ୍ଥାନିତ ହୋଇଛି। ସୁଧାର ପ୍ରକ୍ରିୟାକୁ ସୁରକ୍ଷିତ କରିବା ବର୍ତ୍ତମାନର ଆହ୍ୱାନ ହୋଇଛି। ସ୍ଥାନୀୟ ଏବଂ ଆଞ୍ଚଳିକ ସ୍ତରରେ ହେଉଥିବା ଲକ୍‌ଡାଉନ ଅଭିବୃଦ୍ଧି ଅନୁମାନ କ୍ଷେତ୍ରରେ ଅନିଶ୍ଚିତତା ସୃଷ୍ଟି କରୁଛି ବୋଲି ଶକ୍ତିକାନ୍ତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ଏହାର ରେପୋ ରେଟ୍‌କୁ ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ସେହିଭଳି ଘରୋଇ ବଜାରର ଅଭିବୃଦ୍ଧି ୧୦.୫% ସ୍ତରରେ ରହିବ ବୋଲି ଏହା ଆକଳନ କରିଛି। ଲକ୍‌ଡାଉନ ହେଉଥିବାରୁ ଏହା ସୁଧାର ଧାରାରେ ପ୍ରଭାବ ପକାଉଥିବାରୁ ସବୁକିଛି ସ୍ୱାଭାବିକ ହେବାକୁ ସମୟ ଲାଗିବ ବୋଲି ମୁଦ୍ରାନୀତି କମିଟିର ସଦସ୍ୟମାନେ ବୈଠକରେ ମତ ପ୍ରକାଶ କରିଥିଲେ। ବିଶ୍ୱସ୍ତରର ଫାଇନାନ୍ସିଆଲ ମାର୍କେଟ ବର୍ତ୍ତମାନ ଅସ୍ଥିର ଥିବା ବେଳେ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ମୁଦ୍ରାସ୍ଫୀତି ବଢ଼ିବା ଏକ ଚିନ୍ତାର କାରଣ ହୋଇଛି। ରାଜ୍ୟ ସ୍ତରରେ କୋଭିଡ୍ ବଢୁଥିବାରୁ ଏହା ଅଭିବୃଦ୍ଧି ଲାଗି ବିପଦ ବୋଲି ଏମ୍‌ପିସି ସଦସ୍ୟ ଡ.ଅସୀମା ଗୋୟଲ କହିଛନ୍ତି। ସମ୍ପୂର୍ଣ୍ଣ ଲକ୍‌ଡାଉନକୁ ବାଦ୍ ଦେବା ଏବଂ ଆନ୍ତଃରାଜ୍ୟ ପରିବହନ ଉପରେ କଟକଣା ନ ଲଗାଇଲେ ଏହା ବଜାରକୁ ବେଶି ପ୍ରଭାବିତ କରିବ ନାହିଁ ବୋଲି ସେ କହିଛନ୍ତି।


**Missing Child**

REF: CHANDRASEKHARPUR PS MMR NO. 18, DT.16.4.2021

**PARTICULARS OF THE MISSING PERSON**



Name :
SATWIK SASWAT DAS
Age : 19 YRS.
S/o : SURENDRA KUMAR DAS
AT : HIG-17,7 ACRES,
HG COLONY
P.S : CHANDRASEKHARPUR
DIST : KHURDA
STATE : ODISHA
LANGUAGE KNOWN: ODIA
DRS : AGE-19YRS, H.T-5'.6", WHEAT COMPLEXION, MEDIUM BUILT, WEARING RED T- SHIRT, BLACK HALF PANT.

The above noted child is missing from HIG-17, 7 acres, HG colony, PS- Chandrasekharpur, BBSR under Chandrasekharpur PS, Since DT.15.4.2021 at 8 PM. If any kind hearted person will give correct information about the missing boy (following contact numbers) the undersigned will be rewarded cash of rupees 2500/- (Two Thousand Five hundred rupees only)

**DCP BHUBANESWAR UPD PHONE NUMBER-0674-2540555**
**CHANDRASEKHARPUR PS PHONE NUMBER- 0674-2741999**
**CHANDRASEKHARPUR PS IIC PHONE NUMBER-9439316525**

**Dy. Commissioner of Police**
**Bhubaneswar UPD**
No. D-11 OIPR-12015/11/0002/2122



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**

**ସୂଚନା**

No.CAD-127:-ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର), ସେକ୍ଟର-13ରେ ପ୍ଲଟ୍ ନଂ.-13-1E/79ଟିକୁ ସେକ୍ ତାରିକ ହୁସେନ, ପିତା- ସେକ ସାବୁଦିନ, ସା.- ମୀରକମଲ ପାଟଣା, ପୋ.- ବକ୍ସିବଜାର, ଥା.- ମଙ୍ଗଳାବାଗ, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ସେକ୍ ତାରିକ ହୁସେନ ଉକ୍ତ ପ୍ଲଟ୍‌ଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ଭଗିନୀ ନାଜଲିନ ବେଗମ, ସ୍ୱାମୀ- ମହମ୍ମଦ ମେହଫୁଜ ଅଲ୍ଲୀ, ସା.- ଦିୱାନ ବଜାର, ପୋ.- ବକ୍ସିବଜାର, ଥା.- ଲାଲବାଗ, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ସଚିବ**
OIPR-13037/11/0017/2122



**ODISHA**
INDIA'S BEST KEPT SECRET.

**Government of Odisha**
**Department of Tourism**

No. 4147/TCT-COOD-SCH_10/2021, Bhubaneswar, Date 22.04.21

**REQUEST FOR PROPOSAL (RFP)**
**for Preparation of Integrated Tourism development plan for Satkosia destination**

No. R-02:- Department of Tourism (DoT), Government of Odisha in its pursuit to develop Satkosia destination into a world class destination, intends to engage a renowned, experienced Architecture/ Urban Planning Firm for the preparation of Integrated tourism masterplan for the development of Satkosia and its surroundings.

For this purpose, bids are invited from interested firms who have prior experience in planning and designing integrated area development/ tourism destination projects or other similar projects (of a matching scale) in India or abroad.

The Terms of References may be collected from the Department of Tourism Government of Odisha, Paryatan Bhawan, Bhubaneswar or may be downloaded from our website www.odishatourism.gov.in. The proposal of the bidders as per the requirements in the RFP shall be received at the office of the Director Tourism, Paryatan Bhawan, Lewis Road, Bhubaneswar - 751014, Odisha, India latest **by 12.00 Hrs. on 24.05.2021.**

**Sd./- Director and Addl. Secretary to Govt.**
OIPR-37001/11/0004/2122



Annexure - II

**OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), MAYURBHANJ DISTRICT**

**Phone: 9438200052, District Website: www.mayurbhanj.nic.in**
**Tender No. 851** **Dt.16.04.2021**

No. CAD-155: District Manager, Odisha State Civil Supplies Corporation Ltd., Mayurbhanj invites tender in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI to RRCs in Mayurbhanj. |
| 2 | Availability of bid document in the portal | From 22.04.2021 |
| 3 | Last Date/time for receipt of bids in the portal | Date: 06.05.2021 upto 5.00 P.M. |
| 4 | Date/Time of Opening of Technical Bid | Date: 10.05.2021 upto 11.00 A.M. |
| 5 | Name and address of the Officer Inviting e-Tender | District Manager, OSCSC Ltd., Mayurbhanj, Baripada |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tenderodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Mayurbhanj**
**OIPR-07028/11/0001/2122**



GOVERNMENT OF ODISHA

**OFFICE OF THE SUPERINTENDING ENGINEER, P.H. CIRCLE (R&B), NIRMAN SAUDHA, BHUBANESWAR**

**Ph.: 0674-2396530, Email: segphbbsr@gmail.com**

**Cancellation of 'C' Class Registration Certificate of SHRI SILU SAHOO 'C' Class Contractor**

**File No. I.A-54/2021-22**

**Notice No. 558** **Dated: 16.04.2021**

No. B-33: **Shri Silu Sahoo**, S/o. Shri Sarat Kumar Sahoo, At: Rangamatia, P.O.- Mancheswar Railway Colony, P.S.- Mancheswar, Dist.- Khurdha, Odisha - 751017, was registered as 'C' Class Contractor vide **S.E., P.H. Circle (R&B) Odisha, Bhubaneswar Order No. 606 Dt.18.07.2018 with Registration No. 150 of 2018-19 & CDMS Registration No. 955BR254**. He has requested to this office for **Cancellation** of the 'C' Class Registration Certificate & release of his one time security deposit. The notice is required to be published for information of all Government Department/Offices where he has executed any work. If any Government dues/materials are outstanding against the contractor, which are due to be recovered may please be reported to the undersigned within 30 (Thirty) days from the date of publication of this notice for recovery/adjustment to Government account. In case no report is received from any office within the stipulated period, i.e. within thirty days from the date of publication of this notice, the one time deposit of Rs.20,000/- (Rupees Twenty Thousand) only, made by the contractor will be released without any further notice. If any Government dues/materials will be detected outstanding against **Shri S. Sahoo** by any office beyond this stipulated time, it will be at the risk and responsibility of the concerned reporting authority.

**Sd./- (Er. D.P. Mishra)**
**Superintending Engineer, P.H. Circle (R&B), Odisha, Bhubaneswar**
**OIPR-34130/11/0002/2122**



ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ
REDHAKHOL N.A.C.
**OFFICE OF THE NOTIFIED AREA COUNCIL, REDHAKHOL, (ODISHA), DIST.- SAMBALPUR**

**E-mail: eonacrdl@gmail.com, Ph. No./Fax No.: 06644-253466**
**No. 906/NAC** **Dated: 22.04.2021**

**QUOTATION CALL NOTICE**

No. C-126: Sealed quotations are invited from the interested parties/ suppliers having GSTIN for supply of the following sanitary materials to Redhakhol NAC for the year 2021-2022. The quotations should reach the undersigned on or before 10.30 A.M. of Dtd.03.05.2021 which shall be opened on the same day at 11.00 A.M. in the presence of the quotationers/their representatives/authorized agent. The quotation shall accompany Xerox copy of GSTIN and PAN, EMD for Rs.5000/- in shape of Bank Draft/Cash in favour of Executive Officer, NAC, Redhakhol. The successful quotationers should effect delivery of the materials to the Executive Officer, NAC within 07 days from the issue of the supply order, failing which the order shall stand cancelled. The materials should reach this office safe and sound. The transportation cost will be borne by the supplier.

| Sl. No. | Name of the Item | Unit | Price |
|---|---|---|---|
| 1 | Bleaching Powder (G-I) | Per Bag (25 Kg.) | |
| 2 | Phenyle (Black) | Ltr. | |
| 3 | Phenyle (White) | Ltr. | |
| 4 | Malaria Oil | Ltr. | |
| 5 | Malathine | Ltr. | |
| 6 | Gum Boot PVC without steel toe (IS 12254:1993) | Per Pair | |
| 7 | Nitrile Gloves - Length 13" (EN ISO 374-1:2016) | Per Pair | |
| 8 | Broom Stick/Jhadu | Per No. | |
| 9 | Wheel Borrower | Per No. | |
| 10 | Sodium Hyprochloride | Ltr. | |
| 11 | Lime | Per Bag | |
| 12 | Jacket Apron/Safety Coveralls (EN 13034:2005+A1:2009) | Per No. | |
| 13 | N95 Mask (without air vent) - NIOSH filter approval rating: N95 | Per No. | |
| 14 | Sanitizer | Per Ltr. | |
| 15 | Helmet with air vents (IS 2925:1984 certified) | Per No. | |
| 16 | Safety eyewear (IS 5983:1980 Certified) | Per No. | |
| 17 | Tricycle | Per No. | |

The undersigned shall reserve the right to reject any or all quotation without assigning any reason thereof.

**Sd./- Executive Officer, NAC, Redhakhol**
**OIPR-13043/11/0001/2122**

**କୁକୁଡ଼ା ଅଣ୍ଡା ନ ଦେବାରୁ ମାମଲା**

ଏକ ଫାର୍ମରେ କୁକୁଡ଼ା ଅଣ୍ଡା ନ ଦେବାରୁ ମାଲିକ ପୋଲିସ ଷ୍ଟେଶନରେ ପହଞ୍ଚି ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରର ପୁଣେ ଜିଲାରେ କୁକୁଡ଼ା ଚାଷୀ ଦାନା କମ୍ପାନୀ ବିରୋଧରେ ଏକ ମାମଲା ଦାଏର କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ଦାନା କମ୍ପାନୀର ଦାନା ଖାଇବା ପରେ କୁକୁଡ଼ାମାନେ ଅଣ୍ଡାଦେବା ବନ୍ଦ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ସମ୍ପୃକ୍ତ ଦାନା କମ୍ପାନୀ କ୍ଷତିପୂରଣ ଦେବାକୁ ରାଜି ହେବାରୁ ସମସ୍ୟା ସମାଧାନ ହୋଇଥିବା ଥାନା ଅଧିକାରୀ କହିଛନ୍ତି।

# ମଙ୍ଗଳରେ ତିଆରି ହେଲା ଅମ୍ଳଜାନ

**ମଙ୍ଗଳରେ କୃତ୍ରିମ ଉପାୟରେ ପ୍ରଥମ ଥର ପାଇଁ ତିଆରି ହୋଇଛି ଅମ୍ଳଜାନ। ଏହାକୁ କରି ଦେଖାଇଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ପର୍ସିଭିୟରେନ୍ସ ରୋଭର ସହିତ ସଂଯୁକ୍ତ ସ୍ୱତନ୍ତ୍ର ଉପକରଣ 'ମାକ୍ସି'। ଅତି ସ୍ୱଳ୍ପ ପରିମାଣରେ ହେଲେ ବି ଲାଲ୍‌ଗ୍ରହରେ ଶ୍ୱାସକ୍ରିୟା ଯୋଗ୍ୟ ଅମ୍ଳଜାନ ତିଆରି କରିବା ମହାକାଶ ଗବେଷଣାରେ ବଡ଼ ଉପଲବ୍ଧି ବୋଲି କୁହାଯାଉଛି।**





**ନୂଆଦିଲ୍ଲୀ:** ଲୋହିତ ଗ୍ରହରେ ଅବତରଣ କରିବା ପରେ ନାସାର ପର୍ସିଭିୟରେନ୍ସ ରୋଭର ଗୋଟିଏ ପରେ ଗୋଟିଏ ସଫଳତା ସାଉଁଟି ଚାଲିଛି। ନିକଟରେ ମଙ୍ଗଳରେ ଇନ୍‌ଜେନ୍ୟୁଟି ହେଲିକପ୍ଟର ଉଡ଼ାଇ ଚର୍ଚ୍ଚାକୁ ଆସିଥିବା ଏହି ରୋଭର ଏବେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଲାଲ୍‌ଗ୍ରହରେ ମନୁଷ୍ୟ ବ୍ୟବହାର ଉପଯୋଗୀ ଅମ୍ଳଜାନ ତିଆରି କରିଛି ଏହି ରୋଭର, ଯାହାକୁ ଏକ ବଡ଼ ଉପଲବ୍ଧି ବୋଲି ବିବେଚନା କରାଯାଉଛି।

ପୃଥିବୀ ବାହାରେ ଥିବା ଅନ୍ୟ ଗ୍ରହରେ ପ୍ରଥମ ଥର ଶ୍ୱାସକ୍ରିୟା ଯୋଗ୍ୟ ଅମ୍ଳଜାନ ତିଆରି କରାଯାଇପାରିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ପର୍ସିଭିୟରେନ୍ସ ରୋଭର ସହ ମଙ୍ଗଳକୁ ଯାଇଥିବା 'ମାକ୍ସି' ନାମକ ଏକ ଉପକରଣ ଏହି ଦୁଃସାଧ୍ୟ କାର୍ଯ୍ୟକୁ ସଫଳତାର ସହ କରିପାରିଛି। ମଙ୍ଗଳ ବାୟୁମଣ୍ଡଳରେ ଥିବା କାର୍ବନ ଡାଇଅକ୍ସାଇଡ୍‌ରୁ ଏହି ଅମ୍ଳଜାନ ପ୍ରସ୍ତୁତ କରାଯାଇଛି। ଗତ ବୁଧବାର ନାସା ପକ୍ଷରୁ ଏ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଇଛି।

୨୦୩୩ ସୁଦ୍ଧା ମଙ୍ଗଳକୁ ମାନବ ପ୍ରେରଣ କରିବା ଲାଗି ଲକ୍ଷ୍ୟ ରଖିଛି ନାସା। ଏଭଳି ଏକ ଜଟିଳ ଏବଂ କଷ୍ଟସାଧ୍ୟ ଅଭିଯାନ ପୂର୍ବରୁ ଅନେକ ପରୀକ୍ଷାନିରୀକ୍ଷା ଚାଲିଛି। ସମସ୍ତ ପ୍ରକାର ପ୍ରତିକୂଳ ପରିବେଶରେ ଖାପଖୁଆଇବା ଏବଂ ମଙ୍ଗଳରେ ଥିବା ଆବଶ୍ୟକ ସାମଗ୍ରୀର ଭରପୂର ଉପଯୋଗ କରିବା ଲାଗି ଯୋଜନା କରାଯାଉଛି। ମହାକାଶଯାନରେ ସ୍ଥାନାଭାବ, ଇନ୍ଧନ ଖର୍ଚ୍ଚ ବଞ୍ଚାଇବା ଏବଂ ଦୀର୍ଘପଥ ଅତିକ୍ରମ କରିବାକୁ ଥିବାରୁ ମଙ୍ଗଳ ଅଭିଯାନରେ ସାମିଲ ମହାକାଶଚାରୀମାନେ ନିଜ ସହିତ ଅଧିକ ପରିମାଣର ଅମ୍ଳଜାନ ନେଇପାରିବେ ନାହିଁ। ତେଣୁ ଲୋହିତ ଗ୍ରହର ବାୟୁମଣ୍ଡଳରେ ଥିବା ଗ୍ୟାସ୍‌କୁ ବ୍ୟବହାର କରି ଅଧିକରୁ ଅଧିକ ଅକ୍ସିଜେନ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଉଛି ନାସା। ପ୍ରାରମ୍ଭିକ ପର୍ଯ୍ୟାୟରେ 'ମାକ୍ସି' ୫ ଗ୍ରାମ ଅମ୍ଳଜାନ ତିଆରି କରିବାରେ ସଫଳ ହୋଇଛି। ଏହି ଅକ୍ସିଜେନରେ ଜଣେ ମହାକାଶଯାତ୍ରୀ ଅନ୍ୟୁନ ୧୦ ମିନିଟ ଶ୍ୱାସକ୍ରିୟା କରିପାରିବେ। ଯଦିଓ ଏହାର ପରିମାଣ ଅଧିକ ନୁହେଁ, ତଥାପି ଗବେଷଣା ଦୃଷ୍ଟିରୁ ଏହା ଏକ ବଡ଼ ସଫଳତା।

ସୂଚନାଯୋଗ୍ୟ, ପୃଥିବୀଠାରୁ ମଙ୍ଗଳର ଦୂରତ୍ୱ ୨୯.୨୭ କୋଟି କିଲୋମିଟର। ଏଥିଲାଗି ମହାକାଶଚାରୀଙ୍କୁ ୬ରୁ ୮ମାସ ସମୟ ଲାଗିବ। ମଙ୍ଗଳର ବାୟୁମଣ୍ଡଳର ୯୫% କାର୍ବନ ଡାଇଅକ୍ସାଇଡ ରହିଛି। ଅନ୍ୟ ୫% ନାଇଟ୍ରୋଜେନ ଏବଂ ଅର୍ଗନ ଗ୍ୟାସ୍। କାର୍ବନ ଡାଇଅକ୍ସାଇଡ୍‌ର ବିଶାଳ ଭଣ୍ଡାର ଅମ୍ଳଜାନ ପ୍ରସ୍ତୁତିରେ ସହାୟକ ହେବ। ବିପୃଥକୀକରଣ ପଦ୍ଧତିରେ ଉପଯୋଗ କରି କାର୍ବନ ଡାଇଅକ୍ସାଇଡ୍‌ରୁ ଅମ୍ଳଜାନକୁ ଅଲଗା କରାଯାଇପାରିବ। ଏହି ପଦ୍ଧତିକୁ ଉପଯୋଗ କରି ବିପୁଳ ପରିମାଣର ଅକ୍ସିଜେନ ପ୍ରସ୍ତୁତ କରାଯାଇପାରିବ, ଯାହା ନାସାର ମାନବ ମଙ୍ଗଳ ମିଶନରେ ସହାୟକ ହେବ।

# ଦିଶାଙ୍କୁ ଅନ୍‌ସ୍କ୍ରିନ କିସ୍ କଲେ ସଲମାନ



**ମୁମ୍ବାଇ:** ଦବଙ୍ଗ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ର ଟ୍ରେଲର ଗୁରୁବାର ରିଲିଜ ହୋଇଛି। ଆକ୍ସନ ଓ ରୋମାନ୍ସ ଭରା ଏହି ଫିଲ୍ମରେ ରେକର୍ଡ ଭାଙ୍ଗିଛନ୍ତି ସଲମାନ ଖାନ। କୌଣସି ଫିଲ୍ମରେ ନାୟିକାଙ୍କୁ ଅନ୍‌ସ୍କ୍ରିନ କିସ୍ କରି ନ ଥିବା ସଲମାନ ଏଥର କିନ୍ତୁ କିଛି ଅଲଗା କରିଛନ୍ତି। ତାଙ୍କ ବିପକ୍ଷରେ ଥିବା ବଲିଉଡ୍ ବିୟୁଟି ଦିଶା ପଟାନିଙ୍କ ସହ ତାଙ୍କ ଅନ୍‌ସ୍କ୍ରିନ ଲିପ୍-ଲକ୍ ସିନ୍ ଟ୍ରେଲରରେ ଦେଖିବାକୁ ମିଳିଛି, ଯାହା ଏବେ ତାଙ୍କ ପ୍ରଶଂସକଙ୍କ ପାଇଁ ସରପ୍ରାଇଜ ବୋଲି କୁହାଯାଉଛି। ଯଦି ଟ୍ରେଲରରେ ଏତେ ତେବେ ଫିଲ୍ମରେ କ'ଣ ନ ଥିବ ବୋଲି କେତେଜଣ ଟୁଇଟ କରି ଏପରି କହିଛନ୍ତି। ଅନେକ ସୁପରହିଟ୍ ଫିଲ୍ମ ଦେଇଥିବା ଭାଇଜାନ କୌଣସି ଅଭିନେତ୍ରୀଙ୍କୁ କିସ୍ କରିବାକୁ ବେଶ ଲାଜେଇ ଥାନ୍ତି। ଏଥିପାଇଁ ସେ ନିଜକୁ କେବେ ପ୍ରସ୍ତୁତ କରିପାରନ୍ତି ନାହିଁ କୁହନ୍ତି। ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାଧେ' ମେ ୧୩ ଇଦ୍ ଅବସରରେ ଓଟିଟି ପ୍ଲାଟଫର୍ମ ଜି-୫ରେ ରିଲିଜ ହେବ। ସଲମାନ ଓ ଦିଶାଙ୍କ ସହ ଏଥିରେ ଜ୍ୟାକି ଶ୍ରଫ୍, ରଣଦୀପ ହୁଡ୍ଡାଙ୍କୁ ପ୍ରମୁଖ ରୋଲରେ ଦେଖିବାକୁ ମିଳିବ। ଫିଲ୍ମରେ ସଲମାନଙ୍କ ଆକ୍ସନ, ରୋମାନ୍ସ, ଗୀତ ସହ ସବୁ ପ୍ରକାର ମସଲା ରହିଥିବା ଟ୍ରେଲରରୁ ଜଣାପଡ଼ିଛି।

# କାର୍ ବିକିଦେଲେ 'ଅକ୍ସିଜେନ ମ୍ୟାନ୍'



**ମୁମ୍ବାଇ:** କରୋନା କାଳରେ ଦେଶର ଅନେକ ରାଜ୍ୟ ଅକ୍ସିଜେନ ଅଭାବଜନିତ ସଙ୍କଟରେ ପଡ଼ିଥିବାବେଳେ ରୋଗୀଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି ମୁମ୍ବାଇର ଶାହାନୱାଜ ଶୈଖ। ଲୋକଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇ ଦେବାକୁ ସେ ନିଜର ୨୨ ଲକ୍ଷ ଟଙ୍କାର ଏସୟୁଭି କାର୍ ବିକି ଦେଇଛନ୍ତି। ଅକ୍ସିଜେନ ମ୍ୟାନ ଭାବେ ପରିଚିତ ହୋଇସାରିଥିବା ଶାହାନୱାଜ ଏକ ଟିମ୍ ଗଠନ କରିବା ସହ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ବିଭିନ୍ନ ଅଞ୍ଚଳରୁ ଲୋକେ ସହାୟତା ପାଇଁ ତାଙ୍କୁ ଫୋନ୍ କରୁଛନ୍ତି। ଏଭଳି ସଙ୍କଟ ପରିସ୍ଥିତିରେ ଦେବଦୂତ ସାଜିଥିବା ଶାହାନୱାଜ ଅର୍ଥ ଦରକାର ପଡ଼ିବାରୁ ନିଜର କାର୍‌କୁ ବିକି ଦେଇଥିବା କହିଛନ୍ତି। ସେହି ଟଙ୍କାରେ ସେ ୧୬୦ଟି ଅକ୍ସିଜେନ ସିଲିଣ୍ଡର କିଣିଥିବା ପ୍ରକାଶ କରିଛନ୍ତି। ଗତ ବର୍ଷ ତାଙ୍କ ବନ୍ଧୁଙ୍କ ସ୍ତ୍ରୀ କରୋନାରେ ଜୀବନ ହାରିବା ପରେ ସେ ରୋଗୀଙ୍କ ନିମନ୍ତେ ଅକ୍ସିଜେନ ସପ୍ଲାୟର ଏଜେଣ୍ଟ ଭାବେ କାମ କରିବାକୁ ସ୍ଥିର କରିଥିଲେ। ଏଥିପାଇଁ ସେ ଏକ ହେଲ୍ପ ଲାଇନ ନମ୍ବର ମଧ୍ୟ ଜାରି କରିଛନ୍ତି। ଗତ ବର୍ଷଠାରୁ ଚଳିତ ବର୍ଷ ସ୍ଥିତି ଆହୁରି ଭୟଙ୍କର ରହିଛି। ଗତ ଥର ସେ ଅକ୍ସିଜେନ ଯୋଗାଣ ପାଇଁ ପ୍ରାୟ ୫୦ ଫୋନ୍ କଲ୍ ପାଇଥିବାବେଳେ ଏବେ ସୁଦ୍ଧା ୬ଶହରୁ ଊର୍ଦ୍ଧ୍ୱ ଲୋକେ ତାଙ୍କୁ ସହାୟତା ମାଗି ସାରିଲେଣି। ପ୍ରାୟ ୪ ହଜାରରୁ ଅଧିକ ଲୋକଙ୍କୁ ତାଙ୍କ ଟିମ୍ ସାହାଯ୍ୟ କରିଥିବା ସେ କହିଛନ୍ତି। ଅକ୍ସିଜେନ ସିଲିଣ୍ଡର ନେଇଥିବା ବ୍ୟକ୍ତି ଖାଲି ସିଲିଣ୍ଡର କଣ୍ଟ୍ରୋଲ ରୁମକୁ ଫେରାଉଛନ୍ତି।

# ଶିବ ତାଣ୍ଡବ ସ୍ତୋତ୍ରମ୍ ଗାଇ ରେକର୍ଡ



ବିଭାନ ଗୁପ୍ତା

**ନୂଆଦିଲ୍ଲୀ:** କଥାରେ ଅଛି ଅଭ୍ୟାସ ବଳେ ସର୍ବସିଦ୍ଧି। ଅର୍ଥାତ ଅଭ୍ୟାସ କରି ମଣିଷ ସବୁ କାମ କରିପାରେ। କିନ୍ତୁ କେତେଜଣ ଏପରି ଅଛନ୍ତି ଯେଉଁମାନେ ଯେଉଁମାନେ ଆଶ୍ଚର୍ଯ୍ୟଜନକଭାବେ ଖୁବଶୀଘ୍ର ଅସମ୍ଭବ ମନେ ହେଉଥିବା କାମକୁ କରିବସନ୍ତି। ଠିକ୍ ଏମିତି ଜଣେ ପ୍ରତିଭାବାନ ବାଳକ ହେଉଛନ୍ତି ବିଭାନ ଗୁପ୍ତା, ଯିଏକି ଖୁବ୍‌ଶୀଘ୍ର ଆଉ ସୁନ୍ଦରଭାବେ ଶିବ ତାଣ୍ଡବ ସ୍ତୋତ୍ରମ୍ ଉଚ୍ଚାରଣ କରି ରେକର୍ଡ କରିଛନ୍ତି।

ଦିଲ୍ଲୀର ପିତମପୁରା ଅଞ୍ଚଳରେ ଥିବା ବାଲ୍ ଭାରତୀ ପବ୍ଲିକ ସ୍କୁଲର ଛାତ୍ର ହେଉଛନ୍ତି ବିଭାନ ଗୁପ୍ତା। ଏବେ ତାଙ୍କର ବୟସ ମାତ୍ର ୯ ବର୍ଷ, କିନ୍ତୁ ଶିବ ତାଣ୍ଡବ ସ୍ତୋତ୍ରମ୍‌ରେ ଥିବା ୧୫ଟି ଯାକ ଶ୍ଳୋକକୁ ସେ ଏତେ ସୁନ୍ଦରଭାବେ ଉଚ୍ଚାରଣ କରୁଛନ୍ତି ଯେ ଯିଏ ବି ଶୁଣିବ ପ୍ରଭାବିତ ହୋଇଯିବ। ସେଥିପାଇଁ ତ ଏବେ ସେ ଏଥିପାଇଁ ରେକର୍ଡ କରିଛନ୍ତି। ସମସ୍ତ ଶ୍ଳୋକକୁ ମାତ୍ର ୫୫ ସେକେଣ୍ଡ ୨୯ ମିଲିସେକେଣ୍ଡରେ ସେ ଆବୃତ୍ତି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଛୋଟବେଳୁ ବିଭାନଙ୍କ ଜେଜେମା ଏହି ଶ୍ଳୋକଗୁଡ଼ିକୁ ଘରେ ପଢୁଥିବାବେଳେ ସେ ପ୍ରଭାବିତ ହୋଇଥିଲେ। ଏହା ପରଠାରୁ ସେ ନିଜେ ଏହି ଶ୍ଳୋକ ଆବୃତ୍ତି କରିବା ପାଇଁ ପ୍ରତିଦିନ ଅଭ୍ୟାସ କରିଥିଲେ। ଆଶ୍ଚର୍ଯ୍ୟଜନକଭାବେ ସେ ଖୁବଶୀଘ୍ର ଏସବୁକୁ ମନେ ରଖି ଦେଇଥିଲେ। ଦିନେ ବିଭାନ ଶିବ ତାଣ୍ଡବ ସ୍ତୋତ୍ରମକୁ ଆବୃତ୍ତି କରୁଥିବା ସମୟରେ ତାଙ୍କ ଜେଜେମା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ସେ ଶ୍ଳୋକଗୁଡ଼ିକୁ ସୁନ୍ଦରଭାବେ ଏବଂ ଅତି ଶୀଘ୍ର ଉଚ୍ଚାରଣ କରି ପାରୁଥିଲେ। ଏହାପରେ ବିଭାନଙ୍କ ବାପା ତାଙ୍କର ଏଭଳି ପ୍ରତିଭା ଦେଖି ତାଙ୍କ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିଲେ। ଆଉ ଏବେ ସେ ସବୁଠୁ ଛୋଟ ବାଳକଭାବେ ଏଭଳି ଏକ କାମ କରିଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି।

**ସିଗାରେଟ୍ ନିଶା**



# ସ୍ପେନ୍‌ରୁ ଇଟାଲୀ ଚାଲିଚାଲି ଗଲେ

**ପ୍ୟାରିସ୍:** ସାରା ବିଶ୍ୱରେ କରୋନା ଭାଇରସ୍ ପୁଣି ଥରେ ଆତଙ୍କ ଖେଳାଇ ଚାଲିଛି। ଏହି ସମୟରେ ଲୋକେ ଘରୁ ନ ବାହାରିବା ପାଇଁ ବିଭିନ୍ନ ଦେଶରେ କଟକଣା ଲାଗୁ କରାଯାଇଛି। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ନିୟମକୁ କିଛି ସମୟ କୋହଳ କରାଯାଉଛି। କିନ୍ତୁ ଫ୍ରାନ୍ସର ଜଣେ ଯୁବକ ସିଗାରେଟ୍ ଆଣିବା ପାଇଁ ଏହି ନିୟମ ଉଲ୍ଲଂଘନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଦକ୍ଷିଣ ଫ୍ରାନ୍ସର ପେର୍ପିଗନ୍ ସହରରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଏହି ବଜାରରେ ସିଗାରେଟ୍ ନ ମିଳିବାରୁ ଜଣେ ଯୁବକ ଶତାଧିକ କିଲୋମିଟର ଚାଲି ଚାଲି ଫ୍ରାନ୍ସରୁଇଟାଲୀ ପଳାଇଥିଲେ। ଏହିସମୟରେ ପୋଲିସ ତାଙ୍କଠାରୁ ୧୨୦ ୟୁରୋ ଅର୍ଥାତ ୧୧,୦୦୦ ଟଙ୍କା ଜରିମାନା ଆଦାୟ କରିଛି।

# ପ୍ରେମିକାଙ୍କୁ କେମିତି ଭେଟିବି




**ପୋଲିସକୁ ଟୁଇଟ୍**

**ମୁମ୍ବାଇ:** କରୋନା ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ଦେଶର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ୍, କର୍ଫ୍ୟୁ ଭଳି କଟକଣା ଜାରି ହୋଇଛି। ଲୋକେ ନିଜ ନିଜ ଭିତରେ ସାମାଜିକ ଦୂରତା ରକ୍ଷା କରିବା ଜରୁରୀ ହୋଇପଡ଼ିଥିବାରୁ ଗହଳି ସହ ଯାତାୟାତ ଉପରେ କଟକଣା ଲାଗିଛି। କରୋନାରେ ଦେଶର ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ରରେ ସ୍ଥିତି ଭୟଙ୍କର ରହିଛି। ଏପରି ସ୍ଥିତିରେ ମୁମ୍ବାଇର ଜଣେ ଯୁବକ ପୋଲିସକୁ ଏକ ଇମୋସନାଲ ଟୁଇଟ୍ କରିଛନ୍ତି। ମୁମ୍ବାଇ ପୋଲିସକୁ ଟ୍ୟାଗ କରି ଅଶ୍ୱିନୀ ବିନୋଦ ନାମକ ଜଣେ ଯୁବକ ଲେଖିଛନ୍ତି, ମୋ ପ୍ରେମିକାଙ୍କୁ ବହୁତ୍ ମିସ୍ କରୁଛି। ତାଙ୍କ ସହ ଭେଟିବାକୁ ହେଲେ କେଉଁ ଷ୍ଟିକର ବ୍ୟବହାର କରିବି। ଏହି ଟୁଇଟ୍‌ରେ ସେ ଏକ ଦୁଃଖ ବା ସ୍ୟାଡ୍ ଇମୋଜି ପୋଷ୍ଟ କରିଛନ୍ତି। ଉତ୍ତରରେ ମନ ଜିତିବା ଭଳି ପ୍ରତିକ୍ରିୟା ରଖିଛି ମୁମ୍ବାଇ ପୋଲିସ। ଆମେ ତୁମ ଆବଶ୍ୟକତାକୁ ବୁଝିପାରୁଛୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ଆମ ଜରୁରିକାଳୀନ ସେବା ଅଧୀନରେ ଆସୁନାହିଁ। ଦୂରତା ଯୋଗୁ ହୃଦୟରେ ପ୍ରେମ ଆହୁରି ବଢ଼ିଥାଏ। ଆମର ଇଚ୍ଛା ଯେ ଆପଣ ଦୁହେଁ ସାରାଜୀବନ ଏକାଠି ରୁହନ୍ତୁ। ଏହା କେବଳ ଏକ ଖରାପ ସମୟ ବୋଲି ଟୁଇଟ୍‌ରେ ମୁମ୍ବାଇ ପୋଲିସ ଉଲ୍ଲେଖ କରିଛି। ପୋଲିସର ଏହି ଟୁଇଟ୍‌କୁ ଅନେକେ ପ୍ରଶଂସା କରିଛନ୍ତି।

# ରଣବୀର-ଆଲିଆଙ୍କ ଭ୍ୟାନ୍ ନେବ ପୋଲିସ

**ମୁମ୍ବାଇ:** କରୋନାର ଦ୍ୱିତୀୟ ଲହରରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ମହାରାଷ୍ଟ୍ର। ସଂକ୍ରମଣ ରୋକିବାକୁ ସରକାର ନାନା ପଦକ୍ଷେପ ନେଉଥିବାବେଳେ ପୋଲିସ କର୍ମଚାରୀମାନେ ଲୋକଙ୍କ ଉପରେ ନଜର ରଖିଛନ୍ତି। ଏହି ଯୋଦ୍ଧାଙ୍କ ସହାୟତା ପାଇଁ ଆଗକୁ ଆସିଛନ୍ତି କିଛି ବଲିଉଡ୍ କଳାକାର। ଅଭିନେତା ରଣବୀର ସିଂହ ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜ ନିଜର ଭ୍ୟାନିଟି ଭ୍ୟାନ୍‌କୁ ମୁମ୍ବାଇ ପୋଲିସକୁ ବ୍ୟବହାର କରିବାକୁ ଦେଇଛନ୍ତି। ଏପରିକି ଆଲିଆଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିଆବାଡ଼ି'ର ସେଟ୍‌କୁ ପୋଲିସ ବ୍ୟବହାର କରିବାକୁ ନେଇଛି। ଗତ ବର୍ଷ କରୋନା ସଂକ୍ରମଣ ସମୟରେ ମହିଳା ପୋଲିସ ଅଫିସରମାନଙ୍କୁ ଭ୍ୟାନିଟି ଭ୍ୟାନ୍ ଦିଆଯାଇଥିଲା। ସେମାନେ ଆରାମ କରିବା, ଶୌଚ ଏବଂ ଘରକୁ ଯିବା ପୂର୍ବରୁ ପୋଷାକ ପାଲଟିବା ପାଇଁ ସେହି ଭ୍ୟାନ ବ୍ୟବହାର କରୁଥିଲେ। ଏବେ ପୁଣି ଥରେ ସେଭଳି ଆବଶ୍ୟକତା ପଡ଼ିଛି। ମୁମ୍ବାଇ ପୋଲିସକୁ ୧୦ ଭ୍ୟାନିଟି ଭ୍ୟାନ୍ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରିଲେ ଗାଡ଼ିଗୁଡ଼ିକୁ ସାନିଟାଇଜ୍ କରାଯିବ ଏବଂ ପୁଣିଥରେ ଫିଲ୍ମ କଳାକାରମାନେ ଏହାକୁ ବ୍ୟବହାର କରିପାରିବେ।



# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ସମେତ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୭ | ୨୫.୭ |
| ଚାନ୍ଦବାଲି | ୩୨.୫ | ୨୬.୭ |
| କଟକ | ୩୪.୮ | ୨୬.୬ |
| ପାରାଦୀପ | ୩୨.୮ | ୨୭.୯ |
| ଭୁବନେଶ୍ୱର | ୩୪.୦ | ୨୭.୪ |
| ଗୋପାଳପୁର | ୩୩.୨ | ୨୭.୨ |
| ପୁରୀ | ୩୩.୪ | ୨୮.୨ |
| ଅନୁଗୋଳ | ୩୮.୧ | ୨୭.୦ |
| ବାରିପଦା | ୩୫.୬ | ୨୫.୦ |
| ଝାରସୁଗୁଡ଼ା | ୩୯.୪ | ୨୪.୨ |
| କେନ୍ଦୁଝର | ୩୨.୬ | ୧୯.୨ |
| ସମ୍ବଲପୁର | ୩୮.୨ | ୨୩.୧ |
| ସୁନ୍ଦରଗଡ଼ | ୪୦.୦ | ୨୧.୦ |
| ହୀରାକୁଦ | ୩୮.୩ | ୨୦.୨ |
| ତାଳଚେର | ୪୦.୧ | ୨୫.୦ |
| ଭବାନୀପାଟଣା | ୩୯.୫ | ୨୪.୪ |
| ବଲାଙ୍ଗୀର | ୪୦.୦ | ୨୨.୫ |
| କୋରାପୁଟ | ୩୪.୫ | ୧୭.୦ |
| ଫୁଲବାଣୀ | ୩୮.୦ | ୨୨.୫ |
| ଟିଟିଲାଗଡ଼ | ୪୧.୦ | ୨୬.୩ |
| ମାଲକାନଗିରି | ୩୬.୦ | ୨୦.୦ |
| ସୋନପୁର | ୩୯.୮ | ୨୭.୫ |
| ଦାରିଙ୍ଗିବାଡ଼ି | ୩୪.୦ | ୨୨.୫ |
| ନୟାଗଡ଼ | ୩୬.୦ | ୨୭.୦ |
| ବୌଦ୍ଧ | ୪୦.୫ | ୨୫.୦ |
| ଛତ୍ରପୁର | ୩୪.୦ | ୨୬.୦ |
| ପାରଳାଖେମୁଣ୍ଡି | ୩୫.୫ | ୨୫.୦ |
| ରାୟଗଡ଼ା | ୩୫.୭ | ୨୦.୭ |

ଡିଗ୍ରୀ ସେଲ୍‌ସିୟସ୍

ମେକ୍ସିକୋ ଅଲିମ୍ପିକ୍-୧୯୬୮
(ଭାଗ-୧)


ଅଶୋକ ମହାନ୍ତି

ହାଇଜମ୍ପ ଇଭେଣ୍ଟର ଟେକ୍ନିକ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା ୧୯୬୮ ମସିହା ମେକ୍ସିକୋ ଅଲିମ୍ପିକ୍ସରେ। ଏଥିରେ ଆମେରିକୀୟ ଆଥଲେଟ୍ ରିଚାର୍ଡ 'ଡିକ୍' ଫସବରି ହାଇଜମ୍ପରେ ଏକ ସମ୍ପୂର୍ଣ୍ଣ ନୂତନ କୌଶଳ ପ୍ରୟୋଗ କରି ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଇତିହାସ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ 'ଫସବରି ଫ୍ଲପ୍' ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଏହି ନୂତନ କୌଶଳ ସମସ୍ତ କ୍ରୀଡ଼ାବିତ୍ (ହାଇଜମ୍ପର)ଙ୍କ ଦ୍ୱାରା ଆଦୃତ ହୋଇଥିଲା....

# କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା

ସାରା ବିଶ୍ୱରେ ଭୟାନକ କୋଭିଡ୍-୧୯ ମହାମାରୀର ପ୍ରତ୍ୟାବର୍ତ୍ତନ ସତ୍ତ୍ୱେ ଜାପାନର ଟୋକିଓ ସହରରେ ଚଳିତବର୍ଷ ଜୁଲାଇ ୨୩ (ଶୁକ୍ରବାର)ରୁ ଅଗଷ୍ଟ ୮ (ରବିବାର) ପର୍ଯ୍ୟନ୍ତ ୩୨ତମ ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଅଛି। ସାତଥର (୪ଥର ଶୀତକାଳୀନ ଏବଂ ୩ଥର ଗ୍ରୀଷ୍ମକାଳୀନ) ଅଲିମ୍ପିକ୍ସରେ ଜାପାନରୁ ପ୍ରତିନିଧିତ୍ୱ କରିଥିବା ତଥା ପୂର୍ବତନ ମନ୍ତ୍ରୀ ହାସିମୋତ ସିକୋଙ୍କ ଅଧ୍ୟକ୍ଷତାରେ ଟୋକିଓ କ୍ରୀଡ଼ା ସଙ୍ଗଠନ କମିଟି ଅତ୍ୟନ୍ତ ପ୍ରତିକୂଳ ଅବସ୍ଥା ମଧ୍ୟରେ ବିଶ୍ୱର ଏହି ସର୍ବବୃହତ୍ କ୍ରୀଡ଼ା ସମାରୋହର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି।

ମାର୍ଚ୍ଚ ୨୫ରେ ଜାପାନର ଫୁକୁସୀମା ସହରରୁ ଅଲିମ୍ପିକ୍ ମସାଲ (ଗତ ଏକ ବର୍ଷ ଧରି ପ୍ରଜ୍ୱଳିତ ଅବସ୍ଥାରେ ରହିଥିବା) ଯାତ୍ରା ଆରମ୍ଭ ହୋଇସାରିଛି। ୧୨୧ ଦିନରେ ପ୍ରାୟ ୧୦,୦୦୦



ମସାଲଧାରୀ ଦୌଡ଼ାଳିଙ୍କ ଦ୍ୱାରା ଏହି ଜ୍ୟୋତି ସାରା ଦେଶ ଅତିକ୍ରମ କରି ଜୁଲାଇ ୨୩ ତାରିଖରେ ଟୋକିଓ ଅଲିମ୍ପିକ ଷ୍ଟାଡିୟମରେ ପହଞ୍ଚିବା ପରେ ଉଦ୍‌ଘାଟନୀ ଉତ୍ସବର ଶୁଭାରମ୍ଭ ହେବ। ଏହି ଅବସରରେ ଅଲିମ୍ପିକ କ୍ରୀଡ଼ାର ୧୨୪ ବର୍ଷର ଇତିହାସ ସହିତ ଜଡ଼ିତ ଅସଂଖ୍ୟ ରୋଚକ ଘଟଣା ଏବଂ ବିଶ୍ୱସ୍ତରୀୟ ପ୍ରଦର୍ଶନ ମଧ୍ୟରୁ ୧୯୬୮ ମସିହା ମେକ୍ସିକୋ ଅଲିମ୍ପିକ୍ କ୍ରୀଡ଼ାରେ ତିନିଜଣ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ଅଭୂତପୂର୍ବ ଏବଂ ଐତିହାସିକ ଦକ୍ଷତା ପ୍ରଦର୍ଶନ ଉପରେ ପ୍ରସ୍ତୁତ ଏକ ଆଲେଖ୍ୟ...।

୧୯୬୮ରେ ଦକ୍ଷିଣ ଆମେରିକୀୟ ଦେଶ ମେକ୍ସିକୋଠାରେ ଅନୁଷ୍ଠିତ ହୋଇଥିଲା ୧୮ତମ ଅଲିମ୍ପିକ୍ କ୍ରୀଡ଼ା। ଏହା ପୂର୍ବରୁ ଆୟୋଜିତ ଅନ୍ୟ ସମସ୍ତ ଅଲିମ୍ପିକ୍ସର ଆୟୋଜକ ଦେଶଗୁଡ଼ିକଠାରୁ ମେକ୍ସିକୋ ସହର ଥିଲା ସାମାନ୍ୟ ଭିନ୍ନ ଏବଂ ସ୍ୱତନ୍ତ୍ର। ସମୁଦ୍ର ପତ୍ତନଠାରୁ ପ୍ରାୟ ୭୫୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ମେକ୍ସିକୋ କ୍ରୀଡ଼ାର ଟ୍ରାକ୍ ଏବଂ ଫିଲ୍ଡ ବିଭାଗରେ ଅନେକ ବିଶ୍ୱ କୀର୍ତ୍ତିମାନ ସ୍ଥାପନ ହୋଇଥିବାବେଳେ କେତେକ ନିର୍ଦ୍ଦିଷ୍ଟ ଇଭେଣ୍ଟରେ କ୍ରୀଡ଼ାବିତ୍‌ମାନଙ୍କର ଅବିଶ୍ୱସନୀୟ ପ୍ରଦର୍ଶନ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିଲା। କେତେକ କ୍ରୀଡ଼ା ବିଶେଷଜ୍ଞଙ୍କ ମତରେ ମେକ୍ସିକୋ ସହରର ଭୌଗୋଳିକ ଅବସ୍ଥିତି ପାଇଁ ସେଇ ସ୍ଥାନର ବାୟୁମଣ୍ଡଳରେ ଅପେକ୍ଷାକୃତ ସ୍ୱଳ୍ପ ସାନ୍ଦ୍ରତା ଏବଂ ମାଧ୍ୟାକର୍ଷଣ ଶକ୍ତିର ହ୍ରାସ ଫଳରେ ସ୍ପ୍ରିଣ୍ଟ ଏବଂ ଜମ୍ପ ପ୍ରଭୃତି ଇଭେଣ୍ଟଗୁଡ଼ିକରେ ଆଶାତୀତ ଉନ୍ନତ ପ୍ରଦର୍ଶନ ସମ୍ଭବ ହୋଇଥିଲା। ଏହି ମେକ୍ସିକୋ କ୍ରୀଡ଼ାରେ ଦୌଡ଼କୁଦ ଶୃଙ୍ଖଳାରେ କ୍ରୀଡ଼ାବିତ୍‌ମାନଙ୍କର ସଫଳତା ମଧ୍ୟରୁ ୩ଟି ଇଭେଣ୍ଟ ଯଥା ପୁରୁଷ ୧୦୦ ମି., ଲଙ୍ଗଜମ୍ପ ଏବଂ ହାଇଜମ୍ପର ପ୍ରଦର୍ଶନ ବିଶ୍ୱ କ୍ରୀଡ଼ା ଇତିହାସରେ ଅଭୂତପୂର୍ବ ବୋଲି କୁହାଯାଉଥିବାବେଳେ, ହାଇଜମ୍ପ ଇଭେଣ୍ଟର ଟେକ୍ନିକ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା।

## ହାଇଜମ୍ପ (ରିଚାର୍ଡ 'ଡିକ୍' ଫସବରି)

ବିଶେଷଜ୍ଞଙ୍କ ମତରେ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ହାଇଜମ୍ପ ଓ ପୋଲଭଲ୍ଟ ଭଳି ଇଭେଣ୍ଟ ଗୁଡ଼ିକରେ ଅପେକ୍ଷାକୃତ ଅଧିକ ବୈଷୟିକ କୌଶଳର ପ୍ରୟୋଗ ହୋଇଥାଏ। ସମୟର ଅଗ୍ରଗତି ସହିତ ଆଥଲେଟ୍ ଏବଂ ପ୍ରଶିକ୍ଷକମାନେ ହାଇଜମ୍ପ ଇଭେଣ୍ଟରେ ପ୍ରୟୋଗାତ୍ମକ ଶୈଳୀରେ ପରିବର୍ତ୍ତନ ଆଣି ନୂତନ ଷ୍ଟାଇଲର ପ୍ରଚଳନ ଆରମ୍ଭ କରିଥିଲେ। ସିଜର୍ସ, ୱେଷ୍ଟର୍ନ ରୋଲ ଓ ଷ୍ଟ୍ରାଡେଲ ପ୍ରଭୃତି ଷ୍ଟାଇଲମାନଙ୍କ ମଧ୍ୟରୁ 'ଷ୍ଟ୍ରାଡେଲ' ଟେକ୍ନିକର ପ୍ରଚଳନ ସର୍ବାଧିକ ସମୟ ପାଇଁ ଆଥଲେଟ୍‌ମାନେ ସଫଳ ଭାବେ ବ୍ୟବହାର କରିଥିଲେ ଏବଂ ଏହାଦ୍ୱାରା ପ୍ରଦର୍ଶନରେ ମଧ୍ୟ ଅନେକ ଉନ୍ନତି ପରିଲକ୍ଷିତ ହୋଇଥିଲା। (୧୯୭୮ରେ ଭ୍ଲାଡିମିର ୟାସଚେଙ୍କୋ 'ଷ୍ଟ୍ରାଡେଲ' ଟେକ୍ନିକ୍ ବ୍ୟବହାର କରି ୨.୩୪ମି. ଉଚ୍ଚତା ଅତିକ୍ରମ କରି ବିଶ୍ୱକୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ୧୯୬୮ ମସିହା ମେକ୍ସିକୋ ଅଲିମ୍ପିକ୍ କ୍ରୀଡ଼ାରେ ଆମେରିକୀୟ ଆଥଲେଟ୍ ରିଚାର୍ଡ 'ଡିକ୍' ଫସବରି ହାଇଜମ୍ପରେ ଏକ ସମ୍ପୂର୍ଣ୍ଣ ନୂତନ କୌଶଳ ପ୍ରୟୋଗ କରି ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଆଲୋଡନ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ 'ଫସବରି ଫ୍ଲପ୍' ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଏହି ନୂତନ କୌଶଳ ସମସ୍ତ କ୍ରୀଡ଼ାବିତ୍ (ହାଇଜମ୍ପ)ଙ୍କ ଦ୍ୱାରା ଆଦୃତ ହୋଇଥିଲା। ମେକ୍ସିକୋ କ୍ରୀଡ଼ାରେ ଡିକ୍ ଫସବରି ଅଲିମ୍ପିକ ରେକର୍ଡ (୨.୨୪ମି.) ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ତତ୍କାଳୀନ ବିଶ୍ୱ କୀର୍ତ୍ତିମାନ (୨.୨୮ମି - ଭାଲେରି ବ୍ରୁମେଲ୍)କୁ ଅତିକ୍ରମ କରିବାରେ ସଫଳ ହୋଇପାରି ନ ଥିଲେ। (ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ହାଇଜମ୍ପର ସୋଭିଏଟ୍ ରୁଷର ଭାଲେରି ବ୍ରୁମେଲ ୧୯୬୧ରୁ ୧୯୬୮ ମଧ୍ୟରେ ୬ଥର ନିଜସ୍ୱ ବିଶ୍ୱ କୀର୍ତ୍ତିମାନକୁ ଅତିକ୍ରମ କରିଥିଲେ ଏବଂ ୧୯୬୪ ଟୋକିଓ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଡିକ୍ ଫସବରିଙ୍କ ନୂତନ କୌଶଳ "ଫସବରି ଫ୍ଲପ" ସାରା ବିଶ୍ୱରେ ପ୍ରଚଳନ ହେବାର ୫ବର୍ଷ ପରେ ୧୯୭୩ରେ ଆମେରିକୀୟ ହାଇଜମ୍ପର ଡେୱିଟ୍ ଷ୍ଟୋନ ପ୍ରଥମ 'ଫ୍ଲପ' ଜମ୍ପର ଭାବେ ବିଶ୍ୱ କୀର୍ତ୍ତିମାନ (୨.୩୦ମି.) ହାସଲ କରିଥିଲେ। ବର୍ତ୍ତମାନ ବିଶ୍ୱ ରେକର୍ଡର ଅଧିକାରୀ କ୍ୟୁବାର ଜାଭିୟର ସୋଟମେୟର


ଡିକ୍ ଫସବରି

(୧୯୯୨ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ଏବଂ ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ବିଜେତା) "ଫସବରି ଫ୍ଲପ" ଟେକନିକ ପ୍ରୟୋଗ କରି ୧୯୯୩ରେ ୨.୪୫ମି. (୮ଫୁଟ୍ ୧/୨ଇଞ୍ଚ) ଉଚ୍ଚତାକୁ ଅତିକ୍ରମ କରିଥିବା ବିଶ୍ୱ କୀର୍ତ୍ତିମାନ ୨୭ ବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଅତୁଟ ରହିଛି।

ଏହି ପରିପ୍ରେକ୍ଷୀରେ ବିଂଶ ଶତାବ୍ଦୀରେ କ୍ରୀଡ଼ା କ୍ଷେତ୍ରରେ ପ୍ରୟୋଗ ହୋଇଥିବା ଏକାଧିକ ଉନ୍ନତ ଟେକ୍ନିକ୍ ବା କୌଶଳ ମଧ୍ୟରେ 'ଫସବରି ଫ୍ଲପ୍'ର ପ୍ରଚଳନ ନିଶ୍ଚିତ ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରିଛି। ଏହି ଯୁଗାନ୍ତକାରୀ ଟେକ୍ନିକ୍‌ର ଉଦ୍ଭାବକ ଆମେରିକୀୟ ଆଥଲେଟ୍ ଡିକ୍ ଫସବରିଙ୍କ ସମ୍ବନ୍ଧରେ ପଦେ...

ରିଚାର୍ଡ ଡଗଲସ୍ ଫସବରି ବା ସଂକ୍ଷେପରେ ଡିକ୍ ଫସବରି ମାର୍ଚ୍ଚ ୬ ତାରିଖ ୧୯୪୭ରେ ଓରେଗନ୍ ରାଜ୍ୟ ପୋର୍ଟଲାଣ୍ଡ ସହରରେ ଜନ୍ମଗ୍ରହଣ କରିଥିଲେ। ୧୯୭୨ରେ ସେ ଓରେଗନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରୁ ସିଭିଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ମେଡ୍‌ଫୋର୍ଡ ହାଇସ୍କୁଲରେ ଅଧ୍ୟୟନ ସମୟରେ ଫସବରି ୧୬ ବର୍ଷ ବୟସରେ 'ହାଇଜମ୍ପ' ଆରମ୍ଭ କରିଥିଲେ। ସେ ସମୟରେ ପ୍ରଚଳିତ ଓ ଆଦୃତ 'ଷ୍ଟ୍ରାଡେଲ' ଟେକ୍ନିକ୍ ପ୍ରୟୋଗ କରିବାରେ ତାଙ୍କୁ ଅସହଜ ଲାଗୁଥିଲା। କାରଣ ଜଣେ ଜମ୍ପରକୁ ଏହି ଟେକ୍ନିକ୍‌ରେ ତଳକୁ ମୁହଁ କରି କ୍ରସ୍‌ବାରକୁ ଅତିକ୍ରମ କରିବାକୁ ପଡିଥାଏ ଏବଂ ଏହି ଟେକ୍ନିକ୍ ବ୍ୟବହାର କରିବାରେ ନିଜ ଗତିକୁ ସନ୍ତୁଳନରେ ରଖିବାକୁ ଫସବରିଙ୍କୁ ଅସୁବିଧା ହେଉଥିଲା। ତେଣୁ ସେ ଏକ ବିକଳ୍ପ ପଦ୍ଧତି ଆପଣାଇବା ପାଇଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ।

ପରବର୍ତ୍ତୀ ସମୟରେ ସେ କହିଥିଲେ ... "I know I had to change my body position and thats what started the first revolution and over next two years, the evolution." ପ୍ରଥମେ ସେ 'ଅପରାଇଟ୍ ସିଜର୍ସ' ପଦ୍ଧତି ଅନୁସରଣ କଲେ ଏବଂ ଯଦିଓ ଏଇ ପଦ୍ଧତି ଦ୍ୱାରା ସେ ଅଧିକ ଉଚ୍ଚତା ଡେଇଁବାକୁ ସକ୍ଷମ ହୋଇଥିଲେ ତଥାପି ତାହା ଷ୍ଟ୍ରାଡେଲ ଟେକ୍ନିକ୍‌ର ସନ୍ତୁଳିତ ପ୍ରୟୋଗ ତୁଳନାରେ ଯଥେଷ୍ଟ ନ ଥିଲା।

ସମୟକ୍ରମେ ଫସବରି ଜମ୍ପ ଅଭ୍ୟାସ ସମୟରେ ତାଙ୍କ ଶରୀରର ସ୍ଥିତିକୁ ବଦଳାଇ କ୍ରସବାର ଉପରେ ମୁଣ୍ଡକୁ ଆଗରେ ରଖି ଶରୀରକୁ ଅର୍ଦ୍ଧଧନୁ ବକ୍ରରେଖା ଆକାରରେ ପିଠିକୁ ପଛ କରି କ୍ରସବାର ଅତିକ୍ରମ କରିବାରେ ସଫଳତା ପାଇଲେ । କିନ୍ତୁ ଏପରି ଲ୍ୟାଣ୍ଡିଙ୍ଗ ଦ୍ୱାରା ଶାରୀରିକ କ୍ଷତିର ଆଶଙ୍କା ଅଧିକ ରହିଥିଲା, କାରଣ ତାଙ୍କୁ ପିଟ୍‌ରେ ପିଠି ପଟେ ଲ୍ୟାଣ୍ଡ କରିବାକୁ ପଡୁଥିଲା। ସୌଭାଗ୍ୟ କ୍ରମେ ୬୦ ଦଶକ ବେଳକୁ ହାଇଜମ୍ପ ଲ୍ୟାଣ୍ଡିଙ୍ଗ ପିଟ୍‌ରେ ବ୍ୟବହୃତ ହେଉଥିବା କାଠ ବା କରତଗୁଣ୍ଡ ବଦଳରେ ଫ୍ରେମ୍ ରବରର ପ୍ରଚଳନ ଆରମ୍ଭ ହୋଇଥିଲା ଏବଂ ଫସବରିଙ୍କ ପାଇଁ ଏହା ଅନୁକୂଳ ଥିଲା।

ପ୍ରଥମେ ଫସବରି ୬.'୪ ଇଞ୍ଚ ଉଚ୍ଚତା ଅତିକ୍ରମ କରି ହାଇସ୍କୁଲ ରେକର୍ଡ କରିଥିଲେ। ଓରେଗନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ତାଙ୍କ କୋଚ ତାଙ୍କୁ ପ୍ରଥମେ 'ୱେଷ୍ଟର୍ନ ରୋଲ୍' ଟେକ୍ନିକ୍ ବ୍ୟବହାର ପାଇଁ ପ୍ରବର୍ତ୍ତାଇ ଥିଲେ ମଧ୍ୟ ଶେଷରେ ତାଙ୍କୁ ତାଙ୍କର ନିଜସ୍ୱ ଉଦ୍‌ଭାବିତ ଫ୍ଲପ୍ ଟେକନିକ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ ଏବଂ ଫସବରି ୨.୦୮ ମି (୬.୧୦) ଉଚ୍ଚତା ଅତିକ୍ରମ କରି ବିଶ୍ୱବିଦ୍ୟାଳୟ ରେକର୍ଡ କଲାପରେ ସମସ୍ତ ବିତର୍କର ଅନ୍ତ ହୋଇଥିଲା। ଜାତୀୟ ଗଣମାଧ୍ୟମରେ ତାଙ୍କର ପ୍ରଦର୍ଶନକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା ଏବଂ ପ୍ରଖ୍ୟାତ୍ କ୍ରୀଡ଼ା ପତ୍ରିକା 'ଟ୍ରାକ୍ ଆଣ୍ଡ ଫିଲ୍ଡ ନିଉଜ୍'ର ୧୯୬୮ ମସିହା ଫେବୃୟାରୀ ସଂସ୍କରଣର କଭର ପେଜ୍‌ରେ ତାଙ୍କର ଫଟୋଚିତ୍ର ପ୍ରକାଶ ପାଇଥିଲା। ପରେ ପରେ ୧୯୬୮ ଏନ୍‌ସିଏଏ (ନ୍ୟାଶନାଲ କଲିଜିଏଟ୍ ଆଥ୍‌ଲେଟିକ୍ ଆସୋସିଏଶନ) ପ୍ରତିଯୋଗିତାରେ ହାଇଜମ୍ପ ଟାଇଟଲ୍ ହାସଲ କରିବା ସହିତ ଆମେରିକାନ୍ ଅଲିମ୍ପିକ୍ସ ଟ୍ରାଏଲ୍ସରେ ପ୍ରଥମ ସ୍ଥାନ ଅଧିକାର କରି ୟୁଏସ୍ ଦଳର ସଦସ୍ୟ ଭାବେ ମେକ୍ସିକୋ ଗେମ୍ସରେ ଭାଗ ନେଇଥିଲେ।

୧୯୬୮ ଅକ୍ଟୋବର ୨୦ ତାରିଖ ରବିବାର ଥିଲା ବିଶ୍ୱ କ୍ରୀଡ଼ା ଇତିହାସରେ ଏକ ସ୍ମରଣୀୟ ମୁହୂର୍ତ୍ତ। ଡିକ୍ ଫସବରି ନିଜସ୍ୱ 'ଫ୍ଲପ୍' ଟେକ୍‌ନିକ୍ ପ୍ରୟୋଗ କରି ହାଇଜମ୍ପ ଇଭେଣ୍ଟରେ ନୂତନ ଅଲିମ୍ପିକ୍ ରେକର୍ଡ (୨.୨୪ମି) ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପରେ ପରେ ଏହି ଟେକ୍‌ନିକ୍ 'ଫସବରି ଫ୍ଲପ୍' ନାମରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା।

ସକ୍ରିୟ କ୍ରୀଡ଼ାରୁ ଅବସର ନେଲାପରେ ସିଭିଲ୍ ଇଞ୍ଜିନିୟରିଂରେ ଡିଗ୍ରୀପ୍ରାପ୍ତ ଫସବରି ନିଜସ୍ୱ ବ୍ୟବସାୟ ସଂସ୍ଥା 'ଶାଲେନା ଇଞ୍ଜିନିୟରିଂ' ପ୍ରତିଷ୍ଠା କରିଥିଲେ। ମାର୍ଚ୍ଚ ୨୦୦୮ରେ 'ଲିମ୍ଫୋମା- ଷ୍ଟେଜ୍ ୧ କ୍ୟାନ୍‌ସରରେ ପୀଡିତ ହୋଇଥିଲେ ମଧ୍ୟ ଜଣେ କ୍ରୀଡ଼ାବିତ୍ ଭାବେ ଜୀବନରେ ଅନେକ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଫସବରି ଦୁରାରୋଗ୍ୟ 'କ୍ୟାନସର'କୁ ମଧ୍ୟ ପରାସ୍ତ କରି ୨୦୧୪ରେ ଏହି ରୋଗରୁ ମୁକ୍ତ ହୋଇଥିଲେ। ବର୍ତ୍ତମାନ ବିଶ୍ୱର ୫୪ଜଣ ପ୍ରସିଦ୍ଧ କ୍ରୀଡ଼ାବିତ୍‌ଙ୍କୁ ନେଇ ଗଠିତ "ଚାମ୍ପିୟନ୍ସ ଅଫ୍ ପିସ୍" ସଙ୍ଗଠନର ସଦସ୍ୟ ଭାବେ କ୍ରୀଡ଼ା ମାଧ୍ୟମରେ ବିଶ୍ୱଶାନ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସକ୍ରିୟ ଅଛନ୍ତି। ସାଥି ଅଲିମ୍ପିଆନ୍ସ ଗ୍ୟାରି ହଲ୍ ଏବଂ ଆନି କ୍ରିବସ୍‌ଙ୍କ ସହିତ ମିଶି ପ୍ରତିଷ୍ଠା କରିଥିବା 'ୱାର୍ଲ୍ଡ ଫିଟ୍' ସଂସ୍ଥା ମାଧ୍ୟମରେ ସୁସ୍ଥ ଯୁବ ସମାଜ ଗଠନ ଓ ଅଲିମ୍ପିକ୍ ଆଦର୍ଶକୁ ବଜାୟ ରଖିବା ପାଇଁ କାର୍ଯ୍ୟରତ ଅଛନ୍ତି।

(ଦ୍ୱିତୀୟ ଭାଗ ଆରଥରକୁ)

ନାମ: ଡିକ୍ ଫସ୍‌ବରି
ଉଚ୍ଚତା: ୬ ଫୁଟ ୪ ଇଞ୍ଚ
ଦେଶ: ଆମେରିକା
କ୍ରୀଡ଼ା: ଆଥଲେଟିକ୍ସ
ଇଭେଣ୍ଟ: ହାଇଜମ୍ପ
କଲେଜ ଟିମ: ଓରେଗୋନ ଷ୍ଟେଟ ୟୁନିଭର୍ସିଟି
କ୍ଲବ: ଓରେଗୋନ ଷ୍ଟେଟ୍ ବିଭର୍ସ କୋରଭାଲିସ୍
ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ: ୨.୨୪ ମିଟର(୧୯୬୮)
ଅଲିମ୍ପିକ୍ସ ସ୍ୱର୍ଣ୍ଣ: ୧୯୬୮ ମେକ୍ସିକୋ ସିଟି (ହାଇଜମ୍ପ)

# ଏନ୍‌ଗେଜମେଣ୍ଟ

ଟେନିସ ଜଗତର ଦୁଇ ତାରକା ଗାଏଲ ମନ୍‌ଫିଲ୍ସ ଓ ଏଲିନା ଭିଟୋଲିନାଙ୍କ ମଧ୍ୟରେ ଏନ୍‌ଗେଜମେଣ୍ଟ ହୋଇଛି। ୨୦୧୮ରୁ ଡେଟିଂ କରିଆସୁଥିବା ଏହି ଦୁଇ ସଫଳ କ୍ରୀଡ଼ାବିତ୍ ଏବେ ସବୁଠାରୁ ଚର୍ଚ୍ଚିତ ସ୍ପୋର୍ଟ୍ସ କପଲ ବନିବାକୁ ଯାଉଛନ୍ତି...

କ୍ରୀଡ଼ାରେ ଆଉ ଏକ ଏନ୍‌ଗେଜମେଣ୍ଟ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଟେନିସ ତାରକାଙ୍କର ନିର୍ବନ୍ଧ ବା ଏନ୍‌ଗେଜମେଣ୍ଟ ହୋଇଛି। ଫ୍ରାନ୍ସ ଟେନିସ ତାରକା ଗାଏଲ ମନ୍‌ଫିଲ୍ସ ଓ ୟୁକ୍ରେନ୍ ମହିଳା ଟେନିସ ତାରକା ଏଲିନା ଭିଟୋଲିନାଙ୍କ ମଧ୍ୟରେ ଏନ୍‌ଗେଜମେଣ୍ଟ ହୋଇଛି। ବିଶ୍ୱର ୧୪ ନମ୍ବର ପୁରୁଷ ଖେଳାଳି ମନ୍‌ଫିଲ୍ସ ଓ ୫ ନମ୍ବର ମହିଳା ଖେଳାଳି ଭିଟୋଲିନା ପରସ୍ପରକୁ ଜୀବନସାଥୀ ରୂପେ ବାଛି ନେଇଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏ ନେଇ ଜୋରସୋରରେ ଚର୍ଚ୍ଚା ଚାଲିଛି। ଏନ୍‌ଗେଜମେଣ୍ଟ ରିଙ୍ଗ୍‌ର ଫଟୋ ମନ୍‌ଫିଲ୍ସ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୨୦୧୮ରୁ ଏହି ଦୁଇ ଟେନିସ୍ ତାରକା ଡେଟିଂ କରିଆସୁଥିଲେ। ଦୁହେଁ ଦୁହିଁଙ୍କୁ ବହୁତ ସମ୍ମାନ କରନ୍ତି ଓ ଭଲ ମଧ୍ୟ ପାଆନ୍ତି ବୋଲି ସୋସିଆଲ ମିଡିଆରେ ଦୁହେଁ ଉଲ୍ଲେଖ କରିଛନ୍ତି। ମନଫିଲ୍ସଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଭିଟୋଲିନା। ମନଫିଲ୍ସ ଜଣେ ଭଲ ମଣିଷ ଓ ଜଣେ ଭଲ ଟେନିସ୍ ଖେଳାଳି ହେବାକୁ ଚାହେଁ ଓ ଏଥିପାଇଁ ମୋର ପ୍ରୟାସ ଜାରି ରହିଛି ବୋଲି ଭିଟୋଲିନା କହିଛନ୍ତି। ପେସାଦାର ଜୀବନରେ ଭଲ ଫଳାଫଳ ହାସଲ କରିବାକୁ ଆମେ ପରସ୍ପରକୁ ସହଯୋଗ କରିଆସୁଛୁ ଓ ଆଗକୁ ଏହା ଜାରି ରଖିବୁ ବୋଲି ଭିଟୋଲିନା କହିଛନ୍ତି।

ଭିଟୋଲିନା ବିଜୟୀ ହେଲେ ଆନନ୍ଦିତ ହୋଇଥାଏ ଓ ତାଙ୍କ ପାଇଁ ଗର୍ବ ଅନୁଭବ କରିଥାଏ ବୋଲି ମନଫିଲ୍ସ କହିଛନ୍ତି। ଆମ ଦୁହିଁଙ୍କର ଚିନ୍ତାଧାରା ସମାନ ବୋଲି ସେ କହିଛନ୍ତି। ତେବେ ଏନ୍‌ଗେଜମେଣ୍ଟ ପରେ ମନ୍‌ଫିଲ୍ସଙ୍କ ମହିଳା ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଏଟିପି ଟୁରରେ ମନଫିଲ୍ସ ସବୁଠାରୁ ଲୋକପ୍ରିୟ ଖେଳାଳିର ମାନ୍ୟତା ପାଇଛନ୍ତି। ତାଙ୍କ ଲୁକ୍ସ ଓ ଜବରଦସ୍ତ ଷ୍ଟାଇଲ୍ ପାଇଁ ମନ୍‌ଫିଲ୍ସ ପ୍ରଶଂସକଙ୍କଠାରେ ବେଶ୍ ଆଦୃତ ହେଉଛନ୍ତି। ମନଫିଲ୍ସ ଏବେ ୧୦ ମିଲିୟନ ଆମେରିକୀୟ ଡଲାରର ଅର୍ଥ ଉପାର୍ଜନ କରିଛନ୍ତି। ଏଟିପି ଟୁରରୁ ସେ ଅଧିକାଂଶ ଅର୍ଥ ରୋଜଗାର କରିଛନ୍ତି। ମନଫିଲ୍ସ ଚଳିତବର୍ଷ ନାଇକ, କେ-ସୁଇସ୍, ଆସିକ୍ସ, ରୋକିଟ୍, ଇଟୋରୋ ପାଇଁ ବିଜ୍ଞାପନ କରିଛନ୍ତି। ୬ ଫୁଟ ୪ ଇଞ୍ଚ ବିଶିଷ୍ଟ ମନଫିଲ୍ସ କ୍ୟାରିୟରରେ ୧୦ଟି ଟାଇଟଲ ହାସଲ କରିଛନ୍ତି। ୨୦୧୬ ନଭେମ୍ବର ୭ ତାରିଖରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୬ ନମ୍ବର ସ୍ଥାନ ହାସଲ କରିଥିଲେ। ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ନ ଥିଲେ ମଧ୍ୟ ସେ ୨୦୦୮ ଫ୍ରେଞ୍ଚ ଓପନ ଓ ୨୦୧୬ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୨୦୧୬ ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ମଧ୍ୟ ସେ ପ୍ରବେଶ କରିଥିଲେ। ସେହିପରି ଭିଟୋଲିନା କ୍ୟାରିୟରରେ ୧୫ଟି ସିଙ୍ଗଲ୍ସ ଓ ୨ଟି ଡବଲ୍ସ ଟାଇଟଲ ଜିତିଛନ୍ତି। ସେ ୨୦୧୯ ୟୁଏସ୍ ଓପନ, ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ୨୦୧୮ ଓ ୨୦୧୯ ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲ ଓ ୨୦୧୫, ୨୦୧୬ ଓ ୨୦୧୭ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଟେନିସ୍ ସଫଳତା ହାସଲ କରିଥିବା ଏହି ଦୁଇ ଖେଳାଳିଙ୍କ ଏନ୍‌ଗେଜମେଣ୍ଟ ପାଇଁ ସବୁ ମହଲରୁ ଅଭିନନ୍ଦନର ଶୁଅ ଛୁଟିଛି। ଏନଗେଜମେଣ୍ଟ ପରେ ମନଫିଲ୍ସ ନିଜ ଭାବୀ ପତ୍ନୀଙ୍କୁ ଏକ ନୂଆ ବ୍ଲାକ ମର୍ସିଡିଜ କାର ପ୍ରଦାନ କରିଛନ୍ତି। ଏହି ସ୍ୱତନ୍ତ୍ର ଉପହାର ପାଇବା ପରେ ଏଲିନା ନିଜକୁ ଜଣେ ରାଣୀ ଭଳି ମନେ କରୁଛନ୍ତି ବୋଲି କହିଛନ୍ତି। ଏଲିନାଙ୍କର ଜଣେ ଭାଇ ୟୁଲିଆନ ଓ ମାତାପିତା ମିଖାୟାଲୋ ଓ ଓଲେନା ରହିଛନ୍ତି। ଏଲିନାଙ୍କ ପାଖରେ ଏବେ ୨୦ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ରହିଛି। ଦୁହିଁଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଲୋକପ୍ରିୟ ଏକାଉଣ୍ଟ ଜି.ଇ.ଏମ୍.ଏସ୍ ରହିଛି। ସୋସିଆଲ ମିଡିଆରେ ଦୁହିଁଙ୍କ ଲକ୍ଷ ଲକ୍ଷ ସଂଖ୍ୟାରେ ଫଲୋଅର୍ସ ରହିଛନ୍ତି। ଏବେ ବିବାହକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।



ଏଲିନା ଭିଟୋଲିନା ଓ ଗାଏଲ ମନ୍‌ଫିଲ୍ସ

# ଦାମୀ ଆର୍ମବ୍ୟାଣ୍ଡ୍

ସର୍ବିୟା ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ୍‌ରେ ବିବାଦୀୟ ସ୍ଥିତି ସୃଷ୍ଟି ହେବା ପରେ ପର୍ତ୍ତୁଗାଲ ଅଧିନାୟକ ଖ୍ରୀଷ୍ଟିଆନୋ ରୋନାଲ୍ଡୋ ଉତ୍‌କ୍ଷିପ୍ତ ହୋଇ ତାଙ୍କ ଆର୍ମ ବ୍ୟାଣ୍ଡ ଫୋପାଡିଥିଲେ। ପରେ ଏକ ନିଲାମରେ ଏହି ଆର୍ମ ବ୍ୟାଣ୍ଡ ୭୫ ହଜାର ଡଲାରରେ ବିକ୍ରି ହୋଇଥିଲା...

ପର୍ତ୍ତୁଗାଲ ଫୁଟବଲ ଅଧିନାୟକ ଖ୍ରୀଷ୍ଟିଆନୋ ରୋନାଲ୍ଡୋଙ୍କ ଆର୍ମ ବ୍ୟାଣ୍ଡ ମୂଲ୍ୟ ନେଇ ଚର୍ଚ୍ଚା ଚାଲିଛି। ଗତମାସରେ ଅନୁଷ୍ଠିତ ସର୍ବିୟା ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ୍‌ରେ ରୋନାଲ୍ଡୋ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ରାଗି ଯାଇ ତାଙ୍କ ଆର୍ମ ବ୍ୟାଣ୍ଡ ଖୋଲି ଫୋପାଡି ଦେଇଥିଲେ। ରେଡ୍ ଷ୍ଟାର୍ସ ରାଜକୋ ମିଟିକ୍ ଷ୍ଟାଡିୟମରେ ଜଣେ ଫାୟାରମ୍ୟାନ ଏହି ଆର୍ମବ୍ୟାଣ୍ଡକୁ ପାଇଥିଲେ। ଏକ ଚ୍ୟାରିଟି ଅକ୍ସନରୁ ଏବେ ଏହି ଆର୍ମ ବ୍ୟାଣ୍ଡକୁ ଏକ



ବେଟିଂ କମ୍ପାନୀ କିଣିଛି। ୬ ମାସର ଏକ ସର୍ବୀୟ ଛୁଆର ଜୀବନ ବଞ୍ଚାଇବା ପାଇଁ ଅସ୍ତ୍ରୋପଚାର ବାବଦରେ ଏଥିରୁ ମିଳିବାକୁ ଥିବା ଅର୍ଥ ଖର୍ଚ୍ଚ ହେବ। ଏହି ବେଟିଂରୁ ୭୫ ହଜାର ଡଲାର ଅର୍ଥ ଉପାର୍ଜନ ହୋଇଥିଲା।

ମାନବିକତାକୁ ଦୃଷ୍ଟିରେ ରଖି ଆମେ ଏହି ଅକ୍ସନରେ ଭାଗ ନେବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ସର୍ବିୟାର ମୋଜାର୍ଟ କହିଛନ୍ତି। ୬ ମାସର ଏହି ଛୁଆ ସ୍ପାଇନାଲ ଆଟ୍ରୋଫି ରୋଗରେ ପୀଡ଼ିତ। ଏବେ ଏହି ପିଲାର ମା' ନେଭେନାଙ୍କୁ ମୋଟ ଉପରେ ୫ ଲକ୍ଷ ୟୁରୋ ମିଳିଛି ବୋଲି କୁହାଯାଇଛି। ସର୍ବିୟା ଓ ପର୍ତ୍ତୁଗାଲ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିବା ଫଳରେ ରୋନାଲ୍ଡୋ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ରେଫରି ନିଷ୍ପତ୍ତିରେ ରୋନାଲ୍ଡୋ ଅସନ୍ତୋଷ ଜାହିର କରିଥିଲେ। ରୋନାଲ୍ଡୋଙ୍କୁ କ୍ଲିୟର ଷ୍ଟପେଜ ଟାଇମ୍ ୱିନର ଭାବେ ସ୍ୱୀକୃତି ଦିଆଯାଇ ନ ଥିଲା। ଟେଲିଭିଜନ ରିପ୍ଲେରେ ମଧ୍ୟ ଏହା ଜଣାପଡିଥିଲା। ରୋନାଲ୍ଡୋଙ୍କ ଶଟ୍ ଲାଇନ୍ କ୍ରସ୍ କରିବା ପରେ ସର୍ବିୟା ଡିଫେଣ୍ଡର ଏହାକୁ କ୍ଲିୟର କରିଥିଲେ। ତେବେ ଗୋଲ ଲାଇନ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ନ ଥିଲା। ରୋନାଲ୍ଡୋଙ୍କ ନାମରେ ଅବଶ୍ୟ ଅଭିଯୋଗ ହୋଇଥିଲା। ପରେ ମ୍ୟାଚ୍ ରେଫରି ପର୍ତ୍ତୁଗାଲ ୟୁଇଏଫ୍ଏକୁ କ୍ଷମା ମାଗିଥିଲେ। ଗୋଲ ଲାଇନ ଟେକ୍ନୋଲୋଜି ବ୍ୟବହାର ହୋଇଥିଲେ ଏହି ବିବାଦକୁ ଏଡାଇ ଯାଇପାରିଥାନ୍ତା। ଏହି ବିବାଦୀୟ ସ୍ଥିତି, ପରେ ରୋନାଲ୍ଡୋ ଆର୍ମ ବ୍ୟାଣ୍ଡ ଫୋପାଡ଼ିବା ଓ ଏହାର ନିଲାମ ଏକ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ପଙ୍ଘାଲ ସେମିଫାଇନାଲରେ

**ନୂଆଦିଲ୍ଲୀ, ୨୨।୪ (ପି.ଟି.):** ଅଲିମ୍ପିକ ଯୋଗ୍ୟତା ହାସଲ କରିସାରିଥିବା ଭାରତୀୟ ବକ୍ସର ଅମିତ ପଙ୍ଘାଲ ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ଚାଲିଥିବା ଗଭରନର୍ସ କପ୍ ବକ୍ସିଂ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହାଦ୍ୱାରା ସେ ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। ଅନ୍ୟ ୫ ଭାରତୀୟ ବକ୍ସର ସେମାନଙ୍କ ଓପନିଂ ରାଉଣ୍ଡରେ ପରାଜୟ ବରଣ କରିଛନ୍ତି। ବିଶ୍ୱ ରୌପ୍ୟ ବିଜେତା ତଥା ଏସିଆନ ଗେମ୍ସ ଚାମ୍ପିୟନ ହରିୟାଣାର ଏହି ବକ୍ସର ସ୍ଥାନୀୟ ଫେଭରାଇଟ୍ ତାମିର ଗାଲାନୋଭଙ୍କ ବିପକ୍ଷରେ ୫-୦ରେ ବିଜୟ ହାସଲ କରିଥିଲେ। ଓପନିଂ ବାଉଟ୍‌ରେ ପରାଜିତ ହୋଇଥିବା ଭାରତୀୟ ବକ୍ସରମାନେ ହେଲେ ସୁମିତ ସାଙ୍ଗୱାନ (୮୧କେଜି), ମହମ୍ମଦ ହୁସାମୁଦ୍ଦିନ (୫୭କେଜି), ନମନ ତନୱାର (୯୧କେଜି), ଅଲିମ୍ପିକ ଯୋଗ୍ୟତା ହାସଲକାରୀ ଆଶିଷ କୁମାର (୭୫କେଜି) ଓ ବିନୋଦ ତନୱାର (୪୭କେଜି)।







# ସୁଶୀଲଙ୍କୁ ଅଣଦେଖା, ମାନ୍‌ଙ୍କ ସ୍ଥାନରେ ଅମିତ

**ନୂଆଦିଲ୍ଲୀ, ୨୨।୪(ପି.ଟି.)**




ଆସନ୍ତା ବିଶ୍ୱ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ କୁସ୍ତି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ନ୍ୟାଶନାଲ ଗୋଲ୍ଡ ମେଡାଲିଷ୍ଟ ସନ୍ଦୀପ ମାନ୍‌ଙ୍କ ସ୍ଥାନରେ ପୂର୍ବତନ ଏସୀୟ ଚାମ୍ପିୟନ ଅମିତ ଧନକର (୭୪ କେଜି)ଙ୍କୁ ସାମିଲ କରାଯାଇଛି। ଭେଟେରାନ ସୁଶୀଲ କୁମାରଙ୍କୁ ଅଣଦେଖା କରାଯିବା ଅର୍ଥ ତାଙ୍କ ପାଇଁ ପଥ ସରିଆସୁଥିବା ସୂଚନା ମିଳିଛି। ବୁଲଗେରିଆର ସୋଫିଆଠାରେ ଟୁର୍ନାମେଣ୍ଟ ମେ' ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟୋକିଓ ଗେମ୍ସ ପୂର୍ବରୁ ଏହା ଅନ୍ତିମ କ୍ୱାଲିଫାଇଂ ଇଭେଣ୍ଟ।

ସୁଶୀଲ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ପୂର୍ବରୁ ସେ ୨୦୦୮ ବେଜିଂ ଗେମ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ଏଥର ଯୋଗ୍ୟତା ପର୍ଯ୍ୟାୟ ପାଇଁ ଚୟନ କରାଯାଇ ନ ଥିବାରୁ ୩୭ ବର୍ଷୀୟ ସୁଶୀଲ ଏ ସମ୍ପର୍କରେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଚୟନ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ ପ୍ରକାଶ କରାଯାଇଛି। ଧନକରଙ୍କ ବ୍ୟତୀତ ଫ୍ରିଷ୍ଟାଇଲ୍ ବିଭାଗ ପାଇଁ ସତ୍ୟବ୍ରତ କାଡିଆନ (୯୭ କେଜି) ଓ ସୁମିତ (୧୨୫ କେଜି)ଙ୍କୁ ଦଳରେ ନିଆଯାଇଛି। ଏସିଆନ କ୍ୱାଲିଫାୟର ଓ ଏସିଆନ ଚାମ୍ପିୟନଶିପ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ସନ୍ଦୀପ ମାନ୍‌ଙ୍କ ଉପରେ ଚୟନ କମିଟି ଆସ୍ଥା ସ୍ଥାପନ କରିପାରିନାହିଁ। ଅନ୍ୟପକ୍ଷରେ ମାର୍ଚ୍ଚ ୧୬ରେ ଚୟନ ଟ୍ରାଏଲରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅମିତଙ୍କୁ ସୁଯୋଗ ଦେବାକୁ କମିଟି ନିଷ୍ପତ୍ତି ନେଇଥିଲା। ଗ୍ରୀକୋ ରୋମାନ ଟିମ୍‌ରେ ସଚିନ ରାଣା (୬୦ କେଜି), ଆଶୁ (୬୭ କେଜି), ଗୁରପ୍ରୀତ ସିଂ (୭୭ କେଜି), ସୁନୀଲ (୮୭ କେଜି), ଦୀପାଂଶୁ (୯୭ କେଜି) ଓ ନବୀନ କୁମାର (୧୩୦ କେଜି)ଙ୍କୁ ନିଆଯାଇଛି। ଗ୍ରୀକୋ ରୋମାନ ଷ୍ଟାଇଲ୍‌ରେ କମିଟି ୬୦ କେଜି ଓ ୯୭ କେଜିରେ ନୂଆ ରେସ୍‌ଲରଙ୍କୁ ନେଇଛି। ପୂର୍ବରୁ ଏହି ଓଜନ ବର୍ଗରେ

**ବିଶ୍ୱ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ କୁସ୍ତି**

ଲଢ଼େଇ କରୁଥିବା ଜ୍ଞାନେନ୍ଦ୍ର ଓ ରବି ଏସିଆନ କ୍ୱାଲିଫାୟର ଏବଂ ଏସିଆନ ଚାମ୍ପିୟନଶିପ୍‌ରେ ଦୁର୍ବଳ ପ୍ରଦର୍ଶନ କରିଥିବାରୁ ବାଦ୍ ପଡ଼ିଛନ୍ତି। ତେବେ ଚୟନ ଟ୍ରାଏଲରେ ଦ୍ୱିତୀୟ ସ୍ଥାନରେ ଥିବା ସଚିନ ଓ ଦୀପାଂଶୁଙ୍କୁ ଆଉ ଏକ ସୁଯୋଗ ଦେଇଛି।

ଭାରତୀୟ ମହିଳା ଦଳରେ ସୀମା (୫୦ କେଜି), ନିଶା(୬୮ କେଜି) ଓ ପୂଜା (୭୬ କେଜି)ଙ୍କୁ ସାମିଲ କରାଯାଇଛି। ମହିଳା ବିଭାଗର କୌଣସି ଓଜନ ବର୍ଗରେ ପରିବର୍ତ୍ତନ ନ କରିବାକୁ କମିଟି ନିଷ୍ପତ୍ତି ନେଇଛି। କାରଣ ଏହି ୩ ରେସଲର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା କିମ୍ବା ଏସିଆନ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଛନ୍ତି।



www.tvsmotor.com/tvs-apache | For further details please give a missed call to 18003157227. ^In their respective engine class in 160cc segment. *Savings on outflow as compared to regular ROI Scheme. Applicable on TVS Apache RTR 160 4V. #T&C apply.
TVS CREDIT IndusInd Bank SHRIRAM City L&T Financial Services IDFC FIRST Bank
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BHUBANESWAR**: Ashirbad TVS, Ph: 7735341866, **Jyote TVS, Ph:** 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; **CUTTACK**: Arnapurna TVS, Ph: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph: 7735911808. **NAYAGARH:** Kumar TVS, Ph: 9778728751. **CHANDIKHOLE** : Sasmita TVS, Ph: 8860793803; **JAGATSINGHPUR:** Gita TVS, Ph: 06724-222717, 7788901717. **Authorised Dealers:** CRP Square, Bhubaneswar, Ph: 0674-256333, 7537035786; Jatni, Ph: 7008563051; Khurda, Ph: 9861128283, 06755-223244; Baghamari, Ph: 9238107505; Jagatpur, Ph: 9861006854/9337268787; Pattamundai, Ph: 9938602209; Mangalpur, Ph: 9853486660; Balipatna, Ph: 9238518534; Khandagiri, Ph: 0674-2351766, 9090894749;Athagarh, Ph: 9853429148; Salepur, Ph: 8018556514; Pipli, Ph: 8093219941; Delang, Ph: 9090214582; Bramahgiri, Ph: 8480928880; Chari Chowk, Ph: 8327783765; Raj Sunakhala, Ph: 7873510025; Daspalla, Ph: 9437354285; Rohibank, Ph: 9090507765; Kalapathar, Ph : 9776942339;Ranpur, Ph: 9778520193; Paradip, Ph.: 9937392207; Nuapatana, Ph: 9937019555; Banki, Ph: 9937015536; Jatani, Ph: 8093198397; Balugaon, Ph: 9090048991, 977609910; Duburi, Ph : 9439176344; Nirakarpur, Ph: 9658971360, 06756-252360; Khandapada, Ph: 9853479471, 9937153901; Erasama, Ph: 9937084847; Krushnanandapur, Ph: 9237066573; 9040091921; Badamba, Ph: 7381656665; Puranakatak, Ph: 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph: 9861150706; Nimapara, Ph: 06758-252044, 9438742101; Balichandrapur, Ph: 9439200714; Anandpur, Ph: 9438366880; Nachuni: Ph: 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph: 0671-2356967, 7440037801; Bari, Ph: 8917596087; Binjharpur, Ph: 7008499365; Nischintakoili, Ph: 9337438686; Chandol, Ph: 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph: 9658410027 ; Balikuda, Ph: 9439370305 ; Gothopatna, Ph: 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.
McCann/Blr/Tvs/511/04/21

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଏପ୍ରିଲ, ୨୦୨୧

**ଶିବମନ୍ଦିରରୁ ଚୋରି**

ଦିଗପହଣ୍ଡି, (ଡି.ଏନ.ଏ.): ଦିଗପହଣ୍ଡି ନିକଟ ପଦ୍ମନାଭପୁର ଗ୍ରାମ ନୀଳକଣ୍ଠେଶ୍ୱରଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଷ୍ଟୋର ରୁମ ତାଲା ଭାଙ୍ଗି ପାଣି ମୋଟର ଓ ଗୋଟିଏ ମାଇକ ସାଉଣ୍ଡ ମେଶିନ ଚୋରି କରି ନେଇଛନ୍ତି। ଗୁରୁବାର ସକାଳେ ଷ୍ଟୋର ରୁମ୍ ତାଲା ଭାଙ୍ଗିଥିବା ଶ୍ରଦ୍ଧାଳୁମାନେ ଦେଖି ମନ୍ଦିର ପରିଚାଳନା କମିଟି ସଦସ୍ୟ ଭଗବାନ ସେଠୀଙ୍କୁ ଖବର ଦେଇଥିଲେ। ପରେ ଏ ନେଇ ଥାନାରେ ଏତଲା ଦିଆଯାଇଛି। ମନ୍ଦିରଟି ଗାଁ ବାହାରେ ମୁଖ୍ୟରାସ୍ତା କଡରେ ଥିବାରୁ ବାରମ୍ବାର ଏପରି ଚୋରି ହେଉଛି ।



## ସଂକ୍ଷେପରେ

### ଏମ୍‌କେସିଜି ମେଡିକାଲରେ ବିରଳ ଶିଶୁ ଜନ୍ମ

ବ୍ରହ୍ମପୁର ଅଫିସ,୨୨।୪: ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବୁଧବାର ଏକ ବିରଳ ଶିଶୁ ଜନ୍ମ ହୋଇଥିଲା। ଶିଶୁଟି ଅସ୍ୱାଭାବିକ ଥିବାରୁ ତା'କୁ ଆଇସିୟୁରେ ଚିକିତ୍ସା କରାଯାଉଛି। ପ୍ରଥମ ଥର ପାଇଁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ଗର୍ଭବତୀ ଜଣଙ୍କଠାରୁ ଏହି ଶିଶୁ କନ୍ୟାଟି ଜନ୍ମ ହୋଇଥିଲା। ଜେନେଟିକ ସମସ୍ୟା ଯୋଗୁ ବେଳେ ବେଳେ ଏଭଳି ଶିଶୁ ଜନ୍ମ ନିଅନ୍ତି ବୋଲି ଏମ୍‌କେସିଜିର ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.ଇନ୍ଦିରା ପାଳ କହିଛନ୍ତି। ସାଧାରଣ ଶିଶୁଠାରୁ ଏହି ବିରଳ ଶିଶୁର ମୁହଁ ବଡ଼ ହୋଇଥିବା ବେଳେ ହାତ ଓ ଗୋଡ଼ ପାପୁଲି ନାହିଁ। ସେହିପରି ଶରୀରର ଚର୍ମ ମୋଟା ଓ ଫଟା ରହିଛି। ବର୍ତ୍ତମାନ ଏସ୍‌ଏନସିୟୁରେ ଶିଶୁଟି ଚିକିତ୍ସିତ ହେଉଛି। ତାହାର ସମସ୍ତ ପ୍ରକାର ଚିକିତ୍ସା କରାଯାଉଛି । ଶିଶୁଟି ସୁସ୍ଥ ଅଛି। ତେବେ ଏଭଳି ଶିଶୁ ବେଶିଦିନ ବଞ୍ଚି ରହିବା କଷ୍ଟକର ବୋଲି ଡାକ୍ତର ପାଳ କହିଛନ୍ତି।

### କାର୍‌ରୁ ୨୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୨୨।୪(ଡି.ଏନ.ଏ.)- ଗଜପତି ଜିଲା ଆର.ଉଦୟଗିରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କାର୍‌ରୁ ୨୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ଚାଲାଣରେ ସମ୍ପୃକ୍ତ କାର ଡ୍ରାଇଭରକୁ ଗିରଫ ହୋଇଛନ୍ତି। ସେ ହେଲେ ମୋହନା ଥାନା କପାଖାଲ ଗାଁର ହେମନ୍ତ ଗମାଙ୍ଗ। କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆର.ଉଦୟଗିରି ଭାରପ୍ରାପ୍ତ ଅଧିକାରୀଙ୍କ ସହ ଅବକାରୀ ନିରୀକ୍ଷକ ପଦ୍ମ ଚରଣ ସାହୁ, ଉପନିରୀକ୍ଷକ ଘନଶ୍ୟାମ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ ଗ୍ରାମରେ ଏକ କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା।

### ଥାନା, ବ୍ୟାଙ୍କ କର୍ମଚାରୀ ସଂକ୍ରମିତ

ଦିଗପହଣ୍ଡି,୨୨।୪(ଡି.ଏନ.ଏ.)- ଦିଗପହଣ୍ଡି ଥାନାର ଜଣେ କର୍ମଚାରୀ ଓ ବୋମକେଇ ଗ୍ରାମସ୍ଥିତ ଏକ ବ୍ୟାଙ୍କର ୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପଜିଟିଭ ଚିହ୍ନଟ ପରେ ଗତ ୩ ଦିନ ହେଲା ଥାନା ମୁଖ୍ୟ ଫାଟକକୁ ବନ୍ଦ ରଖାଯାଇଛ। ପଛଗେଟ ଦେଇ କର୍ମଚାରୀମାନେ ଯା'ଆସ କରୁଛନ୍ତି। ଥାନାରେ ଅଯଥା ଗହଳି ନକରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଥାନା କର୍ମଚାରୀମାନଙ୍କୁ ମଧ ଗହଳି ନ କରିବାକୁ ଆଇଆଇସି ବସନ୍ତ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହକ ମଧ୍ୟରେ କରୋନା ଆକ୍ରାନ୍ତ ଦିଗପହଣ୍ଡିର ଜଣେ ବ୍ୟବସାୟୀ ଏବଂ ୨ ଶିକ୍ଷକଙ୍କ ମୃତ୍ୟୁ ପରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ବମକେଇ ଗ୍ରାମରେ ଥିବା ଜାତୀୟକରଣ ବ୍ୟାଙ୍କର ଆଉ ୨କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ବ୍ୟାଙ୍କର ସମସ୍ତ ଦେଣନେଣକୁ ବନ୍ଦ କରିଦିଆଯାଇଛି। ବ୍ୟାଙ୍କ କାର୍ଯ୍ୟାଳୟ ବନ୍ଦ ରଖାଯାଇଥିବା ନେଇ ବ୍ରହ୍ମପୁରସ୍ଥିତ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଅଜୟ କୁମାର ନାୟକ କହିଛନ୍ତି। ଶୁକ୍ରବାର ସାନିଟାଇଜ ପରେ ସୋମବାର ବ୍ୟାଙ୍କ ଶାଖା ଖୋଲାଯିବ ବୋଲି ସୂଚନା ମିଳିଛି।

# ସପ୍ତାହାନ୍ତ ଶଟ୍‌ଡାଉନ ନେଇ ଗାଇଡ୍‌ଲାଇନ

ବ୍ରହ୍ମପୁର ଅଫିସ,୨୨।୪

୨୦୨୦ ମାର୍ଚ୍ଚ ୧୫ରେ କରୋନା ସଂକ୍ରମଣ ଆରମ୍ଭ ହୋଇଥିଲା। ପୁଣି ଥରେ ଚଳିତ ବର୍ଷ ଏପ୍ରିଲ ଅର୍ଥାତ୍ ୧ ବର୍ଷ ପରେ ଫେରିଛି କରୋନା। ସଂକ୍ରମଣକୁ ନେଇ ଏବେ ଜଟିଳ ସ୍ଥିତି ଲାଗିରହିଛି। ଦ୍ୱିତୀୟ ଲହରରେ କରୋନା କ୍ଷିପ୍ର ଗତିରେ ସଂକ୍ରମଣ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ସରକାର ଘୋଷଣା କରିଛନ୍ତି। ଏହି ଆଧାରରେ ଶନିବାର ଓ ରବିବାର ଦୁଇଦିନ ଜିଲା ସମେତ ବ୍ରହ୍ମପୁର ସହର ସମ୍ପୂର୍ଣ୍ଣ ବନ୍ଦ(ଶଟ୍‌ଡାଉନ)ରହିବ। କେବଳ ଅତ୍ୟାବଶ୍ୟକ କାରବାରକୁ ଅନୁମତି ଦିଆଯିବ ବୋଲି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ଜାରି କରାଯାଇଥିବା ପତ୍ର ସଂଖ୍ୟା ନଂ.୫୪୫୨ରେ ଦର୍ଶାଯାଇଛି। ମେ ୧୫ ତାରିଖ ଯାଏ ପାର୍କ, ପାଠାଗାର, ଖେଳପଡ଼ିଆ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରହିବ ବୋଲି ପତ୍ରରେ ଉଲ୍ଲେଖ ରହିଛି।

ଶଟ୍‌ଡାଉନ ସମୟରେ ହସ୍ପିଟାଲ, କ୍ଲିନିକ୍, ନର୍ସିଂହୋମ୍, ମେଡିସିନ ଷ୍ଟୋର ଓ ଆମ୍ବୁଲାନ୍ସ କଟକଣା ମୁକ୍ତ ରହିବ। ସ୍ୱାସ୍ଥ୍ୟ କର୍ମଚାରୀ, ଗଣମାଧ୍ୟମ ସଂସ୍ଥା କର୍ମଚାରୀ, ମ୍ୟୁନିସିପାଲିଟି, ପୋଲିସ ଅଗ୍ନିଶମ କର୍ମଚାରୀ, ଜରୁରୀ ସେବାରେ ନିୟୋଜିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ, ଟେଲିକମ, ଜଳ ଯୋଗାଣ ପରିମଳ, ସ୍ୱେରେଜ ଓ ବିଦ୍ୟୁତ୍ ବିଭାଗକୁ କଟକଣାରୁ ବାଦ୍ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପାସ୍ ଦରକାର ନାହିଁ। ଟ୍ରେନ୍ ଓ ବିମାନ ଯାତ୍ରୀ ନିଜ ନିଜର ଟିକେଟ ଦେଖାଇ ଯାତାୟାତ କରିପାରିବେ। ରୋଗୀ ଓ ତାଙ୍କ ସହାୟକ ବିଶ୍ୱାସଯୋଗ୍ୟ ପ୍ରମାଣପତ୍ର ଦେଖାଇ ଯାଇ ପାରିବେ। ଶଟ୍‌ଡାଉନରେ ମାଲବାହୀ ଗାଡି ମଧ ଚଳାଚଳ କରିପାରିବ। ଶିଳ୍ପାନୁଷ୍ଠାନ ଓ ଆଇଟି ସଂସ୍ଥା ଚାଲୁ ରହିବ। କୃଷି, ମଣ୍ଡି, ମତ୍ସ୍ୟ ଚାଷ କାମ ହୋଇପାରିବ। ଏଥିସହ ଘରେ ଖାଦ୍ୟ ପହଞ୍ଚାଉଥିବା ଅନ୍‌ଲାଇନ୍ ସଂସ୍ଥା କାମ କରିପାରିବେ। ଖାଦ୍ୟ ଓ ତେଜରାତି ଦୋକାନ ଅନ୍‌ଲାଇନ୍ ହୋମ୍ ଡେଲିଭରି ଦେଇପାରିବେ। ରାସ୍ତା ପାର୍ଶ୍ୱ ଢାବା ଖୋଲା ରହିବ କିନ୍ତୁ ସେଠାରେ ଖାଇବା ପାଇଁ ବାରଣ କରାଯାଇଛି। ହୋଟେଲଗୁଡ଼ିକରେ ଖାଦ୍ୟକୁ ପାର୍ସଲ ଦିଆଯିବ ଏବଂ ପେଟ୍ରୋଲ ପମ୍ପ ଓ ଏଟିଏମ୍ କାଉଣ୍ଟର ଖୋଲା ରହିବ ବୋଲି ବିଏମ୍‌ସି ପକ୍ଷରୁ ପତ୍ରରେ ଦର୍ଶାଯାଇଛି।



ଧରିତ୍ରୀ ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ଦ୍ୱାରା ସ୍ୟାଣ୍ଡ ଆନିମେଶନ୍।

# ପାଣି ସମସ୍ୟା ନେଇ ରାସ୍ତାରୋକୋ


ଗଣେଶ ନଗର ବାସିନ୍ଦାଙ୍କ ପକ୍ଷରୁ ରାସ୍ତାରୋକୋ।

ବ୍ରହ୍ମପୁର ଅଫିସ,୨୨।୪

ବ୍ରହ୍ମପୁର ସହରରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ବଢି ଚାଲିଛି । ଏହାକୁ ନେଇ ଗୁରୁବାର ମହାନଗର ନିଗମ ଅନ୍ତର୍ଗତ ୯ ନଂ. ୱାର୍ଡର ଗଣେଶନଗର ଲୋକେ ରାସ୍ତାରୋକୋ କରିବା ସହ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଦୀର୍ଘ ୨ ବର୍ଷ ହେଲା ଉକ୍ତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏ ନେଇ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, କିନ୍ତୁ ସମସ୍ୟା ସମାଧାନ ହୋଇପାରି ନାହିଁ। ଖରାଦିନ ବ୍ୟତୀତ ଅନ୍ୟ ଦିନରେ ବି ପିଇବା ପାଣି ସମସ୍ୟା ଲାଗି ରହିଛି। ରାତିରେ ଖୁବ୍ କମ୍ ସମୟ ପାଇଁ ପାଣି ଆସୁଛି। ଫଳରେ ଅନେକ ଲୋକ ପାଣି ନ ପାଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଖରାଦିନେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଯାହାକୁ ବିରୋଧ କରି ସ୍ଥାନୀୟ ଲୋକେ ଗୁରୁବାର ହାଣ୍ଡି ମାଠିଆ ଧରି ସାହି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ରାସ୍ତାରୋକୋ ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ତ୍ତୃପକ୍ଷମାନେ ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ୭ରୁ ୮ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ପ୍ରତିଶ୍ରୁତି ମୁତାବକ ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ୨ ଗିରଫ

ବୁଗୁଡା,୨୨।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳର ଜନୈକା ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ା ଥାନାଞ୍ଚଳର ଅଟୋ ଚାଳକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅପହରଣକାରୀ ଯୁବକଙ୍କ ସ୍ତ୍ରୀ ଭାରତୀ ସେଠୀ। ଏନେଇ ବୁଗୁଡ଼ା ଥାନାରେ ନଂ. ୧୮୭/୨୧ରେ ଏକ ମାମଲା ରୁଜୁ ହୋଇଛି। ତେବେ ଅପହରଣକାରୀ ଅଦ୍ୟାବଧି ଫେରାର ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବୁଗୁଡ଼ା ଥାନାଞ୍ଚଳର ଜନୈକା ନାବାଳିକା ଛାତ୍ରୀ ସ୍ଥାନୀୟ ଏକ କୋଚିଂ ସେଣ୍ଟରକୁ ଟ୍ୟୁଶନ ହେବାକୁ ବୁଧବାର ଆସିଥିଲେ। ଟ୍ୟୁଶନ ସରିବା ପରେ ନାବାଳିକା ଜଣକ ତାଙ୍କର ସହପାଠୀ ସାଙ୍ଗରେ ସେଣ୍ଟର ବାହାରେ ଠିଆ ହୋଇଥିଲେ। ଏହି ସମୟରେ ଅପହରଣକାରୀ ଯୁବକ ଓ ତାଙ୍କ ସ୍ତ୍ରୀ ଅଟୋ ଯୋଗେ ଘଟଣାସ୍ଥଳକୁ ଆସିବା ପରେ ସେଠାରୁ ଜବରଦସ୍ତ ନାବାଳିକାଙ୍କୁ ଟାଣି ନେଇ ଅଟୋରେ ବାଲିପଦର ଅଭିମୁଖେ ଯାଇଥିଲେ। ସେଠାରେ ଅପହରଣକାରୀ ନାବାଳିକାଙ୍କୁ ଏକ ବାଇକ୍‌ରେ ବସାଇ ଫେରାର ହୋଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ଅଟୋ ଚାଳକ ଓ ଅପହରଣକାରୀଙ୍କ ସ୍ତ୍ରୀଙ୍କୁ ପୋଲିସ ଗିରଫ କରିବା ସହ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଅଟକ ରଖିଛି। ଏଥିସହ ପୋଲିସ ଅଟୋ (ନଂ ଓଡି୩୨ଏ୨୪୯୬)କୁ ଜବତ କରିଛି।

## ବିଦେଶୀ ମଦ ହଡ଼ପ ଅଭିଯୋଗରେ ୬ କୋର୍ଟଚାଲାଣ

ଗୋପାଳପୁର,୨୨।୪

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଡୁଲୁରୋଡସ୍ଥିତ ଓଡ଼ିଶା ଷ୍ଟେଟ ବ୍ରେଭରେଜ୍ କର୍ପୋରେଶନ (ଓଏସ୍‌ବିସି)ରୁ ବିପୁଳ ପରିମାଣର ବିଦେଶୀ ମଦ ହଡ଼ପ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ୬ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମକରଧ୍ୱଜ ବିଷୋୟୀ, ନିର୍ମଳ ପରିଡ଼ା, ଅଜୟ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଦାଶ, ସୁନୀଲ କୁମାର ସ୍ୱାଇଁ ଓ ଗୁରୁଚରଣ ମହାନ୍ତି। ଖବର ଅନୁସାରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କନ୍ଧମାଳ ଓ ବ୍ରହ୍ମପୁର ସହରର ୧୮୧ ମଦ ଦୋକାନକୁ ଡୁଲୁ ରାସ୍ତାରେ ଥିବା ଓଏସବିସି ବିଭିନ୍ନ ବ୍ରାଣ୍ଡର ମଦ ଯୋଗାଣ କରିଥାଏ। ୨୦୨୦ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଥାର୍ଡ କ୍ୱାର୍ଟର ଅଡିଟ୍ ହୋଇଥିବା ବେଳେ ଷ୍ଟକ୍ ଠିକ୍ ରହିଥିଲା। ଗିରଫ ଅଭିଯୁକ୍ତମାନେ ବିଭିନ୍ନ କମ୍ପାନୀ ଦ୍ୱାରା ଠିକାରେ କାର୍ଯ୍ୟ କରୁଥିଲେ। ଏପ୍ରିଲ ୧ରୁ ୪ ତାରିଖ ମଧ୍ୟରେ ୨୦୨୦-୨୧ର ବାର୍ଷିକ ଅଡିଟ ହୋଇଥିଲା। ଏଥିରେ ୧୯୦୬ ଲିକର, ୩୩୮ ବିୟର ଓ ଡିଫେନ୍ସକୁ ଯାଉଥିବା ୧୧ପେଟି ମଦ ଆତ୍ମସାତ୍ ହୋଇଥିବା ଜଣାପଡ଼ିଥିଲା। ଏନେଇ ଓଏସ୍‌ବିସି ମଧ୍ୟରେ ରଫାଦଫା କରିବା ପାଇଁ ଯୋଜନା ଚାଲିଥିଲା। ତାହା ନ ହେବାରୁ ଗତ ୯ ତାରିଖରେ ବ୍ରାଞ୍ଚ ମ୍ୟାନେଜର ପ୍ରଦୀପ ରଞ୍ଜନ ପଟ୍ଟନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୯୬/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ କିଛିଦିନ ପ୍ରଦୀପ ରଞ୍ଜନଙ୍କୁ ମାମଲା ପ୍ରତ୍ୟାହାର କରିବା ପାଇଁ ମକରଧ୍ୱଜ, ଅଜୟ ଓ ଅନ୍ୟ ୫ ଜଣ ମିଶି ହତ୍ୟା ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ପୋଲିସ ନଂ.୯୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ଅଭିଯୁକ୍ତମାନେ କନିଷି ହାଟରେ ବୁଲୁଥିବା ବେଳେ ପୋଲିସ ଖବର ପାଇ ଚଢ଼ାଉ କରି ସମସ୍ତଙ୍କୁ କାବୁ କରିଥିଲା। ଘଟଣାରେ ଅନ୍ୟ ଦୁଇଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ମଧ ଗିରଫ କରାଯିବ। ଏଥିରେ କାହାର ସମ୍ପୃକ୍ତି ରହିଥିଲେ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଥିରେ ୧ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଜଣାପଡିଛି ।

# ଅତିରିକ୍ତ ଜିଲାପାଳଙ୍କ ତଦନ୍ତ

ବ୍ରହ୍ମପୁର ଅଫିସ,୨୨।୪

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ତହସିଲ ଅଧୀନ ଏ.ରଘୁନାଥପୁର ମୌଜାରେ ଥିବା ଏବି କ୍ରଶର ପରିସରରେ ସୋମବାର ବିସ୍ଫୋରଣ ଘଟିଥିଲା। ଏଥିରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲଦାର ଡ଼.ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଗଞ୍ଜାମ ଜିଲାପାଳଙ୍କୁ କ୍ରସର ଲାଇସେନ୍ସ ବାତିଲ ପାଇଁ ଲିଖିତ ଭାବେ ଜଣାଇଥିଲେ। ଗୁରୁବାର ଗଞ୍ଜାମ ରାଜସ୍ୱ ବିଭାଗ ଅତିରିକ୍ତ ଜିଲାପାଳ ଅମିୟ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । କେଉଁ କାରଣରୁ ଉକ୍ତ ସ୍ଥାନରେ ଅଚାନକ ବିସ୍ଫୋରଣ ଘଟିଲା, କିପରି ଉକ୍ତ ସ୍ଥାନକୁ ଏତେ ପରିମାଣର ବିସ୍ଫୋରକ ଆସିଲା ଏବଂ ସେହିସବୁ ସାମଗ୍ରୀ କିଏ ଯୋଗାଉଥିଲା ସେନେଇ ତଦନ୍ତ କରିଥିଲେ। ଏଥିସହ ଉକ୍ତ କ୍ରଶର ଓ ପଥର ଖାଦାନର ନଥିପତ୍ର ଯାଞ୍ଚ କରିଛନ୍ତି। ସେହିପରି ଉକ୍ତ କ୍ରଶରଟି ସରକାରୀ ଜମିରେ କରାଯାଇଛି ନା ମାଲିକ ନିଜ ପଟ୍ଟା ଜମିରେ କରିଛନ୍ତି ସେ ନେଇ ମଧ ତଦନ୍ତ କରାଯିବ। ତଦନ୍ତ ସରିବା ପରେ ଏନେଇ ସେ ଜିଲାପାଳଙ୍କୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।


କ୍ରସର ପରିଦର୍ଶନ କରୁଛନ୍ତି ଅତିରିକ୍ତ ଜିଲାପାଳ।

**କ୍ରଶରରେ ବିସ୍ଫୋରଣ ଘଟଣା**

ପ୍ରକାଶ ଯେ, ବିସ୍ଫୋରଣ ଘଟଣାରେ କ୍ରଶର ମାଲିକଙ୍କ ସ୍ୱାମୀ ଗୋପାଳପୁର ପୋର୍ଟ ସହକାରୀ ଯନ୍ତ୍ରୀ ଥିବା ସନ୍ତୋଷ କୁମାର ରାଉତ ଓ ମ୍ୟାନେଜର ଅମିତା ବଚନ ବିଷୋୟୀଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। କ୍ରଶର ମାଲିକାନା ଥିବା ଅନୁପମା ରାଉତ ଏବଂ ସାମଗ୍ରୀ ଯୋଗାଉଥିବା ରାମ ସାହୁଙ୍କୁ ପୋଲିସ ଅଦ୍ୟାବଧି ଗିରଫ କରିପାରି ନାହିଁ। ଗୁରୁବାର କୁକୁଡାଖଣ୍ଡି ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ତହସିଲ ଅଧୀନରେ ଥିବା ସମସ୍ତ କ୍ରଶର ଓ ପଥର ଖାଦାନ ତଲାସି କରାଯିବ ବୋଲି ତହସିଲଦାର ମିଶ୍ର ସୂଚନା ଦେଇଛନ୍ତି। ଏଭଳି ଚଢ଼ାଉ ଆଗାମୀ ଦିନରେ ମଧ ଜାରି ରହିବ। ନିୟମ ଖିଲାପକାରୀଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ। ସମସ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ କହିଛନ୍ତି ।

## କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ୨ ବ୍ୟାଙ୍କ, ଗ୍ରାହକ ସେବାକେନ୍ଦ୍ର ସିଲ୍

ଖଲ୍ଲିକୋଟ,୨୨।୪(ଡି.ଏନ.ଏ.)

ଖଲ୍ଲିକୋଟ ସହର ମଧ୍ୟରେ ଥିବା ଇଣ୍ଡିଆନ ବ୍ୟାଙ୍କ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଜଗନ୍ନାଥ ମନ୍ଦିର ନିକଟରେ ଥିବା ଗ୍ରାହକ ସେବା କେନ୍ଦ୍ର ଏବଂ ବସଷ୍ଟାଣ୍ଡ ଠାରେ ଥିବା କୋରେଡ ବାରକୁ ଗୁରୁବାର ସିଲ କରିଦିଆଯାଇଛି। ଏସବୁଠାରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଖଲ୍ଲିକୋଟ ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ତହସିଲଦାର ଜ୍ୟୋତିମୟ ଦାସ, ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର ପ୍ରମୁଖ ସହର ମଧ୍ୟରେ ଚଢ଼ାଉ କରି ସିଲ କରିଛନ୍ତି। ଏପରି ଚଢ଼ାଉ ଜାରି ରହିବ ବୋଲି ଆଇଆଇସି ପ୍ରଧାନ କହିଛନ୍ତି।

## ପାନୀୟ ଜଳ ସମସ୍ୟା ସମୀକ୍ଷା କଲେ ବିଧାୟକ

ପୋଲସରା,୨୨।୪ (ଡି.ଏନ.ଏ.)

ପୋଲସରା ସହରସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଗୁରୁବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର କର, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାହୁ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ ଓ ବୁଗୁଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ଏ. ରାମାରାଓ ପ୍ରମୁଖ ଅଧିକାରୀମାନଙ୍କୁ ନେଇ ନିର୍ବାଚନ ମଣ୍ଡଳୀସ୍ତରୀୟ ପାନୀୟ ଜଳ ସମସ୍ୟା ସମୀକ୍ଷା ବୈଠକ ହୋଇଥିଲା। ପୋଲସରା ବ୍ଲକ କେଉଁ ପଞ୍ଚାୟତର କେଉଁ କେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି ତାହା ଜାଣିବା ପାଇଁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଇ ଆଲୋଚନା କରିଥିଲେ। ଏଥିପୂର୍ବରୁ ଜଳ ଜୀବିକା ମିଶନ ଯୋଜନାରେ ପୂର୍ବରୁ ପ୍ରାୟ ୩୫ପ୍ରକଳ୍ପର ଟେଣ୍ଡର ସମାପ୍ତ ହୋଇଥିଲା। ବର୍ତ୍ତମାନ କଳମ୍ବ, ମଥୁରା, ଚିରିକିପଡ଼ା ଶାସନ, ଭୁଙ୍କାପଡ଼ା, ବଡ଼ପଙ୍କଳବାଡ଼ି, ବେଲଗାଁ, ମନ୍ଦାର, ରୁମାଗଡ଼ ଆଦିରେ ନୂତନ ଭାବେ ଟେଣ୍ଡର କରି ଜଳ ଯୋଗାଇ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ। ଏଥିସହ କେନ୍ଦୁବାଡ଼ି, ସୁନାରୀବୁଗୁଡ଼ା, ଇଚ୍ଛାପୁର, କଣଛାଇ ଓ ଡେଙ୍ଗାପଦର ଆଦି ଗ୍ରାମଗୁଡିକରେ ପାନୀୟ ଜଳର ସ୍ଥିତି କ'ଣ ରହିଛି ବୋଲି ବିଧାୟକ ସାହୁ ବୁଝିଥିଲେ। ଏଥିସହ ବୁଗୁଡ଼ା ବ୍ଲକ ସମସ୍ୟା ଉପରେ ମଧ ପଚାରି ବୁଝିଥିଲେ। ଉସ୍ତାପଡ଼ା ଓ ମଥୁରା ଗ୍ରାମର ପାନୀୟ ଜଳ ସ୍ଥିତି ଉପରେ ମଧ ବୁଝିଥିଲେ।


ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ।

## ମଣ୍ଡଳ କାରାଗାରରେ ଅଦାଲତ ସଚେତନତା



ମଣ୍ଡଳ କାରାଗାରରେ ଅନ୍ତେବାସୀଙ୍କୁ ସଚେତନ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୨।୪

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାରାଗାର ଅଦାଲତ ବିଷୟରେ ବ୍ରହ୍ମପୁର ମଣ୍ଡଳ କାରାଗାରର ଅନ୍ତେବାସୀଙ୍କୁ ସଚେତନ କରାଯାଇଛି। ସାଧାରଣ ଅପରାଧ କରି ଯେଉଁମାନେ ଅନେକ ଦିନ ଧରି କାରାଗାରରେ ଦଣ୍ଡ ଭୋଗୁଛନ୍ତି, ଜେଲ ଅଦାଲତ ମାଧ୍ୟମରେ ସେମାନଙ୍କ ମକଦ୍ଦମାର କିଭଳି ଫଇସଲା ହେବ ସେ ସମ୍ପର୍କରେ ଅନ୍ତେବାସୀଙ୍କୁ ସଚେତନ କରାଯାଇଥିଲା। ଆଇନସେବା ପ୍ରାଧିକରଣ ସଚିବ ଅଜ୍ଞନା ସ୍ୱାଇଁଙ୍କ ସମେତ ୨ ସଦସ୍ୟ ସତୀଶ ପାଣିଗ୍ରାହୀ ଓ ସୁରେନ୍ଦ୍ର କୁମାର ପଣ୍ଡା, ମଣ୍ଡଳ କାରାପାଳ ସତ୍ୟନାରାୟଣ ବେହେରା ଯୋଗ ଦେଇଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଯୋଗଦେଇ ନିଜ ଅଧିକାର ବିଷୟରେ ସଚେତନ ହୋଇଥିଲେ।

# ମାଟ୍ରିକ ପରୀକ୍ଷା ବାତିଲ — କୋଭିଡ୍ ଗାଇଡ୍‌ଲାଇନରେ ପରୀକ୍ଷା ପାଇଁ ଦାବି

ବ୍ରହ୍ମପୁର ଅଫିସ,୨୨।୪

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ବାତିଲ୍ କରାଯାଇଛି। ପୂର୍ବରୁ ସିବିଏସ୍‌ଇ ଦଶମ ଓ ଏକାଦଶ ପରୀକ୍ଷା ବାତିଲ୍ ହୋଇଥିଲା। ପରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ମଧ ବାତିଲ କରାଯିବା ପାଇଁ ଛାତ୍ରୀଛାତ୍ରମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଇଛି। ଏଣୁ ପରୀକ୍ଷା ବାତିଲ୍ ପାଇଁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ଜୋର୍ ଧରିଥିଲା। ଛାତ୍ରୀଛାତ୍ରଙ୍କ ଦାବିକୁ ସହମତି ଜଣାଇ ବୁଧବାର ଗଣ ଶିକ୍ଷା ବିଭାଗ ପକ୍ଷରୁ ଦଶମ ଶ୍ରେଣୀ ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ପରୀକ୍ଷା ବାତିଲ୍ ପରେ ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ସହ ନିଜର ଭବିଷ୍ୟତକୁ ନେଇ ନାନା ମତ ପ୍ରକାଶ କରିଛନ୍ତି। ଏଣୁ ପରୀକ୍ଷା ବାତିଲ୍ ପରିବର୍ତ୍ତେ ରାଜ୍ୟ ସରକାର କୋଭିଡ୍ ଗାଇଡ୍ ଲାଇନ୍ ମଧ୍ୟରେ ପରୀକ୍ଷା ପରିଚାଳନା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବାକୁ ବହୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

### ସେମାନେ ଯାହା କୁହନ୍ତି


"ଜୀବନ ଦୃଷ୍ଟିରୁ ଦେଖିବାକୁ ଗଲେ ସରକାରଙ୍କ ପଦେକ୍ଷେପ ସ୍ୱାଗତ ଯୋଗ୍ୟ। କିନ୍ତୁ ଜଣେ ବିଦ୍ୟାର୍ଥୀ ହିସାବରେ ଦେଖିଲେ ଦୁଃଖ ଲାଗୁଛି। ବର୍ତ୍ତମାନ ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ନିମନ୍ତେ ଦୀର୍ଘ ଦେଢ଼ ବର୍ଷ ପୂର୍ବରୁ ପ୍ରସ୍ତୁତ ହେବା ପରେ ବର୍ତ୍ତମାନ ପରୀକ୍ଷା ବାତିଲ କରାଯିବା ଠିକ୍ ନୁହେଁ।
-ଦେବାଶିଷ ସାହୁ, ୧୦ମଶ୍ରେଣୀ ଛାତ୍ର,ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର


"ଦୀର୍ଘ ଦିନ ପାଠ ପଢିବା ପରେ ହଠାତ୍ ପରୀକ୍ଷା ବାତିଲ ଠିକ୍ ପଦକ୍ଷେପ ନୁହେଁ। ପରୀକ୍ଷା ନିମନ୍ତେ ପୂର୍ବରୁ ପ୍ରସ୍ତୁତ ହୋଇଥିଲୁ। ଦଶମ ବୋର୍ଡ଼ ପରୀକ୍ଷା ପ୍ରତ୍ୟେକ ଛାତ୍ର ଜୀବନର ଏକ ବହୁ ମୂଲ୍ୟ ଓ ଅଭୁଲା ସମୟ। ଭବିଷ୍ୟତ ଏହା ଉପରେ ନିର୍ଭର କରିଥାଏ। ପରୀକ୍ଷା ବାତିଲ ପରେ ଦୁଃଖ ଲାଗୁଛି।
- ହର ପ୍ରସାଦ ପାଢ଼ୀ, ୧୦ମ ଛାତ୍ର, ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର


"ସରକାରଙ୍କ ପଦେକ୍ଷେପ ଜନ ହିତ ନିମନ୍ତେ। କିନ୍ତୁ ଆମ ପରିଶ୍ରମ ବୃଥା ଯାଇଛି। କାରଣ ଜଣେ ମେଧାବୀ ଛାତ୍ରୀ ଛାତ୍ର ସବୁବେଳେ ପରୀକ୍ଷାକୁ ଚାହିଁ ରହେ। ପରୀକ୍ଷା ଫଳ ଦ୍ୱାରା ହିଁ ଯୋଗ୍ୟତା ଜାଣିହୁଏ। ନିଶ୍ଚୟ ପରୀକ୍ଷା ନ ଦେଇ କଲେଜ ପଢ଼ିଲେ ଧୁଆ ମୂଳା ଅଧୁଆ ମୂଳା ସମାନ ପରିସ୍ଥିତି ଉପୁଜିବ।
-ଶର୍ମିଷ୍ଠା ରାଣୀ ସାହୁ, ୧୦ମ ଶ୍ରେଣୀ ଛାତ୍ରୀ, ପୌର ବାଳିକା ଉଚ୍ଚ ବିଦ୍ୟାଳୟ


"ପରୀକ୍ଷା ହୋଇଥିଲେ ନିଶ୍ଚିତ ଭଲ ହୁଅନ୍ତା। ପ୍ରିଟେଷ୍ଟ, ପ୍ରିବୋର୍ଡ଼, ଡ୍ରିମ୍ସ ପରୀକ୍ଷା ପରେ ବୋର୍ଡ଼ ପରୀକ୍ଷା ନେଇ ବେଶ୍ ଉତ୍ସାହିତ ଥିଲୁ। କିନ୍ତୁ କରୋନା ଯୋଗୁ ପରୀକ୍ଷା ବାତିଲ ହେବା ନିଶ୍ଚିତ ମେଧାବୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ବହୁ ଦୁଃଖର କାରଣ। ସରକାରଙ୍କ ପକ୍ଷରୁ ସବୁପ୍ରକାର ସତର୍କତା ଅବଲମ୍ବନ କରାଯାଇ ପରୀକ୍ଷା କରାଯିବା ବ୍ୟବସ୍ଥା କଲେ ଭଲ ହୁଅନ୍ତା।
- ରିତିକା ପାତ୍ର, ଦଶମ ଶ୍ରେଣୀ ଛାତ୍ରୀ, ପୌର ବାଳିକା ଉଚ୍ଚ ବିଦ୍ୟାଳୟ

## ସଂକ୍ଷେପରେ

### ଖଣ୍ଡପଡ଼ା କୋଭିଡ୍ କେୟାର ସେଣ୍ଟରରେ ୧୦ ରୋଗୀ

**ଖଣ୍ଡପଡ଼ା,୨୨।୪(ସ୍ୱ.ପ୍ର.):** କରୋନା ରୋଗୀଙ୍କ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ସେଠାରେ ୧୦ ରୋଗୀ ଚିକିତ୍ସିତ ହେଉଛନ୍ତି। ନୟାଗଡ଼ ଜିଲା ଅଧୀନ ନୟାଗଡ, ଓଡ଼ଗାଁ, ଦଶପଲ୍ଲା ଓ ଖଣ୍ଡପଡା ବ୍ଲକ୍ ଅଞ୍ଚଳରୁ ସଂକ୍ରମିତ ରୋଗୀମାନେ ଏଠାରେ ଚିକିତ୍ସିତ ହେଉଥିବା କେୟାର ସେଣ୍ଟରର ମୁଖ୍ୟ ଡା. ପ୍ରଦୀପ କୁମାର ପାଇକରାୟ କହିଛନ୍ତି।

### ୧.୮୭ କୋଟି ଟଙ୍କା ରାଜସ୍ୱ ଆଦାୟ

**ଖଣ୍ଡପଡ଼ା,୨୨।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ତହସିଲ ପକ୍ଷରୁ ଚଳିତ ୨୦୨୧ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବିଭିନ୍ନ ସୂତ୍ରରୁ ୧କୋଟି ୮୭ ଲକ୍ଷ ୨୪ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ଜଣାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ସର୍ବମୋଟ ୨କୋଟି ୨୭ ଲକ୍ଷ ୬୩ ହଜାର ଟଙ୍କା ରାଜସ୍ୱ ଆଦାୟ ପାଇଁ ଖଣ୍ଡପଡ଼ା ତହସିଲ ପ୍ରଶାସନକୁ ଟାର୍ଗେଟ ଦେଇଥିଲେ। ହେଲେ ୮୨.୨୫ ପ୍ରତିଶତ ରାଜସ୍ୱ ଆଦାୟ ହୋଇଥିବା ତହସିଲଦାର ପାର୍ଥସାରଥୀ ହାଁସଦା କହିଛନ୍ତି।

### ଡାକ୍ତରଙ୍କ ନାମରେ ଫେକ୍ ଆକାଉଣ୍ଟ

**ନୟାଗଡ଼ ଅଫିସ,୨୨।୪:** ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆଶିଷ ଦୀକ୍ଷିତଙ୍କ ନାମରେ ଫେକ୍ ଆକାଉଣ୍ଟ ଖୋଲାଯାଇଛି। କେହି ଅଜଣା ବ୍ୟକ୍ତି ଫେକ୍ ଆକାଉଣ୍ଟ ଖୋଲି ଗୁଗୁଲ୍ ପେ ନମ୍ବର ୮୮୦୮୯୮୦୧୭୭ରେ ଟଙ୍କା ପଠାଇବା ଲାଗି ଲୋକଙ୍କୁ ନିବେଦନ କରିଛନ୍ତି। ଏନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଡ଼ ଦୀକ୍ଷିତ ସେହି ଆକାଉଣ୍ଟକୁ ଟଙ୍କା ନ ପଠାଇବାକୁ ଅନୁରୋଧ କରିଛନ୍ତି।

### ପୁରୁଣା କୋର୍ଟ ସମ୍ମୁଖ ଜଳଖିଆ ଦୋକାନ ସିଲ୍



**ନୟାଗଡ଼ ଅଫିସ,୨୨।୪:** ନୟାଗଡ଼ରେ କରୋନା ସଂକ୍ରମଣ ଦିନକୁ ଦିନ ମାଡି ଚାଲିଛି। ଏହାପରେ ବି କେତେଜଣ ବ୍ୟବସାୟୀ କଟକଣାକୁ ଅଣଦେଖା କରୁଛନ୍ତି। ଗୁରୁବାର ଜିଲା ପୋଲିସ ପକ୍ଷରୁ ସନ୍ଧ୍ୟାରେ ଧରପଗଡ଼ କରାଯାଇ ନୟାଗଡ଼ ପୁରୁଣା କୋର୍ଟ ସମ୍ମୁଖ ଜଳଖିଆ ଦୋକାନ ସିଲ୍ କରାଯାଇଛି। ଉକ୍ତ ଦୋକାନୀଠାରୁ ୨୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋମବାର ଯାଏ ଦୋକାନ ସିଲ୍ ରହିବ। ଟାଉନ ଥାନା ଏସ୍ଆଇ ଧର୍ମେନ୍ଦ୍ର ଶିଆଳଙ୍କ ସୂଚନା ଅନୁସାରେ ଜଳଖିଆ ଦୋକାନରେ ବହୁ ଗ୍ରାହକ ଟିଫିନ କରୁଥିଲେ ମଧ ସମାଜିକ ଦୂରତ୍ୱ ନ ଥିଲା। ଦୋକାନୀ ନିଜେ ମାସ୍କ ପିନ୍ଧି ନ ଥିଲେ। ଏଣୁ ଦୋକାନ ସିଲ୍ ସହ ଫାଇନ କରାଯାଇଛି ବୋଲି ସେ କହିଛନ୍ତି ।

# ମହାପ୍ରୟାଣ ଭ୍ୟାନ୍ ଅଚଳ

ନୟାଗଡ଼ ଅଫିସ,୨୨।୪

- ୬ମାସ ହେଲା ହୋଇପାରୁନି ମରାମତି
- ବ୍ୟବଚ୍ଛେଦ ପରେ ମୃତଦେହ ନେବାକୁ ସମସ୍ୟା
- ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟର ନାହିଁ ପ୍ରତିକାର
- ସହର ଭିତରେ ୧ହଜାର ଟଙ୍କା ଭଡ଼ା
- ବାହାରକୁ ଗଲେ କିଲୋମିଟର ପିଛା ଶହେଟଙ୍କାରୁ ଊର୍ଦ୍ଧ୍ୱ

ମହାପ୍ରୟାଣ ଭ୍ୟାନ୍ ସେବା ନୟାଗଡ଼ ଜିଲାରେ ବନ୍ଦ ରହିଛି। ସେ ଭ୍ୟାନ୍‌ଟି ଗତ ୬ମାସ ହେଲା ଅଚଳ ହୋଇପଡିଥିଲେ ମଧ୍ୟ ମରାମତି କରାଯାଇପାରୁ ନାହିଁ। ଫଳରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃଦେହକୁ ଘରକୁ ନେବାକୁ ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଘରୋଇ ଆମ୍ବୁଲାନ୍ସରେ ନୟାଗଡ଼ ସହର ଭିତରକୁ ମୃତଦେହ ନେବାକୁ ୧ହଜାର ଟଙ୍କା ଭଡ଼ା ପଡୁଛି। ବାହାରକୁ ଗଲେ କିଲୋମିଟର ପିଛା ୧୦୦ଟଙ୍କାରୁ ଊର୍ଦ୍ଧ୍ୱ ଦେବାକୁ ପଡୁଛି। ଘରୋଇ ଆମ୍ବୁଲାନ୍ସ ଚାଳକ ଓ ମାଲିକଙ୍କ ଜୁଲମ ନେଇ ବିଭିନ୍ନ ସମୟରେ ପ୍ରତିବାଦ ଉଠିଛି। ଏପରି କି ଏନେଇ ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମୃତଦେହକୁ ସ୍ୱଳ୍ପ ଖର୍ଚ୍ଚରେ ଘରେ ପହଞ୍ଚାଇବା ପାଇଁ ସରକାର ପ୍ରତି ଜିଲା ଚିକିତ୍ସାଳୟକୁ ଏକ ମହାପ୍ରୟାଣ ଭ୍ୟାନ୍ ଯୋଗାଇ ଦେଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ନୟାଗଡ଼ ମ୍ୟୁନିସିପାଲିଟିରେ ମହାପ୍ରୟାଣ ଭ୍ୟାନ୍ ରଖାଯାଇଛି। ହେଲେ ଭ୍ୟାନ୍‌ଟି ପ୍ରାୟ ୬ମାସ ହେଲା ଅଚଳ ହୋଇପଡିଛି। ତଥାପି ସେହି ଗାଡ଼ିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଏନେଇ ନୂଆଗାଁର ପ୍ରତିମା ସ୍ୱାଇଁ କୁହନ୍ତି, ମହାପ୍ରୟାଣ ଭ୍ୟାନ୍ ଅଚଳ ହେଲେ ଏହାକୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କରିବା କଥା। ହେଲେ ୬ମାସ ହେଲା କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ କିଛି ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଛି। ଘରୋଇ ଆମ୍ବୁଲାନ୍ସ ମାଲିକ ଓ କର୍ମଚାରୀମାନେ ଏଥିରୁ ଫାଇଦା ଉଠାଉ ଥିବାରୁ ଜାଣିଶୁଣି ସେହି ଗାଡ଼ିକୁ ମରାମତି କରାଯାଉନାହିଁ। ଗଣିଆର ମାଧବ ପ୍ରଧାନ କୁହନ୍ତି, ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହକୁ କାନ୍ଧରେ ବୋହିନେବା ଘଟଣା ପରେ ସରକାର ପ୍ରତି ଜିଲାରେ ମହାପ୍ରୟାଣ ଭ୍ୟାନ୍ ବ୍ୟବସ୍ଥା କରିଥିଲେ। ହେଲେ ଜିଲାବାସୀ କେମିତି ଏହି ସେବା ପାଉଛନ୍ତି ତା'ର ସମୀକ୍ଷା କରାଯାଉ ନାହିଁ। ଏଠାରେ ମହାପ୍ରୟାଣ ଭ୍ୟାନ୍ ୬ମାସ ହେଲା ଅଚଳ ହୋଇରହିଥିଲେ ମଧ କାହାର ଚିନ୍ତାନାହିଁ। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ମହାପ୍ରୟାଣ ଭ୍ୟାନ୍ ମରାମତି କରିବାର ଦାୟିତ୍ୱ ନୟାଗଡ଼ ପୌରସଂସ୍ଥାର। ହେଲେ ଭ୍ୟାନ୍‌କୁ ମରାମତି କରା ନ ଯିବା ଅନେକ କିଛିକୁ ସୂଚାଉଛି। ନୟାଗଡ଼ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ତୁରନ୍ତ ମହାପ୍ରୟାଣ ଭ୍ୟାନ୍‌କୁ ମରାମତି ନ କଲେ କଂଗ୍ରେସ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, ମହାପ୍ରୟାଣ ଭ୍ୟାନ୍ ଅଚଳ ହୋଇ ରହିବା ଦ୍ୱାରା ଶ୍ରମିକ, ଗରିବ, ଖଟିଖିଆ ଲୋକ ନିଜର ପ୍ରିୟଜନମାନଙ୍କ ମୃତଦେହ ଘରକୁ ନେବାରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ୬ମାସ ହେଲା ମହାପ୍ରୟାଣ ଭ୍ୟାନ୍ ଅଚଳ ହୋଇ ରହିବା ମ୍ୟୁନିସିପାଲିଟି ନିଜ ଦାୟିତ୍ୱ ଲିଭାଇବାରେ ଅବହେଳା କରୁଥିବା ଜଣାପଡିଛି। ତୁରନ୍ତ ଏହି ସେବାକୁ ପୁନଃ ଚାଲୁ କରିବାକୁ ସେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କୁହନ୍ତି, ଅଚଳ ମହାପ୍ରୟାଣ ଭ୍ୟାନ୍‌କୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଇଛି। ଭ୍ୟାନ୍‌ଟି ମରାମତି ହେବାକୁ ଓଡ଼ଗାଁର ଏକ ଗ୍ୟାରେଜ୍‌ରେ ଅଛି। ଦିନେ ଦୁଇଦିନ ଭିତରେ ସେହି ସେବା ପୁଣି ଆରମ୍ଭ ହେବ।

# ଧରିତ୍ରୀ ଦିବସରେ ସଚେତନ କଲେ ଗଛସାର



ଧରିତ୍ରୀ ଦିବସ ଅବସରରେ ପରିବାର ସଦସ୍ୟା ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି।

ଖଣ୍ଡପଡ଼ା,୨୨।୪(ସ୍ୱ.ପ୍ର)

ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଅଞ୍ଚଳର ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ବିଭିନ୍ନ ଛାୟା ପ୍ରଦାନକାରୀ ଚାରା ରୋପଣ କରିଛନ୍ତି। ସମ୍ପ୍ରତି ପୃଥିବୀର ସୁରକ୍ଷା ବିଶ୍ୱବାସୀଙ୍କ ଦାୟିତ୍ୱ ହୋଇଛି। କେବଳ ଗୋଟିଏ ଦିନ ଧରିତ୍ରୀ ଦିବସ ଭାବେ ପାଳନ କଲେ ଆମର ଦାୟିତ୍ୱ ଶେଷ ହେବ ନାହିଁ। ଏଥିପାଇଁ ଆମକୁ ପ୍ରତିଦିନ କାମ କରିବାକୁ ପଡିବ ବୋଲି ସେ କହିବା ସହ କଣ୍ଟିଲୋ ଗ୍ରାମର ବିଭିନ୍ନ ପରିବାର ସଦସ୍ୟଙ୍କୁ ସଚେତନ କରିଛନ୍ତି। ଏହି ଅବସରରେ ସେ ମାଟିର ସୁରକ୍ଷା ପାଇଁ ଧାନଚେଙ୍ଗଡା ମାଳବନ୍ଧ ପାର୍ଶ୍ୱରେ ଛାୟା ପ୍ରଦାନକାରୀ ବର, ଅଶ୍ୱତ୍ଥ, ତାଳ, ଖଜୁରୀ ଆଦି ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଛସାରଙ୍କ ସମେତ ସଂସାରୀ ସାହୁ, ହରିହର ଦାଶ ଓ ଅଖିଳ କୁମାର ମହାପାତ୍ର, ଇନ୍ଦୁପ୍ରଭା ସାହୁ, ବର୍ଣ୍ଣାଳୀ ସାହୁ, ଉର୍ମିଳା ସାହୁ, ମୀରା ସାହୁ ପ୍ରମୁଖ ଯୋଗଦେଇ ପ୍ରଥମେ ମାଟି ମାଆଙ୍କୁ ଧୂପଦୀପ, ଫୁଲ ଓ ଫଳ ପ୍ରଦାନ ପୂଜାର୍ଚ୍ଚନା କରିଥିଲେ। ତା'ପରେ ଚାରାରୋପଣ କରିଥିଲେ।

# କୁକୁର ଆକ୍ରମଣରେ ହରିଣ ମୃତ

ଦଶପଲ୍ଲା,୨୨।୪(ଡି.ଏନ.ଏ.)

କୁକୁର ଆକ୍ରମଣରେ ଏକ ତୃଷାର୍ତ୍ତ ହରିଣର ମୃତ୍ୟୁ ଘଟିଛି। ପାଣି ସନ୍ଧାନରେ ଜଙ୍ଗଲ ନିକଟବର୍ତ୍ତୀ ଗାଁକୁ ପଶି ଆସିଥିବା ଏହି ହରିଣକୁ ବୁଲା କୁକୁରମାନେ ଗୋଡ଼ାଇ ତଡିବାକୁ ଲାଗିଥିଲେ। ବିଚାରା ହରିଣଟି ନିଜ ଜୀବନ ବଞ୍ଚାଇବା ପାଇଁ ସ୍ଥାନୀୟ ଦମକଳ ଅଫିସ ପାଖକୁ ଚାଲି ଯାଇଥିଲା। ପଛରେ ଆସୁଥିବା କେତେଜଣ ଲୋକ ଦମକଳ ବାହିନୀଙ୍କ ସହାୟତାରେ ହରିଣଟିକୁ ଧରି ଦଶପଲ୍ଲା ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଆସି ଆହତ ହରିଣକୁ ନେଇ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଅନେକ ଡେରି ହୋଇ ଯାଇଥିଲା। ପ୍ରାଣୀଧନ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ହରିଣ ମୃତଦେହକୁ ପୋତି ଦିଆଯାଇଛି। ଜଙ୍ଗଲରେ ପାନୀୟ ଜଳର ଅଭାବ ଯୋଗୁ ଏପରି ଦୁଃଖଦ ଘଟଣା ଘଟିଛି।



ମୃତ ହରିଣ।

# ଗୋଆରେ ନାବାଳିକାଙ୍କୁ ୪ମାସ ଧରି ବଳାତ୍କାର

ନୟାଗଡ଼ ଅଫିସ,୨୨।୪

ଗୋଆରେ ୪ମାସ ଧରି ନୟାଗଡ଼ ଜିଲା ରଣପୁରର ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୭୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁସାରେ ରଣପୁର ଅଞ୍ଚଳର ଏକ ପରିବାର ଗୋଆରେ ରୁହନ୍ତି। ସେଠାରେ ଉକ୍ତ ପରିବାରର ଖୋର୍ଦ୍ଧା ଜିଲା ଟାଙ୍ଗୋଳ ଗାଁର ରାଜୁ ନାୟକ(୨୩) ନାମକ ଜଣେ ସମ୍ପର୍କୀୟ ରହୁଥିଲେ। ନାବାଳିକାଙ୍କ ବାପା କାମ କରିବାକୁ ଯିବା ବେଳେ ରାଜୁ ପ୍ରାୟ ୪ମାସ ଧରି ତାଙ୍କ ଘରକୁ ଆସି ନାବଳିକାଙ୍କୁ ବଳାତ୍କାର କରୁଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ ବାରମ୍ବାର ଧମକଚମକ ଦେଉଥିଲେ। ହେଲେ ନାବାଳିକା ଘରେ କହିବା ପରେ ରାଜୁ ଫେରାର ହୋଇ ଯାଇଛନ୍ତି।

# ଦଶପଲ୍ଲା ବିଡିଓଙ୍କୁ ଭେଟିଲେ କଂଗ୍ରେସ କର୍ମକର୍ତ୍ତା

ନୟାଗଡ଼ ଅଫିସ/ ଦଶପଲ୍ଲା୨୨।୪(ଡି.ଏନ୍.ଏ.)

ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକରେ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ବିଭିନ୍ନ ଗାଁରେ ନଳକୂପଗୁଡ଼ିକ

**ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଦାବି**

ଅଚଳ ହୋଇଥିଲେ ମଧ୍ୟ ମରାମତି କରାଯାଉନାହିଁ। ଜଳସ୍ତର କମିବା କାରଣରୁ କୂଅ, ପୋଖରୀ ଶୁଖିଲା ପଡିଛି। ବିଭିନ୍ନ ଗାଁର ଲୋକେ ନଦୀ ଓ ନାଳରେ ଚୂଆ ଖୋଳି ପାଣି ଗ୍ରହଣ କରୁଛନ୍ତି। ହେଲେ ଏଯାବତ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଇନାହିଁ। ଜଳ ସଙ୍କଟ ଦେଖା ଦେଇଥିବା ଗାଁକୁ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉ, ଅଚଳ ନଳକୂପକୁ ସଚଳ କରାଯାଉ ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ବୁଲୁ ପରିଡ଼ାଙ୍କ ନେତୃତ୍ୱରେ ଜିଲା ମହିଳା ସଭାନେତ୍ରୀ ଉମା ପାଣି, ବ୍ଲକ ଉପସଭାପତି ରାମକୃଷ୍ଣ ପରିଡା ପ୍ରମୁଖ ବିଡିଓଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।



ବିଡିଓଙ୍କୁ କଂଗ୍ରେସ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

# ବାଲିକୁଦିଆ ଗାଁ କଣ୍ଟେନମେଣ୍ଟ ଜୋନ୍

ନୟାଗଡ଼ ଅଫିସ,୨୨।୪

- ଜିଲାରେ ପୁଣି ୯୯ କରୋନା ଆକ୍ରାନ୍ତ ଚିହ୍ନଟ
- ହୋମ ଆଇସୋଲେଶନରେ ୧୧ଜଣ

ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗୁରୁବାର ୯୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬୮ରେ ପହଞ୍ଚିଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବା ପରେ କଟକଣାକୁ କଡାକଡି କରାଯାଇଛି। ନୟାଗଡ଼ ତହସିଲ ଗଦାଧରପ୍ରସାଦ ପଞ୍ଚାୟତ ବାଲିକୁଦିଆ ଗାଁକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କୁମ୍ଭମେଳାରୁ କେତେଜଣ ଲୋକ ଫେରିଥିବାରୁ ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ସେହି ଗାଁରୁ ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ସେମାନଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି। ଶୁକ୍ରବାର ସ୍ଥାନୀୟ ବାସିନ୍ଦାଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ତହସିଲଦାର ଭିକାରୀ ସାହୁ କହିଛନ୍ତି।

# କରୋନା ରୋଗୀଙ୍କ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ଖଣ୍ଡପଡ଼ା,୨୨।୪(ସ୍ୱ.ପ୍ର.)

କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାଂପ୍ରତିକ ପରିସ୍ଥିତିକୁ ନଜରରେ ରଖି ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ସିଂଘାପଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସିଂଘାପଡାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ କାର୍ଯ୍ୟ ଶେଷ ହୋଇଛି। ସିଂଘାପଡା ସରପଞ୍ଚ ନମିତା ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୫ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁରୁବାରଠାରୁ କାର୍ଯ୍ୟାରମ୍ଭ କରିଥିବା ସୂଚନା ମିଳିଛି।



ସିଂଘାପଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର।

# ପଥରଖଣିରେ ପଡ଼ି ଜଣେ ମୃତ

ଓଡ଼ଗାଁ,୨୨।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ କୋମଣ୍ଡ ମହିଳା ମହାବିଦ୍ୟାଳୟ ପଛ ପାଖରେ ଥିବା ବେଆଇନ ମାଙ୍କଡା ପଥର ଖଣିରେ ପଡ଼ି ଜଣେ ବୃଦ୍ଧଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ କୋମଣ୍ଡ ହରିଜନ ସାହିର ମଗୁଲୁ ନାହାକ(୫୫)। ମଗୁଲୁ ମାଙ୍କଡା ଖଣି ନିକଟବର୍ତ୍ତୀ ଆମ୍ବ ତୋଟା ଜଗୁଥିଲେ। ସେ ବିପଦଜନକ ଅବସ୍ଥାରେ ଖଣିର ପାର୍ଶ୍ୱରେ ଥିବା ରାସ୍ତାରେ ଯିବା ଆସିବା କରୁଥିଲେ। ଗୁରୁବାର ସକାଳେ ସେ ଆମ୍ବତୋଟାରୁ ଖଣି ରାସ୍ତା ଦେଇ ସାଇକେଲରେ ଜଳଖିଆ ଖାଇବାକୁ ବଜାରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ସାଇକେଲ ସହିତ ଖଣି ଭିତରକୁ ଖସି ପଡିଥିଲେ। ପ୍ରାୟ ୨୫ ରୁ ୩୦ ଫୁଟ ତଳୁ ତାଙ୍କୁ ଲୋକେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ବେଆଇନ ମାଙ୍କଡା ଖଣି ମରଣଯନ୍ତା ପାଲଟିଛି। ଖନନ ପରେ ଖଣିରେ ବାଲି କିମ୍ବା ମାଟି ଭର୍ତ୍ତି କରି ପୋତିବାର ନିୟମ ଥିଲେ ମଧ୍ୟ ସେଭଳି କରାଯାଉନାହିଁ। ଫଳରେ ବହୁ ଲୋକ ଓ ଗୃହପାଳିତ ପଶୁ ଖଣିରେ ପଡି ପ୍ରାଣ ହରାଉଥିବା ଅଭିଯୋଗ ହୋଇଛି।

# ଜଳଛତ୍ର ଖୋଲିବାକୁ ଦାବିପତ୍ର

ଦଶପଲ୍ଲା,୨୨।୪(ଡି.ଏନ.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦଶପଲ୍ଲା ନଗର ଶାଖା ପକ୍ଷରୁ ଗୁରୁବାର ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ଅଞ୍ଚଳରୁ ଦଶପଲ୍ଲା ଆସୁଥିବା ପଥଚାରୀ ନାନା ହଇରାଣ ହେଉଛନ୍ତି। ସେମାନଙ୍କ ପାଇଁ କୌଣସି ସ୍ଥାନରେ ଜଳଛତ୍ର ଖୋଲା ଯାଇନାହିଁ। ତୁରନ୍ତ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର ଖୁବ୍‌ଶୀଘ୍ର ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ନଗର ସମ୍ପାଦକ ଅଭୟ ପ୍ରସାଦ ଜେନା,ଚିନ୍ମୟ ପୃଷ୍ଟି, ସ୍ମୃତି ରଞ୍ଜନ ପ୍ରଧାନ, ମାନସ ସାହୁ,ସୌମ୍ୟକାନ୍ତ ମହାରଣା, ପ୍ରଶାନ୍ତ ଦାସ ପ୍ରମୁଖ କହିଛନ୍ତି।



ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କୋଭିଡ୍ ଟିକାଦାନରେ ଅବ୍ୟବସ୍ଥା

ନୟାଗଡ଼ ଅଫିସ,୨୨।୪

ମହାମାରୀ କରୋନାର ୨ୟ ଲହରୀ ଭୟ ଓ ଆତଙ୍କ ଖେଳାଇଛି। ଏଭଳିସ୍ଥଳେ

- ଧାଡ଼ିରେ ଠିଆ ହୋଇବି ମିଳୁନି ଟିକା
- ବରିଷ୍ଠ ନାଗରିକଙ୍କ ପାଇଁ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟିକାଦାନରେ ଅବ୍ୟବସ୍ଥା କରାଯାଉଥିବା ଅଭିଯୋଗ ହେଉଛି। ଖରାରେ ଧାଡିରେ ଠିଆ ହୋଇ ବି ଟିକା ମିଳୁନାହିଁ। କେତେ ଷ୍ଟକ ଅଛି ସୂଚନା ନ ଥିବାରୁ ଅଧିକ ଲୋକ ଆସି ଟିକା ନ ପାଇ ଫେରୁଛନ୍ତି। ବରିଷ୍ଠ ନାଗରିକମାନେ ଧାଡିରେ ଠିଆ ହୋଇ ହଟହଟା ହେଉଛନ୍ତି। ସମସ୍ତଙ୍କ ପାଇଁ ଗୋଟିଏ ଧାଡି ହେଉଥିବାରୁ ୨ୟ ଟିକା ନେବାକୁ ଆସୁଥିବା ବ୍ୟକ୍ତି ମଧ ହଇରାଣ ହେଉଛନ୍ତି। ଟିକାଦାନ କାର୍ଯ୍ୟରେ ଅଧିକ କର୍ମଚାରୀ ନିୟୋଜିତ କରାଯିବା ସହ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏନେଇ ଜିଲା ମୁଖ୍ୟ ଚିକସାଧିକାରୀ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଗୁରୁବାର ପୂର୍ବାହ୍ନରେ ୩୦୦ ଜଣ ଟିକା ନେଇଛନ୍ତି। ଟିକାଦାନ ଶେଷ ବେଳକୁ କେହି ନ ଥିଲେ। ଅପରାହ୍ନରେ ୧୩୦ ଜଣ ଟିକା ନେଇଛନ୍ତି। ସମସ୍ତେ ଯେପରି ଟିକା ନେଇ ପାରିବେ ସେନେଇ ଆମେ ବ୍ୟବସ୍ଥା କରିଛୁ ବୋଲି ସେ କହିଛନ୍ତି।



ଟିକା ନେବାକୁ ଖରାରେ ଧାଡ଼ିବାନ୍ଧି ଠିଆ ହୋଇଥିବା ଲୋକମାନେ।